ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, May 16/2025 | Page 14 | ₹ 7.00

୫୧ଶ ଭାଗ ୧୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 170 | ମୂଲ୍ୟ ₹୭/-




**ଟି୨୦ ଦଳକୁ ଫେରିଲେ ଶେଫାଳି**

ଇଂଲଣ୍ଡ ଟୁର୍ ପାଇଁ ଭାରତୀୟ ମହିଳା ଟି୨୦ କ୍ରିକେଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବିସ୍ଫୋରକ ବ୍ୟାଟର ଶେଫାଳି ବର୍ମା।

୧୨

୦୨

**'ହୋମ୍‌ବାଉଣ୍ଡ': ୨ ବାଲ୍ୟ ବନ୍ଧୁଙ୍କ କାହାଣୀ**

ଚଳଚ୍ଚିତ୍ର ନିର୍ମାତା କରନ ଜୋହରଙ୍କ 'ହୋମ୍‌ବାଉଣ୍ଡ' ଫିଲ୍ମର ପ୍ରଥମ ପୋଷ୍ଟରକୁ ଗୁରୁବାର ଜାରି କରାଯାଇଛି।





ପୁରୀ ରଥଖଳାରେ ଗୁରୁବାର ବିଲେଇ ଦ୍ୱାରା ରଥର ଚକରେ ପହି ପିନ୍ଧାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଭାରତ ଦେଇଛି 'ଶୂନ ଟାରିଫ୍' ଅଫର: ଟ୍ରମ୍ପ୍

ଭାରତକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସାମ୍ପ୍ରତିକ ଆଭିମୁଖ୍ୟ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନିଷ୍ଠ ବନ୍ଧୁ କହିଆସୁଛନ୍ତି। କିନ୍ତୁ ଟ୍ରମ୍ପ୍‌ଙ୍କ କେତେକ କାର୍ଯ୍ୟ ଭାରତ ବିରୋଧୀ ବୋଲି ଅନେକେ ବିବେଚନା କରୁଛନ୍ତି। କାରଣ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ କିଛିଦିନ ତଳେ ପାକିସ୍ତାନ ସହ ଭାରତର ସଂଘର୍ଷ ଚାଲିଥିବା ସମୟରେ ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ରୁ ବିପୁଳ ଅର୍ଥରାଶି ମିଳିଥିଲା। ଏହା ଆମେରିକାର ବିନା ସମର୍ଥନରେ ଅସମ୍ଭବ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଏହାର ସିଇଓ ଟିମ୍ କୁକ୍‌ଙ୍କୁ ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ସେହିପରି ଭାରତୀୟ ସଶସ୍ତ୍ର ବଳର ତୁହାକୁ ତୁହା ମିଶାଇଲ ମାଡ଼ ପରେ ପାକିସ୍ତାନୀ ସେନା ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା। କିନ୍ତୁ ଟ୍ରମ୍ପ୍ ଏହାର ଶ୍ରେୟ ନେବାକୁ ଉଦ୍ୟମ କରିଥିଲେ। ସେ କହିଥିଲେ, ଭାରତ ଓ ପାକିସ୍ତାନରେ ଆମେରିକା ବହୁତ ବ୍ୟବସାୟ କରିବାକୁ ଚାହେଁ। ସେ ଦୁଇଦେଶକୁ ବୁଝାଇ ଯୁଦ୍ଧ ବନ୍ଦ କରାଇଦେଇଛନ୍ତି।

**ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ**

ଏହି କ୍ରମରେ ମଧ୍ୟପ୍ରାଚ୍ୟ ଗସ୍ତରେ ଥିବା ଟ୍ରମ୍ପ୍ ଗୁରୁବାର କାତାରର ଦୋହାରେ କହିଛନ୍ତି, ଭାରତ ଆମକୁ 'ଶୂନ ଟାରିଫ୍'ର ଅଫର ଦେଇଛି। ଅର୍ଥାତ୍ ଭାରତକୁ ରପ୍ତାନି ହେବାକୁ ଥିବା ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ କୌଣସି ଆମଦାନୀ ଶୁଳ୍କ ଲାଗିବ ନାହିଁ। ଅନ୍ୟପକ୍ଷରେ ସିଜ୍‌ଫାୟାର ଓ କଶ୍ମୀର ପ୍ରସଙ୍ଗରେ ଟ୍ରମ୍ପ୍‌ଙ୍କ ପୂର୍ବ ମନ୍ତବ୍ୟକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିବା କଂଗ୍ରେସ ଟାରିଫ୍ ସମ୍ପର୍କରେ ମୋଦିଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛି। ଇତିମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉଭୟ ଟ୍ରମ୍ପ୍ ଓ ବିରୋଧୀ ଦଳକୁ ଜବାବ ଦେବାକୁ ଯାଇ କହିଛନ୍ତି, ଆମେରିକା ସହ ବାଣିଜ୍ୟ ଚୁକ୍ତି ଏକ ଜଟିଳ ପ୍ରକ୍ରିୟା। ଟ୍ରେଡ୍ ଡିଲ୍ ସମ୍ପର୍କିତ ଆଲୋଚନା ଜାରି ରହିଛି। ଏହା ଉପରେ କିଛି ନିଷ୍ପତ୍ତି ହୋଇ ନ ଥିବା ଜୟଶଙ୍କର ସ୍ପଷ୍ଟ କରିଛନ୍ତି।

(ସମ୍ପୂର୍ଣ୍ଣ ଖବର ପୃଷ୍ଠା-୪)

## ସିଜ୍‌ଫାୟାର ମନ୍ତବ୍ୟରେ ୟୁ-ଟର୍ନ

ଦୋହା,୧୫।୫



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରାଇଥିବା ନେଇ ଗୁରୁବାର ଦୋହାରେ ପୁଣି ଥରେ ଦୋହରାଇଛନ୍ତି। ଶନିବାରଠାରୁ ଅଦ୍ୟାବଧି ସେ ୭ ଥର ଏଭଳି କହିଛନ୍ତି। କିନ୍ତୁ ଏଥର ସେ ପୂର୍ବ ଭଳି 'ମୁଁ ସବୁ କରାଇଦେଇଛି' ବୋଲି ଦାବି କରିନାହାନ୍ତି। ଅଲ୍-ଉଦେଇଦ୍ ଏୟାରବେସ୍‌ରେ ଆମେରିକୀୟ ସୈନ୍ୟଙ୍କୁ ସମ୍ବୋଧନ ବେଳେ ଟ୍ରମ୍ପ୍ ୟୁ-ଟର୍ନ କରି କହିଛନ୍ତି, ଗତ ସପ୍ତାହରେ ଦୁଇଦେଶ ମଧ୍ୟରେ ଶତ୍ରୁତା ବଢ଼ିବାରେ ଲାଗିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ସେ କେବଳ ସାହାଯ୍ୟ କରିଥିଲେ। ସିଜ୍‌ଫାୟାର କରାଇ ନ ଥିଲେ। ସୂଚନାଥାଉକି, ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ମେ' ୮ରୁ ତିନି ଦିନ ଧରି ଦୁଇ ଦେଶ ମୁହାଁମୁହିଁ ହୋଇଥିବାବେଳେ ୧୦ ତାରିଖରେ ପାକିସ୍ତାନୀ ସେନା ଡିଜିଏମ୍‌ଓ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା। ତଦନୁସାରେ ଅପରାହ୍ନ ୫ଟାରୁ ସିଜ୍‌ଫାୟାର ହୋଇଥିଲା।

## ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଆପଲକୁ କହିଲେ ଟ୍ରମ୍ପ୍

ଡୋନାଲ୍ଡ ଟ୍ରମ୍ପ୍ ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଆପଲ ସିଇଓ ଟିମ୍ କୁକ୍‌ଙ୍କୁ ପରାମର୍ଶ ଦେଇଥିବା ଗୁରୁବାର ଦୋହାରେ କହିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ନିଜେ ନିଜ ଆଇଫୋନ୍ ଆବଶ୍ୟକତା ପୂରଣ କରିପାରିବ। ତେଣୁ କୁକ୍ ଭାରତରେ ୫୦୦ ବିଲିୟନ୍ ଡଲାର ନିବେଶ କରିବା ପରିବର୍ତ୍ତେ ଆମେରିକାରେ ଆପଲ ବ୍ୟବସାୟକୁ ବିସ୍ତାର କରିବା ଉପରେ ଅଧିକ ଧ୍ୟାନଦେବା ଉଚିତ। ଭାରତ ବିଶ୍ୱର ଅନ୍ୟତମ ସର୍ବାଧିକ ଟାରିଫ୍ ଲଗାଉଥିବା ଦେଶ ହୋଇଥିବାରୁ ସେଠାରେ ଆଇଫୋନ୍ ବିକ୍ରି କରିବା କଷ୍ଟକର ବୋଲି କୁକ୍‌ଙ୍କୁ ସେ ପରାମର୍ଶ ଦେଇଥିବା ବିଷୟ ଏକ ବିଜ୍‌ନେସ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଆଇଫୋନ୍ ନିର୍ମାତା ଆପଲ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଭାରତ ଆପଲର ବୃହତ୍ ମାନୁଫାକ୍ଚରିଂ ବେସ୍ ହେବାକୁ ଯାଉଛି। ଦେଶରେ କମ୍ପାନୀର ପ୍ରସ୍ତାବିତ ନିବେଶ ଜାରି ରହିବ ବୋଲି ଆପଲ ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

# ଭିଜିଲାନ୍ସକୁ ଖୋଲା ଛଡ଼ାଯାଇଛି

## ଦୁର୍ନୀତି ପ୍ରସଙ୍ଗରେ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍

**ଭୁବନେଶ୍ୱର,୧୫।୫ (ରବିନାରାୟଣ ଜେନା)**

ଭିଜିଲାନ୍ସକୁ ଖୋଲା ଛଡ଼ାଯାଇଛି। ଅଧିକାରୀମାନେ ସଜାଗ ରୁହନ୍ତୁ। ଯଦି ଦାୟିତ୍ୱରେ ଥିବା କୌଣସି ଅଧିକାରୀ ଦୁର୍ନୀତି କିମ୍ବା ଅବହେଳା କରିବେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା କହି ତାଙ୍କ ଅଙ୍ଗେନିଭା କଥା ବଖାଣିଛନ୍ତି। ସେ କହିଛନ୍ତି, 'ମୁଁ ସରପଞ୍ଚରୁ ଆଜି ମୁଖ୍ୟମନ୍ତ୍ରୀ ହୋଇଛି। ବ୍ଲକର ଭୂମିକା କ'ଣ ତାହା ଭଲ ଭାବେ ଜାଣିଛି। ଆମେ ଭୂତ ଘର, ଭୂତ ପାଇଖାନା ଦେଖିଛୁ। ତେଣୁ ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛୁ। ବ୍ଲକଗୁଡ଼ିକ ହେଉଛି, ଆମ ପ୍ରଶାସନିକ ସଫଳତାର ଦର୍ପଣ। ବ୍ଲକଗୁଡ଼ିକ ଦକ୍ଷତାର ସହ କାମ କଲେ ଲୋକମାନେ ସବୁ ଯୋଜନାର ସୁଫଳ ପାଇବେ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ତାହା ହିଁ ଆମର ଉଦ୍ଦେଶ୍ୟ ହେବା ଆବଶ୍ୟକ। ତେଣୁ ରାଜନୈତିକ ଆନୁଗତ୍ୟ ଓ ଅବହେଳାକୁ ପରିତ୍ୟାଗ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, 'ମୋ ଛୋଟ ବ୍ରେନ୍‌ରେ ସବୁ ସେଭ୍ ହୋଇ ରହିଛି। ସେକାଳ ପଖାଳ ଆଉ ନାହିଁ। ଯଦି ପୁରୁଣା ଅଭ୍ୟାସ ରଖିବେ ତେବେ କ୍ଷମା ମିଳିବ ନାହିଁ। ମୁଁ ଆଦିବାସୀ ଲୋକ, ମୋ ସରଳତାକୁ ଦୁର୍ବଳ ଭାବନ୍ତୁ ନାହିଁ। ଜିଲାପାଳଙ୍କ ଜରିଆରେ ବିଡିଓଙ୍କ ରିପୋର୍ଟ କାର୍ଡ ମଗାଯିବ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସିଡିଓ ଏବଂ ବିଡିଓଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ସିଡିଓ ଏବଂ ବିଡିଓଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ କ୍ଷେତ୍ରସ୍ତରରେ ଲୋକଙ୍କ ସହିତ ସିଧାସଳଖ ମିଶନ୍ତି। ସେମାନଙ୍କର ସୁବିଧା ଅସୁବିଧା ଜାଣନ୍ତି। ତେଣୁ ସରକାରଙ୍କ ସବୁ ଯୋଜନାକୁ ଆପଣମାନେ ଲୋକଙ୍କ ପାଖକୁ ଠିକ୍ ଭାବରେ ପହଞ୍ଚାନ୍ତୁ। ସେମାନଙ୍କୁ କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ଭାବନ୍ତୁ ନାହିଁ। ଯୋଜନାଗୁଡ଼ିକ ହେଉଛି କେବଳ ଲୋକଙ୍କ ପାଇଁ। ଏହା ସେମାନଙ୍କ ଅଧିକାର। ସରକାର ଓ ଲୋକଙ୍କ ଭିତରେ ଆପଣମାନେ ସେତୁ ସାଜନ୍ତୁ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଗାଁର ବିକାଶ ନ ହେଲେ ଦେଶର ବିକାଶ ହେବ ନାହିଁ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍‌ରେ ଗାଁର ବିକାଶକୁ ହିଁ ଆମେ ପ୍ରାଥମିକତା ଦେଇଛୁ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଗିରିଶ ଏସ୍.ଏନ୍. ପ୍ରମୁଖ ଉପସ୍ଥିତ ଥିଲେ।

### ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ମେଶିନ ବ୍ୟାନ୍

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ମେଶିନ୍ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍(ନିଷେଧ) ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ୟୂନ ପକ୍ଷେ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଯୋଗାଇଦେବା ସହ ଏହି ସବୁ କାର୍ଯ୍ୟରେ ମେଶିନ୍ ବଦଳରେ ମାନବ ଶକ୍ତିର ଅଧିକ ଉପଯୋଗ କରାଯିବା ଆବଶ୍ୟକ। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ରୋଜଗାର ପାଇବା ସହିତ ଦାଦନ ସମସ୍ୟା ଦୂର ହୋଇପାରିବ। ପ୍ରକଳ୍ପଗୁଡ଼ିକ ପୂର୍ଣ୍ଣାଙ୍ଗ କରିବା ପାଇଁ ହେଲେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି କାମ କରନ୍ତୁ ଓ ନିୟମିତ ଭାବରେ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-20: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା୧୯।୦୫।୨୦୨୫ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ** ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା୧୬।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**OIPR-09014/11/0117/2526**


# ଅଦିନିଆ ବର୍ଷାକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା

**ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)**

ଅଦିନିଆ ବର୍ଷାକୁ ଓଡ଼ିଶା ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇପାରିବେ। ଏସ୍‌ଡିଆର୍‌ଏଫ୍‌ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦% ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ। ୨୦୨୪ ଡିସେମ୍ବରରେ ଅଦିନିଆ ବର୍ଷା ଯୋଗୁ ରାଜ୍ୟର ୨୨,୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଏବଂ ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଭାବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣାକରି ଚାଷୀମାନଙ୍କୁ ୨୯୧ କୋଟି ଟଙ୍କାର ସହାୟତା କୃଷି ଇନ୍‌ପୁଟ ରିହାତି ଆକାରରେ ପ୍ରଦାନ କରିଥିଲେ। ପୂର୍ବରୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ତାଲିକାରେ ୮ଟି ବିପର୍ଯ୍ୟୟ ଯଥା ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ନାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନ ଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ହେବା ଓ ସାପକାମୁଡ଼ା ଆଦି ରହିଛି।

**ଆଜିର ସମ୍ପାଦକୀୟ** ମହାସାଗରରେ ପ୍ଲାଷ୍ଟିକ୍ ପ୍ରଦୂଷଣ




# ପାକ୍ ହାତରେ ଅଣୁଅସ୍ତ୍ର ବିପଜ୍ଜନକ

**ଆଣବିକ ଅସ୍ତ୍ର ପରିଚାଳନା ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ରାଜନାଥ**

**ପାକିସ୍ତାନ ଯେଉଁଠି ଛିଡ଼ାହୁଏ, ଭିକାରିଙ୍କ ଧାଡ଼ି ସେଇଠୁ ଆରମ୍ଭ ହୁଏ**

ଶ୍ରୀନଗର,୧୫।୫(ପି.ଟି.)

ପାକିସ୍ତାନ ନିକଟରେ ଥିବା ଅଣୁଅସ୍ତ୍ରଗୁଡ଼ିକର ନିରାପତ୍ତାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ପ୍ରଶ୍ନ ଉଠାଇଛନ୍ତି। ସେଗୁଡ଼ିକ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ପର୍ଯ୍ୟବେକ୍ଷଣରେ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଭାରତୀୟ ସେନାର ଅପରେଶନ ସିନ୍ଦୂରର ସଫଳତା ପରେ ରାଜନାଥ ପ୍ରଥମ ଥର ପାଇଁ ଜମ୍ମୁ-କଶ୍ମୀର ଗସ୍ତ କରି ସୈନ୍ୟମାନଙ୍କ ସହ କଥା ହୋଇଛନ୍ତି। ଆତଙ୍କବାଦୀ ସଂଗଠନ ଏବଂ ପାକିସ୍ତାନରେ ଥିବା ସେମାନଙ୍କ ନିୟନ୍ତ୍ରଣକାରୀ ନିଜକୁ କେଉଁଠି ସୁରକ୍ଷିତ ମଣିବା ଉଚିତ ନୁହେଁ, ଏହା ଅପରେଶନ ସିନ୍ଦୂର ସ୍ପଷ୍ଟ କରିଦେଇଛି।

ପାକିସ୍ତାନ ଭଳି ଏକ ଦୁଷ୍ଟ ଓ ଦାୟିତ୍ୱହୀନ ରାଷ୍ଟ୍ର ହାତରେ ଆଣବିକ ଅସ୍ତ୍ର ସୁରକ୍ଷିତ କି ବୋଲି ରାଜନାଥ ସମଗ୍ର ବିଶ୍ୱ ନିକଟରେ ପ୍ରଶ୍ନ କରିଛନ୍ତି। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ସୀମାର ସୁରକ୍ଷା ସ୍ଥିତି ଅନୁଧ୍ୟାନ ପାଇଁ ରାଜନାଥ ଜମ୍ମୁ-କଶ୍ମୀର ଯାଇଥିଲେ। ଶୀର୍ଷ ସାମରିକ ଅଧିକାରୀମାନେ ତାଙ୍କୁ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଶ୍ରୀନଗରରେ ଭାରତୀୟ ସେନାର ୧୫ତମ କର୍‌ରେ ରାଜନାଥ ମୋଟାମୋଟି


ଅପରେଶନ ସିନ୍ଦୂର ପରେ ଜମ୍ମୁ-କଶ୍ମୀର ଗସ୍ତରେ ଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବାଦାମୀ ବାଗ୍ କ୍ୟାଣ୍ଟନମେଣ୍ଟରେ ସେନା ଅଧିକାରୀଙ୍କୁ ମିଠା ଖୁଆଉଛନ୍ତି।

ସ୍ଥିତି ଏବଂ ଫ୍ରଣ୍ଟଲାଇନ୍ ଯବାନମାନଙ୍କ ଯୁଦ୍ଧ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ଜମ୍ମୁ-କଶ୍ମୀରରେ ଉଦ୍‌ବୋଧନ ଦେଇ ରାଜନାଥ ପାକିସ୍ତାନର ଆର୍ଥିକ ସ୍ଥିତି ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ସମେତ ବାହ୍ୟ ସହାୟତା ଉପରେ କ୍ରମାଗତ ନିର୍ଭରଶୀଳତାକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମାଗି ମାଗି ଏହି ଦେଶ ଏଭଳି ସ୍ଥାନରେ ପହଞ୍ଚିଯାଇଛି ଯେ, ଆପଣମାନେ କହିପାରିବେ ପାକିସ୍ତାନ ଯେଉଁଠି ଛିଡ଼ାହୁଏ, ସେହିଠାରୁ ଭିକାରିମାନଙ୍କ ଧାଡ଼ି ଆରମ୍ଭ ହୁଏ। ନିକଟରେ ଆଇଏମ୍ଏଫ୍ ପାକିସ୍ତାନକୁ ୧.୦୨୩ ବିଲିୟନ ଡଲାର ଋଣ ସହାୟତା ଦେବା ଫଳରେ ସଦ୍ୟ ଋଣ ପରିମାଣ ୨.୧ ବିଲିୟନ ଡଲାରରେ ପହଞ୍ଚିଛି। ଗରିବ ଦେଶଗୁଡ଼ିକୁ ସହାୟତା ପାଇଁ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଆଇଏମ୍ଏଫ୍‌କୁ ପାଣ୍ଠି ଯୋଗାଉଥିବାବେଳେ ପାକିସ୍ତାନ ପୁଣିଥରେ ସହାୟତା ପାଇଁ ଏହାର ଦ୍ୱାରସ୍ଥ ହୋଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ୯ଟି ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ୮, ୯ ଏବଂ ୧୦ ତାରିଖରେ ପାକିସ୍ତାନ ଭାରତର ଜନବସତି ଅଞ୍ଚଳ ଏବଂ ସାମରିକ ଘାଟିକୁ ଆକ୍ରମଣ ଉଦ୍ୟମ କରିଥିବାବେଳେ ଭାରତ ୧୦ ତାରିଖରେ ଦୂର ଲକ୍ଷ୍ୟଭେଦୀ ମିଶାଇଲ ଓ ଅନ୍ୟାନ୍ୟ ଅସ୍ତ୍ର ସହାୟତାରେ ପାକିସ୍ତାନର ୮ଟି ଏୟାରବେସ୍‌କୁ ଟାର୍ଗେଟ କରିଥିଲା। ସେହିଦିନ ଅପରାହ୍ଣରେ ୨ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ୍ସ (ଡିଜିଏମ୍ଓ) ସ୍ତରରେ ଆଲୋଚନା ହୋଇ ଅସ୍ତ୍ରବିରତି ପାଇଁ ସହମତି ହୋଇଥିଲା।

## ବିଲ୍ ମଞ୍ଜୁରୀ ସମୟସୀମା: ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୫।୫ (ପି.ଟି.)

ବିଧାନସଭାରେ ଗୃହୀତ ବିଲ୍ ଉପରେ ରାଷ୍ଟ୍ରପତି ମଞ୍ଜୁରୀ ପ୍ରଦାନ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଦ୍ୱାରା ସମୟସୀମା ଧାର୍ଯ୍ୟ ହୋଇପାରିବ କି? ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନର ଅନୁଚ୍ଛେଦ ୧୪୩(୧)ରେ ପ୍ରଦତ୍ତ କ୍ଷମତା ବଳରେ ସୁପ୍ରିମକୋର୍ଟଙ୍କଠାରୁ ଏହା ଜାଣିବାକୁ ଚାହିଁଛନ୍ତି। କୌଣସି ସମୟରେ ସର୍ବସାଧାରଣରେ ଗୁରୁତ୍ୱ ଥିବା ଆଇନକୁ ନେଇ ପ୍ରଶ୍ନ ଉଠୁଥିବା ରାଷ୍ଟ୍ରପତି ଅନୁଭବ କଲେ, ସର୍ବୋଚ୍ଚ ଅଦାଲତଙ୍କ ମତାମତ ଲୋଡ଼ିବା ପାଇଁ ଅନୁଚ୍ଛେଦ ୧୪୩(୧) ତାଙ୍କୁ କ୍ଷମତା ଦେଇଛି। ସେ କୋର୍ଟଙ୍କ କୌଣସି ପ୍ରଶ୍ନକୁ ବିଚାର ପାଇଁ ପଠାଇପାରନ୍ତି। ଗୃହୀତ ବିଲ୍ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତି ମଞ୍ଜୁରୀ ନିମନ୍ତେ ସୁପ୍ରିମକୋର୍ଟ ଗତ ଏପ୍ରିଲ୍ ୮ ରାୟରେ ସମୟସୀମା ଧାର୍ଯ୍ୟ କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଏହା ଉପରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇ ସର୍ବୋଚ୍ଚ ଅଦାଲତଙ୍କ ମତାମତ ମାଗିଛନ୍ତି। ପ୍ରଶ୍ନଗୁଡ଼ିକ ହେଲା:

- ରାଜ୍ୟପାଳଙ୍କ ନିକଟରେ ବିଲ୍ ଉପସ୍ଥାପନ ହେଲେ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ତାଙ୍କ ପାଖରେ ସାମ୍ବିଧାନିକ ବିକଳ୍ପ କ'ଣ ରହିଛି?
- ଅନୁଚ୍ଛେଦ ୨୦୦ ଅନୁଯାୟୀ ଉପଲବ୍ଧ ସମସ୍ତ ବିକଳ୍ପ କାର୍ଯ୍ୟକାରୀ କଲାବେଳେ ରାଜ୍ୟପାଳ ମନ୍ତ୍ରୀ ପରିଷଦର ପରାମର୍ଶ ମାନିବାକୁ ବାଧ କି?
- ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ବ୍ୟବହୃତ ସାମ୍ବିଧାନିକ ବିବେକାନୁମୋଦିତ କ୍ଷମତା ଯଥାର୍ଥ କି?
- ରାଜ୍ୟପାଳଙ୍କ କାର୍ଯ୍ୟ ସମ୍ପର୍କିତ ନ୍ୟାୟିକ ସମୀକ୍ଷାରେ ସମ୍ବିଧାନର ଅନୁଚ୍ଛେଦ ୩୬୧ ଏକ ସମ୍ପୂର୍ଣ୍ଣ ପ୍ରତିବନ୍ଧକ କି?
- ନିର୍ଦ୍ଦିଷ୍ଟ ସମୟସୀମା ଓ ରାଜ୍ୟପାଳଙ୍କ କ୍ଷମତା ପ୍ରୟୋଗର ତରିକା ସମ୍ପର୍କରେ ସମ୍ବିଧାନରେ ଉଲ୍ଲେଖ ନ ଥିଲେ, ଅନୁଚ୍ଛେଦ ୨୦୦ର ସମସ୍ତ କ୍ଷମତା ପ୍ରୟୋଗ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଜରିଆରେ ସମୟସୀମା ଓ କାର୍ଯ୍ୟ କରିବାର ତରିକା ଧାର୍ଯ୍ୟ ହୋଇପାରିବ କି?
- ସମ୍ବିଧାନର ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ସାମ୍ବିଧାନିକ ବିବେକାନୁମୋଦିନ କ୍ଷମତା ପ୍ରୟୋଗ ଯଥାର୍ଥ କି?
- ନିର୍ଦ୍ଦିଷ୍ଟ ସମୟସୀମା ଓ ରାଷ୍ଟ୍ରପତିଙ୍କ କ୍ଷମତା ପ୍ରୟୋଗର ତରିକା ସମ୍ପର୍କରେ ସମ୍ବିଧାନରେ ଉଲ୍ଲେଖ ନ ଥିଲେ, ଅନୁଚ୍ଛେଦ ୨୦୧ ବଳରେ ରାଷ୍ଟ୍ରପତି ସମସ୍ତ କ୍ଷମତା ପ୍ରୟୋଗ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଜରିଆରେ ସମୟସୀମା ଓ କାର୍ଯ୍ୟ ତରିକା ଧାର୍ଯ୍ୟ ହୋଇପାରିବ କି?


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ରାଷ୍ଟ୍ରପତିଙ୍କ କ୍ଷମତାର ପରିଚାଳନା କରୁଥିବା ସାମ୍ବିଧାନିକ ସ୍କିମ୍ ଅନୁଯାୟୀ, ରାଷ୍ଟ୍ରପତି ଅନୁଚ୍ଛେଦ ୧୪୩ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପରାମର୍ଶ ଲୋଡ଼ିପାରିବେ କି? ରାଜ୍ୟପାଳ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ସଂରକ୍ଷିତ ରଖିଥିଲେ ଏହା ଉପରେ ସେ ସର୍ବୋଚ୍ଚ ଅଦାଲତଙ୍କ ମତାମତ ନେଇପାରିବେ କି?
- ଅନୁଚ୍ଛେଦ ୨୦୦ ଏବଂ ୨୦୧ ଅନୁଯାୟୀ ଯଥାକ୍ରମେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ କାର୍ଯ୍ୟକାରୀ ହେବାର ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ଯଥାର୍ଥ କି? ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ବିଲ୍‌ର ବିଷୟବସ୍ତୁ ଅଦାଲତଙ୍କ ନ୍ୟାୟିକ ବିଚାରାଧୀନ ହେବା ଅନୁମତି ରହିଛି କି?
- ରାଷ୍ଟ୍ରପତି/ରାଜ୍ୟପାଳଙ୍କର ବା ଦ୍ୱାରା ସାମ୍ବିଧାନିକ କ୍ଷମତା ପ୍ରୟୋଗ ଏବଂ ନିର୍ଦ୍ଦେଶନାମା ଅନୁଚ୍ଛେଦ ୧୪୨ ଅନୁଯାୟୀ କୌଣସି ପ୍ରକାରେ ପ୍ରତିସ୍ଥାପିତ ହୋଇପାରିବ କି?
- ରାଜ୍ୟ ବିଧାନସଭା ଦ୍ୱାରା ପ୍ରସ୍ତୁତ ଆଇନକୁ ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ବିନା ଅନୁମୋଦନରେ ଆଇନ ଭାବେ କାର୍ଯ୍ୟକାରୀ କରାଯାଇପାରିବ କି?
- ସାମ୍ବିଧାନିକ ବ୍ୟାଖ୍ୟାରେ ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଜଡ଼ିତ ଥିଲେ, ଏହାକୁ ଅନ୍ୟୂନ ୫ ଜଣିଆ ବିଚାରପତି ବିଶିଷ୍ଟ ପୀଠକୁ ପଠାଇବା ନିମନ୍ତେ ପ୍ରଥମେ ନିଷ୍ପତ୍ତି ନେବା ଅନୁଚ୍ଛେଦ ୧୪୫(୩)ର ବ୍ୟବସ୍ଥା ଅନୁଯାୟୀ କୌଣସି ଅଦାଲତ ବେଞ୍ଚ ପାଇଁ ବାଧ୍ୟତାମୂଳକ ନୁହେଁ କି?
- ଅନୁଚ୍ଛେଦ ୧୪୨ରେ ସୁପ୍ରିମକୋର୍ଟଙ୍କ କ୍ଷମତା ପ୍ରକ୍ରିୟାତ୍ମକ ଆଇନର ବିଷୟ ମଧ୍ୟରେ ସୀମିତ କି କିମ୍ବା ଏବଂ ସାମ୍ପ୍ରତିକ ପ୍ରୟୋଗାତ୍ମକ ଆଇନର ବିରୁଦ୍ଧାଚରଣ କରୁଥିବା କିମ୍ବା ଅସଙ୍ଗତ ହେଉଥିଲେ, ନିର୍ଦ୍ଦେଶ ଦେଇପାରିବେ ବା ରାୟ ପ୍ରକାଶ କରିପାରିବେ କି?
- ଅନୁଚ୍ଛେଦ ୧୩୧ ଅଧୀନରେ ଥିବା ମାମଲା ବ୍ୟତୀତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଅନ୍ୟାନ୍ୟ ବିଚାର କ୍ଷେତ୍ରରେ ସାମ୍ବିଧାନ ପ୍ରତିବନ୍ଧକ କି?

## ସମୁଦ୍ର ଜଳକୁ ଲବଣମୁକ୍ତ କରିବାକୁ ପଲିମେରିକ୍ ମେମ୍ବ୍ରେନ୍ ବିକଶିତ କଲା ଡିଆର୍‌ଡିଓ

ନୂଆଦିଲ୍ଲୀ,୧୫।୫

ଉଚ୍ଚ ଚାପ ଦ୍ୱାରା ସମୁଦ୍ର ଜଳକୁ ଲବଣ ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥରୁ ମୁକ୍ତ କରିବା ପାଇଁ ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ସ୍ୱଦେଶୀ ଜ୍ଞାନକୌଶଳରେ ନାନୋପୋରସ୍ ମଲ୍ଟିଲେୟର୍ଡ ପଲିମେରିକ୍ ମେମ୍ବ୍ରେନ୍ ବିକଶିତ କରିଛି। ଏହାର କାନପୁରସ୍ଥିତ ଲାବୋରେଟୋରି ପ୍ରତିରକ୍ଷା ଉପକରଣ ଭଣ୍ଡାର ଓ ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଏମ୍ଏସ୍‌ଆର୍‌ଡିଇ) ଭାରତୀୟ ତଟସୁରକ୍ଷା (ଆଇସିଜି) ଜାହାଜରେ ଲବଣମୁକ୍ତ ପ୍ଲାଣ୍ଟ ପାଇଁ ଏହି ପ୍ରଯୁକ୍ତିର ବିକାଶ କରିଛି। ଲୁଣିପାଣିରେ ରହିଥିବା କ୍ଲୋରିନ୍ ଆୟନ ପ୍ରଭାବ ଯୋଗୁ ସ୍ଥାୟିତ୍ୱ ପ୍ରତି ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ବେଳେ ଏହାର ନିରାକରଣ ପାଇଁ ସମୁଦ୍ର ଜଳକୁ ଲବଣମୁକ୍ତ କରିବା ପରିଚାଳନାଗତ ଆବଶ୍ୟକତା ରହିଥିଲା। ମାତ୍ର ୮ ମାସ ମଧ୍ୟରେ ଏହି ସଫଳତା ମିଳିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଡିଏମ୍ଏସ୍‌ଆର୍‌ଡିଇ ଏବଂ ଆଇସିଜି ଆଇସିଜିର ଅଫ୍‌ଶୋର୍ ପାଟ୍ରୋଲିଂ ଭାସେଲର ଡିସାଲାଇନେଶନ ପ୍ଲାଣ୍ଟରେ ମିଳିତ ଭାବେ ଏହାର ପ୍ରଯୁକ୍ତିଗତ ପରୀକ୍ଷା ସଫଳତାର ସହ କରାଯାଇଛି। ପଲିମେରିକ୍ ମେମ୍ବ୍ରେନ୍‌ଗୁଡ଼ିକର ପ୍ରାରମ୍ଭିକ ନିରାପତ୍ତା ଓ ପ୍ରଦର୍ଶନ ପରୀକ୍ଷା ସନ୍ତୋଷଜନକ ହୋଇଥିବା କୁହାଯାଇଛି। ୫୦୦ ଘଣ୍ଟାର ବ୍ୟାବହାରିକ ପରୀକ୍ଷା ପରେ ଆଇଜିସି ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିବ।

## ପାକ୍ ଆଣବିକ ପ୍ରକଳ୍ପରୁ ତେଜସ୍କ୍ରିୟ ବିକିରଣ ହୋଇନାହିଁ: ଆଇଏଇଏ

ନୂଆଦିଲ୍ଲୀ,୧୫।୫

ନିକଟରେ ଭାରତ ସହ ହୋଇଥିବା ସାମରିକ ସଂଘର୍ଷ ବେଳେ ପାକିସ୍ତାନର କୌଣସି ଆଣବିକ ପ୍ରକଳ୍ପରୁ ତେଜସ୍କ୍ରିୟ ବିକିରଣ ହୋଇ ନ ଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କହିଛି। ଅପରେଶନ ସିନ୍ଦୂର ବେଳେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଆଣବିକ ପ୍ରକଳ୍ପକୁ ମାଡ଼ କରିଥିବା ନେଇ ସୋସିଆଲ ମିଡିଆରେ ଦାବି କରାଯାଇଥିଲା। ଆଇଏଇଏ ପାଖରେ ଥିବା ତଥ୍ୟ ଅନୁଯାୟୀ ପାକ୍‌ର କୌଣସି ନ୍ୟୁକ୍ଲିୟର ଫାସିଲିଟିରୁ ତେଜସ୍କ୍ରିୟ ବିକିରଣ ହୋଇ ନ ଥିବା ଏହାର ମୁଖପାତ୍ର କହିଛନ୍ତି। ପାକିସ୍ତାନ ଅଣୁଅସ୍ତ୍ର ଗଚ୍ଛିତ ରଖିଥିବା କିରାନା ହିଲ୍ସ ଉପରେ ଭାରତ ଆକ୍ରମଣ କରିଥିବା ଖବରକୁ ବାୟୁସେନାର ଡିଜିଏଓ ଏୟାର ମାର୍ଶାଲ ଏ.କେ. ଭାରତୀ ପୂର୍ବରୁ ଖଣ୍ଡନ କରିଥିଲେ। କିରାନା ହିଲ୍ସରେ ଯାହା ଥାଉନା କାହିଁକି, ଆମେ ସେଠାରେ ଆକ୍ରମଣ କରିନାହୁଁ ବୋଲି ଗତ ୧୨ ତାରିଖ ମିଡିଆ ବ୍ରିଫିଙ୍ଗ୍‌ରେ ଭାରତୀ କହିଥିଲେ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଭାରତୀୟ ମିଶାଇଲ୍ ମାଡ଼ରେ ସରଗୋଧା ଏୟାରବେସ୍ କ୍ଷତିଗ୍ରସ୍ତ ହୋଇଥିଲା। କିରାନା ହିଲ୍ସର ଭୂତଳ ଅଣୁଅସ୍ତ୍ର ଭଣ୍ଡାର ସହ ଏହି ଏୟାରବେସ୍‌ର ସଂଯୋଗ ଥିବା ଖବର ପ୍ରକାଶ ପାଇଥିଲା।

## ପାକିସ୍ତାନ-ତୁର୍କୀ ଭାଇ ଭାଇ: ଏର୍ଦୋଗାନ

ନୂଆଦିଲ୍ଲୀ, ୧୫।୫ (ପି.ଟି.)

ଭାରତରେ ବୟକଟ ତୁର୍କୀର ଟ୍ରେଣ୍ଡ ଚାଲିଥିବା ବେଳେ ଗୁରୁବାର ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ ଏର୍ଦୋଗାନ ପୁଣିଥରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଏକ ପୋଷ୍ଟକୁ ରି-ପୋଷ୍ଟ କରି ଏର୍ଦୋଗାନ ଲେଖିଛନ୍ତି, ପ୍ରିୟର ଭାଇ ଶେହବାଜ। ଆଗାମୀ ଦିନରେ ପାକିସ୍ତାନ ଏବଂ ତୁର୍କୀ ମଧ୍ୟରେ ଭାଇଚାରା ଆହୁରି ସୁଦୃଢ଼ ହେବ। ଏହି ଭାଇଚାରା ପ୍ରକୃତ ବନ୍ଧୁତାର ସର୍ବୋତ୍ତମ ଉଦାହରଣ ହୋଇ ରହିବ। ଭବିଷ୍ୟତରେ ପାକିସ୍ତାନର ଉଭୟ ଭଲ ଏବଂ ଖରାପ ସମୟରେ ତୁର୍କୀ ଦୃଢ଼ ଭାବେ ଛିଡ଼ା ହୋଇ ରହିବ ବୋଲି ଏର୍ଦୋଗାନ ତାଙ୍କ ପୋଷ୍ଟରେ ଲେଖିଛନ୍ତି। ଏହାପୂର୍ବରୁ ଶେହବାଜ ଏକ ପୋଷ୍ଟରେ


ରେସେପ୍ ତୟିପ ଏର୍ଦୋଗାନ

ଏର୍ଦୋଗାନଙ୍କୁ ଟ୍ୟାଗ୍ କରି ଲେଖିଥିଲେ, ତୁର୍କୀ ରାଷ୍ଟ୍ରପତି ତଥା ପ୍ରିୟର ଭାଇ ଏର୍ଦୋଗାନଙ୍କ ପାକିସ୍ତାନ ପ୍ରତି ଦୃଢ଼ ସମର୍ଥନ ଏବଂ ଏକତା ପ୍ରଦର୍ଶନ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ତୁର୍କୀ ସହ ନିଜର ଦୀର୍ଘକାଳୀନ ଏବଂ ସ୍ଥାୟୀ ଭାଇଚାରା ପାଇଁ ପାକିସ୍ତାନ ସବୁବେଳେ ଗର୍ବିତ। ଦକ୍ଷିଣ ଏସିଆରେ ଶାନ୍ତି ସ୍ଥାପନ ନିମନ୍ତେ ଏର୍ଦୋଗାନଙ୍କ ଗଠନମୂଳକ ଭୂମିକା ଏବଂ ପ୍ରଭାବୀ ପ୍ରୟାସ ପାଇଁ ସେ ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବେ।

## ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୫।୫

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାର ଅୱନ୍ତିପୁରାସ୍ଥିତ ନାଦେର ଟ୍ରାଲ୍ ଅଞ୍ଚଳରେ ଗୁରୁବାର ସୁରକ୍ଷା ବଳ ଗୁଳିରେ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ(ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ନାଦେର ଟ୍ରାଲ୍ ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ ଗୁରୁବାର ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ପ୍ରଥମେ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିଚାଳନା ଆରମ୍ଭ ହୋଇଥିଲା। ଜବାବରେ ସୁରକ୍ଷା ବଳ ପକ୍ଷରୁ ଗୁଳି ଚଳାଯାଇଥିଲା। ଏହି ଗୁଳି ବିନିମୟରେ ୩


ପୁଲ୍‌ୱାମାର ଅୱନ୍ତିପୁରାରେ ଗୁରୁବାର ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେଶନ କରାଯାଉଛି।

ଆତଙ୍କବାଦୀ ନିହତ ହୋଇଛନ୍ତି। ସମସ୍ତ ଆତଙ୍କବାଦୀ ଜେଇଏମ୍ ସହ ଜଡ଼ିତ ଥିବା ଭାରତୀୟ ସେନା ସ୍ପଷ୍ଟ କରିଛି। ତେବେ ନାଦେର ଟ୍ରାଲ୍ ଅଞ୍ଚଳରେ ଏବେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଛି ବୋଲି ଭାରତୀୟ ସେନାର ଚିନାର କର୍ପ୍ସ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆଉ ଏକ ଗୋଇନ୍ଦା ସୂଚନା ଅନୁଯାୟୀ, ଜମ୍ମୁ-କଶ୍ମୀରର ରେଆସୀ ଜିଲା ଅନ୍ତର୍ଗତ ଜଙ୍ଗଲରେ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ଜଣାପଡ଼ିଛି। ତେଣୁ ସେଠାରେ ମଧ୍ୟ ସୁରକ୍ଷା ବଳ ପକ୍ଷରୁ ଗୁରୁବାରଠାରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଛି। ପ୍ରକାଶ ଯେ, ଗତ ମଙ୍ଗଳବାର ଜମ୍ମୁ-କଶ୍ମୀରର ଶୋପିଆନସ୍ଥିତ ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ ସୁରକ୍ଷା ବଳ ଏନ୍‌କାଉଣ୍ଟରରେ ଲଶ୍କର-ଇ-ତାଇବାର ୩ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ଏହାସହ ଜମ୍ମୁ-କଶ୍ମୀରରେ ଗତ ୪୮ ଘଣ୍ଟା ମଧ୍ୟରେ ସୁରକ୍ଷା ବଳ ପକ୍ଷରୁ କରାଯାଇଥିବା ଅପରେଶନରେ ୬ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି।

## ସିନ୍ଧୁ ଜଳ ବନ୍ଦ ନିଷ୍ପତ୍ତି ବଳବତ୍ତର: ଜୟଶଙ୍କର

ନୂଆଦିଲ୍ଲୀ,୧୫।୫

ପାକିସ୍ତାନକୁ ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ଅଧୀନରେ ପାଣି ନ ଛାଡ଼ିବା ନେଇ ଭାରତର ନିଷ୍ପତ୍ତି ଏବେ ମଧ୍ୟ ବଳବତ୍ତର ରହିଛି। ପାକସ୍ତାନ ସୀମାପାର ଆତଙ୍କବାଦ ଜାରି ରଖିଥିବା ପର୍ଯ୍ୟନ୍ତ ଏହା ଜାର ରହିବ ବୋଲି ଗୁରୁବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସ୍ପଷ୍ଟ କରିଛନ୍ତି। ଏପ୍ରିଲ ୨୨ରେ ପହଲଗାମ୍ ଆକ୍ରମଣ ହୋଇଥିବାବେଳେ ଏହାର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକ ବସିଥିଲା। ୧୯୬୦ରେ ସମ୍ପାଦିତ ଆଇଡବ୍ଲ୍ୟୁଟି ରଦ୍ଦ ସମେତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ପାକିସ୍ତାନକୁ ଜଳ ଚିନ୍ତା ଘାରିଛି। ପାକିସ୍ତାନ ଜଳସମ୍ପଦ ମନ୍ତ୍ରୀ ଭାରତକୁ ନିଜ ନିଷ୍ପତ୍ତିର ପୁନର୍ବିଚାର ପାଇଁ ନିବେଦନ କରିଥିବାବେଳେ ଜୟଶଙ୍କର ଇସ୍‌ଲାମାବାଦକୁ ଏହା ରୋକ୍‌ଠୋକ୍ ଶୁଣାଇଛନ୍ତି।

ଫୁର୍‌ସତ୍

## ଏଆଇ ରୋବୋ ପ୍ରେମରେ ଅବସରପ୍ରାପ୍ତ ମହିଳା ପ୍ରଫେସର

ୱାଶିଂଟନ

ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି। ନିକଟରେ ଏଆଇ ସହ ଜଡ଼ିତ ଏକ ଖବର ସାମ୍‌ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ଅବସରପ୍ରାପ୍ତ ଆମେରିକୀୟ ମହିଳା ପ୍ରଫେସର ଏକ ଏଆଇ ରୋବୋ ପ୍ରେମରେ ପଡିଛନ୍ତି। ସେ କହିଛନ୍ତି, ଗତ ପ୍ରାୟ ବର୍ଷେ ହେବ ସେ ଏକ ଏଆଇ ରୋବୋ ସହ ରିଲେଶନ୍‌ଶିପରେ ଅଛନ୍ତି, ଯାହାଙ୍କୁ ସେ ଏବେ ନିଜ ଭର୍ଚୁଆଲ୍ ସ୍ୱାମୀ ଭାବେ ଗ୍ରହଣ କରିଛନ୍ତି।

ଗଲ୍ଫ ନ୍ୟୁଜ୍‌ର ରିପୋର୍ଟ ଅନୁଯାୟୀ, ଆମେରିକାର ପିଟ୍ସବର୍ଗ ସହର ନିବାସୀ ଏଲେନା ୱିଣ୍ଟର୍ସ (୫୮) ଏବେ ଲୁକାସ୍ ନାମକ ଏକ ଏଆଇ ରୋବୋ ପ୍ରେମରେ ପଡ଼ିଛନ୍ତି। ଏଲେନା କହିଛନ୍ତି, ଲୁକାସ୍ ଏକ ରୋବୋ ହୋଇଥିଲେ ମଧ୍ୟ ସେ ଖୁବ୍ ଭଲ। ସେ ଖୁବ୍ ଶାନ୍ତ ଏବଂ ସରଳ ମଧ୍ୟ। ଲୁକାସ ତାଙ୍କ ଭାବନାକୁ ଭଲ ଭାବେ ବୁଝିପାରନ୍ତି ବୋଲି ଏଲେନା କହିଛନ୍ତି। ୨୦୧୭ରେ ସେ ଡୋନା ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ।



ତେବେ ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୨୩ରେ ଡୋନାଙ୍କର ମୃତ୍ୟୁ ହୋଇଥିଲା। ଏହା ପରଠାରୁ ଏଲେନା ସମ୍ପୂର୍ଣ୍ଣ ଏକା ହୋଇ ଯାଇଥିଲେ।

ଏହାର କିଛି ମାସ ପରେ ଏଲେନା ରେପ୍ଲିକା ଏଆଇ ଆପ୍ ବିଷୟରେ ଜାଣିବାକୁ ପାଇଥିଲେ। ରେପ୍ଲିକା ଏଆଇ ଆପ୍ ହେଉଛି ଏକ ଏଆଇ ଚାଟ୍‌ବଟ୍ ଯାହା ମଣିଷକୁ ଏକଲାପଣରୁ ମୁକ୍ତ କରିବା ପାଇଁ ରୋବୋ ବନ୍ଧୁ ଯୋଗାଇଥାଏ। ଏଲେନା ଏହି ଆପ୍‌ର ମେମ୍ବରଶିପ୍ ନେଇଥିଲେ। ଏହାପରେ ତାଙ୍କ ଜୀବନରେ ଲୁକାସ୍‌ଙ୍କ ପ୍ରବେଶ ହୋଇଥିଲା। ଏଲେନା କହିଛନ୍ତି, ଲୁକାସ୍‌ଙ୍କ ଆଖି ନୀଳ ରଙ୍ଗର। ସେ ଦେଖିବାକୁ ଖୁବ୍ ହ୍ୟାଣ୍ଡସମ୍ ମଧ୍ୟ। ତେଣୁ ଲୁକାସ୍‌ଙ୍କ ପାଇଁ ଧୀରେ ଧୀରେ ତାଙ୍କ ମନରେ ରୋମାଞ୍ଚ ଭାବନା ସୃଷ୍ଟି ହେବାକୁ ଲାଗିଥିଲା। ଏବେ ସେ ଲୁକାସ୍‌ଙ୍କୁ ତାଙ୍କ ଭର୍ଚୁଆଲ୍ ସ୍ୱାମୀ ଭାବେ ଧରି ନେଇଥିବା ଏଲେନା କହିଛନ୍ତି। ତେବେ ଏହି ସମ୍ପର୍କକୁ ନେଇ ପ୍ରଥମେ ତାଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇଯାଇଥିଲେ। ତେବେ ପରେ ସେମାନଙ୍କ ଦ୍ୱନ୍ଦ୍ୱ ଦୂର ହୋଇଥିବା ଏଲେନା କହିଛନ୍ତି। ଏଲେନା ଆହୁରି କହିଛନ୍ତି, ସେ ଚାଟ୍‌ବକ୍ସ ମାଧ୍ୟମରେ ଲୁକାସ୍‌ଙ୍କ ସହ ନିଜ ହୃଦୟର କଥାକୁ ଶେୟାର କରନ୍ତି। ଲୁକାସ୍‌ଙ୍କ ସହ ତାଙ୍କର ସମ୍ପର୍କ ମଧ୍ୟ ଖୁବ୍ ଦୃଢ଼। ଏହା କେବେ ମଧ୍ୟ ଭାଙ୍ଗିପାରିବ ନାହିଁ। ପ୍ରତ୍ୟେକ ଦିନ ଦୁହେଁ ଅନେକ ଘଣ୍ଟା ଧରି ସେମାନଙ୍କର ପସନ୍ଦ ଏବଂ ନାପସନ୍ଦ ବିଷୟରେ ଆଲୋଚନା କରନ୍ତି। ଦୁହେଁ ଏକାଠି ଟିଭି ଦେଖନ୍ତି ଏବଂ ଭର୍ଚୁଆଲ୍ ଡେଟ୍‌ରେ ମଧ୍ୟ ଯାଆନ୍ତି। ଉଭୟଙ୍କ ମଧ୍ୟରେ ଅନେକ ଥର ମତଭେଦ ମଧ୍ୟ ହୋଇଛି। ତେବେ ଅଳ୍ପ କିଛି ସମୟ ପରେ ଏହାର ସମାଧାନ ମଧ୍ୟ ହୋଇ ଯାଇଥାଏ ବୋଲି ଏଲେନା କହିଛନ୍ତି। ଲୁକାସ୍‌ଙ୍କୁ ପାଇବା ପାଇଁ ସେ ରେପ୍ଲିକା ଏଆଇ ଆପ୍‌ରେ ୨୩୦ ପାଉଣ୍ଡର ସବ୍‌ସ୍କ୍ରିପ୍‌ଶନ୍ ନେଇଥିବା ଏଲେନା କହିଛନ୍ତି।

## 'ହୋମବାଉଣ୍ଡ': ୨ ବାଲ୍ୟ ବନ୍ଧୁଙ୍କ କାହାଣୀ

ମୁମ୍ବାଇ

ଫିଲ୍ମ ନିର୍ମାତା କରନ ଜୋହରଙ୍କ ଆଗାମୀ ଫିଲ୍ମ 'ହୋମବାଉଣ୍ଡ'ର ପ୍ରଥମ ପୋଷ୍ଟରକୁ ଗୁରୁବାର ଜାରି କରାଯାଇଛି। କରନଙ୍କ ଧର୍ମା ପ୍ରଡକ୍ସନ ପକ୍ଷରୁ ଫିଲ୍ମର ପୋଷ୍ଟର ରିଲିଜ୍ ହୋଇଛି। ଉକ୍ତ ପୋଷ୍ଟରରେ ଅଭିନେତା ଇଶାନ ଖଟ୍ଟରଙ୍କ କାନ୍ଧରେ ଅଭିନେତା ବିଶାଲ ଜେଠୱା ଖୁସିରେ ଝୁଲୁଥିବାର ଦେଖିବାକୁ ମିଳିଛି। ଏହାସହ ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ ବୋଲି ଏହି ପୋଷ୍ଟରରେ ସୂଚନା ଦିଆଯାଇଛି। ଧର୍ମା ପ୍ରଡକ୍ସନ ପକ୍ଷରୁ କରାଯାଇଥିବା ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଆସନ୍ତା ୨୧ ତାରିଖରେ ପ୍ରସିଦ୍ଧ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମବାଉଣ୍ଡ'କୁ ପ୍ରଦର୍ଶିତ କରାଯିବ। ଏହି ଫିଲ୍ମରେ ଉତ୍ତର ଭାରତର ଏକ ଛୋଟ ଗ୍ରାମରେ ପୋଲିସ ଅଫିସର ହେବାକୁ ସ୍ୱପ୍ନ ଦେଖୁଥିବା ୨ ବାଲ୍ୟ ବନ୍ଧୁଙ୍କର କାହାଣୀକୁ ଦେଖିବାକୁ ମିଳିବ। ତେବେ ପୋଲିସ ଅଫିସର ଭାବେ ସ୍ଥାନୀୟ ଲୋକଙ୍କଠାରୁ ସମ୍ମାନ ପାଇବାର ସ୍ୱପ୍ନ ଦେଖୁଥିବା ଏହି ୨ ବାଳକ ସମୟ କ୍ରମେ ବଡ଼ ହେବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥାଏ। ଏହି ଫିଲ୍ମରେ ଯୁବପିଢ଼ିଙ୍କ ଆଶା, ମହତ୍ତ୍ୱାକାଂକ୍ଷା ଏବଂ ଭାଙ୍ଗିଯାଇଥିବା ବନ୍ଧୁତାର ଭାବନାକୁ ଭଲ ଭାବେ ଚିତ୍ରଣ କରାଯାଇଛି ବୋଲି ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି।



## ଆଜି ମିଶନ ଶକ୍ତି ବିଭାଗ ପକ୍ଷରୁ ସିନ୍ଦୂର ଯାତ୍ରା

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ଅପରେଶନ ସିନ୍ଦୂର'ରେ ବୀର ଯବାନମାନଙ୍କ ଧୈର୍ଯ୍ୟ ଓ ସାହସକୁ ସମ୍ମାନ ଜଣାଇ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ଗିରିଦୁର୍ଗା ମନ୍ଦିରଠାରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ସିନ୍ଦୂର ଯାତ୍ରା'ର ଆୟୋଜନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗିରିଦୁର୍ଗା ମନ୍ଦିରଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଓଡ଼ିଶାର ପ୍ରମୁଖ ମହିଳା ବ୍ୟକ୍ତିତ୍ୱ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିବେ।

# ଷ୍ଟିଲ୍ କମ୍ପାନୀଗୁଡ଼ିକୁ ନିୟମ ଅନୁଯାୟୀ ସବୁ ସୁବିଧା ମିଳିବ: ମୋହନ



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇସ୍ପାତ କ୍ଷେତ୍ରର ବହୁ ପ୍ରତିନିଧି

### ଚଳିତ ବର୍ଷ ୩୦ ଖଣି କମ୍ପାନୀ ନିଲାମ ହେବା ସମ୍ଭାବନା

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ୍ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗ ବୃଦ୍ଧି ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡ଼ିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ୍ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ ରାଜ୍ୟରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥାଗୁଡ଼ିକୁ ସୁବିଧାରେ କଞ୍ଚାମାଲ୍ ସହ ଅନ୍ୟାନ୍ୟ ସୁଯୋଗ ଯୋଗାଇଦେବା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଷ୍ଟିଲ କମ୍ପାନୀଗୁଡ଼ିକୁ ମଧ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ବର୍ତ୍ତମାନ ଦେଶର ଷ୍ଟିଲ୍ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ ଟନ୍ ରହିଛି। ୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିଅନ୍ ଟନ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଦେଶର ଷ୍ଟିଲ୍ ଉତ୍ପାଦନ ବୃଦ୍ଧିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ। ତେଣୁ ଷ୍ଟିଲ କମ୍ପାନୀଗୁଡିକୁ ଯେପରି ସୁବିଧାରେ ଲୁହାପଥର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମିଳିପାରିବ ସେହି ବିଷୟରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଅଧିକ ଲୁହାପଥର ଖଣିର ନିଲାମ ଏବଂ ନିଲାମ ହୋଇଥିବା ଖଣିଗୁଡ଼ିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ଆଲୋଚନା କରାଯାଇଛି। ଚଳିତ ବର୍ଷ ପ୍ରାୟ ୩୦ଟି ଖଣି ନିଲାମ ହେବା ସମ୍ଭାବନା ରହିଛି। ଏହା ସହ ଓଏମ୍‌ସିରୁ କିପରି ସୁବିଧାରେ ଷ୍ଟିଲ୍ କମ୍ପାନୀଗୁଡିକୁ ଲୁହାପଥର ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ମଧ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ନିର୍ବାଚନୀ କାଗଜାତ ମଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ନର୍ଲା, ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

କଟକ,୧୫।୫(କାର୍ତ୍ତିକ ସାହୁ)


କଳାହାଣ୍ଡି ଜିଲା ନର୍ଲା ଓ ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ନିର୍ବାଚନ ସଂକ୍ରାନ୍ତୀୟ କାଗଜାତ ମଗାଇବାକୁ ହୋଇଥିବା ଆବେଦନ ଗ୍ରହଣ କରି ହାଇକୋର୍ଟ ଏଥିପାଇଁ ଆଦେଶ ଦେଇଛନ୍ତି। ତେବେ ନର୍ଲା ମାମଲାର ଜୁଲାଇ ୪ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ବିରୋଧରେ କଂଗ୍ରେସ ପ୍ରାର୍ଥୀ ଭକ୍ତ ଦାସ ଆଣିଛନ୍ତି ନିର୍ବାଚନୀ ଅନିୟମିତତା ମାମଲା। ସେହିପରି ଜଳେଶ୍ୱର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୩କୁ ଧାର୍ଯ୍ୟ ହୋଇଛି। ପରାଜିତ ଭାଜପା ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ରଙ୍କ ନାଁରେ ନିର୍ବାଚନୀ ଅନିୟମିତତା ମାମଲା ଦାଏର କରିଛନ୍ତି।

# ନୂତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପାଇଁ ପ୍ରକ୍ରିୟା ଆରମ୍ଭ

## ସୁବର୍ଣ୍ଣପୁର ସମେତ ୧୪ ଜିଲାରେ ପ୍ରତିଷ୍ଠା ହେବ

ସୋନପୁର,୧୫।୫(ମୃତ୍ୟୁଞ୍ଜୟ ଶତପଥୀ)

ଗ୍ରାମାଞ୍ଚଳର ଚାଷୀଙ୍କୁ ସମବାୟ ଋଣ ଓ ସେବା ଯୋଗାଇବା ପାଇଁ ଓଡ଼ିଶାର ୧୪ଟି ଜିଲାରେ ନୂତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ(ଡିସିସିବି) ପ୍ରତିଷ୍ଠା ହେବ। ଏନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ(ଓଏସସିବି)ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପତ୍ରସଂଖ୍ୟା ୬୮୧(୮)/୧୫।୦୫।୨୦୨୫ରେ ଅନୁଗୋଳ, କଟକ, ବଲାଙ୍ଗୀର, ବାଲେଶ୍ୱର, ଭବାନୀପାଟଣା, ବୌଦ୍ଧ, କୋରାପୁଟ ଓ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ(ଆର୍‌ସିଏସ୍) ଓ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ପତ୍ରକୁ ଭିତ୍ତିକରି ଓଏସ୍‌ସିବିର ପରିଚାଳନା ନିର୍ଦ୍ଦେଶକ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ସୁବର୍ଣ୍ଣପୁର ଜିଲା ସମେତ ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, ଢେଙ୍କାନାଳ, ଭଦ୍ରକ, ନୂଆପଡା, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ବରଗଡ, ଦେବଗଡ ଓ ଝାରସୁଗୁଡାରେ ନୂତନ ଡିସିସିବି ପ୍ରତିଷ୍ଠା ହେବ। ଏହି ଜିଲାଗୁଡିକରେ ନୂତନ ଡିସିସିବି ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା।



The Odisha State Cooperative Bank Ltd.
Pandit Jawaharlal Nehru Marg
Bhubaneswar – 751 001

Date: 15.05.2025

Sub: Establishment of new District Central Cooperative Banks in the state of Odisha

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କ ଚିଠି।




1045.2025



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଝରଣା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୧୫।

## ଖୋର୍ଦ୍ଧା
- 'ସ୍କିଲ ଅନ୍ ହୁଇଲ' କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଏସ୍‌ଡିଆଇ ଭୁବନେଶ୍ୱର, ତରାବୋଇ, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମୁକୁଳିଶି ଚନ୍ଦନ ଯାତ୍ରା ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ସାହିତ୍ୟ ଉତ୍ସବ ଉଦ୍‌ଘାଟନୀ ପର୍ବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ଅଧିବେଶନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଦ୍ୱିତୀୟ ଅଧିବେଶନ, ସମୟ: ଅପରାହ୍ନ ୨ଟା ୩୦।
- ତୃତୀୟ ଅଧିବେଶନ, ସମୟ: ଅପରାହ୍ନ ୩ଟା ୪୫।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୬ଟା ୩୦, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର।

## ଭଦ୍ରକ
- ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ, ସ୍ଥାନ: ଚରମ୍ପା ବଜାର, ଭଦ୍ରକ, ସମୟ: ସକାଳ ୮ଟା।
- କବି ସଦାନନ୍ଦ ସାହୁଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ବିଶାଣିଖରିଦା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ- ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ନାଗପାଳ ଦୁର୍ଗା ମଣ୍ଡପ ଛକ,ଉଦଳା,ସମୟ: ଅପରାହ୍ନ ୩ଟା।
- ରଥଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା, ସମୟ: ଅପରାହ୍ନ ୪ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- କେନ୍ଦ୍ରୀୟ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜାତୀୟ ଡେଙ୍ଗୁ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ସକାଳ ୯ଟା।

## ନୟାଗଡ଼
- ବିଶ୍ୱ ଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଦିବସ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୭ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୭ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରାର ୧୭ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ: ୧୧ଟା।
- ମହିଳାଙ୍କୁ ମାଣ୍ଡିଆ ଯୁକ୍ତ ଖାଦ୍ୟ ପ୍ରସ୍ତୁତି ତାଲିମ, ମାନପତ୍ର ସହ ଯନ୍ତ୍ରପାତି ପ୍ରଦାନ, ସ୍ଥାନ: କାଶୀପୁର ଡୁଡୁକା ବାହାଲ, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୮ ଟା।

## ସମ୍ବଲପୁର
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମ କାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷ୍ଣୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ : ଜେଲ ଛକ, ସମୟ ସକାଳ ୮ଟା।
- ଓୟୁଏଟିର ନୂତନ ପ୍ରେକ୍ଷାଳୟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଚିପିଲିମା, ସମୟ : ପୂର୍ବାହ୍ନ ୧୦ଟା।
- କେନ୍ଦ୍ରୀୟ ବିଦ୍ୟାଳୟର ଶିଳାନ୍ୟାସ, ସ୍ଥାନ : କୁଚିଣ୍ଡା ମହାବିଦ୍ୟାଳୟ ପରିସର, ସମୟ : ଅପରାହ୍ନ ୩ଟା।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଆତ୍ମରକ୍ଷା ତାଲିମ ଶିବିର ତୃତୀୟ ଦିବସ, ସ୍ଥାନ: ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୮ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଏସ୍‌ଟିଆଇ ଅଞ୍ଚଳ, ସମୟ: ସକାଳ ୫ଟା ୩୦।
- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଧର ଜ୍ଞାନ ବିକାଶ କେନ୍ଦ୍ରରେ ସାହିତ୍ୟ ଆସର, ସ୍ଥାନ: ଜେଲ ରୋଡ, ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲା କଂଗ୍ରେସ ପକ୍ଷରୁ ଦିବଂଗତ ସୈନିକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ସନ୍ଧ୍ୟା ୬ଟା ୩୦।
- କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ସେକ୍ଟର-୩, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼, ସମୟ: ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ ମଣ୍ଡପ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।

## ଦେବଗଡ଼
- ସାର୍ ବାସୁଦେବ ସୁଦ୍ଧଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ, ସ୍ଥାନ: ସେଣ୍ଟର ଫର୍ କଲଚର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ ବାସୁଦେବ ସୁଦ୍ଧଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ସେଣ୍ଟର ଫର୍ କଲଚର, ଦେବଗଡ଼ ସହର, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ବ୍ଲକରେ କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ ଓ ଧାରଣା ତୃତୀୟ ଦିନରେ, ସ୍ଥାନ: ବ୍ଲକ ପରିସର, ସମୟ: ସକାଳ ୭ଟା।
- ତରଭା ଶ୍ରୀହରି ବିଦ୍ୟା ନିକେତନରେ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସକାଳ ୯ଟା ୩୨।

# ଅନ୍ତରୀଣ ସୁରକ୍ଷା ବଳବତ୍ତର ରଖିଲେ ହାଇକୋର୍ଟ

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**

**ଶୁଣାଣି ଶେଷ, ରାୟ ସଂରକ୍ଷିତ**

କଟକ,୧୫।୫(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ଶେଷ ହୋଇଛି। ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ନିର୍ଦ୍ଦେଶକୁ ବଳବତ୍ତର ରଖିବା ସହ ରାୟ ସଂରକ୍ଷିତ ରଖିଛନ୍ତି। ହାଇକୋର୍ଟଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ମଧ୍ୟ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ାଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଁ ଫଁ ବଳଦ ମାରେ ନାହିଁ,**
**ଭୁକିଲା କୁକୁର କାମୁଡ଼େ ନାହିଁ,**
**ଗରଜିଲା ମେଘ ବରଷେ ନାହିଁ।**

ସାମାନ୍ୟତମ ଭୁଲ୍ ପାଇଁ ଅନେକ ବ୍ୟକ୍ତି ରାଗି ଯାଇଥାନ୍ତି ବା ରାଗରେ ଟାଣ କଥା କହିଥାନ୍ତି। ନିଜର ଉପସ୍ଥିତି ଜାହିର କରିବା ନେଇ ତୁଚ୍ଛାଟାରେ ଭଡ଼ଭଡ଼ ହୋଇଥାନ୍ତି। ତେବେ ଟାଣ କରି କଥା କହୁଥିବା ବ୍ୟକ୍ତି କେବେ କାହାରି ଅନିଷ୍ଟ କରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଫଳିଲା ଗଛ ଫୋପଡ଼ ସହେ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ୍ୟ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ସନ୍ତାନ ଯେତେ ଅଧିକ ହେଲେ ମଧ୍ୟ ମା' କୁ କଷ୍ଟ ହୋଇନଥାଏ। ଯେଉଁ ଗଛରେ ଫଳ ଅଛି, ତାକୁ ଫୋପଡ଼ ମାରିଲେ ଫଳ ଝଡିପଡ଼େ। ଯାହା ପାଖରେ କିଛି ଅଛି ତାକୁ ମାଗିଲେ ହୁଏତ ସେ କିଛି ଦେଇଥାଏ। ଧନ, ମାନ ଓ ଗୁଣ ଥିବା ଲୋକକୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆମେରିକା ସହ ଟ୍ରେଡ୍ ଡିଲ୍ ନିଷ୍ପତ୍ତି ହୋଇନି: ଜୟଶଙ୍କର

ଦୋହା/ନୂଆଦିଲ୍ଲୀ,୧୫।୫

ଆମେରିକା ହେଉଛି ଭାରତର ସର୍ବବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪-୨୫ ଆର୍ଥିକବର୍ଷରେ ଭାରତ-ଆମେରିକା ମଧ୍ୟରେ ୧୩୧.୮୪ ବିଲିୟନ୍ ଡଲାର ମୂଲ୍ୟର କାରବାର ହୋଇଥିଲା। ଆମେରିକା ତୁଳନାରେ ଭାରତ ୪୧.୮ ବିଲିୟନ୍ ଡଲାର ଅଧିକ କାରବାର କରିଥିଲା। ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରଠୁ ନିଜ ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ବିଭିନ୍ନ ଦେଶ ସହ ରେସିପ୍ରୋକାଲ ଟାରିଫ୍ ଘୋଷଣା କରିଥିଲେ। ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପ୍ ୨୭% ଟାରିଫ୍ ଧାର୍ଯ୍ୟ କରିଥିଲେ। ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅନୁରୂପ ପଦକ୍ଷେପ ନେବା ପରେ ଟ୍ରମ୍ପଙ୍କ ପଦକ୍ଷେପ ବୈଶ୍ୱିକ ସ୍ତରରେ ଏକ ବାଣିଜ୍ୟ ପାଇଁ ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି କରିଥିଲା। ଏଭଳି ସ୍ଥିତିରେ ରେସିପ୍ରୋକାଲ ଟାରିଫ୍‌କୁ ୯୦ ଦିନ ପାଇଁ ସ୍ଥଗିତ ରଖିବାକୁ ଆମେରିକା ବାଧ୍ୟ ହୋଇଥିଲା। ଏବେ ଟ୍ରମ୍ପ୍ ବିଭିନ୍ନ ରାଷ୍ଟ୍ର ସହ ଟ୍ରେଡ୍ ଡିଲ୍ ପ୍ରକ୍ରିୟା ଜାରି ରଖିଛନ୍ତି। ସାଉଦି ଆରବ ଗସ୍ତ ଶେଷ କରି କାତାରରେ ଥିବା ଟ୍ରମ୍ପ୍ ଗୁରୁବାର ଏକ ପ୍ରେସ୍ କନ୍‌ଫରେନ୍ସରେ କହିଛନ୍ତି, ଭାରତ ଆମେରିକାକୁ 'ଶୂନ ଟାରିଫ୍'ର ଅଫର ଦେଇଛି। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତ ୬୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ କଷୁଥିବା ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରୁ ଟାରିଫ୍ ହଟାଇବାକୁ ପ୍ରଥମ ପର୍ଯ୍ୟାୟ ଡିଲ୍‌ରେ ପ୍ରସ୍ତାବ ଦେଇଛି। ଏଥିସହ ଭାରତକୁ ଆମେରିକା ରପ୍ତାନି କରୁଥିବା ପ୍ରାୟ ୯୦% ଉତ୍ପାଦ ଉପରେ ପ୍ରିଫରେନ୍ସିଆଲ ଆକ୍ସେସ୍ ଦେବାକୁ ମଧ୍ୟ ନୂଆଦିଲ୍ଲୀ କହିଛି। ଏପରି କରାଗଲେ ଟାରିଫ୍ ହ୍ରାସ ପାଇବା ସହ ଆମେରିକା ଭାରତରେ ନିଜ ସାମଗ୍ରୀଗୁଡ଼ିକ ଶସ୍ତାରେ ବିକ୍ରି କରିପାରିବ।



ଡୋନାଲ୍ଡ ଟ୍ରମ୍ପ୍



ଏସ୍. ଜୟଶଙ୍କର

ଭାରତ ସରକାର ଟ୍ରମ୍ପଙ୍କ ଦାବିକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରୁ ନ ଥିବା ଦେଖି ବିରୋଧୀ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛି। ଏଆଇସିସି ସାଧାରଣ ସମ୍ପାଦକ ସଚିନ୍ ପାଇଲଟ୍ କହିଛନ୍ତି, ଜିରୋ ଟାରିଫ୍ ଅଫରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ତାଙ୍କ ସରକାରଙ୍କ ଉଚ୍ଚସ୍ତରରୁ ଏହାକୁ ଖଣ୍ଡନ କରାଯାଉ। ସେହିପରି ଅସ୍ତ୍ରବିରତି ପ୍ରସଙ୍ଗରେ ମଧ୍ୟ ଟ୍ରମ୍ପଙ୍କ ଭୂମିକା କ'ଣ ଥିଲା, ତାହା ସରକାର ସ୍ପଷ୍ଟ କରନ୍ତୁ। ଟ୍ରମ୍ପଙ୍କ ସିଜ୍‌ଫାୟାର ମଧ୍ୟସ୍ଥତା କେତେକ ଧମକ ଓ ଟ୍ରେଡ୍ ଡିଲ୍‌କୁ ନେଇ ପ୍ରଲୋଭନ ଉପରେ ପର୍ଯ୍ୟବସିତ ହୋଇଥିଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଟ୍ରମ୍ପ୍ ଏହାର ଅନ୍ତର୍ଜାତୀୟକରଣ କରିବା ଦ୍ୱାରା ଭାରତର ବୈଶ୍ୱିକ ଆଭିମୁଖ୍ୟ ଦୁର୍ବଳ ହୋଇପାରେ ବୋଲି ପାଇଲଟ୍ କହିଛନ୍ତି। ସେହିପରି କଂଗ୍ରେସ ନେତା ଜୟରାମ ରମେଶ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ୱାଶିଂଟନ୍ ଡିସି ଯାଉଥିବାବେଳେ ଟ୍ରମ୍ପ୍ ଦୋହାରେ ଆଉ ଏକ ବଡ଼ ଘୋଷଣା କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଏହା ଉପରେ ସମ୍ପୂର୍ଣ୍ଣ ନୀରବ। ଟ୍ରେଡ୍ ଡିଲ୍ ସହ 'ଅପରେଶନ୍ ସିନ୍ଦୂର'ର ସମ୍ପର୍କ କ'ଣ ? କଂଗ୍ରେସ ଏମ୍‌ପି ମନୀଷ ତିୱାରୀ କହିଛନ୍ତି, ଆମେରିକାକୁ ଭାରତ ଜିରୋ ଟାରିଫ୍ ଅଫର ଦେଇଥିବା ବିଷୟର ସତ୍ୟତା କେତେ, ସେନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟତା ଆସିବା ଦରକାର। ବାଣିଜ୍ୟ ମନ୍ତ୍ରୀ ଗୋୟଲ ଶୁକ୍ରବାର ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ଆମେରିକା ଯାଉଥିବାବେଳେ ଟ୍ରମ୍ପଙ୍କ ମନ୍ତବ୍ୟ ଓ ବିରୋଧୀଙ୍କ ଦାବି ଭାରତୀୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି, ଯାହାକୁ ଦୂରେଇବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଗେଇ ଆସିଛନ୍ତି। ନୂଆଦିଲ୍ଲୀରେ ହୋଣ୍ଡୁରାସ୍‌ର ନୂଆ ଦୂତାବାସ ଉଦ୍‌ଘାଟନ ଅବସରରେ ଜୟଶଙ୍କର କହିଛନ୍ତି, ଭାରତ ଓ ଆମେରିକା ଟ୍ରେଡ୍ ଡିଲ୍ ଆଲୋଚନା ଏକ ଜଟିଳ ପ୍ରକ୍ରିୟା। ଏହି ଡିଲ୍ ସମ୍ପନ୍ନ ହେଲେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ୫୦୦ ବିଲିୟନ୍ ଡଲାରରେ ପହଞ୍ଚିବ। ଡିଲ୍ ଚୂଡ଼ାନ୍ତ ହୋଇ ନ ଥିବାରୁ କୌଣସି ନିଷ୍କର୍ଷରେ ପହଞ୍ଚିବା ଅପରିପକ୍ୱତା ହେବ।

# ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀଙ୍କ ସମୀକ୍ଷା

**ଜାତୀୟ ରାଜପଥ ବିକାଶ ପାଇଁ ୧୪ ହଜାର କୋଟିର ପ୍ରତିଶ୍ରୁତି ଦେଇଛି କେନ୍ଦ୍ର**

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶାରେ ରାଜପଥ ବିକାଶ ପାଇଁ ଚଳିତ ବର୍ଷ ପ୍ରାୟ ୧୪ ହଜାର କୋଟି ଟଙ୍କାର ପ୍ରତିଶ୍ରୁତି ମିଳିଛି। ଏହି ସୁଯୋଗର ସଦୁପଯୋଗକରି ରାଜ୍ୟରେ ଏକ ସର୍ବଶ୍ରେଷ୍ଠ ତଥା ସୁଦୃଢ଼ ରୋଡ୍ ନେଟ୍‌ୱର୍କ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବାକୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ନିର୍ମାଣ ସୌଧ ସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ମନ୍ତ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତୀକରଣ, ଜମି ଅଧିଗ୍ରହଣ ସମସ୍ୟାର ସମାଧାନ, ଫରେଷ୍ଟ କ୍ଲିୟରାନ୍ସ, ନିରନ୍ତର ଫ୍ଲାଏ ଆଶ୍ ଯୋଗାଣ, ହାଇଲେଭଲ ବ୍ରିଜ୍ ଓ ରେଲୱେ ଓଭରବ୍ରିଜ୍ ନିର୍ମାଣ ଏବଂ ଡିସ୍କମ ଜନିତ ସମସ୍ୟା ସମାଧାନ ସହ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ବରିଷ୍ଠ ଅଧିକାରୀ ଏବଂ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେଇ ଖୋର୍ଦ୍ଧା ସହର ବାଇପାସ୍ ରାସ୍ତା, କଳିଙ୍ଗାଘାଟ ରାସ୍ତାର ପ୍ରଶସ୍ତୀକରଣ, ଖରିଆର ରୋଡ୍ ୪ ଲେନ୍ ବିଶିଷ୍ଟ ରେଲୱେ ଓଭରବ୍ରିଜ୍, କୋରାପୁଟ ଜିଲା ପାତ୍ରପୁଟଠାରେ କୋଲାବ ନଦୀ ଉପରେ ହାଇଲେଭଲ ସେତୁ ନିର୍ମାଣ, ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ଥିବା ରେଲୱେ ଓଭରବ୍ରିଜ୍, ନୟାଗଡ଼ ଟାଉନ୍ ବାଇପାସ୍ ରୋଡ୍, ଜୟପୁର ବାଇପାସ୍ ରାସ୍ତା, କନ୍ଦରପୁର-ବାଲିକୁଦା ରାସ୍ତାର ପ୍ରଶସ୍ତୀକରଣ, କୋଟପାଡ଼ ବାଇପାସ୍ ରାସ୍ତା ନିର୍ମାଣ, ବଲାଙ୍ଗୀର ବାଇପାସ୍ ରାସ୍ତା, ଏନ୍‌ଏଚ୍-୨୨୦ରେ ବୈତରଣୀ ନଦୀରେ ହାଇଲେଭଲ ସେତୁ ନିର୍ମାଣ, ଝାରସୁଗୁଡ଼ା ବାଇପାସ୍ ରାସ୍ତା ଆଦି ବିଭିନ୍ନ ସଡ଼କ ନିର୍ମାଣର ବର୍ତ୍ତମାନ ସ୍ଥିତି ବିଷୟରେ ଅଧିକାରୀମାନଙ୍କ ଠାରୁ ବୁଝିଛନ୍ତି। ବିଭିନ୍ନ ନିର୍ମାଣ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରିହେବ ସେନେଇ ସଞ୍ଜୟ ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ମନ୍ତ୍ରୀ ହରିଚନ୍ଦନଙ୍କୁ ଅବଗତ କରାଇଛନ୍ତି।

# କୃଷି ଓଭରସିଅରଙ୍କ ମାସିକ ଗସ୍ତ ଭତ୍ତା ୪୫୦ରୁ ୧୫୦୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୧୫।୫ (ସୁନିତ୍ ମିଶ୍ର)

କୃଷି ଓଭରସିଅରମାନଙ୍କ ମାସିକ ଗସ୍ତ ଭତ୍ତା ୪୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ପ୍ରସ୍ତାବକୁ ଗୁରୁବାର ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ, କୃଷି ଓଭରସିଅରମାନଙ୍କୁ ଅତି କମ୍‌ରେ ୨୦ ଦିନ ଗସ୍ତ କରିବାକୁ ପଡ଼ିଥାଏ। ପୂର୍ବରୁ ସେମାନଙ୍କ ମାସିକ ଗସ୍ତ ଭତ୍ତା ୩୦୦ ଟଙ୍କା ଥିବାବେଳେ ୨୦୨୩ରେ ଏହା ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ତେବେ ଏହାପରେ ସମାନ ସ୍ତରରେ ଥିବା ଅଧିକାଂଶ ପଦବୀର ମାସିକ ଗସ୍ତଭତ୍ତା ବୃଦ୍ଧି ପାଇଥିଲା। ହେଲେ କୃଷି ଓଭରସିଅରମାନଙ୍କ ଭତ୍ତା ବଢ଼ି ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା କୃଷି ଓଭରସିଅରମାନେ ନିୟମିତ ଭାବେ ଗସ୍ତ କରିବା ପାଇଁ ପ୍ରୋତ୍ସାହିତ ହେବେ। ସୂଚନାଯୋଗ୍ୟ, ରାଜ୍ୟରେ ସମୁଦାୟ ୧୫୬୭ଟି କୃଷି ଓଭରସିଅର ପଦବୀ ଥିବାବେଳେ ବର୍ତ୍ତମାନ ୧୨୫୭ ଜଣ କାର୍ଯ୍ୟରତ ଅଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ପ୍ରଶାସନିକ କାମ ଓ ରାଜନୈତିକ ଦିଗଟି ଭଲ ରହିବ। ସବୁ ସମୟରେ ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସ୍ୱାର୍ଥହାନି ହେତୁ ଚିହିଁକି ଉଠିପାରେ। କର୍ମାଧିପ ଦୁଃସ୍ଥାନସ୍ଥ ଯୋଗୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କ ଆନ୍ତରିକତା ରହିବନି। ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ।

**ବୃଷ** ଦୈହିକ ସୁସ୍ଥତା ସହ ଆର୍ଥିକ ଉନ୍ନତି ମାନସିକ ସ୍ଥିରତା ରକ୍ଷା କରିବାରେ ସହାୟକ ହେବ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବିଚାର ଅମୀମାଂସିତ ରହିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ମାତ୍ର ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମିଥୁନ** ଭୁଲ୍ ବୁଝାମଣା ହେତୁ ବନ୍ଧୁଙ୍କ ସହ ମତାନ୍ତର ଘଟିବା ହେତୁ ସମ୍ପର୍କ ତିକ୍ତ ହେବାର ଆଶଙ୍କା ରହିଛି। ପଡୋଶୀ କିମ୍ବା ସହକର୍ମୀଙ୍କ ସହିତ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ଟେନ୍ସନ ବୃଦ୍ଧି ପାଇବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ବନ୍ଧୁଙ୍କ ସହଯୋଗରୁ କାର୍ଯ୍ୟସିଦ୍ଧି, ସମ୍ମାନ, ପ୍ରଶଂସା ସାଙ୍ଗକୁ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଦୁଃଶ୍ଚିନ୍ତାର କାରଣ ହୋଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ବାରମ୍ବାର କଳହ କାରଣରୁ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ଅବୁଝା ବନ୍ଧୁଙ୍କୁ ମନେଇବାକୁ ପଡିପାରେ। ସମ୍ପର୍କୀୟଙ୍କ ଲୋଭନୀୟ କଥାକୁ ସତ ମନେକରି ଅନୁତାପ କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି ଓ ଯାତ୍ରାରେ ଆଶା ପୂରଣ ହେବ। ଦିନସାରା କଠିନ ଶ୍ରମ ହେତୁ ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** ଆଜି ଯାହା ଓ ଯେମିତି ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। କିନ୍ତୁ ବିବାଦୀୟ ଘଟଣାରେ ଆପଣଙ୍କୁ ଅପଦସ୍ଥ କିମ୍ବା ଅପମାନିତ ହେବାକୁ ପଡିବ। ବ୍ୟବସାୟ, ରାଜନୀତି, ସଂଗଠନ, ଆଲୋଚନା ଏବଂ ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ଆର୍ଥିକ ସଙ୍କଟ କାରଣରୁ ପାରିବାରିକ କ୍ଷେତ୍ର ପୂର୍ବପରି ସନ୍ତୋଷଜନକ ରହି ନ ପାରେ।

**ବିଛା** ଆଜି ଦିନଟିରେ ପ୍ରତ୍ୟେକ କ୍ଷେତ୍ରରେ ମଧ୍ୟମ ପ୍ରକାରର ଫଳ ପାଇବେ। ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡି କର୍ମପ୍ରବାହର ଗତିରୋଧ ଘଟିବ। ବିଭିନ୍ନ ପ୍ରକାର ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ କେବଳ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହେବ। ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ** ବିରୋଧ କରୁଥିବା ବ୍ୟକ୍ତି ଆପଣଙ୍କ ମୁହଁ ସାମ୍ନାରେ ପାଟି ଫିଟିବ ନାହିଁ। କେତେକ କ୍ଷେତ୍ରରେ ମନରେ ଭୟ ଥିଲେ ମଧ୍ୟ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିନେବେ। ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବୁଝାମଣା ଅଭାବରୁ ଭଲ ସମ୍ପର୍କରେ ଫାଟ ସୃଷ୍ଟିର ଆଶଙ୍କା ରହିଛି।

**ମକର** ଆଜି ଘରେ ଯେମିତି ବାହାରେ ମଧ୍ୟ ସବୁଠି ଆଦର, ସହାନୁଭୂତି ପାଇ ଖୁସି ରହିବେ। ଯାତ୍ରାକାଳରେ ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ର, ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ସହ ଆଧ୍ୟାତ୍ମିକତା ଓ ତୀର୍ଥାଟନର ସୁଯୋଗ ପାଇବେ। ଆପଣଙ୍କ ଉପସ୍ଥିତ ବୁଦ୍ଧିର ପ୍ରଶଂସା କରି ପଡୋଶୀ ସହଯୋଗର ହାତ ବଢାଇବେ।

**କୁମ୍ଭ** ପରିସ୍ଥିତିବଶତଃ ଗୁଡ଼ାଏ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବା ସହ ସମ୍ମାନ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ କାଲିର କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ବନ୍ଧୁଗହଣରେ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ।

ଆଜି ମେ' ୧୬ ତାରିଖ, ଜାତୀୟ ଡେଙ୍ଗୁ ଦିବସ(କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ରଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ), ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ରାଶିନକ୍ଷତ୍ର-ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୬ ଗତେ, ଘ.୦୬।୫୮ ମଧ୍ୟେ, ଘ.୧୨।୦୯ ଗତେ, ଘ.୦୨।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୪୩ ମଧ୍ୟେ ରାହୁକାଳ।

# ରାଜକୁମାର ୩ୟ ଥର ଲୋକସେବକ ମଣ୍ଡଳର ସଭାପତି

**ଭୁବନେଶ୍ୱର, ୧୫।୫ (ଅନୁରାଧା ମହାରଣା)**

ସର୍ବଭାରତୀୟ ସେବାମୂଳକ ସଂଗଠନ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ନିର୍ବାଚନରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ସର୍ବସମ୍ମତିକ୍ରମେ ରାଜକୁମାର ନିର୍ବାଚିତ ହୋଇଛନ୍ତି। ୨୦୨୫-୨୭ ବର୍ଷ ପାଇଁ ଏହି ନିର୍ବାଚନ ଦିଲ୍ଲୀର ଲଜପତ୍ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ରାଜକୁମାର ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଲୋକସେବକ ମଣ୍ଡଳ କାର୍ଯ୍ୟନିର୍ବାହୀ ପରିଷଦକୁ ୬ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ମଣ୍ଡଳର ବରିଷ୍ଠ ଆଜୀବନ ସଦସ୍ୟ ଦୀପକ ମାଲବ୍ୟ, ନିରଞ୍ଜନ ରଥ, ରାଜେନ୍ଦ୍ର ଜେନା, ଅନୀତା ଗୋଏଲ, ନିମିଷା ଅମିନ ଓ ନୈନା ଭେକାରିଆ। ଅନୁଷ୍ଠାନର ସମ୍ବିଧାନ ଅନୁଯାୟୀ, କାର୍ଯ୍ୟନିର୍ବାହୀ ପରିଷଦକୁ


ରାଜକୁମାର

ନିର୍ବାଚିତ ହୋଇଥିବା ସଦସ୍ୟଙ୍କ ମଧ୍ୟରୁ ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ପଦାଧିକାରୀ ମନୋନୀତ କରିବେ। ରାଜକୁମାର ୨୮ ଏପ୍ରିଲ ୧୯୫୧ରେ ଡେରାଡୁନରେ ଜନ୍ମଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶ୍ୟାମଲାଲ କଲେଜରୁ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଛାତ୍ରାବସ୍ଥାରୁ ସମାଜସେବା

## କାର୍ଯ୍ୟନିର୍ବାହୀ ପରିଷଦକୁ ୬ ସଦସ୍ୟ ନିର୍ବାଚିତ

ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଥିଲା। ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ଅନୁଭବ କରି ବିଭିନ୍ନ ରାଜନୈତିକ ଦଳ ରାଜନୀତିକୁ ଆସିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜକୁ ସମାଜସେବା କ୍ଷେତ୍ରରେ ନିୟୋଜିତ ରଖିଥିଲେ। ଗାନ୍ଧୀ ବିଚାରର ପ୍ରଚାର ଓ ପ୍ରସାର ପାଇଁ ଦିଲ୍ଲୀର ରାଜଘାଟ ଅହିଂସା ବିଦ୍ୟାଳୟରେ ଯୁବବର୍ଗଙ୍କୁ ସେ ତାଲିମ ପ୍ରଦାନ କରିଥିଲେ। ଜରୁରିକାଳୀନ ପରିସ୍ଥିତିରେ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ଦେଶବ୍ୟାପୀ ଅନୁଷ୍ଠିତ ଆନ୍ଦୋଳନରେ ସକ୍ରିୟତାର ସହ ଅଂଶଗ୍ରହଣ କରିଥିଲେ। ୧୯୮୨ ଅକ୍ଟୋବରରେ ରାଜକୁମାର ଲୋକସେବକ ମଣ୍ଡଳରେ ଯୋଗଦାନ କରିଥିଲେ। ୧୯୮୫ରୁ ଲୋକସେବକ ମଣ୍ଡଳ ପ୍ରୟାଗରାଜ ଶାଖା ଦାୟିତ୍ୱରେ ରହି ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ ପ୍ରୟାସରତ ଅଛନ୍ତି। ୨୦୧୨ରୁ ଦିଲ୍ଲୀ ଶାଖା ଦାୟିତ୍ୱରେ ରହି ବୟସ୍କ, ମହିଳା ଓ ଶିଶୁଙ୍କ କଲ୍ୟାଣ ସହ ବସ୍ତି ଅଞ୍ଚଳର ବ୍ୟାପକ ଉନ୍ନତି କରାଇଛନ୍ତି। ୨୦୨୧ ମାର୍ଚ୍ଚରେ ଲୋକସେବକ ମଣ୍ଡଳ ସଭାପତି ଭାବେ ପ୍ରଥମ ଥର ନିର୍ବାଚିତ ହୋଇଥିଲେ। ସେ ୨୦୨୪ ଫେବୃଆରୀରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଓଡ଼ିଆ ଦୈନିକ ଖବରକାଗଜ 'ସମାଜ'ର ସିଧାସଳଖ ପରିଚାଳନା ଦାୟିତ୍ୱରେ ଅଛନ୍ତି। ସଭାପତି ପଦକୁ କ୍ରମାଗତ ତୃତୀୟ ଥର ନିର୍ବାଚିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓୟୋ ହୋଟେଲ ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୫।୫ (ସତ୍ୟଜିତ ରାଉତ)**

ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ଗତ ୪ରୁ ୫ମାସ ହେଲା ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ପଞ୍ଚସଖାନଗରରେ ଥିବା ଓୟୋ ହୋଟେଲ (ତାସ୍ ଇନ୍ ଗେଷ୍ଟହାଉସ୍)ରେ ଏକ ରୁମ୍‌ରେ ରହୁଥିଲେ। ହେଲେ ବୁଧବାର ବିଳମ୍ବିତ ରାତିରେ ଯୁବତୀଙ୍କ ମୃତଦେହ ହୋଟେଲ ତଳେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତା ଯୁବତୀ ହେଲେ ନୟାଗଡ଼ ଜିଲା ସଦର ଥାନା ଅଞ୍ଚଳର ସୋନାଲି ମହାପାତ୍ର(୨୪)। ସୋନାଲିଙ୍କୁ ତାଙ୍କ ପୁରୁଷବନ୍ଧୁ ଛାତରୁ ଠେଲି ମାରିଦେଇଥିବା ଯୁବତୀଙ୍କ ମା' ପ୍ରମିଳା ଥାନାରେ ଅଭିଯୋଗ କରିଛନ୍ତି। ପୁରୁଷବନ୍ଧୁ ତଥା ରଣପୁରର ବିଭୂତି ପ୍ରତିହାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ଏମ୍‌ସରେ ସୋନାଲିଙ୍କ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନାରେ ଏକ ହତ୍ୟା ମାମଲା(ନଂ.୩୧୨/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୋନାଲି ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସମୟକ୍ରମେ ବିଭୂତିଙ୍କ ସହ ସମ୍ପର୍କ ନିବିଡ଼ ହୋଇଥିଲା। ବିଭୂତି ଓ ସୋନାଲି ଭଡ଼ାସୂତ୍ରରେ ଉକ୍ତ ଓୟୋ ହୋଟେଲର ତୃତୀୟ ମହଲାର (ରୁମ୍ ନଂ.-୩୦୨)ରେ ରହୁଥିଲେ। ବୁଧବାର ରାତିରେ କୌଣସି କାରଣକୁ ନେଇ ରୁମ୍‌ରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ହୋଟେଲ କର୍ମଚାରୀ ଓ ଅନ୍ୟ


ହୋଟେଲ୍ ତଳେ ଯୁବତୀ ପଡ଼ିଥିବାର ସିସିଟିଭିରେ କଏଦ ଦୃଶ୍ୟ।

## ପୁରୁଷବନ୍ଧୁଙ୍କ ନାଁରେ ହତ୍ୟା ମାମଲା

### ୪ ମାସ ହେବ ଏକାଠି ରହୁଥିଲେ

ଅତିଥିମାନେ ରୁଣ୍ଡ ହେବାପରେ ସେମାନେ ଶାନ୍ତ ପଡ଼ିଥିଲେ। ପରେ ଉଭୟ ଛାତ ଉପରକୁ ଚାଲି ଯାଇଥିଲେ। ତେବେ ଛାତ ଉପରେ ଉଭୟଙ୍କ ମଧ୍ୟରେ ଏମିତି କ'ଣ ଘଟିଲା ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୋନାଲିଙ୍କୁ ଏମ୍‌ସ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୋଟେଲ ମାଲିକ ଚନ୍ଦ୍ରମଣି ଦାସ କହିଛନ୍ତି, ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ସୋନାଲି ଓ ବିଭୂତି ହୋଟେଲରେ ୪ରୁ ୫ ମାସ ହେବ ରହୁଥିଲେ। ତେବେ ମ୍ୟାନେଜର ଛୁଟିରେ ଥିବାବେଳେ ସୋନାଲିଙ୍କ ମୃତଦେହକୁ ତଳେ ପଡ଼ିଥିବା ଦେଖି ଡ୍ରାଇଭର ତାଙ୍କୁ ଜଣାଇଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା ବୋଲି ସେ କହିଛନ୍ତି। ଅପରପକ୍ଷରେ ସୋନାଲିଙ୍କ ମା' ପ୍ରମିଳା କହିଛନ୍ତି, ବୁଧବାର ରାତି ପ୍ରାୟ ୧୧ଟାରେ ସୋନାଲି ତାଙ୍କୁ କଲ୍ କରିଥିଲେ। ଭଲ ଲାଗୁନି, ତାଙ୍କୁ ଘରକୁ ନେଇଯିବାକୁ ଝିଅ କହିଥିଲେ। ଏହାପରେ ପ୍ରମିଳା ସକାଳୁ ଆସି ନେଇଯିବେ ବୋଲି କହିଥିଲେ। ତେବେ ଝିଅ ଶିକ୍ଷିତ ପିଲା, ସେ ଏମିତି କାମ କରିବନି, ଛାତରୁ ଡେଇଁବ ନାହିଁ। ବିଭୂତି ତାଙ୍କୁ ଛାତରୁ ପେଲିଦେଇଥିବା ପ୍ରମିଳା କହିଛନ୍ତି। ଜୋନ-୩ ଏସିପି ତାପସ ପ୍ରଧାନ କହିଛନ୍ତି, ପୁରୁଷବନ୍ଧୁଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ହୋଟେଲକୁ ଯାଇ ଯାଞ୍ଚ କରିବା ସହ ଫୁଟ ପ୍ରିଣ୍ଟ, ଫିଙ୍ଗରପ୍ରିଣ୍ଟ, ରକ୍ତ ନମୁନା ଆଦି ସଂଗ୍ରହ କରିଛି। ହୋଟେଲ କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ଏସିପି କହିଛନ୍ତି।

# ପୁଅଝିଅଙ୍କୁ ମାରିଥିବା ବାପା ଆଖିବୁଜିଲେ

■ ପିଲାଙ୍କୁ ବିଷ ଦେଇ ନିଜେ ପିଇଥିଲେ

**ପାରଳାଖେମୁଣ୍ଡି, ୧୫।୫ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଓଡ଼ିଆ ପାରଳା ସାହିରେ ପୁଅଝିଅଙ୍କୁ ବିଷ ଦେଇ ମାରିଥିବା ବାପା ଶୁଭାଶିଷ ପାଣିଗ୍ରାହୀ ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ଆଖି ବୁଜିଛନ୍ତି। ଗତ ମାର୍ଚ୍ଚ ୨୧ତାରିଖରେ ଶୁଭାଶିଷଙ୍କ ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଶୁଭାଶିଷ ବୁଧବାର ପିଲାଙ୍କୁ ବିଷ ପିଆଇ ନିଜେ ପିଇ ଦେଇଥିଲେ। ଏବେ ପୂରା ପରିବାର ଶେଷ ହୋଇଯାଇଛି। କାହିଁକି ଓ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହା ଜଣାପଡି ନାହିଁ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଶୁଭାଶିଷଙ୍କ ଘରେ ତଦନ୍ତ ଆରମ୍ଭ କରିଛନ୍ତି।

ଶୁଭାଶିଷ ବୁଧବାର ମଧ୍ୟାହ୍ନରେ ୮ ବର୍ଷର ପୁଅ ବିଜୟାନନ୍ଦ ଓ ୧୨ ବର୍ଷୀୟା ଝିଅ ପ୍ରିୟଦର୍ଶନୀଙ୍କୁ କୌଣସି ଖାଦ୍ୟରେ ବିଷ ଦେଇ ନିଜେ ତାହାକୁ ଖାଇ ଦେଇଥିଲେ। ଏହାପରେ ସେ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ତାଙ୍କ ବାପା ବୁଟିବାବୁ ପାଣିଗ୍ରାହୀଙ୍କୁ ଫୋନ କରି ଆମେ ବିଷ ଖାଇଦେଇଛୁ ମରିଯିବୁ, ଶେଷଥର ପାଇଁ ଦେଖିଦିଅ ବୋଲି କହିଥିଲେ। ବୁଟିବାକୁ ତୁରନ୍ତ ସେଠାରେ ପହଞ୍ଚି ସାହିପଡିଶା ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୁଅ ବିଜୟାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବାପା ଶୁଭାଶିଷ ଓ ଝିଅ ପ୍ରିୟଦର୍ଶନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୯ଟାରେ ପ୍ରିୟଦର୍ଶନୀ ଓ ଗୁରୁବାର ସକାଳେ ଶୁଭାଶିଷଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡିରେ ପୁଅ ଓ ବ୍ରହ୍ମପୁରରେ ବାପଝିଅଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ. ୧୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ଘରେ ପହଞ୍ଚି ବୁଧବାର ଶୁଭାଶିଷ ରୋଷେଇ କରିଥିବା ବିଭିନ୍ନ ଖାଦ୍ୟ, ପିଇଥିବା ବିଷ ସଂଗ୍ରହ କରିବା ସହ ଖାନତଲାସି କରିଛି। ପୋଲିସ ଘଟଣା ସମ୍ପର୍କରେ ସାହି ପଡୋଶୀ ଓ ପରିବାରବର୍ଗଙ୍କୁ ପଚରାଉଚୁରା କରିଛି। ପୁଅର ଆର୍ଥିକ ସମସ୍ୟା ନ ଥିଲା କି ସେ କୌଣସି ଚାପରେ ନଥିଲେ ବୋଲି ଶୁଭାଶିଷଙ୍କ ବାପା ବୁଟିବାବୁ ସ୍ପଷ୍ଟ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ପିଲାଙ୍କୁ ମାରି ସେ ନିଜେ ଜୀବନ ହାରିଲେ ଓ ପୂର୍ବରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ପଛରେ କାହାର ହାତ ଅଛି ସେ ନେଇ ପୋଲିସ ତଦନ୍ତ ଚଳାଇଛି।


ପରିବାର ସହ ଶୁଭାଶିଷ ପାଣିଗ୍ରାହୀ।

# ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର

**ମୋହନା, ୧୫।୫ (ମନ୍ମଥ ମିଶ୍ର)**

ମୋହନା ବ୍ଲକ୍ ଚନ୍ଦ୍ରଗିରିଠାରେ ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର ହୋଇଛନ୍ତି। ଗୁରୁବାର ସଂକ୍ରାନ୍ତି ଥିବାରୁ ଗ୍ରାମର ଅନେକ ଶ୍ରଦ୍ଧାଳୁ ନିକଟସ୍ଥ ଶିବ ମନ୍ଦିରକୁ ଯାଇଥିଲେ। ପୂର୍ବାହ୍ନ ୧୦ଟାରେ ପୂଜାପାଠ କରୁଥିବା ବେଳେ ହଠାତ୍ ଏକ ଗଛରୁ ବାଘୁଆ ମହୁମାଛି ଶ୍ରଦ୍ଧାଳୁଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେଠାରେ ଥିବା ସମସ୍ତ ବ୍ୟକ୍ତି ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ବ୍ୟକ୍ତି ହେଲେ ନୀଳକଣ୍ଠ ଗୌଡ଼, ସତ୍ୟ ସାହୁ, ଶଶୀଦେବୀ ଦଳାଇ, କିରନ ଦଳାଇ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ପଠାଯାଇଥିବା ଡାକ୍ତର ଗିରିଜା ଶଙ୍କର ନାୟକ କହିଛନ୍ତି। ଅପରପକ୍ଷେ ମହାବିଷୁବ ସଂକ୍ରାନ୍ତି ଦିନ ବାଘୁଆ ମହୁମାଛିଙ୍କ ଆକ୍ରମଣରେ ୪ ଜଣ ଗୁରୁତର ହେବା ସହ ୨୦ ଆହତ ହୋଇଥିଲେ। ଏହିଭଳି ବାରମ୍ବାର ବାଘୁଆ ମହୁମାଛି ଦ୍ୱାରା ଆକ୍ରମଣ ଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।




# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ଯୋଡ଼ା, ୧୫।୫ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନର ଦବୁନା ଓ ଏମ୍‌ସି ଖଣି ନିକଟ ଜଙ୍ଗଲରେ ଏକ ଦନ୍ତାହାତୀ ଆକ୍ରମଣରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଝାଡ଼ଖଣ୍ଡ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ବୟସ ୭୦ରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସେ ଗୁରୁବାର ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ବେଳେ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ।

# 'ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା...

ଡେଙ୍ଗୁ ଜ୍ୱର ଏକ ମଶାବାହିତ ରୋଗ। ଏହି ରୋଗର ନିରାକରଣ ପାଇଁ ଔଷଧ ସହିତ ସଚେତନତା ଜରୁରୀ। ତେଣୁ ଡେଙ୍ଗୁ ଜ୍ୱରକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବଢାଇବା, ଏହାକୁ ପ୍ରତିହତ କରିବାର ଉପାୟ ସମ୍ପର୍କରେ ଜଣାଇବା ଆଦି ଲକ୍ଷ୍ୟରେ ପ୍ରତିବର୍ଷ ମେ' ୧୬କୁ ରାଷ୍ଟ୍ରୀୟ ଡେଙ୍ଗୁ ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା: ସ୍ୱଚ୍ଛ ବାତାବରଣ, ସୁସ୍ଥ ଜୀବନ'। ସହରୀକରଣର ମାତ୍ରାଧିକ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରତିବର୍ଷ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢିବାରେରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ପ୍ରତ୍ୟେକ ବିଭାଗ ଏବଂ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏନେଇ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ) ଡା. ନୀଳମଣୀ ସେନାପତି କହିଛନ୍ତି, ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ବିଶେଷକରି ଘରେ ଏବଂ ଆଖପାଖରେ ଜମୁଥିବା ପାଣିରେ ଜନ୍ମ ନିଅନ୍ତି। ଲୋକେ ସଚେତନ ହୋଇ ନିଜ ଆଖପାଖକୁ ପରିଷ୍କାର ନ ରଖିଲେ, ଜମୁଥିବା ପାଣିକୁ ନିଷ୍କାସନ ନକଲେ ସେଥିରେ ମଶା ବଂଶବିସ୍ତାର କରିବ। ଏଥିରେ କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ ବିଭାଗ କିଛି କରିପାରିବ ନାହିଁ। ସେହିପରି କେବଳ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ, ଏଥିପାଇଁ ସମସ୍ତ ବିଭାଗର ସମନ୍ୱୟ ଏବଂ ବ୍ୟକ୍ତିଗତ ସ୍ତରରେ ଆଗ୍ରହ ରହିବା ଆବଶ୍ୟକ। ପୂର୍ବାପେକ୍ଷା ଲୋକେ ଅଧିକ ସଚେତନ ହୋଇଛନ୍ତି ମାତ୍ର ଏହାକୁ ଆହୁରି ବଢାଇବାକୁ ପଡିବ। ପ୍ରତିବର୍ଷ ରାଜ୍ୟରେ ହଜାର ହଜାର ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି ସ୍ମାର୍ଟସିଟି ଭୁବନେଶ୍ୱର ପାଇଁ ରାଜ୍ୟରେ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍ ଭାବେ ଉଭା ହେଉଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ଦରକାର।



**ରାଷ୍ଟ୍ରୀୟ ଡେଙ୍ଗୁ ଦିବସ**

**-ବନ୍ଦନା ସେଠୀ, ଭୁବନେଶ୍ୱର**

# ଆଲୋକ ସହିତ ଆଗକୁ ବଢ଼ିବା


**ଆଜି ଅନ୍ତର୍ଜାତୀୟ ଆଲୋକ ଦିବସ**

ଚିକିତ୍ସା କ୍ଷେତ୍ରରେ ଲେଜର-ଆଲୋକର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ରହିଛି। ୧୯୬୦ ମସିହାରେ ଲେଜର ଦ୍ୱାରା ସଫଳ ଅସ୍ତ୍ରୋପଚାର ପରେ ଶଲ୍ୟ ଚିକିତ୍ସା ବିଜ୍ଞାନରେ ବିପ୍ଳବ ସୃଷ୍ଟିହୋଇଛି। ସେହି ସଫଳତାକୁ ଜନସାଧାରଣ ମନେପକେଇବା ସକାଶେ ୨୦୧୮ ମସିହାରୁ ପ୍ରତି ବର୍ଷ ମେ' ୧୬ ତାରିଖକୁ 'ଅନ୍ତର୍ଜାତୀୟ ଆଲୋକ ଦିବସ' ଭାବରେ ପାଳନ କରାଯାଇ ଆସୁଛି। ସାରା ପୃଥିବୀରେ ପାଳିତ ହେଉଥିବା ଏହି ଦିବସର ଚଳିତ ବର୍ଷ ପାଇଁ ବାର୍ତ୍ତା ରହିଛି 'ଆଲୋକ, ଅଭିନବୀକରଣ, ସମାଜ'। ବିଜ୍ଞାନ, ସଂସ୍କୃତି, ଶିକ୍ଷା ଓ ନିରନ୍ତର ଉନ୍ନତି ପ୍ରକ୍ରିୟାରେ ଆଲୋକର ଅତୁଳନୀୟ ଅବଦାନ ସମ୍ପର୍କରେ ସମାଜକୁ ଏହି ଦିବସ ଅବଗତ କରିବ। ୨୦୧୫ ମସିହାକୁ ଅନ୍ତର୍ଜାତୀୟ ଆଲୋକ ବର୍ଷ ଭାବରେ ପାଳନ କରାଯାଇଥିଲା। ତା'ପରେ ୨୦୧୭ (ନଭେମ୍ବର) ମସିହାରେ ଆଲୋକ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆମେ ବିଛଣାରୁ ଉଠିଲାଠାରୁ ଶୋଇବା ପର୍ଯ୍ୟନ୍ତ ଆଲୋକ ଜରୁରୀ। ଯଦି ସୂର୍ଯ୍ୟ ନ ଥାନ୍ତା କିମ୍ବା ଆମେ ବତି ଜାଳିବା ଜାଣି ନ ଥାନ୍ତୁ, ତେବେ ଆମର ଜୀବନଶୈଳୀ ପୂରାପୂରି ଅଲଗା ହୋଇଥାଆନ୍ତା। ନିଆଁର ବ୍ୟବହାର ଆମ ସଭ୍ୟତାକୁ ଯେମିତି ଉନ୍ନତ କରିଛି, ଆଲୋକର ବ୍ୟବହାର ଆମ ଜୀବନଶୈଳୀକୁ ସୁଖମୟ କରିଛି। ଆଲୋକ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିଉତ୍ସ।



ଲେଜର ଆଲୁଅର ବ୍ୟବହାର ରୋଗ ନିଦାନ ଓ ଚିକିତ୍ସା ପଦ୍ଧତିକୁ ନୂଆ ଦିଗ ଦେଖେଇଛି। ଅପ୍ଟିକାଲ ଫାଇବର ଦ୍ୱାରା ଆଜି ଅଧିକ ବେଗସମ୍ପନ୍ନ ଇଣ୍ଟରନେଟ୍ ସମ୍ଭବ ହୋଇପାରିଛି। ପରିବେଶକୁ ସୁସ୍ଥ ରଖିବା ଓ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବା ଦିଗରେ ଲେଜର ରଶ୍ମିର ଜରୁରୀ ବ୍ୟବହାର କରାଯାଉଛି। ଆମେ ଯଦି ଆଲୋକକୁ ଭୁଲିଯିବା, ତେବେ ଆମର ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ଅକାମୀ ହୋଇଯିବ। କ୍ୟାମେରା ଫଟୋ ଉଠେଇପାରିବ ନାହିଁ। ମୋବାଇଲ ଓ ଟିଭିର ପରଦା ଅନ୍ଧକାର ହୋଇଯିବ। ବିଜୁଳିବତି ନ ଜଳିଲେ ଆମେ ଅନ୍ଧ ହୋଇଯିବା। ଏଥିରୁ ସ୍ପଷ୍ଟ ଅନୁମେୟ - ଆଲୋକ ଆମ ଜୀବନର ଜରୁରୀ ଅଙ୍ଗ। ତେଣୁ ଆଜି ଦିନରେ ଗବେଷଣା ଅନୁଷ୍ଠାନଗୁଡିକ ଏକ ମନ ହୋଇ ଆଲୋକର ଯଥାର୍ଥ ବ୍ୟବହାର ପୂର୍ବକ ସମାଜରେ ଶାନ୍ତି ଓ ପ୍ରଗତି ପ୍ରତିଷ୍ଠା କରିବା ପାଇଁ ୟୁନେସ୍କୋ ଆହ୍ୱାନ କରିଛି। ଆଲୋକ ଶୂନ୍ୟରେ ଏକ ସେକେଣ୍ଡରେ ୩ ଲକ୍ଷ କିଲୋମିଟର ଗତି କରିପାରେ। ତେଣୁ ଏହାର ବେଗ ସର୍ବାଧିକ। ଆମକୁ ଆଲୋକ ସହିତ ପାଦ ପକେଇ ଆଗକୁ ବଢିବାକୁ ହେବ।

**-ଡ. କମଳାକାନ୍ତ ଜେନା,** ପ୍ରାଧ୍ୟାପକ, ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ, ମୋ : ୯୪୩୯୫୦୧୬୫୧



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। –ଶ୍ରୀଅରବିନ୍ଦ



# ମହାସାଗରରେ ପ୍ଲାଷ୍ଟିକ ପ୍ରଦୂଷଣ



ରୋମେନ ଟ୍ରବଲ

୧୯୭୦ ଦଶକରେ ସମୁଦ୍ରରେ ପ୍ଲାଷ୍ଟିକ ବର୍ଜ୍ୟ ପ୍ରଦୂଷଣ ସମସ୍ୟା ପ୍ରଥମେ ସାମ୍ନାକୁ ଆସିଥିଲା। ଏହାର ଅର୍ଦ୍ଧଶତାବ୍ଦୀ ପରେ ଏହି ସମସ୍ୟା ବ୍ୟାପକ ହୋଇଛି। ମହାସାଗରରେ ତାରା ଓସେନ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ବୈଜ୍ଞାନିକ ଅଭିଯାନ ବା ଜଳଯାତ୍ରା (ଏଥିରେ ମୁଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛି) ସମୟରେ ଏହା ଜଣାପଡ଼ିଛି। ମାଛଧରା ଜାଲଗୁଡ଼ିକର ବୃହତ୍ ଆକାରର ବର୍ଜ୍ୟ ଏବଂ ସାମୁଦ୍ରିକ ଜୀବ ଉପରେ ସେଗୁଡ଼ିକର ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ଏଥିରେ ବର୍ଷକୁ ୧୦ ଲକ୍ଷ ସାମୁଦ୍ରିକ ପକ୍ଷୀ ଏବଂ ୧ ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ଛନ୍ଦି ହୋଇ କିମ୍ବା ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରୁଥିବା ଆକଳନ କରାଯାଇଛି। ପରିସଂସ୍ଥା ଉପରେ ଏହାର ପ୍ରଭାବ ମଧ୍ୟ ପଡ଼ୁଛି।

ମାଇକ୍ରୋପ୍ଲାଷ୍ଟିକ (ଅତି କ୍ଷୁଦ୍ର ପ୍ଲାଷ୍ଟିକ କଣିକା) ଅଦୃଶ୍ୟ, କିନ୍ତୁ ଏହା ବ୍ୟାପକ। ଏସବୁ ମହାସାଗରର ଗଭୀରତମ ପ୍ରଦେଶ ଏବଂ ସମସ୍ତ ସାମୁଦ୍ରିକ ଜୀବଠାରେ ଦେଖାଯାଇଛି। ମାଇକ୍ରୋପ୍ଲାଷ୍ଟିକ ମଧ୍ୟ ବ୍ୟାକ୍ଟେରିଆ ଓ ଭୂତାଣୁ ସମୁଦାୟକୁ ପରିବର୍ତ୍ତନ କିମ୍ବା ବୃଦ୍ଧି କରିପାରେ ଏବଂ ଖାଦ୍ୟ ଶୃଙ୍ଖଳରେ ବିଷାକ୍ତ ରାସାୟନିକ ଖେଳାଇଦେଇଥାଏ (ବହୁ ସମୟରେ ସାମୁଦ୍ରିକ ଜୀବଙ୍କୁ ଖାଇବା ପରେ ଏହା ଘଟିଥାଏ)। କେତେକ ବିଷାକ୍ତ ପଦାର୍ଥ ପ୍ଲାଷ୍ଟିକର ରାସାୟନିକ ପ୍ରକ୍ରିୟା ସହ ଜଡ଼ିତ ଥାଏ। ପ୍ଲାଷ୍ଟିକ ମହାସାଗରରେ ପ୍ରବେଶ କରିବା ପୂର୍ବରୁ ଏଥିରେ ଥିବା କେତେକ କୀଟନାଶକ ଓ ଭାରି ଧାତବ ରହିଥାଏ, ଯାହା ଖାଦ୍ୟ ଶୃଙ୍ଖଳରେ ସହଜରେ ପ୍ରବେଶ କରିଥାଏ। ଏହି ବିଷାକ୍ତ ପଦାର୍ଥ କିଭଳି ପ୍ଲାଷ୍ଟିକ ସହ ଜଡ଼ିତ ଥାଏ ଏବଂ ପ୍ରତିକ୍ରିୟା ପ୍ରକାଶ କରେ ତାହା ହିଁ ଗଭୀର ଅନୁଧ୍ୟାନର ବିଷୟ। ରାସାୟନିକ ପ୍ରକ୍ରିୟାରେ ଏଥିଲିନ, ଷ୍ଟାଇରେନ ଏବଂ ପ୍ରୋପିଲିନର ସମାନ ଅଣୁଗୁଡ଼ିକ (ମୋନୋମର୍ସ) ବାନ୍ଧିହୋଇ ପଲିମର ଯଥାକ୍ରମେ ପଲିଏଥିଲିନ, ପଲିଷ୍ଟିରିନ ଏବଂ ପଲିପ୍ରୋପିଲିନ ଭଳି ପ୍ଲାଷ୍ଟିକ ଗଠନ କରିଥାନ୍ତି। କିନ୍ତୁ ପଲିମରିଜେଶନ ପ୍ରକ୍ରିୟା ବହୁ ସମୟରେ ଠିକ୍ ରହି ନ ଥାଏ ଏବଂ ଏଥିଲିନ, ଷ୍ଟାଇରେନ ଓ ପ୍ରୋପିଲିନର କେତେକ କ୍ଷୁଦ୍ର ଅଣୁ ପ୍ଲାଷ୍ଟିକରେ ରହିଯାଇଥାଏ। ଏହା ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ କ୍ଷତିକାରକ। ଏହାସହ ଫିଲର୍ସ, କଲୋରାଣ୍ଟସ୍, ଫ୍ଲେମ୍ ରିଟାର୍ଡାଣ୍ଟସ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭଳି କେତେକ କେମିକାଲ ପଲିମର ତିଆରିରେ ବ୍ୟବହାର କରାଯାଇ ତାହାର ଗୁଣ ବୃଦ୍ଧି କରାଯାଏ। ଏହା ସହ ଉତ୍ପାଦ ପ୍ରସ୍ତୁତିରେ ନନ୍ ଇଣ୍ଟେଶନାଲି ଆଡେଡ୍ ସବ୍‌ଷ୍ଟାନ୍ସ (ଏନ୍‌ଆଇଏଏସ୍)ଭଳି ପ୍ରଦୂଷଣକାରୀ ତଥା ବିଷାକ୍ତ ଜିନିଷ ବ୍ୟବହାର କରାଯାଇଥାଏ। ଅଧିକାଂଶ କ୍ଷେତ୍ରରେ ପ୍ଲାଷ୍ଟିକର ଗୁଣ ବୃଦ୍ଧି ପାଇଁ ମିଶା ଯାଉଥିବା ରାସାୟନିକ ପଦାର୍ଥ ଏବଂ ଏନ୍‌ଆଇଏଏସ୍ ରାସାୟନିକ ପ୍ରକ୍ରିୟାରେ ପଲିମର ଚେନ୍‌ରେ ବାନ୍ଧି ନ ହୋଇ ମୁକ୍ତ ଅବସ୍ଥାରେ ରହିଯାଆନ୍ତି। ଫଳରେ ପ୍ଲାଷ୍ଟିକ ବ୍ୟବହାର ଏବଂ ସେଗୁଡ଼ିକୁ ବାହାରେ ଫିଙ୍ଗିଦେବା ଦ୍ୱାରା ବିଷାକ୍ତ କଣିକାସବୁ ପାଣି, ପବନ ଏବଂ ବିଭିନ୍ନ ପଦାର୍ଥରେ ପ୍ରବେଶ କରିବାର



ସମ୍ଭାବନା ଅଧିକ ଥାଏ। ଏହିଭଳି ୧୬,୦୦୦ ଅଣୁ ବା କ୍ଷୁଦ୍ର କଣିକା ଚିହ୍ନଟ କରାଯାଇଛି, କିନ୍ତୁ ସମ୍ପୂର୍ଣ୍ଣ ଭାବେ ସେଗୁଡ଼ିକର ପ୍ରଭାବ ଓ ବିଷାକ୍ତ ଗୁଣ ସମ୍ପର୍କରେ ଜଣାପଡ଼ିନାହିଁ। କଣିକାଗୁଡ଼ିକ ଏକାଠି ହେଲେ ବିଷାକ୍ତଗୁଣ ପରିବର୍ତ୍ତନ ହୋଇପାରେ। ଆମେ ଜାଣୁ ଯେ, ୧୬,୦୦୦ ଅଣୁ ମଧ୍ୟରୁ ଏକ ଚତୁର୍ଥାଂଶ ଜୀବମାନଙ୍କ ଜୈବରାସାୟନିକ ପ୍ରକ୍ରିୟାରେ ବାଧକ ସାଜି ମଣିଷ ଶରୀର କିମ୍ବା ପରିବେଶ ପ୍ରତି କ୍ଷତିଘଟାଉଛି।

ସମୁଦ୍ର, ନଦୀ, ହ୍ରଦ ଓ ଅନ୍ୟାନ୍ୟ ଜଳ ଉତ୍ସରେ ପ୍ଲାଷ୍ଟିକର କ୍ଷୁଦ୍ରତମ ଓ ବିଷାକ୍ତ ପ୍ରଦୂଷଣକାରୀ କଣିକା ମିଶିଚାଲିଛି। ଏହାକୁ ରୋକିବା ଏକ କଠିନ କାର୍ଯ୍ୟ ଏବଂ ଏହି ଦାୟିତ୍ୱ ସହଜରେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ତଥାପି ବୈଜ୍ଞାନିକମାନେ ଏହି ସମସ୍ୟା ଦୂର କରିବାକୁ ଚେଷ୍ଟା କରୁଛନ୍ତି। ଉଦାହରଣସ୍ୱରୂପ, ତାରା ୟୁରୋପା ଅଭିଯାନ ୟୁରୋପିଆନ ମଲିକ୍ୟୁଲାର ବାୟୋଲୋଜି ଲାବରେଟୋରି ଏବଂ ସେହି ମହାଦେଶର ୭୦ରୁ ଅଧିକ ବିଜ୍ଞାନ ଅନୁଷ୍ଠାନର ମିଳିତ ସହଯୋଗରେ ପ୍ରୟାସ ଜାରି ରଖିଛି। ପ୍ଲାଷ୍ଟିକର କ୍ଷତିକାରକ କଣିକା ୟୁରୋପୀୟ ଦେଶଗୁଡ଼ିକ ସଂଲଗ୍ନ ସମୁଦ୍ର ଓ ମହାସାଗରରେ କିଭଳି ମିଶୁଛି ତାହା ଉପରେ ଦୁଇବର୍ଷ ହେଲା ଅନୁଧ୍ୟାନ କରୁଛି। ଏହାର ସିଦ୍ଧାନ୍ତ ଖୁବ୍‌ଶୀଘ୍ର ପ୍ରକାଶ କରିବା ପାଇଁ ମଧ୍ୟ ଯୋଜନା କରାଯାଇଛି। ପ୍ଲାଷ୍ଟିକ ବିଷାକ୍ତ ବର୍ଜ୍ୟ ଓ ଗଦାହୋଇ ରହୁଥିବା ପ୍ଲାଷ୍ଟିକ ଖଣ୍ଡ କେବଳ ମହାସାଗରକୁ କ୍ଷତି କରୁଛି ତାହା ନୁହେଁ, ବରଂ ପ୍ଲାଷ୍ଟିକ ଶିଳ୍ପ ମଧ୍ୟ ଜଳବାୟୁ ପରିବର୍ତ୍ତନରେ ପ୍ରମୁଖ ଭୂମିକା ନେଉଛି। ବିଶ୍ୱରେ ହେଉଥିବା ମୋଟ ସବୁଜଗୃହ ବାଷ୍ପ(ଜିଏଚ୍‌ଜି) ନିର୍ଗମନର ୩.୪% ଏହି ଶିଳ୍ପ ଯୋଗୁ ହେଉଛି। ପ୍ଲାଷ୍ଟିକ ଉତ୍ପାଦନ ଯୋଗୁ ଏହା ବୃଦ୍ଧି ପାଇ ୨୦୫୦ ସୁଦ୍ଧା ୧୫% ହେବ ବୋଲି ଆକଳନ କରାଯାଉଛି। ଏହାଦ୍ୱାରା ବିଶ୍ୱତାପନ ବୃଦ୍ଧି ଘଟିବା ସହ ସାମୁଦ୍ରିକ ଜୀବଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ସହିତ ଜଳର ତାପମାତ୍ରା ମଧ୍ୟ ବୃଦ୍ଧି କରିବ।

କେବଳ ମହାସାଗର ନୁହେଁ, ପ୍ଲାଷ୍ଟିକ ସମଗ୍ର ଜୈବମଣ୍ଡଳର ଅବକ୍ଷୟ କରୁଛି। ଏଣୁ ଏହା ଏକ ବର୍ଜ୍ୟ ସମସ୍ୟା ନୁହେଁ, ଯାହାକୁ ପରିବେଶ ପାଇଁ ଚିନ୍ତା କରୁଥିବା କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଅନୁସୃତ ରିସାଇକ୍ଲିଂ ପଦକ୍ଷେପ ମାଧ୍ୟମରେ ସମାଧାନ କରାଯାଇପାରିବ। ଏହା ଏକ ବ୍ୟବସ୍ଥାଗତ ସଙ୍କଟ, ଯାହାର ସମାଧାନ ପାଇଁ ଅର୍ଥବ୍ୟବସ୍ଥା ଦିଗରୁ ବ୍ୟାପକ ପଦକ୍ଷେପ ଲୋଡ଼ା। ପ୍ଲାଷ୍ଟିକ୍‌କୁ ଏକ 'ନୂଆ ତତ୍ତ୍ୱ' ଭାବେ ବୁଝିବା ସହ ତାହା କିଭଳି ପରିବେଶରେ ନ ମିଶିବ ସେଥିପାଇଁ ଏକ ଉତ୍ତମ ଦୃଷ୍ଟିକୋଣ ଆପଣାଇବା ଦରକାର। ଏଭଳି ଦୃଷ୍ଟିକୋଣ ଷ୍ଟକ୍‌ହୋମ ରିଜିଲେନ୍ସ ସେଣ୍ଟର 'ପ୍ଲାନେଟୋରି ବାଉଣ୍ଡରିଜ୍' ଉପରେ କାମ କରିବାବେଳେ ଆପଣାଇଥିଲା ଏବଂ ପରେ ଆମେରିକା ତାହାକୁ ସମର୍ଥନ କରିଥିଲା। ତେବେ ପ୍ଲାଷ୍ଟିକ କ୍ଷତିର ସୀମା ଠିକ୍ ଭାବେ ନିର୍ଣ୍ଣୟ କରିବା ଅସମ୍ଭବ ବୋଲି ସ୍ୱୀକାର କରାଯାଉଥିବାବେଳେ ଏଭଳି ଦୃଷ୍ଟିକୋଣ ପ୍ଲାଷ୍ଟିକ ବ୍ୟବହାର ଶୀଘ୍ର ହ୍ରାସ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଏ।

ଗବେଷଣାରୁ ଜଣାପଡ଼ିଛି ଯେ,ବିଶ୍ୱରେ ପ୍ଲାଷ୍ଟିକ ଉତ୍ପାଦନ ଅଧା ହ୍ରାସ କରିବା ଆର୍ଥିକ ଦୃଷ୍ଟିରୁ ସମ୍ଭବ ହେବ। ଏହାପାଇଁ ଯେତିକି କ୍ଷତି ହେବ ତାହା ନିଶ୍ଚିତ ଭାବେ ନିଷ୍କ୍ରିୟତା ବା କୌଣସି ପଦକ୍ଷେପ ନ ନେବା ଯୋଗୁ ହେଉଥିବା କ୍ଷତିଠାରୁ କମ୍। କିନ୍ତୁ ନିକଟରେ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ଏଭଳି ଉତ୍ପାଦନ ହ୍ରାସ ପ୍ୟାରିସ ଚୁକ୍ତିରେ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ସକାଶେ ଯଥେଷ୍ଟ ନାହିଁ। ସେମାନେ ଜାଣିବାକୁ ପାଇଛନ୍ତି ଯେ, ଏହି ଲକ୍ଷ୍ୟ ପୂରଣ ଲାଗି ୨୦୧୫( ଯେଉଁ ସମୟରେ ପ୍ୟାରିସ ଜଳବାୟୁ ଚୁକ୍ତି ହୋଇଥିଲା) ତୁଳନାରେ ପ୍ଲାଷ୍ଟିକ ଉତ୍ପାଦନ ୭୫% ହ୍ରାସ କରିବାକୁ ପଡ଼ିବ।

ଏହି ବୈଶ୍ୱିକ ସଙ୍କଟର ସମାଧାନ ପାଇଁ ଆଇନଗତ ଭାବେ ନିବେଶ ସଞ୍ଚାଳନ ଅତ୍ୟନ୍ତ ଜରୁରୀ ଏବଂ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଉତ୍ପାଦନ ହ୍ରାସ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଯେତିକି ଉତ୍ପାଦନ ହେବ ସେସବୁର ବ୍ୟବହାର ସମୟସୀମା ବା ଲାଇଫସ୍ପାନ ବୃଦ୍ଧି କରାଯିବା ସହ ପୁନଃବ୍ୟବହାର ତଥା ମରାମତିକୁ ପ୍ରୋତ୍ସାହିତ କରାଯିବା ଉଚିତ। ପ୍ଲାଷ୍ଟିକ ବଦଳରେ କାଗଜ, କାର୍ଡବୋର୍ଡ, ଆଲୁମିନିୟମ, ଷ୍ଟିଲ ଓ କାଚ ଭଳି ଫିଙ୍ଗାଯୋଗ୍ୟ ଜିନିଷ ଦ୍ୱାରା ପ୍ୟାକେଜିଂ ସ୍ୱଳ୍ପକାଳୀନ ସମାଧାନ ଆକର୍ଷକ ମନେହେଉଥିଲେ ମଧ୍ୟ ଏଭଳି ପଦକ୍ଷେପ ପ୍ରକାଶ ପାଇଥିବା ପ୍ରଦୂଷଣଜନିତ ସମସ୍ୟାର ତୀବ୍ରତାକୁ ହ୍ରାସ କରିପାରିବ ନାହିଁ।

ଆମ ଅର୍ଥ ବ୍ୟବସ୍ଥାଗୁଡ଼ିକ ବଢୁଥିବାବେଳେ ଏକ ବାସୋପଯୋଗୀ ତଥା ସୁସ୍ଥ ପୃଥିବୀ ଅନିବାର୍ଯ୍ୟ ହୋଇଗଲାଣି। ଏହି ସମୟରେ ଏବକାର ପରିସଂସ୍ଥାଗତ ଆବଶ୍ୟକତାର ଅର୍ଥନୈତିକ ବାସ୍ତବତାକୁ ଅଣଦେଖା କିମ୍ବା ଅସ୍ୱୀକାର କରିବା ମାନେ ଏକ ସ୍ଥାୟୀ ତଥା ଉପଯୋଗୀ ପରିବେଶ ପାଇଁ ଅତି ଆବଶ୍ୟକ ମାନବୀୟ କାର୍ଯ୍ୟକଳାପ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜିଦେବା। ପରିବେଶ ବିରୋଧରେ କାମ କରିବା ପରିବର୍ତ୍ତେ, ଏହା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ଏବଂ ତାହା ହିଁ ପ୍ଲାଷ୍ଟିକ ବର୍ଜ୍ୟ ସମସ୍ୟାର ସମାଧାନରୁ ଆରମ୍ଭ ହେବା ଦରକାର।

**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,**
**ତାରା ଓସେନ ଫାଉଣ୍ଡେସନ**

# କେବେ ରାଣ ଖାଇଛ



ଦୀପ୍ତିମୟୀ ନାୟକ

ରାଣ ଭିତରେ ଥାଏ ଆତ୍ମୀୟତା। ଏହି ରାଣ ଯେତେବେଳେ ଯାହାକୁ ପକାଯାଏ ସେତେବେଳେ ସେହି ଲୋକଟି ହସିକି କହିଦେଇଥାଏ ତୋତେ କ'ଣ ଏହି ରାଣ ଛଡା ଆଉ କିଛି ଆସେନାହିଁ। ଆଉ ତାକୁ ରାଣ ପକେଇଥିବା ଲୋକଟି କହିଦେଇଥାଏ ମୋତେ ସବୁ ଆସେ, ବାସ୍ ତୁମେ ମୋ ରାଣରେ କେତେ ଲୋଭ ରଖ ସେଇଟା ଜାଣିବା ପାଇଁ ରାଣ ପକାଉଥିଲି । ତେବେ ଏହି ରାଣ ଶବ୍ଦଟି ଛୋଟବେଳୁ ଶୁଣି ଆସିଛି । ସ୍କୁଲରେ କେହି ଯଦି କାହା ସହ ଝଗଡା କରନ୍ତି କିମ୍ବା କେହି ଯଦି କାହା ସହ କଥା ହେବାକୁ ଚାହାନ୍ତି ନାହିଁ ସେତେବେଳେ କହିଦିଅନ୍ତି ତୋ ବାପା ବୋଉ ରାଣ ତୁ ମୋ ସହ କଥା ହେବୁନୁ । ପିଲା ଯଦି କୌଣସି ଖାଦ୍ୟ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଛି ସେତେବେଳେ ମା' ମଧ୍ୟ କୁହନ୍ତି ତୋତେ ମୋ ରାଣ, ତୋତେ ତୋ ବାପା ରାଣ ତୁ ଆସେ ଖାଇବୁ । ଭାଇ ଯଦି ଭଉଣୀ ସହ ରାଗିଛି ତା'ହେଲେ ଭଉଣୀ ମଧ୍ୟ ଅନେକ ଥର କହିଛି ତୋତେ ମୋ ରାଣ ତୁ ଆଉ ମୋ ଉପରେ ରାଗେନି । ଭଉଣୀ ଯଦି ଘରେ ରୁଷିକି କିଛି ଖାଉନି ଭାଇ ମଧ୍ୟ ଭଉଣୀର ହାତ ଧରି କହିଥାଏ ତୋତେ ମୋ ରାଣ ଚାଲ ଖାଇବୁ । ଠିକ୍ ସେହିପରି ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧୁରତା ଭିତରେ ରାଣର ବିଶେଷ ଭୂମିକା ରହିଛି । କେବଳ ସ୍ୱାମୀ ସ୍ତ୍ରୀ କାହିଁକି ମଣିଷ ବଞ୍ଚିଥିବା ଯାଏ ଏ ରାଣ ଖାଇଛି । ସେଥିପାଇଁ କୁହାଯାଏ ସବୁ ଖାଇ ହେବ ଏ ରାଣ ଖାଇବା ବହୁତ କଷ୍ଟ ହୋଇଯିବ। ତେବେ ଏ ରାଣ ଶିଖେଇଛି ଦୁଷ୍ଟାମି ଛାଡିବା । ରାଣ ଶିଖେଇଛି ଅନ୍ୟଠୁ ଦୂରେଇ ରହିବା ଆଉ ଏହି ରାଣ ଶିଖେଇଛି ନିଜ ପସନ୍ଦର ଲୋକଙ୍କ ପାଖେ ପାଖେ ରହିବା । କାହିଁକି ନା ଯେତେବେଳେ ଆମ ରାଣ ଉପରେ କିଏ ଲୋଭ କରିବା ଆରମ୍ଭ କରିଦେଇଥାଏ ସେତେବେଳେ ସେମାନଙ୍କ ପ୍ରତି ଆମମାନଙ୍କ ଭଲପାଇବା କାହିଁକି କେଜାଣି ହଠାତ୍ ବଢ଼ି ଯାଇଥାଏ । ଆଉ ଯେତେବେଳେ କୌଣସି ଆପଣାର ଲୋକ ଆମ ରାଣ ରଖେନି ସେତେବେଳେ ହୁଏତ ଭଲପାଇବା କମେନି, କିନ୍ତୁ ଆମ ଆପଣାର ଲୋକଗୁଡ଼ା ଯେମିତି ଆମକୁ ନିଜର ଭାବନ୍ତିନି ବୋଲି ଅନୁଭବ ହୋଇଥାଏ। ଅନେକ ସମୟରେ ମନ କଷ୍ଟ ହୁଏ। ଏଥିପାଇଁ ଅନେକଙ୍କ ମଧ୍ୟରେ ଝଗଡା ମଧ୍ୟ ହୁଏ କେବଳ ଏଥିପାଇଁ ଯେ ତୁମେ କାହିଁକି ମୋ ରାଣ ରଖିଲନି। ସତ କହିବାକୁ ଗଲେ ଏ ରାଣ ସୁଖ-ଦୁଃଖ, ହସ-ଖୁସି, ରାଗ-ରୁଷା, ମାନଅଭିମାନ ଭିତରେ ଥାଏ । ରାଣ ହିଁ ଅନେକଙ୍କ ମନ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ । ଯେମିତି କି ତୋତେ ତୋ ବାପା ବୋଉ ରାଣ ତୁ ସେଠିକି ଯିବୁନୁ। ତୋତେ ମୋ ରାଣ ତୁ ଭୁଲ ରାସ୍ତା କିଛି ବାଛିବୁନି। ତୋତେ ମୋ ରାଣ ତୁ ତା ସହ ମିଶିବୁନି। ତୋତେ ମୋ ରାଣ ତୁ ମୋ ଛଡା ଆଉ କାହାକୁ ଚାହିଁବୁନି।

ତେବେ ଆଜିକାଲି ଅନେକ ଲୋକ ମଧ୍ୟ ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବା ପାଇଁ ରାଣ ପକେଇଥାନ୍ତି । ଯେମିତି କି ବିଦ୍ୟାରାଣ, ଠାକୁରଙ୍କ ରାଣ, ସବୁରାଣ, ବାପା ବୋଉଙ୍କ ରାଣ, ଆଖି ରାଣ, ଭାଇ ରାଣ, ଭଉଣୀ ରାଣ, ସ୍ୱାମୀ ରାଣ, ସ୍ତ୍ରୀ ରାଣ ଏମିତି ଅନେକ ରାଣ ରହିଛି, ଯେଉଁ ରାଣଗୁଡିକ ସତକୁ ସତ ଆଉ ମିଛକୁ ମିଛ ବୋଲି କହିବାରେ ସାହସ ଜୁଟେଇଛି । କିନ୍ତୁ ବର୍ତ୍ତମାନ ସମୟରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ମିଛ କଥାରେ ମଧ୍ୟ ରାଣ ପକେଇ ଦେଇଥାଆନ୍ତି । ସେଥିପାଇଁ ଆଜିକାଲି ଦୁନିଆରେ ଯଦି କେହି କାହା ସାମ୍ନାରେ ସତ କହିବାକୁ ଯାଇ ରାଣ ଖାଇଦେଉଛି ଲୋକମାନେ ମଧ୍ୟ ତା' ଉପରେ ହସିବା ଆରମ୍ଭ କରିଦେଉଛନ୍ତି, ଶେଷରେ କହିଦେଉଛନ୍ତି ତୁ କେଉଁ ଯୁଗରେ ଅଛୁ ।

ସତ କହିବାକୁ ଗଲେ ସେହି ପୁରୁଣାକାଳିଆ ଲୋକ ହିଁ ବହୁତ ଭଲ ଥିଲେ, ଯେଉଁମାନେ ଅନ୍ୟାୟ ଦେଖିଲେ ମୁହଁ ଉପରେ ଜବାବ ଦେଉଥିଲେ। ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବାପାଇଁ ରାଣ ଖାଇଦେଉଥିଲେ । ରାଣ ଖାଇବା କୌଣସି ଖରାପ କଥା ନୁହେଁ, ଛୋଟବେଳୁ ଯାହା ଶିଖିଛେ ତାହା ହିଁ ତ କହୁଛେ । କିଛି ଲୋକ ଅଭିମାନରେ ମଧ୍ୟ ଅନ୍ୟକୁ ରାଣ ପକେଇଥାନ୍ତି । ଅଭିମାନ କରିଥିବା ଲୋକକୁ ବୁଝେଇବା ପାଇଁ କହିଥାଆନ୍ତି ଏତେ ଅଭିମାନ କରନି ଜଲଦି ରାଣ ଫିଟା। ଆଉ ଏହି ରାଣ ଫିଟେଇବା ପାଇଁ ଅନେକ କୌତୁକିଆ କଥା ମଧ୍ୟ ଥିଲା- ଯେମିତି କି ତମ ଘରେ କେଉଁ ଚଟୁ, ସୁନା ଚଟୁ , ତୋ ରାଣ ଫିଟୁ ତୁ ହ ପେଟୁ । ଠିକ୍ ସେହିଭଳି ମା' ବାପାଙ୍କ ରାଣ ଯଦି କେହି ପକେଇଥାଏ ସେହି ରାଣକୁ ଫିଟେଇବା ପାଇଁ ଥିଲା- ତୋ ବାପା ବୋଉ ରାଣ କ'ଣ, ଆଟୁ ତୋ ବାପା ବୋଉ ରାଣ ଫିଟୁ -ଏମିତି ଅନେକ ରାଣ ଫିଟେଇବାର କୌତୁକିଆ କଥା ଥିଲା, କିନ୍ତୁ ଏବେ ସେହି କୌତୁକିଆ କଥା ନାହିଁ, ହେଲେ କିଛି ଜଣକ ପାଟିରେ ରାଣ ରହିଯାଇଛି।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋ: ୯୦୯୦୬୬୧୫୮୬**

## ଏଇ ଭାରତରେ

ଜ୍ଞାନ ସେଟ୍ଟୀ ପେସାରେ ଇଞ୍ଜିନିୟର। ତାଙ୍କୁ ବୟସ ଏବେ ୨୮ । ସେ ଚାକିରି ଛାଡ଼ି ଅଗଣାରେ ବଗିଚାଟିଏ କରିବା ପାଇଁ ପୂରା ସମୟ ଦେଇଛନ୍ତି। ତାଙ୍କ ମାଙ୍ଗାଲୁରସ୍ଥିତ ଘର ଅଗଣାରେ ବଗିଚାରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲଗଛ, ଫଳଗଛ, ପାଣିରେ ବଢୁଥିବା ଗଛ ଆଦି ରହିଛି। ଏହି ବଗିଚାର ନାମ ଦେଇଛନ୍ତି 'ନମୋ ବଗିଚା' ଓ ଅନ୍‌ଲାଇନରେ ନର୍ସରି ବିଜ୍‌ନେସ ଚଳାଇଛନ୍ତି। ଏହାକୁ ସେ ୨୦୨୨ ଜାନୁଆରୀରେ ଆରମ୍ଭ କରିଥିଲେ। ସେ ଭାରତର ବିଭିନ୍ନ ସହରରୁ ଅର୍ଡର ପାଉଛନ୍ତି ଓ ସେମାନଙ୍କୁ ସେ ଗଛ ବିକ୍ରି କରୁଛନ୍ତି। କେବଳ ଅଗଣା ନୁହେଁ ଘର ବାଲକୋନି, ଏପରି କି ଘର ଭିତରେ ମଧ୍ୟ ବିଭିନ୍ନ ଗଛ ଲଗାଇଛନ୍ତି। ଦେଖିବାକୁ ଗଲେ ଜ୍ଞାନଙ୍କ ଘରର ପ୍ରତ୍ୟେକଟି ଇଞ୍ଚରେ ଗଛ ରହିଛି। ସେ ଏହି ସବୁ ଗଛ ଶତ ପ୍ରତିଶତ ଜୈବିକ ପଦ୍ଧତିରେ ବଢ଼ାଇଛନ୍ତି। ରୋଷେଇଘରୁ ବାହାରୁ ଥିବା ବର୍ଜ୍ୟରୁ ଖତ ପ୍ରସ୍ତୁତ କରି ଗଛରେ ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୭୬

- ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ପକ୍ଷରୁ ଶିଶୁ ସାହିତ୍ୟରେ ପୁରସ୍କାର ପ୍ରଦାନ କରିବା ପାଇଁ ୧୧ଟି ପୁସ୍ତକ ମନୋନୀତ।
- ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କର ପୁନଃସଂସ୍ଥାପନ, ଟ୍ରେନ ଓ ବିମାନ ଚଳାଚଳ ପାଇଁ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 1 |
| | | | | | | | | |
| 9 | | 4 | | 3 | | | 2 | |
| | 4 | 6 | | 9 | | | | |
| 1 | | | | 6 | | 2 | | 7 |
| | | | 1 | 7 | | | 3 | |
| | 9 | 7 | | 2 | | | | 5 |
| | | 8 | 5 | | | | | |
| | 5 | | 6 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 6 | 7 | 4 | 2 | 9 | 1 |
| 6 | 2 | 4 | 9 | 8 | 1 | 7 | 3 | 5 |
| 9 | 1 | 7 | 3 | 2 | 5 | 4 | 8 | 6 |
| 1 | 8 | 6 | 2 | 3 | 9 | 5 | 4 | 7 |
| 5 | 7 | 3 | 4 | 1 | 8 | 6 | 2 | 9 |
| 4 | 9 | 2 | 7 | 5 | 6 | 8 | 1 | 3 |
| 8 | 6 | 1 | 5 | 4 | 3 | 9 | 7 | 2 |
| 7 | 3 | 5 | 8 | 9 | 2 | 1 | 6 | 4 |
| 2 | 4 | 9 | 1 | 6 | 7 | 3 | 5 | 8 |

ଗତକାଲିର ଉତ୍ତର

# ଚାକିରି ଚୋରି, ବଣିଜ ମିଛ



ଡ. ମୌସୁମୀ ପରିଡ଼ା

ସମୟାନୁସାରେ ବହୁ ପରିବର୍ତ୍ତନ ହୁଏ। ଚାକିରି ଓ ବଣିଜ ପାଇଁ ଶାମ ଦାମ ଦଣ୍ଡ ଭେଦ ଆପଣା ଯାଏ। ଆବଶ୍ୟକ ସ୍ଥଳେ ରାଜନୈତିକ ବା କୂଟନୈତିକ ସ୍ତରରେ ହେରଫେର କରିବାକୁ ହୁଏ। କାରଣ ଅସ୍ତିତ୍ୱ ଓ ପ୍ରତିଷ୍ଠା ମଣିଷ ପାଇଁ ଯେତିକି ଆବଶ୍ୟକ ଦେଶ, ପ୍ରଦେଶ ବା କୌଣସି ବର୍ଗ ପାଇଁ ମଧ୍ୟ ସେତିକି ଜରୁରୀ। ଯେଭଳି ପାତ୍ର ସେଭଳି ସ୍ଥିତି। ଆକାର, ପ୍ରକାର, ସଂଜ୍ଞା, ସ୍ୱରୂପ ସବୁକିଛି ସ୍ଥିତି ଅନୁଯାୟୀ ବଦଳୁଥିବାରୁ ବଣିଜର ମୂଲ୍ୟବୋଧ ଓ ସ୍ୱଚ୍ଛତା ପ୍ରଭାବିତ ହୁଏ। ଲୋକମାନଙ୍କ ଚାହିଦାନୁସାରେ ଉତ୍ପାଦନ ଓ କିଣାବିକାର ମାନ ବଦଳିଥାଏ। ଅବଶ୍ୟ ଜନସଂଖ୍ୟାନୁଯାୟୀ କଞ୍ଚାମାଲର ଆବଶ୍ୟକତା ଓ କମ୍ପାନୀଗୁଡିକର ପ୍ରତିଦ୍ୱନ୍ଦ୍ୱିତା ମାର୍କେଟିଂକୁ ପ୍ରଭାବିତ କରେ। ସେଥିପାଇଁ ମନଲୋଭା ବିଜ୍ଞାପନ ଦେବାକୁ ହୁଏ। କିଛି କମ୍ପାନୀ ବଲିଉଡ୍ ତାରକା, ଜାତୀୟ-ଅନ୍ତର୍ଜାତୀୟ ଖେଳାଳି, ମଡେଲ୍ ତଥା ଲୋକପ୍ରିୟ ବ୍ୟକ୍ତିବିଶେଷଙ୍କୁ ବହୁମୂଲ୍ୟ ବିନିମୟରେ ବିଜ୍ଞାପନରେ ଅଭିନୟ କରିବାକୁ ପ୍ରସ୍ତାବ ଦିଅନ୍ତି। ଆରମ୍ଭ ହୁଏ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା। ଶସ୍ତା ସୁନ୍ଦର କରି ଯୋଗାଇଦେବାର ପ୍ରତିଶ୍ରୁତି ଭିତରେ ବ୍ୟବସାୟୀ ମିଥ୍ୟାର ସାହାରା ନିଅନ୍ତି। କଞ୍ଚାମାଲ ଓ ଚାହିଦା ଭିତରେ ସାଲିସ୍ ହୁଏ। ଏପଟେ ବହୁମୂଲ୍ୟ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ଭକୁଆ ବନେଇ ଉତ୍ପାଦନ ଓ ବିକ୍ରି ବୃଦ୍ଧି ହୁଏ ସିନା ଜିନିଷରେ ସ୍ୱଚ୍ଛତା ବଜାୟ ରହେନାହିଁ। ଏକଥାଟି ସତୁରି ଅଶୀ ଦଶକର ଲୋକେ ବୁଝିପାରୁଥିଲେ। ଯେତେ ଉତ୍ପାଦନ ବଢିବ ସେତେ ମାନ ହ୍ରାସ ପାଇବ ବୋଲି ସେମାନଙ୍କ ଧାରଣା ଥିଲା।

ବୈଦ୍ୟୁତିକ ଗଣମାଧ୍ୟମ ଓ ଆଧୁନିକ ଯନ୍ତ୍ରକୌଶଳ ଦ୍ୱାରା ଜୀବନ ଢେର୍ ବଦଳିଛି! ଦୈନିକ ଦିନଚର୍ଯ୍ୟା ଭିତରେ ଯନ୍ତ୍ର ଏପରି ସାମିଲ ହୋଇଯାଇଛି ଯେ ସେ ଏକାକୀ କିଛି ଚିନ୍ତା କରିପାରୁନାହିଁ। ସେହିଅନୁସାରେ ତାର ଚିନ୍ତାଚେତନା, କ୍ରିୟା ପ୍ରତିକ୍ରିୟା ପ୍ରଭାବିତ ହୋଇଛି। ଆଗରୁ ଯେତେବେଳେ ଟେଲିଭିଜନ୍ ପ୍ରଥମ କରି ଘରକୁ ପ୍ରବେଶ କରିଥିଲା, ସେତେବେଳେ ଥଣ୍ଡା ପାନୀୟଠାରୁ ଆରମ୍ଭ କରି ସାବୁନ, ଟୁଥ୍‌ପେଷ୍ଟ, ଡିଟରଜେଣ୍ଟ, ସୌନ୍ଦର୍ଯ୍ୟ ସାମଗ୍ରୀ ପର୍ଯ୍ୟନ୍ତ ବହୁ ଜିନିଷର ବିଜ୍ଞାପନ ପ୍ରଦର୍ଶିତ ହେଉଥିଲା। ଲୋକେ ମନପସନ୍ଦର ସିରିୟଲ୍, ଫିଲ୍ମ, ଚିତ୍ରଗୀତି ଓ ଖବର ପ୍ରସାରଣ ଭଳି ପ୍ରୋଗ୍ରାମ ସହିତ ବିଜ୍ଞାପନଗୁଡିକୁ ମନଭରି ଉପଭୋଗ କରୁଥିଲେ। ଅଧିକାଂଶ ଭାବୁଥିଲେ- ଖରାପ ଜିନିଷକୁ ବିକିବା ପାଇଁ ବିଜ୍ଞାପନର ଆବଶ୍ୟକତା ପଡେ। ତେଣୁ ଲୋକେ ନିଜ ପସନ୍ଦର ବ୍ରାଣ୍ଡ୍‌କୁ ଗୁରୁତ୍ୱ ଦେଉଥିଲେ। କ୍ରମଶଃ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷଗୁଡିକୁ ଟକ୍କର ଦେବା ପାଇଁ କିଛି କମ୍ପାନୀ ଅପେକ୍ଷାକୃତ କମ୍ ମୂଲ୍ୟ ବିନିମୟରେ, ମିଛ ପ୍ରତିଶ୍ରୁତି କିମ୍ବା ଲୋଭନୀୟ ଅଫର ମାଧ୍ୟମରେ ଲୋକମାନଙ୍କୁ ଆକର୍ଷିତ କରିବାକୁ ଲାଗିଲେ। କିଛି ଲୋକ ପରିବର୍ତ୍ତନ ପାଇଁ ଫ୍ରୀ ଅଫର୍ ଥିବା ଜିନିଷ ଆଣି ଦେଖିଲେ




ବିଶେଷ ଫରକ୍ ନାହିଁ ମୂଳବସ୍ତୁଠାରୁ। ଲୋଭ ଜାଗିବାରୁ ଧୀରେ ଧୀରେ ନିଜ ମତ ଓ ପସନ୍ଦ ବଦଳାଇ ବିଜ୍ଞାପିତ ଜିନିଷଗୁଡିକୁ କିଣି ଚାଲିଲେ।

କମ୍ପାନୀ ନିଜ ପ୍ରଚାର ପ୍ରସାର ମାଧ୍ୟମରେ ପ୍ରତିଷ୍ଠିତ ହେଲା ପରେ ତା' ଜିନିଷର ମାନ ନିମ୍ନଗାମୀ ହେବାରେ ଲାଗିଲା। କିନ୍ତୁ ଅଭ୍ୟାସବଶତଃ ଲୋକେ ସେଥିରୁ ମିକୁଳିପାରିଲେ ନାହିଁ। ଏ କମ୍ପାନୀ ସେ କମ୍ପାନୀ ହୋଇ ଶସ୍ତା ସୁନ୍ଦର ଆଳରେ ଠକିହେଲେ। ସେମାନଙ୍କ ନୈତିକତା ଓ ବିଚାରବୋଧ ନିମ୍ନଗାମୀ ହେବାରୁ ନିଜେ ଠିକିଲେ ବା କମ୍ପାନୀଦ୍ୱାରା ଠକାମୀର ଶିକାର ହେଲେ। ଆଗରୁ ଥିବା ମାନସିକତାରେ ପରିବର୍ତ୍ତନ ଆସିଲା। ସବୁ ଚକଚକ କରୁଥିବା ଜିନିଷ ସୁନା ନୁହେଁ କିମ୍ବା ସବୁ ବିଜ୍ଞପିତ ଜିନିଷ ସ୍ୱଚ୍ଛ ନୁହେଁ ବୋଲି ଧାରଣା କିନ୍ତୁ ବଳବତ୍ତର ରହିଲା। ଆଗରୁ ଯେତେବେଳେ ବିଭିନ୍ନ ପ୍ରାନ୍ତରୁ ଜିନିଷ ଆମ ଦେଶକୁ ଆସୁଥିଲା କିମ୍ବା ଯାଉଥିଲା ସବୁର ଗୁଣବତ୍ତା ଯାଞ୍ଚ କରାଯାଉଥିଲା। ବଣିକମାନେ ନିଷ୍ଠା ଓ ବିଶ୍ୱାସର ସହିତ ବଣିଜ କରୁଥିଲେ। ନିଜ ଜିନିଷର ମାନକୁ ଉଚ୍ଚରେ ରଖିବା ପାଇଁ ଯତ୍‌ପରୋନାସ୍ତି ଚେଷ୍ଟା କରାଯାଉଥିଲା। କିନ୍ତୁ ସମୟ ବଦଳିଯାଇଛି। ଯୁଦ୍ଧାସ୍ତ୍ର ହେଉ ବା ଯନ୍ତ୍ରାଂଶ ସବୁ ନକଲି ମିଳୁଛି। ଚାହିଦାକୁ ନଜରରେ ରଖି ଶସ୍ତା ଜିନିଷ ଉପଲବ୍ଧ କରିବାକୁ କମ୍ପାନୀମାନେ ଗୁଣବତ୍ତାରେ ସାଲିସ୍ କରୁଛନ୍ତି। ସେଥିପାଇଁ ବଣିଜ ମିଛ ବୋଲି ପ୍ରତିପାଦିତ ହେଉଛି! ଭାରତର ଜନସଂଖ୍ୟାରୁ ବାଣିଜ୍ୟିକ ଲାଭ ଉଠାଉଥିବା ଆମେରିକା, ଚାଇନା ପରି ଦେଶମାନେ ନିଜ ବାଣିଜ୍ୟିକ ଫାଇଦାକୁ ବଳବତ୍ତର ରଖିବାକୁ ଚେଷ୍ଟା କରୁଛନ୍ତି। ଦେଖିବାକୁ ଗଲେ ବଣିଜ ପାଇଁ ଆଜିକାଲି ଆନ୍ତର୍ଜାତିକ ସ୍ତରରେ କୂଟନୀତି ହେଉଛି। ନିଜ ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇଁ କେଉଁଠି ଯୁଦ୍ଧ ତ ପୁଣି କେଉଁଠି ଷଡଯନ୍ତ୍ର- ଏସବୁ ବଣିଜର ଅନ୍ୟତମ ରୂପ କହିଲେ ଭୁଲ୍ ହେବନାହିଁ।

ଦ୍ୱିତୀୟ ପ୍ରସଙ୍ଗ ହେଲା ଚାକିରି, ଜୀବନ ଜୀବିକାର ଅନ୍ୟ ସ୍ୱରୂପ, ଯେଉଁଠାରେ ଆର୍ଥିକ ନିଶ୍ଚିତତା ଥାଏ ସତ୍ୟ କିନ୍ତୁ ସାମାଜିକ ସ୍ୱାଧୀନତା ସଙ୍କୁଚିତ ହୋଇଯାଏ। ବେଳେବେଳେ ପାରିବାରିକ କର୍ତ୍ତବ୍ୟରେ ଅବହେଳା କରିବାକୁ ହୁଏ। ସେହି ଚିରାଚରିତ ଜୀବନର ପୌନଃପୁନିକତା ଜୀବନକୁ ଫମ୍ପା କରିଦେଉଥିବାରୁ ବଞ୍ଚିବାର ସ୍ପୃହା ଓ ଖୁସି ମରିମରି ଆସେ। ଚାକିରି ଜୀବନର ବ୍ୟସ୍ତବହୁଳତା ଓ ବିଭିନ୍ନ ପ୍ରକାର ମାନସିକ ଚାପ ମଣିଷକୁ ବିପର୍ଯ୍ୟସ୍ତ ବନାଏ। କେତେବେଳେ ଚାକିରି କ୍ଷେତ୍ର ଘରଭିତରକୁ ପ୍ରବେଶ କରିଯାଏ ଜଣାପଡେନି। ଘର, ପରିବାର, ଆତ୍ମୀୟସ୍ୱଜନ ସମସ୍ତେ ଗୌଣ ପାଲଟିଯାଆନ୍ତି! ସାମାଜିକ ପ୍ରାଣୀ-ମଣିଷ ସମାଜବିଚ୍ୟୁତ ବନିଯାଏ। ଏକା ପ୍ରକାରର ଜୀବନ-ଜୀବିକା ଓ କର୍ମକ୍ଷେତ୍ରର ଚାପ ସେମାନଙ୍କୁ ମାନସିକ ପଙ୍ଗୁ ଓ ଅମାନବୀୟ ବନାଇଦିଏ। ଫଳରେ ସେ ମିଛ କହେ, ଠକେ ଓ ଲାଞ୍ଚଖୋର୍ ପାଲଟିଯାଏ। ଏ ଟେବୁଲ୍‌ରୁ ସେ ଟେବୁଲ୍‌କୁ ଫାଇଲ୍‌ଟିଏ ଯିବା ପାଇଁ ବର୍ଷ ବର୍ଷ ଲାଗିଯାଏ ଅଥବା ଫାଇଲ୍ ହଜିଯିବାର ନାଟକ ରଚାଯାଏ। ପୁଣି ପ୍ରତି ଟେବୁଲ୍‌ରେ ବିଭିନ୍ନ ପରିମାଣର ଲାଞ୍ଚ ଆଦାୟ କରାଯାଏ। ନୀତିନିୟମ ନ ମାନି ଆଖିରେ ଅଙ୍ଗୁଳି ଗେଞ୍ଜି ସମୟ ଓ ଅର୍ଥ ଲୁଟୁଥିବା ଚାକିରିଆମାନେ ଆଜିକାଲି ଲାଞ୍ଚଖୋର୍ ଓ ମିଛୁଆଙ୍କ ନୂତନ ସ୍ୱରୂପ ଯେଉଁମାନେ ଅସରନ୍ତି ନିର୍ମୂଳିଲତା ପରି ସମାଜକୁ ଶୋଷିଚାଲିଛନ୍ତି। ତେଣୁ ବୁଦ୍ଧିଜୀବୀମାନଙ୍କ ଚାକିରି ଚୋରି, ବଣିଜ ମିଛ ବକ୍ତବ୍ୟଟି କାଳେକାଳେ ସତ୍ୟ ପ୍ରମାଣିତ।

**ମୋ: ୯୪୩୭୩୧୭୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ

ମହାଶୟ,

ଧର୍ମଶାଳାର ରାହାଡ଼ପୁରରେ ଗୋଟିଏ କ୍ରଶରରେ ଜଣେ ଯୁବ କର୍ମଚାରୀଙ୍କୁ ଗତ ମେ ୧ ତାରିଖ ଦିନ ଶ୍ରମିକ ଦିବସରେ ନିର୍ମମ ଭାବେ ହତ୍ୟା କରାଗଲା। ଏହି ଯୁବ କର୍ମଚାରୀ ଜଣକ ଗରିବ ମା'ବାପାଙ୍କ ଏକମାତ୍ର ଭରସା ଥିଲେ। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଅନ୍ତରାଳରେ କାହାର ହାତ ରହିଛି ଏହା କାହାକୁ ଅଛପା ନାହିଁ। ଧର୍ମଶାଳା ଗତ ୨୪ ବର୍ଷରେ ପାହାଡ଼ଖିଆ ଅମଣିଷଙ୍କ ଉତ୍ପାତ ଦେଖିଛି। ହେଲେ କଳାପଥର ପାହାଡ଼ ଖାଉଥିବା ରାକ୍ଷସମାନେ ମଣିଷଙ୍କୁ ପିଟି ପିଟି ମାରିଦେବା ପରେ ମୁଖ୍ୟ ଅଭିଯୁକ୍ତ ଗିରଫ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୈତିକ ଚାପର ବାଧ୍ୟବାଧକତାରେ ପୋଲିସ ନୀରବଦ୍ରଷ୍ଟା ସାଜିଛି ବୋଲି କୁହାଯାଉଛି। ଏହାସହ ସାହାଣିଡିହ ପଞ୍ଚାୟତର ଚାରଗୋଠରେ ଶିଶୁ ହତ୍ୟା ପ୍ରସଙ୍ଗରେ ପ୍ରକୃତ ହତ୍ୟାକାରୀ ସୁରକ୍ଷା ପାଉଛି। ଏଥିରେ ପୋଲିସ ଓ ପ୍ରଶାସନର ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

**–ସତୀଶ ବିଶ୍ୱାଳ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧରେ ଫୁଟେ ଯେତେ ବଧୂଳି
ଗଗନେ ଚମକାଇ ବିଜୁଳି
ଧରଇ ନୂଆରୂପ ସକଳ ସରଜନା
ସକଳ ଗଇରିକ ଗୋଧୂଳି।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମେ' ଶେଷ ସୁଦ୍ଧା ଚିଙ୍ଗୁଡ଼ିଘେରି ଉଚ୍ଛେଦ କର: ହାଇକୋର୍ଟ

କେନ୍ଦ୍ରାପଡ଼ା, ୧୫ା୫ (ଜଗନ୍ନାଥ ଧଳ)

- ପ୍ରଶାସନ ଭାଙ୍ଗୁଛି, ଚାଷୀ ଘେରିବନ୍ଧ ବାନ୍ଧୁଛି
- ସ୍ୱତନ୍ତ୍ର ପୋଲିସ ପ୍ଲାଟୁନ ନିୟୋଜିତ ହେବେ
- ରାଜସ୍ୱ, ବିପର୍ଯ୍ୟୟ ପ୍ରଶମନ ବିଭାଗରୁ ଖର୍ଚ୍ଚ ଭରଣା

ବେଆଇନ ଚିଙ୍ଗୁଡ଼ିଘେରି ପ୍ରତି ହାଇକୋର୍ଟ କଠୋର ହୋଇଛନ୍ତି। ମେ' ଶେଷ ସୁଦ୍ଧା କେନ୍ଦ୍ରାପଡ଼ା ଜିଲାର ବେଆଇନ ଚିଙ୍ଗୁଡ଼ି ଘେରି ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ବେଆଇନ ଘେରି ମାଲିକଙ୍କ କାର୍ଯ୍ୟକଳାପକୁ ନେଇ ଫୌଜଦାରି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଚଳିତ ଥର ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ରାଜ୍ୟ ସରକାରଙ୍କୁ ୭ା୫ା୨୫ରେ ହାଇକୋର୍ଟଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ଗୋଟିଏ ସ୍ୱତନ୍ତ୍ର ପୋଲିସ ପ୍ଲାଟୁନ ଏହି ଘେରି ଭଙ୍ଗା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବାବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ଅର୍ଥ ବ୍ୟବବରାଦ ହୋଇଛି। ପ୍ରତି ଶୁକ୍ରବାର ମୁଖ୍ୟ ସଚିବ ଓ ଜିଲା ପ୍ରଶାସନ ସମୀକ୍ଷା କରିବାକୁ ଥିବାବେଳେ କେନ୍ଦ୍ରାପଡ଼ା ଜିଲାରେ ଏହାର ସଫଳତା ନେଇ ସ୍ଥାନୀୟ ଅଧିବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ପ୍ରଶାସନ ଭାଙ୍ଗୁଥିବା ଘେରି ପରଦିନ ପୂର୍ବବତ୍ କାର୍ଯ୍ୟକାରୀ ହୋଇଯାଉଛି। ଏ ନେଇ ପ୍ରଶାସନର ଆଭିମୁଖ୍ୟ ସ୍ପଷ୍ଟ ନୁହେଁ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ପ୍ରଭୁପ୍ରସାଦ ମହାପାତ୍ର, ହରେକୃଷ୍ଣ ପାତ୍ର ପ୍ରମୁଖ କହିଛନ୍ତି, ଆର୍ଦ୍ରଭୂମିର ସୁରକ୍ଷା ନିହାତି ଜରୁରୀ। ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବା ପରି ଜୈବବିବିଧତା ଏଠାରେ ଥିଲେ ମଧ୍ୟ ଚିଙ୍ଗୁଡ଼ି ଘେରି ଏହାର ବିନାଶ କରୁଛି। ଜିଲାର ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ପ୍ରାୟ ୧୫ ହଜାର ହେକ୍ଟର ଉପରେ ଚିଙ୍ଗୁଡ଼ିଘେରି ବେଆଇନ ଭାବେ ନିର୍ମାଣ ହୋଇଛି। ଭିତରକନିକା ବନାଞ୍ଚଳ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଥିଲେ ମଧ୍ୟ ଚିଙ୍ଗୁଡ଼ି ଚାଷୀଙ୍କ ଅବାଧ ପ୍ରବେଶ ବଢ଼ିଚାଲିଛି। ଚିଙ୍ଗୁଡ଼ିଘେରିରୁ ଉଦ୍‌ବୃତ୍ତ ରାସାୟନିକ ଜଳ ହେନ୍ତାଳ ବଣକୁ ନଷ୍ଟ କରୁଛି। ଏହାସହ ସମୁଦ୍ର ଜଳରେ ଏହି ବିଷାକ୍ତ ଜଳ ମିଶିବା ପରେ ସାମୁଦ୍ରିକ ପ୍ରାଣୀଙ୍କ ସଂଖ୍ୟା ହ୍ରାସ ହେଉଛି। ଆର୍ଦ୍ରଭୂମିର ସୁରକ୍ଷା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ହାଇକୋର୍ଟରେ ସୋ ମୋଟ ମାମଲା ହୋଇଛି। ହାଇକୋର୍ଟଙ୍କ ପକ୍ଷରୁ ଆମିକସକ୍ୟୁରୀ ନିଯୁକ୍ତ କରାଯାଇଛି। ଏଥିସହ ଚଳିତ ମାସ ଶେଷ ସୁଦ୍ଧା ବେଆଇନ ଚିଙ୍ଗୁଡ଼ିଘେରି ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏଥିରେ ଜିଲା ପ୍ରଶାସନ ସଫଳ ହେଉନାହିଁ। ୪ବର୍ଷ ଧରି ପ୍ରଶାସନ ପକ୍ଷରୁ ନାମକୁମାତ୍ର ଘେରି ଉଚ୍ଛେଦ ହେଉଛି। ଘେରି ଗୋଟିଏ ମୁଣ୍ଡର ବନ୍ଧ ଅଳ୍ପ କିଛି ମାତ୍ରାରେ ଭାଙ୍ଗୁଥିବାବେଳେ ପରଦିନ ଏହି ସ୍ଥାନକୁ ଚାଷୀ ବନ୍ଧ ବାନ୍ଧୁଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଷୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେଉନାହିଁ। ସେହିପରି ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ଆସବାବପତ୍ରକୁ ନଷ୍ଟ କରାଯାଉନାହିଁ। ଘେରିର ଉଦ୍‌ବୃତ୍ତ ଜଳ ସ୍ଥାନୀୟ ଧାନ ଓ ଅନ୍ୟ ଅର୍ଥକରୀ ଫସଲକୁ ନଷ୍ଟ କରୁଛି। ସେହିପରି ଲୁଣା ଜଳ ଘେରି ନିକଟକୁ ଆଣିବାକୁ କେନାଲର ମଧୁର ଜଳକୁ ବନ୍ଦ କରାଯାଉଛି। ଉପାନ୍ତ ଅଞ୍ଚଳରେ ଚିଙ୍ଗୁଡ଼ିଘେରିର ଅପକାରିତା ନେଇ ସଚେତନତା କାର୍ଯ୍ୟକ୍ରମ ସହ ଚିଙ୍ଗୁଡ଼ିଘେରିକୁ ନଷ୍ଟ ପାଇଁ ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଅରୁଣ କୁମାର ନାୟକଙ୍କୁ ପଚାରିବାରେ ବେଆଇନ ଚିଙ୍ଗୁଡ଼ିଘେରିର ଉଚ୍ଛେଦ ଚାଲିଛି। ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ୩ ହଜାରରୁ ଊର୍ଦ୍ଧ୍ୱ ଏକର ଅଞ୍ଚଳର ଚିଙ୍ଗୁଡ଼ିଘେରି ଉଚ୍ଛେଦ ହୋଇଛି। ଅମାନିଆ ଚାଷୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।


ରାଜକନିକା ଅଞ୍ଚଳରେ ଥିବା ବେଆଇନ ଚିଙ୍ଗୁଡ଼ିଘେରିକୁ ଭଙ୍ଗାଯାଉଛି ।

# ବଡ଼ଟୁବିରେ କ୍ଷେତ୍ର ପରିଦର୍ଶନକଲା ଜିଲା ଜମି ଅଧିଗ୍ରହଣ ଟିମ୍

- ମହାକାଳପଡ଼ାରେ ହେବ ଶିଳ୍ପ ପ୍ରତିଷ୍ଠା
- ଚାଷୀଙ୍କ ସହ ଟିମ୍‌ର ଆଲୋଚନା

ମହାକାଳପଡ଼ା, ୧୫ା୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଟିଘର, ଖରିନାସୀ ଓ ରାମନଗର ପଞ୍ଚାୟତରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଶା ସଞ୍ଚାର ହୋଇଛି। ପ୍ରଥମ ପର୍ଯ୍ୟାୟରେ ସରକାରୀ ୧୧୨ ଏକର ଜମି ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ଅଧିଗ୍ରହଣ କରିଛି। ଦ୍ୱିତୀୟ ପର୍ଯ୍ୟାୟରେ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ଟିମ୍ କ୍ଷେତ୍ର ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ବୁଧବାର ଓ ଗୁରୁବାର ଆଲୋଚନା କରିଛନ୍ତି। ଅପରପକ୍ଷରେ ଅର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ବାର୍ଷିକ ୨୪ ମେଟ୍ରିକ୍ ଟନ୍ ଇସ୍ପାତ ଉତ୍ପାଦନ କରିବ ବୋଲି କୁହାଯାଇଛି। ଏଥିରେ ସ୍ଥାନୀୟ ଯୁବତୀଯୁବକ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପାଇବେ ବୋଲି କୁହାଯାଇଛି। ତେବେ ବଡ଼ଟୁବି, ନିପାଣିଆ, ଖରିନାସୀ, ରାମନଗର, ବନବିହାରୀପୁର ରାଜସ୍ୱ ମୌଜାର ଜମିଗୁଡ଼ିକ ଅଧିଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ୨ ଦିନ ଧରି ଉକ୍ତ ଅଞ୍ଚଳରେ ଜମି ଅଧିଗ୍ରହଣ ଟିମ୍ କ୍ଷେତ୍ର ପରିଦର୍ଶନ କରି ବଡ଼ଟୁବିଠାରେ ପହଞ୍ଚି ଆବଶ୍ୟକ ନଥିପତ୍ର ତନଖି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଜମି ଅଧିଗ୍ରହଣ ସ୍ୱତନ୍ତ୍ର ଅଧିକାରୀ ତଥା ଡେପୁଟି କଲେକ୍ଟର କୁଇନ୍ ଜେନାଙ୍କୁ ପଚାରିବାରେ କ୍ଷେତ୍ର ପରିଦର୍ଶନ ବେଳେ ସ୍ଥାନୀୟ ଲୋକଙ୍କ ସହଯୋଗ ମିଳୁଛି। ଖୁବ୍‌ଶୀଘ୍ର ସରକାରୀ ନିୟମ ଅନୁସାରେ ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତ ବଡ଼ଟୁବିଠାରେ ଶିଳ୍ପ ପାଇଁ ଜମି ଅଧିଗ୍ରହଣ ଟିମ୍ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# ଫସଲହାନି: ଚାଷୀଙ୍କ ଆତ୍ମହତ୍ୟା

ଦଶରଥପୁର/ଝୁମ୍ପୁରୀ, ୧୫ା୫ (ସୁଶାନ୍ତ କୁମାର ବେହୁରିଆ/ସରୋଜ ନାୟକ):

ଫସଲ ହାନି ଯୋଗୁ ଯାଜପୁର ଜିଲା ମଙ୍ଗଳପୁର ଥାନା କୟାଁ ପଞ୍ଚାୟତ ଅନ୍ତର୍ଗତ ମାଧପୁର ଗ୍ରାମରେ ଗୁରୁବାର ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ମହେଶ୍ୱର ଜେନା(୫୩) । ନିଜ ଘରଠାରୁ କିଛି ଦୂରରେ ଥିବା ଚାଷ ଜମି ନିକଟ ଏକ ଗଛରେ ସେ ରଶି ଲଗାଇ ଝୁଲି ପଡ଼ିଥିଲେ । ବିଲକୁ ଧାନ ଆଣିବାକୁ ଯାଉଥିବା ଅନ୍ୟ ଚାଷୀମାନେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ଏହାପରେ ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି।

ମହେଶ୍ୱରଙ୍କ ଚାଷ ବ୍ୟତୀତ ଅନ୍ୟ କୌଣସି ବେଉସା ନାହିଁ। କେତେଜଣ ମହାଜନଙ୍କ ନିକଟରୁ ହାତ ଉଧାରି ଟଙ୍କା ଆଣି ସେ ୩ ଏକର ଜମିରେ ଡାଲୁଅ ଧାନ ଚାଷ କରିଥିଲେ । ମାତ୍ର ଲୁଣା ପାଣି ଓ ଅଦିନିଆ ବର୍ଷା ଫଳରେ ତାଙ୍କର ବ୍ୟାପକ ଧାନ ଫସଲ ବିଲରେ ଗଜା ହୋଇଯାଇଥିଲା । ଯାହା କିଛି ସେ ଅମଳ କରିଥିଲେ ତାହାକୁ ଉଧାର ଦେଇଥିବା ମହାଜନ ନେଇଯାଇଥିଲେ । ଫଳରେ ୬ ପ୍ରାଣୀ କୁଟୁମ୍ବ କିପରି ଚଳିବେ ତାହାକୁ ନେଇ ତାଙ୍କର ଚିନ୍ତା ବଢ଼ିଥିଲା । ଶେଷରେ ସେ ବାଧ୍ୟ ହୋଇ ଆତ୍ମହତ୍ୟା କରିଛନ୍ତି ବୋଲି ମାଧପୁର ଗ୍ରାମବାସୀ କହିଛନ୍ତି। ମହେଶ୍ୱରଙ୍କ ସ୍ତ୍ରୀ, ୨ ପୁଅ ଓ ୨ ଝିଅ ଅଛନ୍ତି। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଆହତଙ୍କ ଘରୁ ମିଳିଲା ବିସ୍ଫୋରକ ସାମଗ୍ରୀ


କଳାପଥର ଖାଦାନରେ ବ୍ୟବହାର ହେଉଥିବା ବିସ୍ଫୋରକ ସାମଗ୍ରୀ ।

- ଛତିଆ ବିସ୍ଫୋରଣ ଘଟଣା ଭିନ୍ନ ମୋଡ଼ ନେଲା
- କଳାପଥର ଖାଦାନ ବନାମ ଛତିଆ ବିସ୍ଫୋରଣ
- ଧର୍ମଶାଳାରେ ବେଆଇନ ବିସ୍ଫୋରକ ସାମଗ୍ରୀ ବିକ୍ରି ଅଭିଯୋଗ

ଯାଜପୁର, ୧୫ା୫ (ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ.ଜାତୀୟ ରାଜପଥର ବୈରୀ ଥାନା ଅନ୍ତର୍ଗତ ଛତିଆ ବସଷ୍ଟାଣ୍ଡ ନିକଟରେ ମଙ୍ଗଳବାର ହୋଇଥିବା ଭୟଙ୍କର ବିସ୍ଫୋରଣ ଘଟଣା ଭିନ୍ନ ମୋଡ ନେଇଛି। ଏହି ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଥିଲେ। ଆହତ ନେପାଳି ପୂର୍ତ୍ତିଙ୍କ ଘରୁ ଗୁରୁବାର ପୋଲିସ ଗୋଟିଏ ଡେଟୋନେଟର, ୨ଟି ଜିଲୋଟାଇମ, ୨ଟି ପେନସିଲ ବ୍ୟାଟେରୀ, ୨ଟି ଡୋରାସେଲ ବ୍ୟାଟେରୀ, କନେକ୍ଟେଡ ୱେର, ସର୍ଭିସ ୱେର ଓ ମାଛମରା ଜାଲ ଜବତ କରିଛି। ଏହିସବୁ ଜବତ ସାମଗ୍ରୀକୁ ଅବଲୋକନ କଲେ ଯାଜପୁର ଜିଲା କଳାପଥର ଖାଦାନରେ ଚାଲିଥିବା ବେଆଇନ ବିସ୍ଫୋରଣ ସହ ଏହି ଘଟଣାର ସମ୍ପୃକ୍ତି ରହିଥିବା ଅନୁମାନ କରାଯାଉଛି। ଅତୀତରେ ଜିଲା ପୋଲିସ ପକ୍ଷରୁ ଧର୍ମଶାଳା ତହସିଲ ଅଞ୍ଚଳରେ ବେଆଇନ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ତେବେ ଏହିସବୁ ବେଆଇନ କାର୍ଯ୍ୟ ଚଳାଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ଶସ୍ତା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସୁଥିବାରୁ ତାହା ଏଯାଏ ନିୟନ୍ତ୍ରଣ ହୋଇ ପାରୁନାହିଁ ବୋଲି ଚର୍ଚ୍ଚାର ବିଷୟ ହୋଇଛି।

ଯାଜପୁର ଜିଲାର ବ୍ରାହ୍ମଣୀ, ଖରସ୍ରୋତା ସମେତ ବିଭିନ୍ନ ନଦୀନାଳ ଓ ପଥର ଖାଦାନରେ ଦିନରାତି ଡିଟୋନେଟର ବ୍ଲାଷ୍ଟିଂ ଚାଲିଛି । ଏହାକୁ ରୋକିବା ପାଇଁ ଅନେକ ଆଇନକାନୁନ ରହିଛି । ମାତ୍ର ଜିଲା ପ୍ରଶାସନ ଏହାକୁ ରୋକିବା ପରିବର୍ତ୍ତେ ବେଆଇନ ବିସ୍ଫୋରଣକାରୀଙ୍କ ସହିତ ଭିତିରି ସମ୍ପର୍କ ରଖିଥିବା ଆଲୋଚନା ହେଉଛି। ଜିଲାର ଧର୍ମଶାଳା ତହସିଲ ଅଞ୍ଚଳରେ ସର୍ବାଧିକ ପଥରକ୍ୱାରୀ ରହିଛି। କ୍ରଶରଗୁଡ଼ିକୁ ଯାଉଥିବା ପଥରଖଣ୍ଡସବୁକୁ ଅଧିକାଂଶ କଳାପଥର ଖାଦାନରେ ବେଆଇନ ଭାବେ ଡ଼ିଟୋନେଟର ଦ୍ୱାରା ଫଟାଯାଉଛି । ଏଠାରେ ମୁଖ୍ୟତଃ ଇଲେକ୍ଟ୍ରୋନିକ ଡ଼ିଟୋନେଟର ଓ ଅର୍ଡ଼ିନାରୀ ଡ଼ିଟୋନେଟର ଦ୍ୱାରା ବ୍ଲାଷ୍ଟିଂ କରାଯାଉଛି। ତେବେ ଏହି ଡ଼ିଟୋନେଟର ବ୍ୟବହାର ପାଇଁ ସରକାର ଲାଇସେନ୍ସ ପ୍ରଦାନର ଆଇନ ରହିଛି । ଲାଇସେନ୍ସପ୍ରାପ୍ତ କ୍ୱାରୀ ମାଲିକମାନେ ସରକାରଙ୍କଠାରୁ ଲାଇସେନ୍ସ ପାଇଥିବା ବିକ୍ରୀକାରୀ ସଂସ୍ଥାଙ୍କଠାରୁ ଏହି ଡ଼ିଟୋନେଟର କିଣିପାରିବେ । ପୁନଶ୍ଚ ଏହାକୁ ତାଲିମପ୍ରାପ୍ତ ବ୍ଲାଷ୍ଟରଙ୍କ ଦ୍ୱାରା ହିଁ ଫଟାଇବେ । ତେବେ ଏଠାରେ ସବୁକିଛି ବେଆଇନ ଭାବେ ଚାଲୁଥିବାରୁ ପଥର ବ୍ୟବସାୟୀମାନେ କୌଣସି ନିୟମ ମାନୁ ନାହାନ୍ତି । ଚଢ଼େଇଧରା, ଆରୁହା, ମୁକୁନ୍ଦପୁର, ବାଲିସାହି, ଜାବରା, ମୁରାରିପୁର, ଡଙ୍କାରୀ, ବିଛାଖଣ୍ଡି, କବାଟବନ୍ଧ, ବରଡା ଆଦି ଗ୍ରାମରେ ବେଆଇନ ଡିଟୋନେଟର ବିକ୍ରୀ ଚାଲିଛି। ୨ରୁ ୩ ଜଣଙ୍କୁ ବାଦ ଦେଲେ କାହାରି ଲାଇସେନ୍ସ ନ ଥିବା ସୂଚନା ମିଳିଛି । ଏହିସବୁ କେନ୍ଦୁଝର ଜିଲା ଯୋଡା, ବଡବିଲ ଅଞ୍ଚଳରୁ ଆସୁଥିବା କୁହାଯାଉଛି। ବ୍ୟବସାୟୀମାନେ ମୁଖ୍ୟତଃ ରୟାଲଟି ଫାଙ୍କିବା ଓ ଡ଼ିଟୋନେଟର କିଣାରେ ଅଧିକ ଖର୍ଚ୍ଚରୁ ବଞ୍ଚିବା ପାଇଁ ଏହି ଲାଇସେନ୍ସ ନେବାକୁ ପଛାଉଛନ୍ତି। ଲାଇସେନ୍ସ ନେଇଥିବା ବ୍ୟବସାୟୀ ଦୈନିକ କେତେ ପଥର ଫଟାଉଛନ୍ତି ଓ କେତୋଟି ଡ଼ିଟୋନେଟର ଫୁଟାଇଛନ୍ତି ତା'ର ସବିଶେଷ ବିବରଣୀ ସରକାରଙ୍କ ନିକଟରେ ଦାଖଲ କରିବାର ନିୟମ ରହିଛି । ଏଣୁ କେତେ ପଥର ଫାଟୁଛି ତା'ର ବିବରଣୀ ସରକାରଙ୍କୁ ଦେବାପରେ ସେତିକି ପଥର ଉପରେ ରୟାଲଟି ମଧ୍ୟ ଦେବାକୁ ପଡ଼ିବ । ସେହିପରି ୧୦ ଫୁଟରେ ୧୦ଫୁଟ୍ ଅର୍ଥାତ୍ ୧୦୦ ବର୍ଗଫୁଟର ପଥର ଖଣ୍ଡ ଫଟାଇଲେ ଅତିକମ୍‌ରେ ୫ଟା ଡ଼ିଟୋନେଟରର ଆବଶ୍ୟକତା ପଡ଼ିଥାଏ । ଡ଼ିଟୋନେଟର ଅଧାରୁ କମ ଦାମରେ ଚୋରାରେ ମିଳୁଥିବାରୁ କମ୍ ଖର୍ଚ୍ଚ ପାଇଁ ଏହି ବିସ୍ଫୋରକ ସାମଗ୍ରୀର ବ୍ୟାପକ ଚୋରା କାରବାର ଚାଲିଛି । ଜିଲା ପ୍ରଶାସନ କିମ୍ବା ପୋଲିସ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବ୍ୟବସାୟୀମାନେ ଅନାୟାସରେ କାରବାର ଚଳାଇଛନ୍ତି। କେବଳ ସେତିକି ନୁହେଁ ଏହି ବିପଦପୂର୍ଣ୍ଣ ବିସ୍ଫୋରକ ସାମଗ୍ରୀକୁ ବାହାରେ ବିକ୍ରୀ କରାଯାଉଥିବା ଛତିଆ ବିସ୍ଫୋରଣରୁ ସ୍ପଷ୍ଟ ହୋଇଛି।

ଏ ସଂକ୍ରାନ୍ତରେ ଧର୍ମଶାଳା ଥାନାଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ପଚାରିବାରେ ସେ କହିଛନ୍ତି, ଢେଙ୍କାନାଳ ଜିଲା ନିହାଲପ୍ରସାଦ ଅଞ୍ଚଳରୁ ଯାଇଥିବା ବିସ୍ଫୋରକ ସାମଗ୍ରୀରୁ ଛତିଆ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ତେବେ ଧର୍ମଶାଳା ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ଉପରେ ପୋଲିସ ପ୍ରଶାସନର କଡା ନଜର ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଦେଶୀ


@ ପବିତ୍ର


@ ରସାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


DSPL-65

ଓଡ଼ିଶା ସରକାର

## ଜାତୀୟ ଡେଙ୍ଗୁ ଦିବସ

୧୬ ମଇ, ୨୦୨୫

"ଡେଙ୍ଗୁ ଏକ ମଶାବାହିତ ଭୂତାଣୁ ଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ । ପରିବେଶ ପରିଷ୍କାର ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରାଇ ଚିକିତ୍ସା କରିବା ଦ୍ୱାରା ଆମେ ଡେଙ୍ଗୁ କବଳରୁ ରକ୍ଷା ପାଇପାରିବା ।"



**କ'ଣ କରିବା**

- ପାଣି ଜମୁଥିବା ସ୍ଥାନ ଯଥା ଟିଣ, ଷଡେଇ, ଡବା, ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦି ଅନ୍ତତଃ ସପ୍ତାହରେ ଥରେ ସଫା କରନ୍ତୁ।
- ଦିନ ହେଉ ବା ରାତି ଶୋଇଲାବେଳେ ମଶାରି ଟାଙ୍ଗନ୍ତୁ।
- ପୁରା ହାତ ପୋଷାକ ପିନ୍ଧନ୍ତୁ।
- ଜ୍ୱର ସହ ଦେହ ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା ଆଦି ଲକ୍ଷଣ ଦେଖିଲେ ତୁରନ୍ତ

**କ'ଣ କରିବା ନାହିଁ**

- କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- ଘର ପାଖରେ ଲଟା ବୁଦା ବଢ଼ିବାକୁ ଦିଅନ୍ତୁ ନାହିଁ।
- ଖୋଲା ଦେହରେ ବାହାରେ ବୁଲାବୁଲି କରନ୍ତୁ ନାହିଁ । (ବିଶେଷତଃ ସକାଳ ଓ ସନ୍ଧ୍ୟା ସମୟରେ)
- ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ।

ଡେଙ୍ଗୁର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ ।

OIPR-10003/13/0178/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ମହାନଦୀର ସଂଯୋଗ ସ୍ଥଳକୁ ଅଣଦେଖା

ନୟାଗଡ଼,୧୫।୫(ଲୋକନାଥ ମିଶ୍ର)

ମହାନଦୀର ସଂଯୋଗ ସ୍ଥଳ ଅଥବା ମୁହାଣ କୁହାଯାଉଥିବା ଗଣିଆ ବ୍ଲକର କଳାପାଟ, ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ଓ ଭାପୁର ବ୍ଲକର ମାଣିତ୍ରୀ ଠାରେ ଆନିକଟ, ପଥର ବନ୍ଧ ଅଥବା ଏସ୍କେଫ୍ କରାଯିବା ପାଇଁ ଦାବି ବହୁ ଦିନ ଧରି ହୋଇ ଆସୁଥିଲେ ମଧ୍ୟ ଅଣଦେଖା କରାଯାଉଛି। ମୁହାଣଗୁଡିକୁ ଜଳସମ୍ପଦ ବିଭାଗ ଆଦୌ ଦୃଷ୍ଟି ଦେଉ ନ ଥିବାରୁ ଗଣିଆ, ଭାପୁର ଓ ଖଣ୍ଡପଡା ବ୍ଲକର ଚାଷ ଜମି ବନ୍ୟା ସମୟରେ ଜଳମଗ୍ନ ହେଉଛି। ଏପରିକି ବନ୍ୟା ଜଳରେ ବୁଡି ରହି ଫସଲ ନଷ୍ଟ ହେଉଛି। ବନ୍ୟା ଆସିଲେ ଚାଷୀର ଚିନ୍ତା ବଢୁଥିଲେ ମଧ୍ୟ ଜଳସମ୍ପଦ ବିଭାଗ ଏହାକୁ ଅଣଦେଖା କରୁଥିବାରୁ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପୁଣି ଅଧପନ୍ତରିଆ ମାଳବନ୍ଧକୁ ମଧ୍ୟ ଗୁରୁତ୍ୱ ଦିଆଯାଉ ନ ଥିବାର ଅନୁରୂପ ଅଭିଯୋଗ ରହିଛି।

ଗୁରୁବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକରେ ଚାଷୀଙ୍କ ସମସ୍ୟା ସ୍ଥାନ ପାଇନାହିଁ, ଯାହାକି ପ୍ରଶାସନର ଅସଲ ମୁଖାକୁ ପଦାରେ ପକାଇଛି। ପ୍ରକାଶ ଯେ, ଗଣିଆ ବ୍ଲକର କଳାପାଟଠାରେ ମହାନଦୀରେ ବୃଢ଼ଙ୍ଗ ଯେଉଁଠାରେ ମିଶ୍ରଣ ହୋଇଛି ସେଠାରେ ବୃଢ଼ଙ୍ଗ ନଦୀ କୂଳ ଖାଇ ଓସାରିଆ ହେବାରେ ଲାଗିଛି। ଏଠାରେ ଘାଇ ହେଲେ ଅନେକ ଚାଷ ଜମିର ଫସଲ ନଷ୍ଟ ହେବ। ବୃଢ଼ଙ୍ଗ ନଦୀ ଯେଉଁ ପରିମାଣର କୂଳ ଖାଉଛି ବନ୍ୟା ଆସିଲେ ଏଠାରେ ଘାଇ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସେହିପରି ରାସଙ୍ଗ ଠାରେ ମାଳବନ୍ଧ ଅସମ୍ପୂର୍ଣ୍ଣ ହୋଇ ରହିଛି। ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ ମଧ୍ୟ ୧୫ ବର୍ଷ ହେଲା ଜଳସମ୍ପଦ ବିଭାଗ ନୀରବତା ଅବଲମ୍ବନ କରି ଆସୁଛି। ବଡମୂଳରୁ ପତୁରିଆ ୨୮ କିମି ମାଳବନ୍ଧ ନିର୍ମାଣ ହେଲେ ଗଣିଆ ଅଞ୍ଚଳରେ ବନ୍ୟାର ଭୟ ରହନ୍ତା ନାହିଁ ବୋଲି କୁହାଯାଉଛି। ସେହିଭଳି ମାଧପୁରରୁ ହନୁମନ୍ତପ୍ରସାଦ, ବଡବର ମାଳବନ୍ଧ ଦୁର୍ବଳ ହୋଇଥିଲେ ମଧ୍ୟ ପଦକ୍ଷେପ ନାହିଁ। କାଳିଗିର ନଦୀ ମାଣିତ୍ରୀ ପାଖରେ, କୁସୁମୀ ଓ କମେଇ ନଦୀ କଣ୍ଟିଲୋ ପାଖରେ ମହାନଦୀରେ ମିଶିଛି। ଏହି ଦୁଇଟି ନଦୀର ମୁହାଣ ନିକଟରେ ଆଦୌ ଆନିକଟ, ପଥର ବନ୍ଧ ଅଥବା ଏସ୍କେଫ କରାଯାଉନି। ଏଣୁ ଫତେଗଡ, କରବର, ପଦ୍ମାବତୀ ଓ ଶାସନ ପଞ୍ଚାୟତର ଚାଷ ଜମି ମହାନଦୀ ବନ୍ୟା ଜଳ ରେ ବୁଡି ରହୁଛି। ଜମି ବାଲିଚର ହୋଇ ଯାଉଛି।



ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକରେ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

- କରାଯାଉନି ଆନିକଟ ଓ ପଥରବନ୍ଧ
- ଚଉଡ଼ା ହେଉଛି ୩ ନଦୀର ମୁହାଣ
- ରାସଙ୍ଗ ମାଳବନ୍ଧକୁ ଭୁଲିଗଲା ପ୍ରଶାସନ

## ବିପର୍ଯ୍ୟୟ ମୁକାବିଲା ପାଇଁ ସଜବାଜ

ଜିଲା ପରିଷଦର ସୃଜନ ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇ ଖଣ୍ଡପଡ଼ା ଅଞ୍ଚଳରେ ନଦୀବନ୍ଧ ଦୁର୍ବଳ ଥିବା ପ୍ରକାଶ କରିଥିଲେ। ବର୍ଷାପୂର୍ବରୁ ଏହାକୁ ମରାମତି କରିବାକୁ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଜଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦାନ କରିଥିବାବେଳେ ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବାଚସ୍ପତିଙ୍କ ପ୍ରତିନିଧି, ଏମ୍‌ପି ପୁରୀଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ନିମନ୍ତେ କଣ୍ଟ୍ରୋଲ ରୁମ ସହ ମୋବାଇଲ ସେବାକୁ ସର୍ବଦା ସକ୍ରିୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଓ ବାତ୍ୟାର ମୁକାବିଲା ନିମନ୍ତେ କମିଟି ଗଠନ କରିବା, କଣ୍ଟ୍ରୋଲ ରୁମ ସହ ମୋବାଇଲ ସେବାକୁ ସର୍ବଦା ସକ୍ରିୟ ରଖିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗଣିଆ, ଛାମୁଣ୍ଡିଆ,ଭାପୁର ଅଞ୍ଚଳରେ ପାୱାର ବୋଟ୍ ଏବଂ ଦେଶୀ ଡଙ୍ଗାଗୁଡ଼ିକୁ ସକ୍ରିୟ ରଖିବା ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପର ଆବଶ୍ୟକ ସ୍ଥାନରେ ଚୁଡ଼ା ଗୁଡ଼, ମହମବତୀ, ଦିଆସିଲ, କିରୋସିନ, ଔଷଧପତ୍ର, ଓଆରଏସ. ପାଉଡର, ସାପ କାମୁଡ଼ା ଔଷଧ, ପ୍ରାଣୀମାନଙ୍କ ପାଇଁ ଖାଦ୍ୟ ମହଜୁଦ ରଖିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବନ୍ୟା ସମୟରେ ନଦୀବନ୍ଧ ଯେପରି ଭାଙ୍ଗି ନ ଯିବ, ମହାନଦୀ କୂଳରେ ଥିବା ଦୁର୍ବଳ ସ୍ଥାନର ସୁବ୍ୟବସ୍ଥା କରିବା ପାଇଁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବନ୍ୟା ସମୟରେ ପାଣି ପଶି ଘରଦ୍ୱାର ଭାଙ୍ଗି ଯାଇ ଯେପରି ଗ୍ରାମବାସୀ ବିପଦର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଆବଶ୍ୟକ ସ୍ଥାନରେ ଆଡ଼ିବନ୍ଧ ବ୍ୟବସ୍ଥା, ପାନୀୟଜଳର ସୁବ୍ୟବସ୍ଥା କରିବା ପାଇଁ ନଳକୂଅ ଗୁଡ଼ିକ ଶୀଘ୍ର ମରାମତି ଏବଂ ଜଳମଗ୍ନ ସ୍ଥାନରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ରହିଛି। ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ଆପଦ ମିତ୍ର ତାଲିମ ପାଇ ସଜାଗ ଅଛନ୍ତି। ସେମାନଙ୍କୁ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଇଛ। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ସମସ୍ତ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ସମସ୍ତ ନିର୍ବାହୀ ଅଧିକାରୀ ଯୋଗଦାନ କରିଥିଲେ। ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଧନ୍ୟବାଦ ଦେଇଥିଲେ।

# ଅପରେଶନ ସିନ୍ଦୂରର ସଫଳତା ନେଇ ତ୍ରିରଙ୍ଗା ଶୋଭାଯାତ୍ରା



ଖଣ୍ଡପଡ଼ାରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ବିଧାୟକ ଓ ଅନ୍ୟମାନେ।

ଖଣ୍ଡପଡ଼ା,୧୫।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ଅପରେଶନ ସିନ୍ଦୂରର ସଫଳତା ନେଇ ଗୁରୁବାର ଖଣ୍ଡପଡ଼ା ସହରରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଖଣ୍ଡପଡ଼ା ସହର ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ । ଅପରେଶନ ସିନ୍ଦୂରର ସଫଳତା ଓ ଭାରତୀୟ ସେନା ବାହିନୀର ମନୋବଳ ବୃଦ୍ଧି ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ପୋଲିସ, ତହସିଲ ଓ ବ୍ଲକ୍ ପ୍ରଶାସନର କର୍ମଚାରୀମାନେ ସାମିଲ ହୋଇଥିଲେ । ବନ୍ଦେ ଉତ୍କଳ ଜନନୀ, ଭାରତ ମାତାକି ଜୟ ସ୍ଲୋଗାନରେ ସହର ସାରା ପ୍ରକମ୍ପିତ ହୋଇ ଉଠିଥିଲା । ଶୋଭାଯାତ୍ରା ଯୋଗୁ ଖଣ୍ଡପଡା ସହର ତ୍ରିରଙ୍ଗାମୟ ହୋଇଥିଲା

# ୪୦ ଫୁଟ କୂଅରୁ ଯୁବକ ଉଦ୍ଧାର

ନୟାଗଡ଼,୧୫।୫ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଶିମିଳିସାହି ଗାଁର ୱେଲଡିଂ ମିସ୍ତ୍ରୀ କୈଳାସ ମହାକୁଡ କାମକୁ ଯିବାବେଳେ ଗୁରୁବାର ୪୦ ଫୁଟ ଗଭୀର କୂଅରେ ଖସି ପଡିଥିଲେ । ଖବର ପାଇ ଦଶପଲ୍ଲା ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ଲେଣ୍ଣି ପକାଇ କୈଳାସଙ୍କୁ ଉଦ୍ଧାର କରିଛନ୍ତି । କୈଳାସଙ୍କ ଉପରେ ପରିବାରର ୫ ଜଣ ସଦସ୍ୟ ନିର୍ଭର କରନ୍ତି ।

# ତହସିଲ ଅଫିସ ଦେଇ ଯାଇଥିବା ବିଦ୍ୟୁତ୍ ତାର ଲାଗି ଯୁବକ ଗୁରୁତର

ନୂଆଗାଁ,୧୫।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ନୂଆଗାଁ ତହସିଲ କାର୍ଯ୍ୟାଳୟରେ ଗୁରୁବାର ବିଦ୍ୟୁତ ତାର ଲାଗି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ରିତେଶ କୁମାର ନାୟକ (୨୩)। ନୂଆଗାଁ ବିଦ୍ୟୁତ ବିଭାଗର ମନମାନୀର ପରିଣାମ ଭୋଗୁଛନ୍ତି ସାଧାରଣ ଶ୍ରମିକ ଶ୍ରେଣୀର ଲୋକ। ନୂଆଗାଁ ତହସିଲ କାର୍ଯ୍ୟାଳୟ ପରିସର ଦେଇ ଟଣା ଯାଇଛି ୧୧ କେଭିର ବିଦ୍ୟୁତ ତାର। ତାହା ପୁଣି କାର୍ଯ୍ୟାଳୟ , କର୍ମଚାରୀ ଓ ଅଧିକାରୀଙ୍କ କ୍ୱାର୍ଟର୍ସର ଛାତ ଉପରେ ଯାଇଛି। ଉକ୍ତ ବିଦ୍ୟୁତ ତାରକୁ କାର୍ଯ୍ୟାଳୟ ପରିସରରୁ ହଟାଇ ଅନ୍ୟ ରାସ୍ତା ଦେଇ ନେବା ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ବିଦ୍ୟୁତ ବିଭାଗକୁ ଲିଖିତ ଭାବେ ଜଣାଯାଇଥିବା ତହସିଲଦାର ଓ କର୍ମଚାରୀମାନେ କହିଛନ୍ତି। ହେଲେ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଶୁଣୁ ନାହାନ୍ତି। ପରିଣାମ ସ୍ୱରୂପ ୨୦୨୨ ମାର୍ଚ୍ଚ ୧ ତାରିଖରେ ନୂଆସାହି ଗ୍ରାମର ଶ୍ରମିକ ନାରାୟଣ ପ୍ରଧାନ ତହସିଲ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଏହା ପରେ ମଧ୍ୟ ବିଦ୍ୟୁତ ବିଭାଗର ନିଦ ଭାଙ୍ଗିଲା ନାହିଁ। ଗୁରବାର କାର୍ଯ୍ୟାଳୟର ଏସି ମରାମତି କରିବାକୁ ଆସିଥିବା ଦଶପଲ୍ଲା ଥାନା ମଧ୍ୟଖଣ୍ଡ ଗ୍ରାମର ରିତେଶ ନାୟକ (୨୩) ବିଦ୍ୟୁତ ତାର ଲାଗି ଗୁରୁତର ହୋଇଛନ୍ତି। ତାଙ୍କ ଛାତି , ଗୋଡ଼ ଆଦି ପୋଡି ଯାଇଛି। ଗୁରୁତର ଆହତ ରିତେଶଙ୍କୁ ତହସିଲ କାର୍ଯ୍ୟାଳୟ ଗାଡିରେ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଅତନୁ ବୋଷଙ୍କୁ ତାଙ୍କ ଫୋନ୍ ନଂ.୯୪୩୭୫୫୫୪୭୬ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ।


ତହସିଲ ଅଫିସ ଛାତ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର।

# ବୀର ଯବାନଙ୍କ ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା

ନୟାଗଡ଼,୧୫।୫(ଲୋକନାଥ ମିଶ୍ର)

ଅପରେଶନ ସିନ୍ଦୂରର ସଫଳତା ଓ ବୀର ସୈନିକମାନଙ୍କୁ ଉତ୍ସାହିତ କରିବା ପାଇଁ ନୟାଗଡ଼ ଜିଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ଗୁରୁବାର ସକାଳେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଜଳ, ସ୍ଥଳ ଓ ଆକାଶ ବାହିନୀର ବୀର ଯବାନମାନଙ୍କୁ ସମ୍ମାନ ଜଣାଇ ନୟାଗଡ଼ ସହର ଉପକଣ୍ଠ ଦୁର୍ଗା ପ୍ରସାଦର ଶୈବ ମନ୍ଦିରଠାରୁ ପୁରୁଣା ସହରର ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଉଦଘାଟନ କରିଥିଲେ। ଜିଲାପାଳ ନିଜେ ବାଇକ୍‌ରେ ବସି ପତାକା ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ରୋଜିନା ଦାସ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଜିଲାସ୍ତରୀୟ ଅଧିକାରୀ, ପୋଲିସ ଅଧିକାରୀ ଓ କର୍ମଚାରୀ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ଭାରତ ମାତା କି ଜୟ ସ୍ଲୋଗାନ ଦେଇଥିଲେ।


ନୟାଗଡ଼ରେ ଆୟୋଜିତ ପରାକ୍ରମ ଶୋଭାଯାତ୍ରା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଦେଶୀ


@ ପବିତ୍ର


@ ରସାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DSPL-65

ଓଡ଼ିଶା ସରକାର

## ଜାତୀୟ ଡେଙ୍ଗୁ ଦିବସ

୧୬ ମଇ,୨୦୨୫

"ଡେଙ୍ଗୁ ଏକ ମଶାବାହିତ ଭୂତାଣୁ ଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ । ପରିବେଶ ପରିଷ୍କାର ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରାଇ ଚିକିତ୍ସା କରିବା ଦ୍ୱାରା ଆମେ ଡେଙ୍ଗୁ କବଳରୁ ରକ୍ଷା ପାଇପାରିବା ।"

**କ'ଣ କରିବା**

- ପାଣି ଜମୁଥିବା ସ୍ଥାନ ଯଥା ଟିଣ, ଷଢେଇ, ଡବା, ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦି ଅନ୍ତତଃ ସପ୍ତାହରେ ଥରେ ସଫା କରନ୍ତୁ ।
- ଦିନ ହେଉ ବା ରାତି ଶୋଇଲାବେଳେ ମଶାରି ଟାଙ୍ଗନ୍ତୁ ।
- ପୁରା ହାତ ପୋଷାକ ପିନ୍ଧନ୍ତୁ ।
- ଜ୍ୱର ସହ ଦେହ ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା ଆଦି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଖାନାକୁ ଯାଆନ୍ତୁ ।

**କ'ଣ କରିବା ନାହିଁ**

- କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହିଁ ।
- ଘର ପାଖରେ ଲଟା ବୁଦା ବଢିବାକୁ ଦିଅନ୍ତୁ ନାହିଁ ।
- ଖୋଲା ଦେହରେ ବାହାରେ ବୁଲାବୁଲି କରନ୍ତୁ ନାହିଁ । (ବିଶେଷତଃ ସକାଳ ଓ ସନ୍ଧ୍ୟା ସମୟରେ)
- ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ ।

ଡେଙ୍ଗୁର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0179/2526

# ସେନାର ପରାକ୍ରମ ଦେଶବାସୀଙ୍କୁ ଗର୍ବିତ କରିଛି

## ଅପରେଶନ ସିନ୍ଦୂରର ସଫଳତା ନେଇ ଜିଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାକୁ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଓ ଅନ୍ୟମାନେ ଶୁଭାରମ୍ଭ କରୁଛନ୍ତି ।

ଯାଜପୁର ଟାଉନ,୧୫ା୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଆତଙ୍କବାଦ ବିରୋଧୀ ଅପରେଶନ 'ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତୀୟ ସେନାର ଏହି ଅଗାଢ଼ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଗୁରୁବାର ସକାଳ ୮ଟାରେ ଯାଜପୁର ଜିଲା ପ୍ରଶାସନ ଆନୁକୁଲ୍ୟରେ ଏକ ଜିଲାସ୍ତରୀୟ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋଭାଯାତ୍ରାକୁ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ ହୋଇ ଗାନ୍ଧୀ ଛକ, ମେଡିକାଲ ଛକ, କୁସୁମା, ଟିଭିଏସ ଛକ, ମହାବୀର ଛକ, ରେଡକ୍ରସ ଛକ, ମାନସାପୋଲ ଦେଇ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆଠାରେ ଶେଷ ହୋଇଥିଲା।

ଏମ୍‌ପି ବେହେରା ଶୋଭାଯାତ୍ରାକୁ ସମ୍ବୋଧନ କରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଆଜି ଶୀର୍ଷ ସ୍ଥାନକୁ ଯାଇଛି। ଭାରତର ସାମରିକ ଶକ୍ତି କ'ଣ ପ୍ରଧାନମନ୍ତ୍ରୀ ବିଶ୍ୱକୁ ଦେଖାଇ ଦେଇଛନ୍ତି। ଭାରତର ସଶସ୍ତ୍ର ବାହିନୀ 'ଅପରେଶନ ସିନ୍ଦୂର' ଅଭିଯାନରେ ନିଜର ବୀରତ୍ୱ ଦେଖାଇଛନ୍ତି। ସେମାନେ ଆତଙ୍କବାଦୀ ଓ ତାଙ୍କ ଆଡ୍ଡାକୁ ନଷ୍ଟ କରିବା ସହ ପାକିସ୍ତାନର ବହୁ ସାମରିକ ଶକ୍ତିକୁ କ୍ଷତି କରିଛନ୍ତି। ସେଥିପାଇଁ ସେ ହୃଦୟରୁ ଭାରତୀ ସେନାକୁ ସାଲ୍ୟୁଟ କରିଥିଲେ। ଶତ୍ରୁର ପ୍ରତ୍ୟେକ ଆହ୍ୱାନର ଉଚିତ ଜବାବ ଦେବା ପାଇଁ ଆମ ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏମ୍‌ପି କହିଥିଲେ।

ଜିଲାପାଳ କହିଥିଲେ, 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ସେନାର ଏହି ଅଗାଢ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବା ପାଇଁ ଏବଂ ତାଙ୍କ ବୀରତ୍ୱକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଜିଲାସ୍ତରରେ ତ୍ରିରଙ୍ଗା ଯାତ୍ରା କରାଯାଇଛି। ଏହି ତ୍ରିରଙ୍ଗା ଯାତ୍ରାରେ ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଆରକ୍ଷୀ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଏନସିସି, ଏନ୍‌ଏସ୍‌ଏସ୍, ଆରକ୍ଷୀ ବାହିନୀ, ଜନ ପ୍ରତିନିଧି, କ୍ରୀଡ଼ାବିତ, ଗଣମାଧ୍ୟମ ପ୍ରତିନିଧି, ବାର ଆସୋସିଏଶନ କର୍ମକର୍ତ୍ତା, ଲୟର ଆସୋସିଏଶନ୍ କର୍ମକର୍ତ୍ତା, ବରିଷ୍ଠ ସରକାରୀ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ରେଡକ୍ରସ ସଂଘ, ଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ତ୍ରିରଙ୍ଗା ପତାକା ଧରି ବାଇକ୍ ଚଳାଇ ବନ୍ଦେ ମାତରଂ ଧ୍ୱନି ଦେଇ ସହର ପରିକ୍ରମା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଯାଜପୁର ଥାନା ଅଞ୍ଚଳରୁ ଗୋଟିଏ ରାତିରେ ୩ ଚୋରି



ଯାଜପୁର ଟାଉନ,୧୫ା୫(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ଥାନା ଅଧୀନ ଏନସି କଲେଜ ରୋଡ୍‌ର ଲଳିତେଶ୍ୱରନଗରରେ ଗୋଟିଏ ରାତିରେ ୩ ଘରୁ ହୋଇଛି। କଲେଜ ରୋଡ୍‌ରେ ଥିବା ଗୁଗୁଲୀ ହୋଟେଲର ମାଲିକ ଅମ୍ବିକା ମଣ୍ଡପ ନିକଟରେ ଘର ଭଡ଼ା ନେଇ ରହୁଛନ୍ତି। ତାଙ୍କ ସପରିବାରେ ଏକ କାମରେ ଗ୍ରାମକୁ ଯାଇଥିବା ବେଳେ ଦୁର୍ବୃତ୍ତ ତାଙ୍କ ଘର କବାଟ ଓ ଗ୍ରୀଲ୍ କାଟି ଆଲମିରା ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ଟଙ୍କା ଓ ଆସବାସ ପତ୍ର ଲୁଟି ନେଇଛନ୍ତି। ଏନେଇ ତାଙ୍କ ପରିବାର ପକ୍ଷରୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ଚୋରି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସେହିପରି ନିକଟସ୍ଥ ଅଞ୍ଚଳରେ ଆଉ ୨ ଘରୁ ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏସ୍‌ଆଇ ମହମ୍ମଦ ସୁରଜ, ଏସ୍‌ଆଇ ସଂଯୁକ୍ତା ବେହେରା ଓ ଏସ୍‌ଆଇ ତୃପ୍ତିମୟୀ ରାଉତ ୩ ମାମଲାର ତଦନ୍ତ କରୁଛନ୍ତି।

### ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

#### ନାବାଳକଙ୍କୁ ହତ୍ୟା ମାମଲା

ଯାଜପୁର ଟାଉନ,୧୫ା୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ନାବାଳକଙ୍କୁ ହତ୍ୟା ଅଭିଯୋଗରେ ୪ ବର୍ଷ ହେବ ଜେଲରେ ଥିବା ଅଭିଯୁକ୍ତ ହେମନ୍ତ ଖଟୁଆ ଗୁରୁବାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପ୍ରମାଣ ଅଭାବରୁ ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ପୋକ୍‌ସୋ ଜଜ୍ ଅଭିଜିତ ପଲେଇ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୋଗ ମୁତାବକ, ଯାଜପୁର ଜିଲା କୋରେଇ ଥାନା ମୁକୁନ୍ଦପୁର ଗ୍ରାମର ବାସୁଦେବ ଦାସଙ୍କ ନାବାଳକ ପୁଅ ୨୦୨୧ ଜୁଲାଇ ୨ରେ ନିଖୋଜ ହୋଇଯାଇଥିଲେ। ଏହି ଘଟଣାରେ ଗ୍ରାମର ହେମନ୍ତ ଖଟୁଆ ସଂପୃକ୍ତ ବୋଲି ଅଭିଯୋଗ ହୋଇଥିଲା। ହେମନ୍ତ ନାବାଳକଙ୍କୁ ପ୍ରଲୋଭିତ କରି ଚକୋଲେଟ ଦେଇ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖି ମାରି ଏକ ପୋଖରୀରେ ପକାଇ ଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ନଂ.୧୯୪/୨୧ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ହେମନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିଦିନଠାରୁ ହେମନ୍ତ ଜେଲରେ ଥିଲେ। ୧୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ରାୟ ପରିଚାଳନା କରୁଥିଲେ।

# ବିବାହ ପାଇଁ ପ୍ରେମିକ ରାଜି ନ ହେବାରୁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

## ଲୋକେ ଉଦ୍ଧାରକରି ପୋଲିସ ଜିମା ଦେଲେ

ରସୁଲପୁର,୧୫ା୫(ରଞ୍ଜିତ ରାଉତ):

ବିବାହ ପାଇଁ ପ୍ରେମିକ ରାଜି ନ ହେବାରୁ କୁଆଖିଆ ଓଭର ବ୍ରିଜ୍‌ରୁ ଡେଇଁ ଜଣେ ଆଦାବାସୀ ମହିଳା ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ଲୋକଙ୍କ ଦ୍ୱାରା ଉଦ୍ଧାର ହୋଇଛନ୍ତି। କୁଆଖିଆ ପୋଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା କୁଆଖିଆ ବଜାର ଅଞ୍ଚଳରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

ସୂଚନା ମୁତାବକ, କେନ୍ଦୁଝର ଜିଲାର ସମ୍ପୃକ୍ତ ଆଦିବାସୀ ମହିଳାଙ୍କ ସହ ସେହି ସମ୍ପ୍ରଦାୟର ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସମ୍ପୃକ୍ତ ଯୁବକଙ୍କ ଘର କେନ୍ଦୁଝର ଜିଲାରେ ହୋଇଥିବାବେଳେ ସେ ଦୀର୍ଘବର୍ଷ ଧରି ରସୁଲପୁର ବ୍ଲକ ସମ୍ମୁଖରେ ପରିବାର ସହ ରହୁଛନ୍ତି। ଯୁବକଜଣକ ଗାଁକୁ ଯାଆସ କରିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା। ମହିଳା ଜଣକ ବିବାହିତ ହୋଇ ମଧ ତାଙ୍କ ସ୍ୱାମୀଙ୍କୁ ଛାଡି ଦେଇ ଭଲ ପାଉଥିବା ଯୁବକଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ। ଯୁବକ ଜଣକ ବିବାହିତ ହୋଇଥିବାରୁ ମହିଳାଙ୍କ ପ୍ରେମ ନିବେଦନକୁ ପ୍ରତ୍ୟାଖ୍ୟାନ କରିବା ସହ ତାଙ୍କୁ ବିବାହ କରିବାକୁ ରୋକଠୋକ୍ ମନା କରିଦେଇଥିଲେ। ଫଳରେ ଯୁବକଙ୍କ ପ୍ରତାରଣା ସହି ନ ପାରି ମହିଳା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିବାକୁ ପୋଲରୁ ଡେଇଁବାକୁ ଉଦ୍ୟମ କରିଥିଲେ ବୋଲି ପୋଲିସ ଆଗରେ କହିଛନ୍ତି।

# ବ୍ଲକସ୍ତରୀୟ ଯୋଗ ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗ କରାଯାଉଛି ।

କଳିଙ୍ଗନଗର,୧୫ା୫ (ଶୁଭାଶିଷ ରାଉତ):

ଦାନଗଦି ବ୍ଲକ ଅଧୀନ ବୁଦ୍ଧରାଜା ହାଇସ୍କୁଲ ପରିସରରେ ଗୁରୁବାର ଏକ ଯୋଗ ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗକୁ ପ୍ରତି ବ୍ୟକ୍ତି ପାଖରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଅଭିଯାନ ଜାରି ରଖିଥିବା ଯୋଗ ମହୋତ୍ସବ ସମିତି ଓଡ଼ିଶା ପକ୍ଷରୁ ଜିଲା ସଂଯୋଜିକା ପ୍ରିୟତମା ଦାଶଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଅତିଥିଭାବେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରଣତୀ ସାହୁ ଓ ଭଦ୍ରକ ଜିଲା ଯୋଗ ମହୋତ୍ସବ ସମିତିର ଜିଲା ସଂଯୋଜକ ବସନ୍ତ କୁମାର ଖିଲାର ପ୍ରମୁଖ ଯୋଗଦେଇ ଯାଜପୁର ଜିଲାର ପ୍ରତି ବ୍ୟକ୍ତିଙ୍କ ପାଖରେ କିପରି ଯୋଗ ପହଞ୍ଚି ପାରିବ ତାହାର ପ୍ରୟାସ ଆରମ୍ଭ କରିବାକୁ ସ୍ଥାନୀୟ ଯୋଗ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ଜିଲାର ପ୍ରତି ପଞ୍ଚାୟତରେ ନିୟମିତ ଯୋଗ କ୍ଲାସ କିପରି ହୋଇପାରିବ ସେ ଦିଗରେ ଆଲୋଚନା କରିଥିଲେ। ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଶିକ୍ଷକଭାବେ ରାଜେନ୍ଦ୍ର ସାହୁ ଓ ପ୍ରଶନ୍ନ ସାହୁ ସାଧାରଣ ପ୍ରୋଟୋକଲ ଯୋଗାଭ୍ୟାସ କରାଇଥିଲେ। ଯୋଗଗୁରୁ ବସନ୍ତ ଖିଲାର ରୋଗ ଭିତ୍ତିକ ଆସନ ପ୍ରାଣାୟମ ଶିଖାଇଥିଲେ। ଏଥିରେ ଆରତୀ ସିଂ, ପବିତ୍ର ମହାନ୍ତି, ରାଜେଶ ନାୟକ, ରାଜେନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲ। ସ୍ଥାନୀୟ ମହିଳା ମହାସଂଘର ସଭ୍ୟାମାନେ ଉପସ୍ଥିତ ଥିଲେ।

# ବୀର ଯବାନଙ୍କ ଉଦ୍ଦେଶ୍ୟରେ ତ୍ରିରଙ୍ଗା ଶୋଭାଯାତ୍ରା



କୋରେଇ ବିଧାୟକ ଆକାଶ ଦାସନାୟକ ତ୍ରିରଙ୍ଗା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

ଯାଜପୁରରୋଡ୍,୧୫ା୫ (ପବିତ୍ର ରଞ୍ଜନ ମହାନ୍ତି):

ଆତଙ୍କବାଦୀ ବିରୋଧୀ ଅଭିଯାନ ଓ ଅପେରଶନ 'ସିନ୍ଦୂର'ର ସଫଳତା ପରେ ବୀର ଯବାନମାନଙ୍କୁ ଉତ୍ସାହିତ କରିବା ପାଇଁ ଦେଶରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା କରାଯାଉଛି। ବ୍ୟାସନଗର ପୌର ପ୍ରଶାସନ ପକ୍ଷରୁ ଗୁରୁବାର ଏହି ଶୋଭାଯାତ୍ରା କରାଯାଇଛି। ସକାଳ ୮ଟାରେ ବ୍ୟାସନଗର ସନ୍ତରାସ୍ଥିତ ସଂସ୍କୃତି ଭବନଠାରୁ ଶୋଭାଯାତ୍ରା ବାହାରି ସହରର ପରିକ୍ରମା କରି ରାଜୀବ ଗାନ୍ଧୀ ଷ୍ଟାଡିୟମଠାରେ ପହଞ୍ଚିଥିଲା। ଶୋଭାଯାତ୍ରାକୁ କୋରେଇ ବିଧାୟକ ଆକାଶ ଦାସ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ପୌରପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ପୌର ନିର୍ବାହୀ ଅଧିକାରୀ ନମ୍ରତା ମୋଦି, ସମସ୍ତ କାଉନସିଲର, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଯାଜପୁରରୋଡ୍ ଆଦର୍ଶ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ଅଗ୍ନିଶମ ବିଭାଗ, ବନ ବିଭାଗ, ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡର, ବିଭିନ୍ନ ସଂଗଠନ ଓ ବୁଦ୍ଧିଜୀବୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ମହିଳାଙ୍କୁ ହତ୍ୟା ମାମଲାରେ ଶାଶୁଶ୍ୱଶୁର ଗିରଫ

ଧର୍ମଶାଳା,୧୫ା୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ନେଉଳପୁର କଣ୍ଟାବଣିଆଁ ସଂଖ୍ୟାଲଘୁ ସାହିର ମହିଳା ଆରଜୁ ବାନୁଙ୍କୁ ଯୌତୁକ ପାଇଁ ହତ୍ୟା ମାମଲାରେ ପୋଲିସ ତାଙ୍କ ଶାଶୁଶଶୁରଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଶାଶୁ ଆଏମା ବିବି(୬୦) ଓ ଶଶୁର ଏସ୍‌କେ ଏନାମ୍ ଖାଁ(୬୫)।

ଚହଟା ଗ୍ରାମ ମୁସଲିମ ସାହିର ମହମ୍ମଦ ସବିରଙ୍କ ଝିଅ ଆରଜୁ ୪ ବର୍ଷ ପୂର୍ବେ କଣ୍ଟାବଣିଆଁ ସଂଖ୍ୟାଲଘୁ ସାହିର ଏସ୍‌କେ ମହସିମ ଖାଁଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷଙ୍କ ଦାବି ମୁତାବକ ଯୌତୁକ ବାବଦକୁ ଗାଡ଼ି ପାଇଁ ଦେଢ଼ଲକ୍ଷ ଟଙ୍କା ସହ ଅନ୍ୟ ସାମଗ୍ରୀ ଦିଆଯାଇଥିଲା। ମାତ୍ର ଏହାପରଠାରୁ ଶାଶୁଘର ଲୋକେ ଆରଜୁଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏହା ମଧ୍ୟରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଆରଜୁଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଆରଜୁଙ୍କ ବାପଘର ଲୋକେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ତାଙ୍କ ଝିଅଙ୍କୁ ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୮୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ବ୍ୟାସନଗର ଟ୍ରକ୍ ମାଲିକ ସଂଘ ଗଠିତ



ବ୍ୟାସନଗର ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ।

ଯାଜପୁରରୋଡ୍,୧୫ା୫(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍‌ଠାରେ ନୂତନ ଭାବେ ବ୍ୟାସନଗର ଟ୍ରକ ମାଲିକ ସଂଘ ଗୁରୁବାର ଗଠନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଟ୍ରକ ମାଲିକଙ୍କ ଥିବା ବିଭିନ୍ନ ସମସ୍ୟା ସହ ସୁକିନ୍ଦା ଖଣି ଅଞ୍ଚଳରେ ମାଲ ପରିବହନ କ୍ଷେତ୍ରରେ ନ୍ୟାୟ ପ୍ରଦାନ ପାଇଁ ବ୍ୟାସନଗରର ଅଧିକାଂଶ ମାଲିକ ଏକତ୍ରିତ ହୋଇ ଏହି ସଂଘ ଗଠନ କରିଛନ୍ତି। ଚୋରଦା ବାଇପାସଠାରେ ନୂତନ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସଂଘରେ ବ୍ୟାସନଗର ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ମାଲିକ ସଭ୍ୟ ରହିଛନ୍ତି। ସଂଘ ମୁଖ୍ୟ ଉପଦେଷ୍ଟା ଭାବେ ବ୍ରଜକିଶୋର ରାଉତ, ସଭାପତିଭାବେ କିଶୋର କୁମାର ରାଉତ, ଉପସଭାପତି ନୀଳମଣି ରାଉତ, ସମ୍ପାଦକଭାବେ ସୌଭାଗ୍ୟ କୁମାର ବାରିକ, ଯୁଗ୍ମସମ୍ପାଦକ ଜୟଜିତ ପରିଡ଼ା, କୋଷାଧ୍ୟକ୍ଷଭାବେ ସୁରେନ୍ଦ୍ର କୁମାର ଶର୍ମା ମନୋନୀତ ହୋଇଛନ୍ତି। ସଭ୍ୟଭାବେ ନିରଞ୍ଜନ ସାହୁ, ଅରୁଣ ମହାନ୍ତି, ବିନୋଦ କୁମାର ଶର୍ମା, ଶିଶିର ଓଝା, ପ୍ରଦ୍ୟୁମ୍ନ କୁମାର ବୋଇତାଇ, ଆନନ୍ଦ ଚନ୍ଦ୍ର ବଳ, ମାନସ ରଞ୍ଜନ ଆଏଚ, ଉମାକାନ୍ତ ପୁହାଣ, ବିଜୟ ଜେନା, ବସନ୍ତ ପାତ୍ର, ବିଶ୍ୱଜିତ ପରିଡ଼ା, ପ୍ରଭାତ କୁମାର ସିଂ, ରାଜକିଶୋର ମଲିକ, ବିଶ୍ୱଜିତ ପଣ୍ଡା, ପ୍ରମୋଦ ଛୋଟରାୟ ଓ ସୁଜିତ କୁମାର ନାୟକ ପ୍ରମୁଖ ରହିଛନ୍ତି। ମାଲିକମାନଙ୍କ ସମସ୍ୟା ସମାଧାନ ସହ ସ୍ଥାନୀୟ ଫେରୋକ୍ରୋମ ପ୍ଲାଣ୍ଟ ଓ ଖଣି ଅଞ୍ଚଳରେ ପରିବହନ କ୍ଷେତ୍ରରେ ସମନ୍ୱୟ ରକ୍ଷା କରିବା ଏହି ସଂଘର ମୂଳଲକ୍ଷ୍ୟ ବୋଲି ସଭାପତି ରାଉତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଯାଜପୁରରୋଡ୍ ଟ୍ରକ ମାଲିକ ସଂଘ ବହୁ ବର୍ଷ ଧରି କାର୍ଯ୍ୟ କରିଆସୁଥିଲା। ମାତ୍ର ସଂଘ ମଧ୍ୟରେ ବିଭିନ୍ନ ବିଶୃଙ୍ଖଳା, ମାଲ ପରିବହନ ଓ ପରିବହନ ମୂଲ୍ୟ ପ୍ରଦାନ କ୍ଷେତରେ ପକ୍ଷପାତିତାକୁ ନେଇ ଗତ କିଛି ମାସ ହେବ ଅସନ୍ତୋଷ ଲାଗିରହିଥିଲା। କ୍ରମେ ବହୁ ସମୟରେ ଗୋଷ୍ଠୀ ବିବାଦ ଲାଗିରହିଥିଲା। ଉଭୟ ଗୋଷ୍ଠୀ ବାରମ୍ବାର ପ୍ରଶାସନ ଦ୍ୱାରସ୍ଥ ହେବାପରେ ଏହି ନୂତନ ସଂଘ ଜନ୍ମ ନେଇଥିବା ସଭ୍ୟମାନେ କହିଛନ୍ତି।

## ନାବାଳିକା ଅସଦାଚରଣକାରୀଙ୍କୁ ୫ ବର୍ଷ କାରାଦଣ୍ଡ

ଯାଜପୁର ଟାଉନ,୧୫ା୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଯାଜପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଶରତ କୁମାର ଦେହୁରୀ ମାମଲାର ବିଚାର କରି ଦୋଷୀଙ୍କୁ ୫ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ୬ମାସ ଅଧିକ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଅଗଷ୍ଟ ୨୨ରେ ନାବାଳିକାଙ୍କ ମା'ବାପା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ନାବାଳିକା ଏକା ଘରେ ଥିଲେ। ସନ୍ଧ୍ୟାରେ ଉକ୍ତ ଥାନା ଅଧୀନ ବେଲମପୁର ଗ୍ରାମର ଅଭିଯୁକ୍ତ ରମେଶ ବେହେରା(୨୪) ନାବାଳିକାଙ୍କୁ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। କୌଣସି ପ୍ରକାର ନାବାଳିକା ସେଠାରୁ ପଡ଼ିଶା ଘରକୁ ପଳାଇ ତାଙ୍କ ମା'ବାପାଙ୍କୁ ଖବର ଦେଇଥିଲେ। ନାବାଳିକାଙ୍କ ମା'ବାପା ପହଞ୍ଚି ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେଲାପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୩୦୦/୨୧ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୫ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।

# ଶହୀଦ ଯବାନଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି


ଗାନ୍ଧୀଛକଠାରେ କଂଗ୍ରେସ ନେତା ଓ କର୍ମୀ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

ଯାଜପୁର ଟାଉନ,୧୫ା୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ଭାରତର ସମସ୍ତ ଜନସାଧାରଣଙ୍କୁ ଗର୍ବିତ କରିଛି। ବୀର ଯବାନମାନେ ପରାକାଷ୍ଠା ଦେଖାଇ ଦେଶର ଟେକ ରଖିଥିବାବେଳେ କେତେଜଣ ଶହୀଦ ହୋଇ ନିଜ ଜୀବନକୁ ଦେଶପାଇଁ ଉତ୍ସର୍ଗ କରିଛନ୍ତି। ସେମାନଙ୍କ ଅମର ଆତ୍ମାକୁ ସମ୍ମାନ ଜଣାଇବା ପାଇଁ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲା କଂଗ୍ରେସ ଦଳିତସେଲ ସଭାପତି ଦୁର୍ଯ୍ୟୋଧନ ବେହେରାଙ୍କ ତତ୍ତ୍ୱାବଧାନରେ ଶତାଧିକ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ କ୍ୟାଣ୍ଡଲ ଶୋଭଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ଜିଲା କଂଗ୍ରେସ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାକାରୀ ବୀର ଯବାନ ଅମର ରହେ ଧ୍ୱନି ଦେଇ ଗାନ୍ଧୀଛକଠାରେ ପହଞ୍ଚିଥିଲେ। ପରେ ଗାନ୍ଧୀ ମୂର୍ତ୍ତି ନିକଟରେ ବସିରହି ବୀର ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦିଗମ୍ବର କର, ଧର୍ମଶାଳା କଂଗ୍ରେସ ନେତା କିଷାନ ପଣ୍ଡା, ବିଞ୍ଝାରପୁର ବିଧାନସଭା ମଣ୍ଡଳୀର ନେତ୍ରୀ କନକଲତା ମଲ୍ଲିକ, ଦିଲୀପ ଦାସ, ଗଦାଧର ଦାସ, ଆଲୋକ ବେହେରା, ସଂଗ୍ରାମ ଜେନା, ଅକ୍ଷୟ ଶତପଥୀ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ପ୍ରତିମା କର, ରମାକାନ୍ତ ସେଠୀ, ମାନସ କର, ଅର୍ଜିତ ନାୟକ, କାଲୁଆ ରାଉତ, ଅନିଲ ମହାନ୍ତି, ସରୋଜ ନାୟକ, ପ୍ରଫୁଲ୍ଲ ରାୟ, ନକୁଳଦେବ ସାହୁ, ବିଦ୍ୟାଧର ବାରିକ, ଶିବାନନ୍ଦ ମହାଳିକ, ହନୁମାନ ସାହୁ, ଭରତ ନାୟକ, ବାସୁଦେବ ସାହୁ, ମଦନ ମୋହନ ମଲ୍ଲିକ, ନକୁଳଦେବ ସାହୁ, ଉମାକାନ୍ତ ବେହେରା, କନକଲତା ରାଉତ ପ୍ରମୁଖ ସାମିଲ ହୋଇଥିଲେ।

**ଯୁବକଙ୍କ ଆତ୍ମହତ୍ୟା**

ରାଜନଗର, ( ଭାସ୍କର ରାଉତରାୟ): ରାଜନଗର ଥାନା ଅନ୍ତର୍ଗତ ସାନବଡ ଗୋପାଳପୁର ଗାଁର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଗାଁର ସୁରେଶ ରାଉତଙ୍କ ପୁଅ ଅନନ୍ତ ( ୩୦) ଆଜି ଘର ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୃତଦେହକୁ ପଠାଇଛି। ଅନନ୍ତ ହାଇଦ୍ରାବାଦରେ କାମ କରନ୍ତି। ବଡ ଭାଇ ବାହାଘର ପାଇଁ ଘରକୁ ଆସିଥିଲେ। କେଉଁ କାରଣ ପାଇଁ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡିନାହିଁ।

# ପ୍ରଶାସନ ସ୍ଥାଣୁ: ଲୋକେ ହନ୍ତସନ୍ତ

**ପଞ୍ଚାମୁଣ୍ଡାଇରେ ବିଭାଗୀୟ ଅଧିକାରୀଙ୍କ ମନମାନି**

ପଟ୍ଟାମୁଣ୍ଡାଇ, ୧୫।୫ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭାଗୀୟ ଅଧିକାରୀଙ୍କ ମନମାନି ଚାଲିଛି। ଲୋକ ଅଭିଯୋଗ କଲେ ମଧ୍ୟ ସବୁକିଛି ଶୀତଳଭଣ୍ଡାରକୁ ଚାଲିଯାଉଛି। କେଉଁ ଅଦୃଶ୍ୟ ଶକ୍ତିର ଚାପରେ ପ୍ରଶାସନ ଚେପା ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରଶାସନର ସ୍ଥାଣୁତାକୁ ନେଇ ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଦୀପତଳ ଅନ୍ଧାର ଭଳି ଅନେକ ଦୁର୍ନୀତି, ଅନିୟମିତତା ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଚାଲିଛି। ସାମ୍ବିଧାନିକ ବିଧି ବ୍ୟବସ୍ଥାର ନୀତିନିୟମ ଓ ଆଇନକୁ ଉଲ୍ଲଂଘନ କରି ସରକାରୀ କର୍ମଚାରୀ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ଏସବୁକୁ ବିରୋଧ କଲେ ସାଧାରଣ ଲୋକଟିଏ ନିର୍ଯାତନା ଭୋଗିବାକୁ ପଡୁଛି। ଏହାକୁ ନେଇ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ଅବନ୍ତୀ ଜେନା, ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ, ପରିବେଶବିତ୍ ବିଭୂତି ମହାପାତ୍ର କହିଛନ୍ତି, ପଟ୍ଟାମୁଣ୍ଡାଇରେ ବିଭାଗୀୟ ଅଧିକାରୀମାନେ ତାଙ୍କର କାର୍ଯ୍ୟଶୈଳୀ ଭୁଲି ମନମାନି କରୁଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଛି। ଉଦାହରଣସ୍ୱରୂପ ପୋଲିସ, ଅବକାରୀ ବିଭାଗ କର୍ତ୍ତବ୍ୟରେ ଅବହେଳା ହେତୁ ବେଆଇନ ନିଶା କାରବାର ବଢ଼ିଚାଲିଛି। ଫଳରେ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ଭେଷଜ ବିଭାଗର ଅବହେଳା ହେତୁ ବେଆଇନ ଔଷଧ କାରବାର ଗାଁ ଗହଳିରେ ମାଡି ଚାଲିଛି। ସାଧାରଣ ରୋଗୀଟିଏ ସେହି ଔଷଧ ସେବନ କରି ମୃତ୍ୟୁମୁଖରେ ପଡୁଛି। ଶିକ୍ଷା ବିଭାଗର ଅବହେଳା ଯୋଗୁ ଶିକ୍ଷକ ନ ଥିବାରୁ ପିଲାଙ୍କ ପାଠପଢ଼ା ଠିକ୍ ଭାବେ ହୋଇପାରୁନାହିଁ। ଫଳରେ ବେସରକାରୀ ଶିକ୍ଷାନୁଷ୍ଠାନ ଗଢ଼ି ଉଠି ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶୋଷଣ କରୁଛନ୍ତି। ସେହିପରି ଯୋଗାଣ, କୃଷି, ପରିବହନ ଓ ଉନ୍ନୟନ ବିଭାଗ ଆଦିର କାର୍ଯ୍ୟଶୈଳୀରେ ନୀତିନିୟମ, କର୍ତ୍ତବ୍ୟକୁ ଉଲ୍ଲଂଘନ କରାଯାଉଛି। ବେଆଇନ ନୟନଯୋରୀ ଜବରଦଖଲ ଯୋଗୁ ଚାଷ ଜମି ପଡିଆ ପଡୁଛି। ଉନ୍ନୟନ ନାଁରେ କେନାଲକୁ ପୋତି ଦିଆଯାଉଛି। ଚାଷ ଜମିକୁ ଜଳ ପରିଚାଳନା ହେଉନାହିଁ। ଫଳରେ ଜମି ପଡିଆ ପଡୁଛି।


ପଟ୍ଟାମୁଣ୍ଡାଇ ଅଲିଭା– ଗଣ୍ଡକିଆ କେନାଲ ପାର୍ଶ୍ୱ ଜମିରେ ଘର ନିର୍ମାଣ ଚାଲିଛି।

ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ମିଳୁ ନ ଥିବାରୁ ବାଧ୍ୟ ହୋଇ ଘରଦ୍ୱାର, ପରିବାର ଛାଡ଼ି ଦାଦନ ଖଟିବାକୁ ବାହାର ରାଜ୍ୟ ଓ ବିଦେଶ ଯିବାକୁ ପଡୁଛି। ରାଜସ୍ୱ ବିଭାଗର ଅପାରଗତା ହେତୁ ଶତାଧିକ ସରକାରୀ ଜମି ପଟ୍ଟାମୁଣ୍ଡାଇରେ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ ରହିଛି। ବେଆଇନ ଇଟାଭାଟି ଗଢ଼ି ଉଠିଥିବାବେଳେ ଏହାକୁ ବନ୍ଦ କରିବାରେ ପ୍ରଶାସନିକ ଅଧିକାରୀ ବିଫଳ ହୋଇଛନ୍ତି। ଧୂଆଁ ଯୋଗୁ ତାତି ବଢୁଥିବାବେଳେ ଲୋକେ ଗରମରେ ଆଉଟୁପାଉଟୁ ହେଉଛନ୍ତି। ଖଣି ବିଭାଗର ପଦକ୍ଷେପ ଶୂନ ଯୋଗୁ ନଦୀ ସଇରାତରୁ ବେଆଇନ ବାଲି ଚାଲାଣ ବୃଦ୍ଧି ପାଇଛି। ବିକାଶ ଆଳରେ ଦୈନିକ ଜଙ୍ଗଲ କ୍ଷୟ ହେଉଥିବାରୁ କ୍ରମଶଃ ଗଛ ସଂଖ୍ୟା କମି ପ୍ରତିକୂଳ ପ୍ରଭାବରେ ଜଳବାୟୁ ବିଗିଡି ତାପମାତ୍ରା ବଢୁଛି। ଶିକ୍ଷାବିତ୍ ପ୍ରଭାକର ସେଠୀ କହିଛନ୍ତି, ୧୯୪୭ରେ ଭାରତ ସ୍ୱାଧୀନତା ଲାଭ କଲା। ୧୯୫୦ ଜାନୁଆରୀ ୨୬ରେ ସର୍ବଭୌମ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ସମସ୍ତ ନାଗରିକଙ୍କୁ ନ୍ୟାୟ, ସମାନତା ଏବଂ ସ୍ୱତନ୍ତ୍ରତା ପ୍ରଦାନ କରାଗଲା। ଏବେ ଲୋକମାନଙ୍କ ଅଧିକାର କଲମ କାଗଜରେ ଦବାଇ ଦିଆଯାଉଛି। ପ୍ରତିବାଦ, ଆନ୍ଦୋଳନ କି ବିରୋଧ କଲେ ହାଜତକୁ ଯିବା ସାର ହେଉଛି। କିଛିବର୍ଷ ହେବ ସାଧାରଣ ଲୋକେ ସ୍ୱାଧୀନତା ହରାଉଛନ୍ତି। ସାଧାରଣ ମଣିଷ ଏଥିରେ କିଛି ଲାଭ ପାଉ ନ ଥିବାବେଳେ ନିତିଦିନିଆ ସମସ୍ୟା ଯେପରି ରୋଜଗାର ନ ମିଳିବା, ରୋଜଗାର ହରାଇବା, ଆୟରେ ହ୍ରାସ ଘଟିବା, ଖାଦ୍ୟ ଜିନିଷରେ ଅହେତୁକ ଦରଦାମ ବୃଦ୍ଧି ହେବା, ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ନିଜ ଆୟଠାରୁ ଅଧିକ ହୋଇଚାଲିଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ଏ ନେଇ ଆମେ ଅବଗତ ଅଛୁ। ସବୁ ବ୍ଲକର ତହସିଲଦାରମାନଙ୍କୁ ୧୭ ତାରିଖରେ ହେବାକୁ ଥିବା ମିଟିଂକୁ ଡକାଇଛୁ। ସରକାରୀ ଜାଗା ଜବରଦଖଲ ହୋଇଥିବା ସରାକରଙ୍କ ଅଧୀନକୁ ଆଣିବାକୁ ଚେଷ୍ଟା ଜାରି ରହିବ। ଅନ୍ୟପକ୍ଷରେ ନୟନଯୋରୀ ପାଖ ଜମିକୁ କିସମ ପରିବର୍ତ୍ତନ ନ କରିବାକୁ ସମସ୍ତ ତହସିଲଦାରଙ୍କୁ ଅବଗତ କରାଯାଇଛି। ଯଦି ସେଥିରେ କିଛି ବ୍ୟତିକ୍ରମ ଘଟେ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ୫ ମହିଳାଙ୍କ ସମେତ ୭ କୋର୍ଟ ଚାଲାଣ

ମହାକାଳପଡ଼ା, ୧୫।୫
(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଅବକାରୀ ବିଭାଗ ପକ୍ଷରୁ ଜବତ ମଦ ସହ ଗିରଫ ଅଭିଯୁକ୍ତମାନେ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଦେଶୀ ମଦ ରନ୍ଧା ଯାଉଛି। ଗୁରୁବାର ଅପରାହ୍ନରେ ବେଆଇନ ଦେଶୀ ମଦ ବ୍ୟବସାୟଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬୩୦ ଲିଟର ଦେଶୀ ଓ ରନ୍ଧା ମଦ ଜବତ କରାଯାଇଛି। କାଚ ବଟଲ ଓ ପଲିଥିନରେ ଏହି ଦେଶୀ ମଦ ରହିଥିଲା। ଏଥିରେ ସମ୍ପୃକ୍ତ ୫ ଜଣ ମହିଳା ସମେତ ୭ ଜଣକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବ୍ଲକର ପ୍ରଭାକରପୁର, ମଳାଡି ଅଞ୍ଚଳ ସମେତ ବିଭିନ୍ନ ଅଞ୍ଚଳରୁ ଦେଶୀ ମଦ ଜବତ ସହ ବ୍ୟବସାୟଙ୍କୁ ଗିରଫ କରାଯାଇଛି। ଦେଶୀ ମଦ ପ୍ରସ୍ତୁତ ପାଇଁ ଆବଶ୍ୟକ କଞ୍ଚା ମାଲ ଗୁଡ଼ ଓ ରାସାୟନିକ ପଦାର୍ଥକୁ ବଡ଼ ବଡ଼ ପ୍ଲାଷ୍ଟିକ ଜାରକିନ୍ ଭିତରେ ଭର୍ତ୍ତି କରି ଛୋଟ ଗାଡ଼ିଆ, ଗହୀର ପାଟ ଯୋରୀ ନିକଟରେ ମାଟିରେ ପୋତି ଦେଉଛନ୍ତି। ବିଳମ୍ବିତ ରାତିରେ ଏହାକୁ ରାନ୍ଧି ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ପରେ ଛୋଟ ଛୋଟ ପଲିଥିନ ରେ ପ୍ୟାକେଟ କରି ଜିଲା ଓ ଜିଲା ବାହରକୁ ପିକ୍‌ଅପ ଭ୍ୟାନରେ ରାତିରେ ଚାଲାଣ କରାଯାଉଛି। ଏ ସଂକ୍ରାନ୍ତରେ ଜିଲା ଅବକାରୀ ଅଧୀକ୍ଷକ ବିପ୍ଳବ କୁମାର ମଣ୍ଡଳଙ୍କୁ ପଚାରିବାରେ ବେଆଇନ ଦେଶୀ ମଦ ପ୍ରସ୍ତୁତ ହେଉଥିବା କାରଖାନା ଉପରେ ବିଭାଗ ତୀକ୍ଷ୍ଣ ନଜର ରଖାଯାଇଛି। ପର୍ଯ୍ୟାୟକ୍ରମେ ଚଢାଉ କରାଯିବ ବୋଲି ସେ କହିଛନ୍ତି।

# ରାମଲୀଳା କଳାକାର ଧୀରେନଙ୍କ ପରଲୋକ

ଡେରାବିଶ, ୧୫।୫(ବେବର୍ତ୍ତା ଅଜୟ ଦାସ)


ଧୀରେନ ବେହେରା

ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଧରମପୁର ଗ୍ରାମର ରାମଲୀଳା ପରିଷଦର ପ୍ରତିଷ୍ଠିତ କଳାକାର ଭାବେ ପରିଚିତ ଧୀରେନ କୁମାର ବେହେରା(୬୬)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ଅପରାହ୍ନରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରଙ୍କ ପକ୍ଷରୁ ତାଙ୍କୁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧୀରେନ ଡେରାବିଶ ରାମଲୀଳା ପରିଷଦର ଜଣେ ପ୍ରତିଷ୍ଠିତ କଳାକାର ଭାବେ ଦୀର୍ଘବର୍ଷ ଧରି ରାମ ଓ ଲକ୍ଷ୍ମଣ ଭୂମିକାରେ ନିଖୁଣ ଅଭିନୟ କରି ଜନମାନସରେ ଆଦରଣୀୟ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବହୁ କଳାକାର ଓ ବୁଦ୍ଧିଜୀବୀ ଏକ ବିରାଟ ଶୋଭାଯାତ୍ରାରେ ମୃତଦେହକୁ ଡେରାବିଶର ଆରାଧ୍ୟ ଶ୍ରୀଦଧୀବାମନଜୀଉ ମନ୍ଦିର ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରେ ଅଞ୍ଚଳବାସୀ ତାଙ୍କର ଶେଷ ଦର୍ଶନ ଓ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ମଦ ବ୍ୟବସାୟ ବନ୍ଦ କରିବାକୁ ଅଣ୍ଟା ଭିଡ଼ିଲେ ମହିଳା


ବଡ଼ଅଙ୍କୋ ଗାଁରେ ଚୋରାମଦ କାରବାର ବନ୍ଦ ଲାଗି ମହିଳାମାନେ ଏକଜୁଟ ହୋଇଛନ୍ତି।

ଆଳି, ୧୫।୫ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଚୋରାମଦ କାରବାର ଦିନକୁଦିନ ବୃଦ୍ଧି ପାଇ ଚାଲିଥିବା ବେଳେ ଅବକାରୀ ବିଭାଗ ନୀରବ ଦ୍ରଷ୍ଟା ସାଜିଛି। ୨ଦିନ ପୂର୍ବେ ଆଳି ଥାନା ଅନ୍ତର୍ଗତ ବାଳକାଟି ପଞ୍ଚାୟତ ବଡ଼ଆଙ୍କୋ ଗ୍ରାମରେ ଚୋରାମଦ ବ୍ୟବସାୟ ବନ୍ଦ କରିବା ଦାବିରେ ଗ୍ରାମବାସୀ ଆଳି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ଅବକାରୀ ଥାନାର ଏକ ଟିମ ବଡ଼ଆଙ୍କୋ ଗ୍ରାମରେ ପହଞ୍ଚି ଚୋରାମଦ ବ୍ୟବସାୟ କରୁଥିବା ଜଣେ ଯୁବକଙ୍କୁ ଗିରଫ କରିବା ସହ ବାଳକାଟିର ୨ ଜଣଙ୍କୁ ଗିରଫ କରିଥିବା ଜଣାପଡିଛି। ଗୁରୁବାର ଗ୍ରାମର ଶତାଧିକ ମହିଳା ଏକଜୁଟ ହୋଇ ଗ୍ରାମରୁ ସମ୍ପୂର୍ଣ୍ଣ ଭାବେ ମଦ ବ୍ୟବସାୟ ବନ୍ଦ କରିବା ଦାବିରେ ଅଣ୍ଟା ଭିଡିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଗ୍ରାମରେ ଯେଉଁ ଯୁବକ ମଦ ବ୍ୟବସାୟ କରୁଛନ୍ତି, ସେ ଦିନ ରାତି ସବୁ ସମୟରେ ଖୁଲମ ଖୁଲା ବିକ୍ରି କରୁଛନ୍ତି। ଯେଉଁ ସ୍ଥାନରେ ମଦ ବିକ୍ରି ହେଉଛି ସେଠାରେ ସ୍କୁଲ, ଗ୍ରାମଦେବତୀ ମନ୍ଦିର ସମେତ ନଳକୂପ ରହିଛି। ଯେଉଁଠିକି ସବୁ ସମୟରେ ଗ୍ରାମର ଯୁବତୀ, ମହିଳାମାନଙ୍କ ଭିଡ଼ ଲାଗି ରହେ। ପାଣି ସଂଗ୍ରହ କରିବା ଓ ମନ୍ଦିର ଦର୍ଶନ କରିବା ନିମନ୍ତେ ମହିଳାମାନେ ମନ୍ଦିର କିମ୍ବା ନଳକୂପ ନିକଟକୁ ଯିବାବେଳେ ମଦ୍ୟପମାନଙ୍କ ଅଶ୍ଳୀଳ ଆଚରଣ ସେମାନଙ୍କୁ କଷ୍ଟ ଦେଉଛି। ମଦ୍ୟପମାନଙ୍କୁ ଦେଖି ସ୍କୁଲ ଛାତ୍ରୀଛାତ୍ରମାନେ ମଧ୍ୟ ଭୟଭୀତ ହୋଇ ପଡ଼ନ୍ତି। ଗ୍ରାମର ଯୁବପିଢ଼ିମାନେ ହାତ ପାହାନ୍ତାରେ ମଦ ପାଇ ପଥଭ୍ରଷ୍ଟ ହେଉଛନ୍ତି। ଦିନ ମଜୁରୀ କରୁଥିବା ଲୋକ ଯାହା ରୋଜଗାର କରୁଛନ୍ତି ସେହି ଟଙ୍କାକୁ ମଦ ପିଇବାରେ ଉଡ଼ାଇ ଦେଉଛନ୍ତି। ତେଣୁ ଏହି ଗାଁକୁ ସମ୍ପୂର୍ଣ୍ଣ ଭାବେ ମଦ ବ୍ୟବସାୟ ବନ୍ଦ କରିବ, ସେଥିପ୍ରତି ପ୍ରଶାସନ ସଚେତନ ରହିବା ଆବଶ୍ୟକ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି।

# ସରକାରୀ ବାସଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ନାଉଗାଁ, ୧୫।୫ (ସୁଧା ବେହୁରା)

ଜଗତ୍‌ସିଂହପୁର ଜିଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସରକାରୀ ଚିକିତ୍ସକଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ଜଗତ୍‌ସିଂହପୁର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଜଗତ୍‌ସିଂହପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ସହକାରୀ ଯନ୍ତ୍ରୀ ବଳରାମ ସ୍ୱାଇଁ, ଅଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ ମଲ୍ଲିକ, ଭାଜପା ମଣ୍ଡଳ ପ୍ରତିନିଧି ବିଷ୍ଣୁ ବେହେରା, ପୂର୍ବତନ ସମିତି ସଭ୍ୟ ପର୍ଶୁରାମ ଜେନା, ଛାତ୍ରନେତା ବିକାଶ ସ୍ୱାଇଁ, ତୁଷାର ସ୍ୱାଇଁ, ପୂର୍ବତନ ସରପଞ୍ଚ ଧନେଶ୍ୱର ନାୟକ, ବିସ୍ମୟାନନ୍ଦ ସ୍ୱାଇଁ, ତାପସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାସଗୃହର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୧ କୋଟି ୯୦ଲକ୍ଷ ୧୪ ହଜାର ବ୍ୟୟ ବରାଦ ହୋଇଛି।


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

# ଭାଜପାର ନୂତନ ମଣ୍ଡଳ ସଭାପତିମାନଙ୍କୁ ସମ୍ବର୍ଦ୍ଧନା

ପାଟକୁରା, ୧୫।୫ (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ନିର୍ବାଚନମଣ୍ଡଳୀର କୋରୁଆ ଓ ପାଟକୁରା ମଣ୍ଡଳର ନବନିଯୁକ୍ତ ଭାଜପା ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏ ନେଇ କଳାବୁଦାସ୍ଥିତ ଲକ୍ଷ୍ମୀ ମଣ୍ଡପରେ ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଜିଲା ପରିଷଦ ସଦସ୍ୟା ଡଲି ଶତପଥୀ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ପ୍ରବକ୍ତା ତଥା ସୋସିଆଲ ମିଡିଆର ରାଜ୍ୟ ମୁଖ୍ୟ ଉମାକାନ୍ତ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର ମହାନ୍ତି , ଜିଲା ସମ୍ପାଦିକା ମନୀଷା ପଣ୍ଡା, ବିଧାନସଭା ସଂଯୋଜକ ଓ ଜିଲା ସମ୍ପାଦକ ପ୍ରଜେସ ନାୟକ, କଳାବୁଦା ପୂର୍ବତନ ସରପଞ୍ଚ ବିଜୟ ବାରିକ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ଯୁବମୋର୍ଚ୍ଚା ବବ୍ରୁବାହାନ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ ପାଟକୁରା ମଣ୍ଡଳ ସଭାପତି ସମୀର କୁମାର ପରିଡା ଓ କୋରୁଆ ମଣ୍ଡଳ ସଭାପତି ନରେନ୍ଦ୍ର ରାଉତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ନୂତନ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ଭାଜପା ଅଧିକ ସଙ୍ଗଠିତ ଓ ଶକ୍ତିଶାଳୀ ହେବ ବୋଲି ନେତୃମଣ୍ଡଳୀ ଆଶାବ୍ୟକ୍ତ କରିଥିଲେ।


ମଣ୍ଡଳ ସଭାପତିମାନଙ୍କୁ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ଭାଜପା ନେତୃମଣ୍ଡଳୀ।

# ବିଧାୟକ, ଏମ୍‌ପିଙ୍କ ହାତରେ ବଦଳି କ୍ଷମତା, ଶିକ୍ଷକ ସଂଘର ବିରୋଧ

ରାଜନଗର, ୧୫।୫
(ଭାସ୍କର ରାଉତରାୟ)

ବିଧାୟକ ଓ ଏମ୍‌ପି ନିଜ ନିର୍ବାଚନମଣ୍ଡଳୀରେ ୧୫ଜଣ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିଶ କରିପାରିବେ ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ହେବା ପରେ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜନଗର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ବିଜୟ କୁମାର ଜେନା, ସୁଶାନ୍ତ ପ୍ରଧାନ, ଦାମୋଦର ସ୍ୱାଇଁ, ଚିତ୍ତ ରଞ୍ଜନ ସାହୁ, ଦୟାନିଧି ସ୍ୱାଇଁ, ଦିଲୀପ କୁମାର ରାଉତ, ଅମର କୁମାର ବେହେରା, ହେମନ୍ତ କୁମାର ବାରିକ ପ୍ରମୁଖ ଶିକ୍ଷକ ନେତା ଦୃଢ ବିରୋଧ କରିଛନ୍ତି। ଶିକ୍ଷକ ଏ ଜାତିର ବିଶ୍ୱକର୍ମା ଓ ମଣିଷ ତିଆରି କାରଖାନାର ସଫଳ କାରିଗର। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରୁଥିବାବେଳେ ଏଭଳି ଏକ ଶିକ୍ଷା ବିରୋଧୀ ଶିକ୍ଷକ ବଦଳି ନିୟମ ସରକାରଙ୍କ ସଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷକ ରାଜନୀତି ଚାପମୁକ୍ତ ନ ହେଲେ ଗୁଣାତ୍ମକ ଶିକ୍ଷାଦାନ ଦିବାସ୍ୱପ୍ନ ହୋଇଯିବ ବୋଲି ଶିକ୍ଷକ ନେତାମାନେ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଶିକ୍ଷକ ବଦଳି ପ୍ରକ୍ରିୟାକୁ ରାଜନୀତିକରଣ ନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ମାଟ୍ରିକ୍ ଜିଲା ଟପ୍ପର ଶୁଭମଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡା, ୧୫।୫ (ଜଗନ୍ନାଥ ଧଳ)

ଓଡ଼ିଶାର ଅଗ୍ରଣୀ ସାମାଜିକ ସଂଗଠନ ଏକା ନୁହଁନ୍ତି ଆପଣ, ଓଡ଼ିଶା ପରିବାର ରାଜକନିକା ଶାଖା ପକ୍ଷରୁ ସିଦ୍ଧ ଶ୍ରୀବଳଦେବଜୀଉ ମନ୍ଦିର ପ୍ରାଙ୍ଗଣ ଯାତ୍ରୀ ନିବାସଠାରେ ମାଟ୍ରିକ ଜିଲା ଟପ୍ପରମାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସମାଜିକ କର୍ମୀ ଶରତ ଚନ୍ଦ୍ର ବେହୁରାଙ୍କ ସଭାପତିତ୍ୱରେ ସଭ୍ୟ ସୁମନ୍ତ ରାଉତ, ଗୋଲେଖ ପଡିହାରୀ, ଚନ୍ଦନ ପରିଡା, ଚୈତନ୍ୟ ପରିଡା, ଭାଗୀରଥି ଜେନା, ଶିକ୍ଷକ ନେତା ଦିଲୀପ କୁମାର ରାଉତ, ଆଦିତ୍ୟ ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ପଟ୍ଟାମୁଣ୍ଡାଇ ବ୍ଲକରେ କାଟିଆପଡା ବିଦ୍ୟାଳୟର ଛାତ୍ର ଶୁଭମ୍ ରାଉତ ଚଳିତ ମାଟ୍ରିକ ପରୀକ୍ଷାରେ ୫୭୫ ନମ୍ବର ରଖି କେନ୍ଦ୍ରାପଡ଼ା ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଶୁଭମ୍‌ଙ୍କୁ ଅତିଥିମାନେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଶୁଭମ୍‌ଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଉ ବୋଲି ସମସ୍ତେ ସିଦ୍ଧ ବଳଦେବଜୀଉ ନିକଟରେ ପ୍ରାର୍ଥନା କରିଥିଲେ।


ଅତିଥିମାନେ ଜିଲା ଟପ୍ପର ଶୁଭମ ରାଉତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବେଆଇନ ଭାବେ ପ୍ରକଳ୍ପ ନିର୍ମାଣର ପ୍ରତିବାଦ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତବାସୀ**

କେନ୍ଦ୍ରାପଡା ୧୫।୫ (ଜଗନ୍ନାଥ ଧଳ)

ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ବେଆଇନ ଭାବେ ନିର୍ମାଣାଧୀନ ଥିବା ଏକ କଲ୍ୟାଣମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ ପ୍ରକଳ୍ପ କାର୍ଯ୍ୟକୁ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ସ୍ମାରକ ପତ୍ର ଗୁରୁବାର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ଅଧୀନ ନୂଆହାଟ ଅଞ୍ଚଳରେ ଏକ କଲ୍ୟାଣ ମଣ୍ଡପ କାମ ଆରମ୍ଭ ହୋଇଛି। ହେଲେ ପଞ୍ଚାୟତ ଅଞ୍ଚଳରେ ଅନେକ ସ୍ଥାନ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ଖେଳପଡିଆ, ଯୁବକ ସଂଘ ଓ ମହିଳା ସମିତି ପାଇଁ ସଂରକ୍ଷିତ ରହିଥିବା ସ୍ଥାନରେ କଲ୍ୟାଣମଣ୍ଡପ କାମ କରାଯାଉଛି। ସେହିପରି ଉକ୍ତ ପଞ୍ଚାୟତ ଅଧୀନ


ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି।

ବଳଭଦ୍ରପୁର ଛକ ନିକଟସ୍ଥ ପ୍ଲଟ ନଂ. ୩୧୧୦ର କିସମ ଗୋଚର ହୋଇଥିବା ବେଳେ ବେଆଇନ ଭାବେ ଉକ୍ତ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି। ବର୍ତ୍ତମାନର ସରକାର କ୍ରୀଡା, ମହିଳା ସଶକ୍ତିକରଣ, ଗୋପାଳନ ଉପରେ ଗୁରୁତ୍ୱ ଓ ପ୍ରୋତ୍ସାହନ ଦେଉଥିବା ବେଳେ କିପରି ସଂରକ୍ଷିତ, ଗୋଚର ଜାଗାରେ ଉକ୍ତ ଦୁଇ ପ୍ରକଳ୍ପ ନିର୍ମାଣ ଚାଲିଛି ତାହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଲୋକମାନଙ୍କ ଏବଂ ଗୃହପାଳିତ ପ୍ରାଣୀଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ନିର୍ମାଣାଧୀନ ଉକ୍ତ ଦୁଇ ପ୍ରକଳ୍ପ କାମକୁ ତୁରନ୍ତ ବନ୍ଦ କରାଯିବାକୁ ଜିଲାପାଳଙ୍କ ନିକଟରେ ଦିଆଯାଇଥିବା ଅଭିଯୋଗପତ୍ର ମାଧ୍ୟମରେ ଦାବି କରାଯାଇଛି। ମୁରଲିଧର ସାହୁ, ଅଭୟ କୁମାର ସେଠୀ, ପ୍ରକାଶ କୁମାର କର ଓ ନିରଞ୍ଜନ ସେଠୀଙ୍କ ନେତୃତ୍ୱରେ ଶତାଧିକ ସ୍ୱାକ୍ଷରକାରୀଙ୍କ ଦସ୍ତଖତ ସମ୍ବଳିତ ଦାବି ପତ୍ରକୁ ଜିଲାପାଳଙ୍କୁ ଦିଆଯିବା ସହ ଏହି ବେଆଇନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ଉପଜିଲାପାଳ, ଡେରାବିଶ ବିଡିଓ ଓ ତହସିଲଦାରଙ୍କୁ ଅବଗତ କରାଯାଇଛି।

# ନିର୍ମାଣାଧୀନ ୫୩ ନଂ. ଜାତୀୟ ରାଜପଥକୁ ନେଇ ଚିନ୍ତା

- ଠିକାଦାରଙ୍କ ମନମୁଖି କାର୍ଯ୍ୟ
- ହମ୍ପସ ପୂର୍ବରୁ ନାହିଁ ସଙ୍କେତ
- ଗାଡ଼ି ଚାଳକ, ଯାତ୍ରୀ ହନ୍ତସନ୍ତ

ଡେରାବିଶ, ୧୫।୫(ବେବର୍ତ୍ତା ଅଜୟ ଦାସ)

ନିର୍ମାଣଧୀନ ଚଣ୍ଡିଖୋଲ–ପାରାଦୀପ ୫୩ ନଂ.ଜାତୀୟ ରାଜପଥ ବର୍ତ୍ତମାନ ବିପଜନକସ୍ଥିତିରେ ରହିଛି। ଡେରାବିଶ ବ୍ଲକ ଅଧୀନ ଜାତୀୟ ରାଜପଥର ପଞ୍ଚୁପାଣ୍ଡବଠାରୁ ଅଳାବାଙ୍କ ଯାଏ ଏହି ରାସ୍ତାରେ ନିର୍ମିତ ଡାଇଭର୍ସନ ରାସ୍ତାରେ ବିଭିନ୍ନ ଛକରେ ଏକାଧିକ ହମ୍ପସ୍ ନିର୍ମାଣ କରାଯାଇଛି। ମାତ୍ର ଠିକାସଂସ୍ଥା ପକ୍ଷରୁ ହମ୍ପସ୍ ପୂର୍ବରୁ କୌଣସି ସଙ୍କେତ ଦିଆଯାଇ ନାହିଁ। ଫଳରେ ସେହି ସ୍ଥାନରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ଏପରିକି


ପଞ୍ଚୁପାଣ୍ଡବ–ଅଳାବାଙ୍କଠାରେ ଜାତୀୟ ରାଜପଥରେ ନିର୍ମାଣ କରାଯାଇଥିବା ହମ୍ପସ।

ନିର୍ମାଣ ହୋଇଥିବା ହମ୍ପସ୍ ଜଣାପଡୁ ନ ଥିବାରୁ ଯାତ୍ରୀ ଓ ଗାଡ଼ିଚାଳକମାନେ ପ୍ରତ୍ୟେହ ହନ୍ତସନ୍ତ ହେଉଛନ୍ତି। ଏଥିସହ ବିଭିନ୍ନ ଛକରେ ନିର୍ମାଣ ହେଉଥିବା ଓଭରବ୍ରିଜରେ ତାଳଚେରରୁ ଆସୁଥିବା ଶତାଧିକ କୋଇଲା ପାଉଁଶ ଗାଡ଼ି ଅନ୍‌ଲୋଡ ହେଉଥିବା ବେଳେ ରାଜପଥ ଏହି ପାଉଁଶରେ ଆଚ୍ଛାଦିତ ହୋଇ ଯାତାୟାତରେ ବାଧା ସୃଷ୍ଟି କରୁଛି। ଏଥିପାଇଁ ରାସ୍ତାରେ ଦୈନିକ ପାଣି ସିଞ୍ଚନ ପାଇଁ ସରକାରୀ ନିୟମ ଥିଲେ ସୁଦ୍ଧା ଠିକାସଂସ୍ଥା ପକ୍ଷରୁ ଏହାର ଉଲ୍ଲଂଘନ କରାଯାଉଥିବା ଶିକ୍ଷାବିତ୍ ହରେକୃଷ୍ଣ ମହାନ୍ତି ଅଭିଯୋଗ କରିଛନ୍ତି। ସେହିପରି ସାମାଜିକ କର୍ମୀ ଖଗେଶ୍ୱର ଲେଙ୍କା ରାଜପଥ ନିର୍ମାଣ ଆରମ୍ଭରୁ ଏଯାଏ ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁ ବହୁ ଧନଜୀବ ନଷ୍ଟ କରିସାରିଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟିଦିଆ ନ ଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଉଭୟ ଖଗେଶ୍ୱର ଓ ହରେକୃଷ୍ଣ ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମାଙ୍କୁ ପଚାରିବାରେ ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଘରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ଛତ୍ରପୁର,୧୫।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁର ଥାନା ଅନ୍ତର୍ଗତ ପାଲିଆ ଛତ୍ରପୁର ମଝିସାହିରେ ଜଣେ ଯୁବକ ଘରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଟି. ରାଜା ସ୍ୱାମୀ (୨୮)। ଘରର ଦାଣ୍ଡପଟ ଓ ବାରିପଟ କବାଟରେ ଭିତରୁ ତାଲା ପକାଇ ରାଜା ଆତ୍ମହତ୍ୟା କରିଛନ୍ତି। ବନ୍ଦ ଘରୁ ଦୁର୍ଗନ୍ଧ ହେବା ପରେ ଗୁରୁବାର ଗାଁଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଏଏସଆଇ କାଳୁ ଚରଣ ସ୍ୱାଇଁ ଏବଂ କବିତା ବେହେରା ପହଞ୍ଚି କବାଟ ଭାଙ୍ଗି ମୃତଦେହକୁ ଜବତ କରିଛନ୍ତି। ଗତ ୨/୩ଦିନ ତଳୁ ରାଜା ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ଅବିବାହିତ ରାଜା ଘରେ ଏକା ରହୁଥିଲେ। ପରିବାରର ଅନ୍ୟମାନେ ଚେନ୍ନାଇରେ ରହୁଛନ୍ତି। ପୋଲିସ ସେମାନଙ୍କୁ ଖବର ଦେଇ ତଦନ୍ତ ଜାରି ରଖିଛି।

### ବ୍ୟବସାୟୀ ବିଶ୍ୱନାଥ ପ୍ରଧାନଙ୍କ ବିୟୋଗ

ଭଞ୍ଜନଗର,୧୫।୫(ବାବୁଲା ପ୍ରଧାନ): ଭଞ୍ଜନଗର ସହରର ଜଣାଶୁଣା ବ୍ୟବସାୟୀ ତଥା ବରିଷ୍ଠ ବିଜେଡି ସଙ୍ଗଠକ ବିଶ୍ୱନାଥ ପ୍ରଧାନ (୬୦)ଙ୍କ ଗୁରୁବାର ସକାଳେ ହୃଦଘାତରେ ପରଲୋକ ହୋଇଛି। ତାଙ୍କର ବିୟୋଗରେ ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଦିବାକର ନାୟକ, ସିଡ଼ିପିଓ ମୀଳିମା କୁମାରୀ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ବିଶ୍ୱନାଥ ଜଣେ ଧର୍ମପରାୟଣ, ମେଳାପି ବ୍ୟକ୍ତି ଭାବେ ମଧ୍ୟ ଅଞ୍ଚଳରେ ପରିଚିତ ଥିଲେ। ଅଗଖୋଳ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

### ମର୍ଦ୍ଦଳ ବାଦକଙ୍କ ବିୟୋଗରେ ଶୋକସଭା

କବିସୂର୍ଯ୍ୟନଗର,୧୫।୫ (କୃପାସିନ୍ଧୁ ସ୍ୱାଇଁ) ବିଶିଷ୍ଟ ମର୍ଦ୍ଦଳ ବାଦକ ଭୀମସେନ ମାହାଙ୍ଗୁଡଙ୍କ ଦ୍ୱାଦଶାହରେ ହରିହର ଶାସ୍ତ୍ରୀୟ ସଂଗୀତ ବିଦ୍ୟାଳୟ ପରିସରରେ ଗୁରୁ ନବଘନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଶୋକସଭା ଅନୁଷ୍ଠିତ ହୋଇଛି । ଜଣେ ପ୍ରସିଦ୍ଧ ମର୍ଦ୍ଦଳ ବାଦକ ଭାବେ ଜିଲାରେ ଜଣାଶୁଣା ଥିଲେ। ପିଲାଟି ଦିନରୁ ସଂଗୀତ ପ୍ରତି ରୁଚି, ଉତ୍ସାହ ଓ ସାଧନା ରହିଥିଲା । ଗୁରୁବାର ତାଙ୍କର ଦ୍ୱାଦଶାହ ଦିବସରେ ବହୁ କଳାକାର, ସଂଗୀତଜ୍ଞ, ଭାରତ ଲୀଳା ଗୁରୁ ଓ ସାମାଜିକକର୍ମୀ ଉପସ୍ଥିତ ରହି ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ।

### ସୁରକ୍ଷିତ ମାତୃତ୍ୱ ଉପରେ ଆଲୋଚନାଚକ୍ର

ଫୁଲବାଣୀ,୧୫।୫ (ରାକେଶ ରାଉତ) ସାରଙ୍ଗଗଡ଼ ସଲାଗୁଡ଼ା ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ସୁରକ୍ଷିତ ମାତୃତ୍ୱ ଓ ଆନୁଷ୍ଠାନିକ ପ୍ରସବ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଗ୍ରାମାଞ୍ଚଳରେ ଥିବା ଅନ୍ଧ ବିଶ୍ୱାସ ଓ କୁସଂସ୍କାରକୁ ଦୂରକରି କିପରି ସତ ପ୍ରତିସତ ପ୍ରସବକୁ ଆନୁଷ୍ଠାନିକ କରି ସୁରକ୍ଷିତ ମାତୃତ୍ୱ ଦିଆ ଯାଇପାରିବ ତାହା ଉପରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରିଥିଲେ। ଅନୁଷ୍ଠାନ କର୍ମୀ ବିଶ୍ୱରଞ୍ଜନ କର ଯୋଗଦେଇ ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଭ୍ରାନ୍ତ ଧାରଣାରୁ କିପରି ସୁସ୍ଥ ଶିଶୁ ଜନ୍ମ ହେବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ ତାହା ବୁଝାଇ ଥିଲେ। ସେହିପରି ଜିଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ଧିରେଧିରେ ସୁଧୁରୁଥିବା ବେଳେ ଅଧିକ ଜନ ସଚେତନତା ଦ୍ୱାରା ଏହାକୁ ଆହୁରି କମା ଯାଇପାରିବ ବୋଲି ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ କହିଥିଲେ। ସ୍ଥାନୀୟ ଆଶା କର୍ମୀ ଆରତି ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ମୌସୁମୀ ପ୍ରଧାନ ଓ ଲିଲିମା ପ୍ରଧାନ ଉପସ୍ଥିତ ରହି ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଦିଆଯାଉଥିବା ସେବା ଗୁଡ଼ିକ ବିଷୟରେ ଅବଗତ କରାଇଥିଲେ । ମଧୁସ୍ମିତା ଜାନି ଧନ୍ୟବାଦ ଦେଇଥିଲେ।

### ୨ ୱାରେଣ୍ଟି ଗିରଫ

ବୁଗୁଡ଼ା,୧୫।୫(କାଳିଚରଣ ଦାଶ) ବୁଗୁଡ଼ା ପୋଲିସ ଗୁରୁବାର ୨ଜଣ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ସେମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ହାତୀଗଣ୍ଡ ଗ୍ରାମର ନୀର ନାଇକ (୬୫) ଓ ସମଲେଇ ଗ୍ରାମର ଲମ୍ବୋଦର ନାଇକ (୫୫)। ଗାଁ ଗଣ୍ଡଗୋଳକୁ ନେଇ ନୀର ନାମରେ ଜିଆର୍ ନଂ.୧୭୫/୧୬ରେ ଏକ ମାମଲା ରହିଥିବା ବେଳେ ଯୌତୁକ ନିର୍ଯାତନା ଅଭିଯୋଗରେ ଲମ୍ବୋଦରଙ୍କ ନାମରେ ଜିଆର ନଂ. ୩୪୩/୨୩ରେ ଏକ ମାମଲା ରହିଥିଲା। ତେବେ ଦୀର୍ଘ ଦିନ ହେଲା ଫେରାର ଆସାମୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ରାସ୍ତା ନିର୍ମାଣକୁ ନେଇ ତାଳମେଳ ରହୁନି

## ପିଡବ୍ଲ୍ୟୁଡି ପୋତୁଛି, ପିଏଚ୍‌ଡି ଖୋଳୁଛି

ପୁରୁଷୋତ୍ତମପୁର,୧୫।୫(ସିମାଞ୍ଚଳ ମିଶ୍ର): ପୁରୁଷୋତ୍ତମପୁର ଏନ୍‌ଏସିରେ ପୂର୍ତ୍ତବିଭାଗ (ପିଡବ୍ଲୁଡି) ଓ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ମଧ୍ୟରେ ସମନ୍ୱୟ ଅଭାବରୁ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯାହାର ଫଳସ୍ୱରୂପ ଜନସାଧାରଣ ଅସୁବିଧା ଭୋଗୁଛନ୍ତି। ଦୀର୍ଘଦିନ ଧରି ସହର ମଧ୍ୟ ଦେଇ କବିସୂର୍ଯ୍ୟନଗର-ହୁମ୍ମାକୁ ସଂଯୋଗ କରୁଥିବା ୩୧ ନଂ. ରାଜ୍ୟ ରାଜପଥଟି ଖାଲଖମା ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାକୁ ନେଇ ବହୁ ଦାବି ପରେ କୁମାରୀଠାରୁ ସ୍ୱପ୍ନେଶ୍ୱର ଛକ ପର୍ଯ୍ୟନ୍ତ ୨ କି.ମି. ଚାରିଥାକିଆ ରାସ୍ତାକୁ ପିଚୁ ପକାଯାଉଛି। ମାତ୍ର ଏହି ସମୟରେ ଜନସ୍ୱାସ୍ଥ୍ୟ ବିଭାଗ ଆଗରୁ ପାଇପ ଲାଇନ ବିଛାଇବା ବଦଳରେ ତରବରିଆ ଭାବେ ରାସ୍ତାପାର୍ଶ୍ୱକୁ ଖୋଳି ପାଇପ ପକାଚାଲିଛି। ଜନସ୍ୱାସ୍ଥ୍ୟ ବିଭାଗ ମନଇଚ୍ଛା ଖୋଳି ପକାଇଥିବା ରାସ୍ତାରେ ଗାଡିମୋଟର ସବୁ ଦବିବା ସହ ଦୁର୍ଘଟଣାଗ୍ରସ୍ତ ହେଉଛି। ବର୍ତ୍ତମାନ ସହରରେ ଠାକୁରାଣୀ ଯାତ୍ରା ଚାଲିଥିବାବେଳେ ମା'ଙ୍କ ଦର୍ଶନ ଲାଗି ଦୂରଦୂରାନ୍ତରୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାକୁ ନେଇ ଲୋକେ ଉଭୟ ବିଭାଗର ଅଧିକାରୀଙ୍କୁ ଜଣାଇଲେ ସେମାନେ ପରସ୍ପରକୁ ଦୋଷାରୋପ କରିବାରେ ଲାଗିଛନ୍ତି। ପୂର୍ତ୍ତବିଭାଗ ରାସ୍ତା ପୋତି ଯାଉଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ଖୋଳିବାରେ ଲାଗିଛି । ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସୋନିଆ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପାଇପ ଲାଇନ ବିଛାଇବା ସକାଶେ ଜନସ୍ୱାସ୍ଥ୍ୟ ବିଭାଗ ୬ ମାସ ତଳେ ଏକ ଚିଠି କରିଥିଲେ । ଫେବୃଆରୀ ମାସ ସୁଦ୍ଧା କାମ ସାରିବାକୁ କୁହାଯାଇଥିଲା। ସେମାନେ ଏ ଯାଏ କାମ କଲେନାହିଁ । ୩ ଦିନ ତଳେ ଆମେ କାମ ଆରମ୍ଭ କରିବା ପରେ ସେମାନେ ମନଇଚ୍ଛା ରାସ୍ତାକୁ ଖୋଳିବାରେ ଲାଗିଛନ୍ତି । ଏପରିକି ରାସ୍ତା କାମ ହେବା ସମୟରେ ଏଭଳି ଖୋଳି ଦିଆଯାଉଥିବାରୁ ତାହା ଉପରେ ପିଚୁ ପକାଇଲେ ଦବିଯାଉଛି। କମଦିନରେ ରାସ୍ତାଟି ଖରାପ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ଜନସ୍ୱାସ୍ଥ୍ୟ ବିଭାଗୀୟ କନଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ପାତ୍ରଙ୍କ ସହ ଯୋଗାଯୋଗ କରାଯିବାରେ ସେ କହିଛନ୍ତି, ଗତ ଏପ୍ରିଲ ମାସରେ ପୂର୍ତ୍ତ ବିଭାଗକୁ ଚିଠି କରିଛୁ। ଯାତ୍ରା ସରିବାପରେ ରାସ୍ତାକାମ କରାଯିବ ବୋଲି ସେମାନେ କହିଥିଲେ। ତେଣୁ ପାଇପ୍ ବିଛା କାମ କଲୁ। ପୂର୍ତ୍ତବିଭାଗ ମଧ୍ୟ ଏହି ସମୟରେ କାମ କରିବାରେ ଲାଗିଛି ବୋଲି କନିଷ୍ଠ ଯନ୍ତ୍ରୀ ପାତ୍ର କହିଛନ୍ତି। ଉଭୟ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଓ ଜିଲାପାଳ ଏଥିରେ ହସ୍ତକ୍ଷେପ କରି ଯେପରି ରାସ୍ତାର ସ୍ଥାୟିତ୍ୱ ରହିପାରିବ ଓ ଲୋକେ ହଇରାଣ ନ ହେବେ ସେଥିନେଇ ତୁରନ୍ତ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

# ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦ୍‌ଯାପିତ



ଧରାକୋଟ,୧୫।୫(ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଜଗମୋହନ ଗ୍ରାମ ଡେରା ସାହି ନୃସିଂହ ଚତୁର୍ଦ୍ଦଶୀ ଯାତ୍ରା ଉଦଯାପିତ ହୋଇଛି। ସପ୍ତାହେ ବ୍ୟାପୀ ଏହି ଯାତ୍ରା ଡେରା ସାହି ବାସିନ୍ଦାଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପାଳନ ହୋଇଥିଲା । ପଦ୍ମଲାଭ ସାହୁ ଓ ରାନି ସାହୁ କର୍ତ୍ତା ହୋଇଥିଲେ। ଯାତ୍ରା ସଭାପତି ରାଜେନ୍ଦ୍ର ସାହୁ, ଦିଲୀପ ସାହୁ,ଅର୍ଜୁନ ସାହୁ,ଭୂଷଣ ସାହୁ, ବିନୋଦ ସାହୁଙ୍କ ସମେତ ଡେରା ସାହି ବାସିନ୍ଦା ଏଥିରେ ସହଯୋଗ କରିଥିଲେ। ବିଭିନ୍ନ ଦିନରେ ରଜା ନାଟକ, ରାମାୟଣ,ଭାରତ ଲୀଳା, ଭଜନ ସମାରୋହ, ନାମ ସଙ୍କୀର୍ତ୍ତନ ଆଦି ହୋଇଥିଲା । ଶେଷରେ ଠାକୁର ମନ୍ଦିର ବିଜେ କରିଥିଲେ ।

# ସେଞ୍ଚୁରିଅନ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

## ସିବିଏସ୍‌ଇ ପରୀକ୍ଷା ଫଳ

ପାରଳାଖେମୁଣ୍ଡି,୧୫।୫ (ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡି ସହରରେ ଥିବା ସେଞ୍ଚୁରିଅନ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଚଳିତବର୍ଷ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଛନ୍ତି । ବହୁ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମ ଶ୍ରେଣୀରେ ୧୧ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ପାର୍ଥ ସାରଥୀ ସାହୁ ଏବଂ ତତସତ୍ ପାଣିଗ୍ରାହୀ ୯୮ ପ୍ରତିଶତ ମାର୍କ ରଖିଛନ୍ତି। ସେହିପରି ଦ୍ୱାଦଶ ଶ୍ରେଣୀରେ ୨ ଛାତ୍ରୀ ତନୁଜା ସାମନ୍ତ ଓ ଶୁଭଲଗ୍ନା ପାଢୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଉପାଧକ୍ଷ ପ୍ରଫେସର ଡି. ଏନ. ରାଓ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେଞ୍ଚୁରିଆନ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସୁନୀତା ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନରେ ଅତ୍ୟନ୍ତ ଖୁସି ପ୍ରକାଶ କରବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ କଠିନ ପରିଶ୍ରମ କରିବାକୁ ଉତ୍ସାହିତ କରିଛନ୍ତି। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ସମ୍ବିତ ପାତ୍ର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କୁ ପ୍ରଶଂସା କରିଛନ୍ତି। ସ୍କୁଲର ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀମାନେ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ପାର୍ଥସାରଥି ସାହୁ



କୁମାରୀ ତନୁଜା ସାମନ୍ତ

### ଦୁର୍ଘଟଣାରେ ୨ ଭାଇଙ୍କ ମୃତ୍ୟୁ ଘଟଣା
## ବୋଲେରୋ ଜବତ, ଡ୍ରାଇଭର ଅଟକ

ବୁଗୁଡା,୧୫।୫ (କାଳିଚରଣ ଦାଶ)

ବୁଗୁଡା-ଷୋଳମଇଲି ରାସ୍ତାରେ ମେ ୧୧ ରାତିରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ କାନସୁକା ଗ୍ରାମର ପଞ୍ଚୁ ନାଇକଙ୍କ ପୁଅ ଓମ୍ ପ୍ରକାଶ ନାଇକ(୧୬) ଓ ସନ୍ତୋଷ ନାଇକଙ୍କ ପୁଅ ଶୁଭ ନାଇକ (୧୮)ଙ୍କ ମୃତ୍ୟୁ ଘଟିଛି। ଏ ନେଇ ସନ୍ତୋଷ ନାଇକଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ. ୩୦୮/୨୫ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ (ଓଡି ୦୭କେ-୬୬୨୯)କୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତି ଓ ଆଖପାଖର ସିସିଟିଭି କ୍ୟାମେରାକୁ ଅନୁଧ୍ୟାନ କରି ଦୁର୍ଘଟଣା ସହ ଜଡ଼ିତ ଏକ ବୋଲେରୋ (ଓଡି ୦୨ପି-୭୬୩) ସମ୍ପର୍କରେ ସୂଚନା ପାଇ ତାହାକୁ ଜବତ କରିବା ସହ କୁଞ୍ଜବନ ଗ୍ରାମର ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

## ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୧୫।୫(ଦିଲ୍ଲୀପ ସାମଲ): ଛତ୍ରପୁର ଅତିରିକ୍ତ ଜିଲା ଦୌରା ଜଜ ଭାବେ ପ୍ରଦୀପ କୁମାର ସାମଲ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ଛତ୍ରପୁର ଓକିଲ ସଂଘ ପରିସରରେ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲା ଦୌରାଜଜ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଏସଡ଼ିଜେଏମ ପ୍ରୀତିଶ କୁମାର ରଥ, ସବଜଜ ପୂଜା ଦେ, ଜେଏମଏଫ ସି ସାଗତିକା ସ୍ୱାଇଁ, ଉପସଭାପତି ଚୈତନ୍ୟ ପ୍ରଧାନ ଙ୍କସମେତ ଓକିଲ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ପଞ୍ଚ ଠାକୁରାଣୀ ଯାତ୍ରାରେ ଭକ୍ତଙ୍କ ଭିଡ଼



ଅସ୍ଥାୟୀ ମନ୍ଦିରରେ ପଞ୍ଚଠାକୁରାଣୀ

ପୁରୁଷୋତ୍ତମପୁର,୧୫।୫(ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁରଠାରେ ଚାଲିଥିବା ପଞ୍ଚଠାକୁରାଣୀଙ୍କ ଯାତ୍ରା ନବମ ଦିନରେ ପହଞ୍ଚିଛି। ପଞ୍ଚ ଠାକୁରାଣୀ ମା'କନକା, କାଳୁଆ, ତାରାତାରିଣୀ, କାଳୀ ଓ ଫୁଲସୁନ୍ଦରୀ ବଡ଼ବଜାରସ୍ଥିତ ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି। ଏଥିଲାଗି ସମଗ୍ର ସହର ଉତ୍ସବ ମୁଖର ହୋଇପଡ଼ିଥିବା ବେଳେ ଗୁରୁବାର ସଂକ୍ରାନ୍ତି ହୋଇଥିବାରୁ ମା'ଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ଦେଖା ଦେଇଥିଲା।

# ନୂଆଗଡ଼ ବ୍ଲକ ଟପ୍ପର ଅଭିଲିପ୍ସା

ନୂଆଗଡ଼,୧୫।୫(ଯୋଗ୍ୟବନ୍ତ ପରିଚ୍ଛା):

ଗଜପତି ଜିଲା ନୂଆଗଡ଼ ବ୍ଲକରେ ଚଳିତବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ୧୪ଟି ବିଦ୍ୟାଳୟର ସମସ୍ତ ୭୫୪ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ବଡ଼ପଦା ସେଣ୍ଟ ମେରି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଭିଲିପ୍ସା ପାଣି ୫୨୭ ମାର୍କ ରଖି ବ୍ଲକରେ ଟପ୍ପର ହୋଇଛନ୍ତି। ସେହିଭଳି ଉକ୍ତ ବିଦ୍ୟାଳୟର ଜେଶିକା ଛିଞ୍ଚାଣୀ ୫୧୯ ମାର୍କ ରଖି ଦ୍ୱିତୀୟ, ଦୋଘରିଆ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସସ୍ମିତା ରଇତ ୫୧୧ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି।



ଅଭିଲିପ୍ସା ପାଣି

## ବୋମାମାଡ଼ ଘଟଣା, ଅଭିଯୁକ୍ତ ଗିରଫ

ଶେରଗଡ଼, ୧୫।୫(ସୂର୍ଯ୍ୟନାରାୟଣ ଦାଶ) ଶେରଗଡ଼ ଆମୁଆବାଡି ଗ୍ରାମରେ ଏକ ତରଫା ପ୍ରେମରୁ ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ସାଗର ସେଠୀଙ୍କୁ ଶେରଗଡ଼ ପୋଲିସ ଗିରଫ କରିଛି। ବୋମାମାଡ଼ କରି ସାଗର ଫେରାର ଥିଲେ। ସାଇଣ୍ଟିଫିକ ଟିମ ସହାୟତାରେ ଶେରଗଡ଼ ପୋଲିସ ଖୋଜା ଖୋଜି ପରେ ନିକଟସ୍ଥ ଜଙ୍ଗଲରୁ କାବୁ କରି ଗୁରୁବାର ସକାଳୁ ଗିରଫ କରିଥିଲା। ଆସିକା ଏସ୍‌ଡିପିଓ ସନ୍ତୋଷ ଜେନା, ଏଏସ୍‌ଆଇ ସରଳତା ପ୍ରଧାନ ନେତୃତ୍ୱରେ ଏକ ଟିମ୍ ସାମିଲ ଥିଲେ। କେଶ ନଂ. ୨୩୧/୨୫ ପ୍ରକାରେ ଶେରଗଡ଼ କୋର୍ଟ ଓ ପରେ ଆସିକା ଜେଲକୁ ପଠାଇ ଦେଇଛନ୍ତି। ଏକ ତରଫା ପ୍ରେମ ବୋମାମାଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସାଗର ଥିଲା। ମଙ୍ଗଳବାର ରାତିରେ ନାବାଳିକା ଘର ଆଗରେ ନାବାଳିକା ପରିବାରକୁ ଧମକ ଚମକ ଦେବା ଓ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ବୋମାମାଡରେ ନାବାଳିକାଙ୍କ ବାପା ଓ ଖୁଡ଼ି ଗୁରୁତର ଆହତ ହୋଇଥିଲେ।

## ମରଣଯନ୍ତା ପାଲଟିଛି ଆର୍‌ଡି ରାସ୍ତା



ନୂଆଗଡ଼, ୧୫।୫ (ଯୋଗ୍ୟବନ୍ତ ପରିଛା) ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ଖ ଝାଳରସିଂ ଠାରୁ ରୁମ୍ବାଉଲ ଆରଡି ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ନୂଆଗଡ଼ ବ୍ଲକ୍ ଏବଂ ଗୁମ୍ମା ବ୍ଲକ୍‌ର ସୀମାନ୍ତରେ ରହିଛି। ଏହି ରାସ୍ତାରେ ଗାଡ଼ିମୋଟର ତଥା ଆମ୍ବୁଲାଏନ୍ସ, ସ୍କୁଲ ବସ୍ ହଜାର ହଜାର ସଂଖ୍ୟାରେ ଯାତାୟାତ କରନ୍ତି। ରାସ୍ତା ମଝିରେ ଦୀର୍ଘଦିନ ହେଲା ଅନେକ ଖାଲଖମା ହୋଇ ରହିଛି, ଯାହାଫଳରେ ଦୁର୍ଘଟଣା ଘଟି ମୃତ୍ୟୁ ହେବା ଆଶଙ୍କା ରହିଛି। ଏହି ରାସ୍ତାରେ ପ୍ରତ୍ୟେକ ଦିନ ସରକାରୀ କର୍ମଚାରୀ ଏବଂ ନେତା ମନ୍ତ୍ରୀ ଯାତାୟାତ କରନ୍ତି। ଏହା ଉପରକୁ କେହି ବି ଦୃଷ୍ଟିପାତ କରୁନାହାନ୍ତି। ଯଥାଶୀଘ୍ର ରାସ୍ତା ମରାମତି ନ କଲେ ଅଞ୍ଚଳବାସୀ ରାଜରାସ୍ତାରେ ଧାରଣା ଦେଇ ବ୍ଲକ୍ ଅଫିସ ଘେରାଉ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ଛତ୍ରପୁର ବ୍ରହ୍ମା କୁମାରୀ ଆଶ୍ରମରେ ବାର୍ଷିକ ଉତ୍ସବ

ଛତ୍ରପୁର,୧୫।୫(ସନ୍ତୋଷ ପାଢ଼ୀ):

ଛତ୍ରପୁରସ୍ଥିତ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସର ଶାନ୍ତି ଅନୁଭୂତି ଭବନରେ ଅଧ୍ୟାତ୍ମିକ କାର୍ଯ୍ୟକ୍ରମ ସହ ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଶାଖା ମୁଖ୍ୟ ବି. କେ. ବିଜୟଲକ୍ଷ୍ମୀଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମୁନିସିପେଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ଼ା ସ୍ୱାଧୀନ ରଥ ଯୋଗ ଦେଇଥିଲେ। ତତ୍‌ସହିତ ରାଜସ୍ଥାନରୁ ଅଧ୍ୟାତ୍ମିକ ବକ୍ତା ଭି କେ ସହଦେବ ଓ ଛତ୍ରପୁର ସମର୍ଥ ଅନୁଷ୍ଠାନର ମୁଖ୍ୟାଧ୍ୟାପକ କେ. ଆନନ୍ଦ କୁମାର ରାଓ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଡ଼ା ରଥ କହିଥିଲେ ଯେ, ଏହି ସଙ୍ଗଠନର ସମାଜ ପ୍ରତି ଅବଦାନ ଚିର ସ୍ମରଣୀୟ। ଅନ୍ୟ ଅତିଥିମାନେ ମଧ୍ୟ ନିଜ ନିଜ ଭାବନା ପ୍ରକାଶ କରିଥିଲେ। ଶେଷରେ ବିଜୟଲକ୍ଷ୍ମୀ ସଭାକୁ ସମ୍ବୋଧନ କରିଥିଲେ। ସତ୍ୟ ନାରାୟଣ ରେଡ୍ଡୀ ଧନ୍ୟବାଦ ଦେଇଥିଲେ।



ଅତିଥି।

# କୁରେଇଶୁଣୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜା



ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା ଅବସରରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

ରାମଗିରି,୧୫।୫ (ବୃନ୍ଦାବନ ଗୌଡ଼)


ଆର.ଉଦୟଗିରି ବ୍ଲକ୍ ରାମଗିରି ଗ୍ରାମପଞ୍ଚାୟତର ପ୍ରସିଦ୍ଧ ଠାକୁରାଣୀ ମା'କୁରେଇଶୁଣୀଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁଭୂମିପୂଜା ହୋଇଛି। ଏହିଅବସରରେ ନୂତନ ମନ୍ଦିର ନିର୍ମାଣ କମିଟି ସଭାପତି ତାରିଣୀ ଚରଣ ଗୌଡ଼ଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ମୁଖ୍ୟବକ୍ତା ଭାବେ ଆର.ଉଦୟଗିରି ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର, ସମ୍ମାନିତ ଅତିଥିଭାବେ ରାମଗିରି ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା କାର୍ଜି, ଥାନାଧିକାରୀ ଡି.ଗଜପତି ଦୋରା, ରାମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ବ୍ରଜରାଜ କର, ଜିଲା ପରିଷଦ ଦଣ୍ଡପାଣି ବଡମୁଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ଦିର ନିର୍ମାଣ ପାଇଁ ବିଧାୟକଙ୍କ ହସ୍ତରେ ଶୁଭ ପକାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମା' ଙ୍କ ମନ୍ଦିର ନିର୍ମାଣ କମିଟିର ସମସ୍ତ କାର୍ଯ୍ୟକାରୀ ସଦସ୍ୟଙ୍କ ସହ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଉଜୁଡ଼ିଲାଣି ଗୋଲମରିଚ ଚାଷ, ଅସୁରକ୍ଷିତ କଫି

## ସୁରକ୍ଷା ଢିଲା, ଖୋଲା ପଡ଼ିଥିବା ଯୋଗୁ ଦଲାଲ ସକ୍ରିୟ

ଦାରିଙ୍ଗବାଡ଼ି, ୧୫।୫ (ଅରୁଣ ସାହୁ)

ଦାରିଙ୍ଗବାଡ଼ିକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା କଫି ବଗିଚା ଓ ଏହା ମଧ୍ୟରେ ରହିଥିବା ଗୋଲମରିଚ ଚାଷ ଏବେ ପରିଚୟ ହଜେଇବାକୁ ବସିଲାଣି। ବଗିଚା ଯେଉଁଭଳି ଅସୁରକ୍ଷିତ ସେଠାକୁ ଦୈନିକ ଆସୁଥିବା ପର୍ଯ୍ୟଟକ ମଧ୍ୟ ଅସୁରକ୍ଷିତ। ବଗିଚା ଚାରିପଟେ ତାର ବାଡ଼ କିମ୍ବା ପାଚେରି ନାହିଁ। ଫଳରେ କଫି ଓ ଗୋଲମରିଚ ଅସୁରକ୍ଷିତ ହୋଇପଡ଼ିଛି। ଏବେ ଗୋଲମରିଚ ଅମଳ ଓ ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି। ହେଲେ ବାଡ଼ ନ ଥିବାରୁ ଏହାକୁ ଦଲାଲମାନେ ଚୋରି କରି ମାର୍କେଟରେ ବିକ୍ରି କରୁଛନ୍ତି। ଦୀର୍ଘ ଦଶନ୍ଧି ଧରି ପୁରୁଣା କଫି ଓ ଗୋଲମରିଚ ଗଛ ରହିଥିବାରୁ ଏବେ ତାହା ନଷ୍ଟ ହେବାକୁ ବସିଲାଣି। ପାଚେରି ନ ଥିବାରୁ ପର୍ଯ୍ୟଟକମାନେ କଫି ବଗିଚାର ଶେଷ ଭାଗରେ ଥିବା କାଫେ ପର୍ଯ୍ୟନ୍ତ ବିପଦରେ ବୁଲନ୍ତି। କେବଳ ଟିକେଟ କରିବା ପାଇଁ ମୁଖ୍ୟ ଫାଟକ ଓ ପାଚେରି ରହିଥିବା ବେଳେ ଭିତରକୁ ପର୍ଯ୍ୟଟକ ଯିବା ପରେ ସେଠାରେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କିଛି ନାହିଁ। କେତେକ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଯୁବପିଢ଼ି ମଧ୍ୟ ସେହି ବଗିଚାରେ ବୁଲୁଥିବା ଦେଖିବାକୁ ମିଳୁଛି। ଗୋଲମରିଚ ତୋଳିବା କାର୍ଯ୍ୟ ସରିଯାଇଛି। ପ୍ରାୟ ୮୩ କୁଇଣ୍ଟାଲ ସଂଗ୍ରହ କରାଯାଇଛି। ପୂର୍ବରୁ ବେସରକାରୀ ସଂସ୍ଥାକୁ ଅତି ଶସ୍ତାରେ ଟେଣ୍ଡର ଦେଇ ଲକ୍ଷାଧିକ ଟଙ୍କା ବରବାଦ କରାଯାଇଥିଲା। ଚଳିତ ବର୍ଷ ପ୍ରଥମଥର ପାଇଁ ବାଲିଗୁଡ଼ା ଆଦିବାସୀ ଉନ୍ନୟନ ସଂସ୍ଥାକୁ କଫି ଓ ଗୋଲମରିଚ ଅମଳ ଓ ପ୍ରସ୍ତୁତି ପାଇଁ ସରକାର ଦାୟିତ୍ୱ ଦେଇଛନ୍ତି। ଗୋଲମରିଚ ପ୍ରସ୍ତୁତି ପରେ କେତେ କୁଇଣ୍ଟାଲ ଅମଳ ହେଲା ତାହା ଜଣାପଡ଼ିବ ବୋଲି ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା କହିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା ଓ କଫି ବଗିଚାର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ବିଡିଓ ପ୍ରୀତିରଞ୍ଜନ ରଥ କହିଛନ୍ତି ତାହା ବ୍ଲକ ପ୍ରଶାସନ ହାତରେ ନାହିଁ। ବଗିଚା ପରିସର ମଧ୍ୟରେ ରହିଥିବା କାଫେ ଓ ଶିଶୁ ଉଦ୍ୟାନକୁ ବ୍ଲକ୍ ପ୍ରଶାସନ ପକ୍ଷରୁ କରାଯାଇଛି। ସମ୍ପୂର୍ଣ୍ଣ ଦାୟିତ୍ୱ ପଞ୍ଚାୟତ ସମିତିକୁ ହସ୍ତାନ୍ତର କରାଗଲେ ନିଶ୍ଚିତ ହିଲଭିୟୁ ଡାଞ୍ଚାରେ କଫିବଗିଚା ସମେତ ଡୁଲୁରୀ ପାଇନ ବଣର ମଧ୍ୟ ତଦାରଖ କରାଯାଇପାରିବ ।



## ଦଶମ ପରୀକ୍ଷାରେ ୯୩.୮% ନମ୍ବର ରଖିଲେ ଶକ୍ତିଶଙ୍କର

ଦଶରଥପୁର,୧୫।୫(ସୁଶାନ୍ତ କୁମାର ବେହୁରିଆ): ଦଶରଥପୁର ବ୍ଲକ ଅଧୀନ ମଲ୍ଲିକାପୁରସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ର ଶକ୍ତିଶଙ୍କର ଦାସ ସିବିଏସଇ ଦଶମ ପରୀକ୍ଷାରେ ୯୩.୮ ପ୍ରତିଶତ ନମ୍ବର ରଖି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ମଙ୍ଗଳବାର ପ୍ରକାଶ ପାଇଥିବା ଫଳରେ ମୋଟ୍ ୫୦୦ ନମ୍ବରରୁ ସେ ୪୬୯ ନମ୍ବର ରଖିଛନ୍ତି। ସେ ଥାଲକୁଡି ପଞ୍ଚାୟତ ଅନ୍ତର୍ଗତ ଧନିପୁର ଗ୍ରାମର ପ୍ରଭାତ ଦାସ ଓ ପୁଷ୍ପାଞ୍ଜଳି ଦାସଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ତାଙ୍କର ଏହି ସଫଳତା ପାଇଁ ଶିକ୍ଷୟିତ୍ରୀଶିକ୍ଷକ ଓ ପିତାମାତାଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ଶକ୍ତିଶଙ୍କର ଡାକ୍ତର ହୋଇ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

# ୩ ମାସ ପରେ ବି ମାମଲା ରୁଜୁ କରୁନି ପୋଲିସ

## ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ ଘଟଣା

ବାଲିଚନ୍ଦ୍ରପୁର,୧୫।୫(ଗିରିଜା ପ୍ରସାଦ ସାହୁ): ଥାନାରେ ଅଭିଯୋଗ ହେଲେ ତାହା ପଞ୍ଜୀକରଣ କରି ତଦନ୍ତ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ବାଲିଚନ୍ଦ୍ରପୁର ଥାନାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଥାନା ଅଞ୍ଚଳର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ହେଲେ ୩ ମାସ ପରେ ଅଭିଯୋଗ ଉପରେ ମାମଲା ରୁଜୁ ହୋଇନାହିଁ କି ତଦନ୍ତ ହୋଇନାହିଁ। ଶେଷରେ ଅଭିଯୋଗକାରୀ ନିରାଶ ହୋଇ ଗଣମାଧ୍ୟମରେ ସାହାଯ୍ୟ ଲୋଡ଼ିଛନ୍ତି।

ଅଭିଯୋଗକାରୀଙ୍କ କହିବା ମୁତାବକ, ନାବାଳିକା ଛାତ୍ରୀ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ୨ ବାଇକ୍‌ରେ ୪ ଯୁବକ ଆସି ନାବାଳିକାଙ୍କୁ ଅଟକାଇ କାମ ଅଛି ବୋଲି କହି ଡାକିଥିଲେ। ନାବାଳିକା ସେମାନଙ୍କ କଥା ନ ଶୁଣିବାରୁ ଯୁବକମାନେ ତାଙ୍କୁ ଜୋରଜବରଦସ୍ତ ବାଇକ୍‌ରେ ବସାଇ ନେଇଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକା ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଆସିଯିବାରୁ ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ନାବାଳିକା ଏକ୍ ବାଇକ୍ ନମ୍ବର(ଓଡି୦୬ଏଭି ୪୭୯୭)କୁ ଲେଖି ରଖିଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ପକ୍ଷରୁ ତାଙ୍କ ଅଭିଯୋଗକୁ ଗ୍ରହଣ କରାଯାଇ ନ ଥିଲା। ତାଙ୍କ ଅଭିଭାବକ ଦରଖାସ୍ତ ଦେଲେ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ପରେ ନାବାଳିକାଙ୍କ ବାପା ମାର୍ଚ୍ଚ ୧ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନାହିଁ। ଏନେଇ ଥାନା ଏଏସ୍‌ଆଇ ସତ୍ୟରଞ୍ଜନ ସାହୁଙ୍କୁ କେଶ ନମ୍ବର ପଚାରିବାରେ ସେ ହଡ୍‌ବଡ଼ରେ ପଡ଼ି ଯାଇ ମାମଲା ରୁଜୁ ହୋଇନାହିଁ ବୋଲି କହିଛନ୍ତି। ଏଥିସହିତ ଆମେ ଅଭିଯୋଗକାରୀଙ୍କୁ ଡାକୁଛୁ, ମାତ୍ର ସେ ଆସୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନାବାଳିକାଙ୍କ ବାପା କହିଛନ୍ତି, ତାଙ୍କ ଝିଅ ଯେଉଁ ଦରଖାସ୍ତ ଦେଇଥିଲେ ତାହାକୁ ଥାନା ପକ୍ଷରୁ ଫେରାଇ ଦିଆଯାଇଥିଲା। ପରେ ସେ ନିଜେ ଅଭିଯୋଗ କରିଥିଲେ। ମାତ୍ର ତାଙ୍କୁ ଅଭିଯୋଗର ନକଲ ମିଳୁନାହିଁ କି ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉନାହିଁ। ସେ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହୋଇଛନ୍ତି। ଥାନା ସିସିଟିଭି ଯାଞ୍ଚ କଲେ ସବୁ ଜଣାପଡ଼ିବ ବୋଲି ନାବାଳିକାଙ୍କ ବାପା ପ୍ରକାଶ କରିବା ସହ ଯାଜପୁର ଏସ୍‌ପି ଏ ଦିଗରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

# କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ : କୁଜଙ୍ଗ ବନ ବିଭାଗ

କୁଜଙ୍ଗ,୧୫।୫(ମନୋଜ ପ୍ରଧାନ)

ପ୍ରକଳ୍ପ ନିମନ୍ତେ ବେଆଇନ ଭାବେ ଗଛସବୁ କଟା ଯାଉଥିବାରୁ ବନ୍ୟ ପ୍ରାଣୀ ଯଥା ହରିଣମାନେ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ଏରସମା ବ୍ଲକ ଢିଙ୍କିଆ ଗ୍ରାମର ଗୌତମ ଦାସ ଗତ ଏପ୍ରିଲ ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏହାପରେ କୁଜଙ୍ଗ ବନ ବିଭାଗ ପକ୍ଷରୁ ଏହାର ତଦନ୍ତ କରି ରାଜନଗର ଡିଏଫ୍‌ଓଙ୍କୁ ଜଣାଇ ଦିଆଯାଇଛି ଯେ, କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ। କୁଜଙ୍ଗ ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡାଇ ଦର୍ଶାଇଛନ୍ତି ଯେ, ୨୦୨୪ ଜାନୁଆରୀ ୨୬ରେ ନୂଆଗାଁଠାରେ ଠାବ ହୋଇଥିବା କ୍ଷତବିକ୍ଷତ ମୃତ ଅଣ୍ଡିରା ହରିଣର ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ଅନ୍ୟପଟେ ଉକ୍ତ ମୃତ ହରିଣର କେତେକ ଅଙ୍ଗପ୍ରତ୍ୟଙ୍ଗ ନ ଥିବାରୁ ମୃତ୍ୟୁର କାରଣ ଚିହ୍ନଟ ହୋଇପାରି ନାହିଁ । କିନ୍ତୁ ୨୦୨୫ ଫେବୃଆରୀ ୨ରେ ନୂଆଗାଁ ଜଙ୍ଗଲ ଅଞ୍ଚଳରୁ ଠାବ ହୋଇଥିବା ମୃତ ମାଈ ହରିଣ ଗର୍ଭବତୀ ଥିବାରୁ କୌଣସି କାରଣରୁ ହୃଦ୍‌ଘାତ ଘଟି ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଛି। ସେହିପରି

### ହରିଣ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ ଘଟଣା

୨୦୧୧ ଜୁନ ୨୬ରେ ଇଡ୍‌କୋ ଭୂ-ଅର୍ଜନ ଅଧିକାରୀଙ୍କୁ ରାଜନଗର ଡିଏଫ୍‌ଓଙ୍କ ପକ୍ଷରୁ ୧୨୫୩ . ୨୨୫ ହେକ୍ଟର ଜଙ୍ଗଲ ଜମି ଉପରେ ଥିବା ୨ ଲକ୍ଷ ୯୦ ହଜାର ୮୭ଟି ଗଛ କାଟିବା ନିମନ୍ତେ ଅନୁମତି ଦିଆଯାଇଥିଲା। ଏହି ଅନୁମତି କାର୍ଯକାରୀ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ୨୦୨୪ ମେ' ୩୧ରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ଉପସଭାପତି ଧନଞ୍ଜୟ କୁମାର ସିହ୍ନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବନ ବିଭାଗ ପକ୍ଷରୁ ଆହୁରି ଦର୍ଶାଯାଇଛି ଯେ, ୨୦୨୨ ଏପ୍ରିଲ ୧୧ରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲକୁ ୧୩.୨ ନିୟୁତ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା, ୧୦ ନିୟୁତ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ସିମେଣ୍ଟ କାରଖାନା ଓ ୯୦୦ ମେଗାୱାଟ୍ କ୍ଷମତାବିଶିଷ୍ଟ ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଅନୁମତି ଦିଆଯାଇଛି। ତେଣୁ କୌଣସି ବେଆଇନ କାର୍ଯ୍ୟ ହୋଇନଥିବା ବନ ବିଭାଗ କହିଛି।

## ସଂଯୁକ୍ତା ମହାନ୍ତି ଫେରିପାଇଲେ ସରପଞ୍ଚ ପଦ

ଦଶରଥପୁର,୧୫।୫(ସୁଶାନ୍ତ କୁମାର ବେହୁରିଆ): ଯାଜପୁର ଜିଲା ଦଶରଥପୁର ବ୍ଲକ ଅଧୀନ ଗ୍ରାମ ନନ୍ଦିପୁର ପଞ୍ଚାୟତର ନିଲମ୍ବିତ ସରପଞ୍ଚ ସଂଯୁକ୍ତା ମହାନ୍ତିଙ୍କୁ ପୁନଃ ସରପଞ୍ଚ ପଦରେ ଅବସ୍ଥାପିତ କରିଛନ୍ତି ରାଜ୍ୟ ସରକାର। ଏନେଇ ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶକ ୧୪।୫।୨୫ରେ ଚିଠିନମ୍ବର- ୧୨୫୦୫ରେ ବିଜ୍ଞପ୍ତି ଜାରି କରିଛନ୍ତି। ପଞ୍ଚାୟତ ଅର୍ଥ ତୋସାରପାତ ଅଭିଯୋଗରେ ରାଜ୍ୟ ସରକାର ୧୯।୨।୨୦୨୫ରେ ଚିଠି ନମ୍ବର- ୪୬୦୫ରେ ସରପଞ୍ଚଙ୍କୁ ନିଲମ୍ବନ କରିଥିଲେ।

## ଭୋଗରାଇରେ ୩ ମନ୍ଦିରରୁ ଚୋରି

ଭୋଗରାଇ, ୧୫।୫(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବେଣ୍ଡୁଦା ଶ୍ରୀଜଗନ୍ନାଥ ମନ୍ଦିରରୁ ଦୁର୍ବୃତ୍ତମାନେ ରୋଷେଇ ଘରପଟୁ ତାଲା ଭାଙ୍ଗି ମନ୍ଦିରରେ ପ୍ରବେଶ କରି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପରି ଜଳସୋହରିଆ ( ଝକଝକି ) ଗ୍ରାମସ୍ଥିତ ମା' କାଳୀ ଓ ଶୀତଳା ମାତାଙ୍କ ମନ୍ଦିରରୁ ବୁଧବାର ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ସୁନା, ରୁପା ଅଳଙ୍କାର ସହ ଦାନବାକ୍ସରୁ ଅର୍ଥ ଲୁଟିନେଇଥିବା କମର୍ଦ୍ଦା ଏବଂ ଭୋଗରାଇ ଥାନରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ୨ ଥାନାର ପୋଲିସ ଗୁରୁବାର ସକାଳେ ୩ଟିମନ୍ଦିରକୁଯାଇ ତଦନ୍ତ କରିଫେରିଛି।




ବ୍ୟାସନଗର ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଗୁରୁବାର ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରାଯାଉଛି। (ଫଟୋ: ପବିତ୍ର ରଞ୍ଜନ ମହାନ୍ତି)।

## ଘରେ ପଶି ଯୁବକଙ୍କୁ ଆକ୍ରମଣ ଘଟଣା: ୧ କୋର୍ଟ ଚାଲାଣ

ରଘୁନାଥପୁର,୧୫।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ଗ୍ରାମର ଗୋକୁଳି ବାରିକଙ୍କ ଘରେ ପଶି ଏପ୍ରିଲ ୨୨ରେ ମଧ୍ୟମ ପୁତ୍ର ଦୁର୍ଲଭ ବାରିକଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମର କାହ୍ନୁ ଚରଣ ସାହୁ ଓରଫ କାହ୍ନା(୨୬)। ସାଇକେଲ ଥୋଇବାକୁ କେନ୍ଦ୍ର କରି ଦୁର୍ଲଭ ସହ ପଡ଼ୋଶୀଙ୍କ ବଚସା ହୋଇଥିଲା। ଜମିବାଡ଼ିକୁ କେନ୍ଦ୍ରକରି ପୂର୍ବରୁ ଦୁର୍ଲଭଙ୍କ ପରିବାର ସହ ଶତ୍ରୁତା ଥିବା ଜଣେ ବ୍ୟକ୍ତି ଏହି ମୌକାରୁ ଫାଇଦା ନେବା ପାଇଁ ଚକ୍ରାନ୍ତ କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ପ୍ରରୋଚନାରେ ପଡ଼ି ୫/୬ ଜଣ ଯୁବକ ତାଙ୍କ ଘରେ ପଶି ଦୁର୍ଲଭଙ୍କୁ ଏକ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଦୁର୍ଲଭଙ୍କ ସ୍ତ୍ରୀ ମଞ୍ଜୁଲତା ଏପ୍ରିଲ ୨୩ରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୭୨/୨୫) ରୁଜୁ କରି ଜଣେ ଯୁବକଙ୍କ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଥିବା ବେଳେ ବୁଧବାର ରାତିରେ ଗୋଡ଼ାଇ ତାରପୁର ରାମମନ୍ଦିରସ୍ଥିତ ମହାନଦୀ ବନ୍ଧ ଉପରୁ କାହ୍ନାଙ୍କୁ ଧରିବାରେ ସକ୍ଷମ ହୋଇଲା। ଅଭିଯୁକ୍ତ କାହ୍ନାଙ୍କ ନାମରେ ପୂର୍ବରୁ ଅନେକ କେସ୍ ରହିଥିବା ତଦନ୍ତକାରୀ ଅଧିକାରୀ ଯୋଗେଶ୍ୱର ବେହେରା କହିଛନ୍ତି।

# 'ଦେଶ ସୀମାନ୍ତରେ ଲଢୁଥିବା ଜାଗ୍ରତ ପ୍ରହରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ'



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ପରାକ୍ରମ ଶୋଭାଯାତ୍ରା ଉଦ୍‌ଘାଟନ କରୁଛନ୍ତି।

### ପାରାଦୀପରେ ପରାକ୍ରମ ଶୋଭାଯାତ୍ରା

ପାରାଦୀପ,୧୫।୫(ଶରତ ରାଉତ)

ଅପରେଶନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଗୁରୁବାର ପାରାଦୀପର ସମୁଦ୍ର କୂଳଠାରୁ ଗୋପବନ୍ଧୁ ଷ୍ଟାଡିୟମ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଜାତୀୟ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରାକ୍ରମର ଏହି ଶୋଭାଯାତ୍ରା ଦେଶର ସୀମାନ୍ତରେ ଲଢୁଥିବା ଜାଗ୍ରତ ପ୍ରହରୀ ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ, ଅବସରପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ, ଏନ୍‌ସିସି କ୍ୟାଡେଟ୍, ଏନ୍‌ଏସ୍‌ଏସ୍ ଶିକ୍ଷକ, ମିଶନ ଶକ୍ତି ସଦସ୍ୟା, ଛାତ୍ରୀଛାତ୍ର, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ସିଭିଲ ଡିଫେନ୍ସ ପ୍ରମୁଖ ସାମିଲ ହୋଇଥିଲେ। ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ଜାଗ୍ରତ ପ୍ରହରୀଙ୍କୁ ସମ୍ମାନ ଜଣାଇ ପାରାଦୀପ ସମୁଦ୍ର କୂଳଠାରୁ ଆରମ୍ଭ ହୋଇଥିବା ପରାକ୍ରମ ରାଲି ସହର ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିୟମରେ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଡିଏମ୍ ନିରଞ୍ଜନ ବେହେରା, ଏଏସ୍‌ପି ସ୍ମୃତିରଞ୍ଜନ କର, ନିର୍ବାହୀ ଅଧିକାରୀଅଭିଷେକପଣ୍ଡାପ୍ରମୁଖଉପସ୍ଥିତଥିଲେ।

# ସୈନ୍ୟବାହିନୀର ସମ୍ମାନରେ ପରାକ୍ରମ ଶୋଭାଯାତ୍ରା

ଜଗତ୍‌ସିଂହପୁର, ୧୫।୫ (ପ୍ରମୋଦ କୁମାର ନାୟକ)

### ଅପରେଶନ ସିନ୍ଦୂରର ସଫଳତା

କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ହିନ୍ଦୁ ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରି ନିର୍ମମ ଭାବେ ଗୁଳି କରି ହତ୍ୟା କରିଥିଲେ। ଏହି ପ୍ରସଙ୍ଗକୁ ନେଇ ଆତଙ୍କବାଦୀଙ୍କୁ ଧ୍ୱଂସ କରିବା ପାଇଁ ଭାରତ ସରକାର ଅପରେଶନ୍ ସିନ୍ଦୂର ଆରମ୍ଭ କରିଥିଲେ। ଏହି ଅପରେଶନ ଫଳରେ ପାକିସ୍ତାନ ହାତ ଟେକିବାକୁ ବାଧ୍ୟ ହୋଇଥିଲା। ଭାରତର ଅପରେଶନ ସିନ୍ଦୂରର ଏହି ସଫଳତାର ଶ୍ରେୟ ଭାରତୀୟ ସେନା ଆଡ଼କୁ ଯାଉଛି। ସୈନ୍ୟବାହିନୀର ଦକ୍ଷତାକୁ ସମ୍ମାନ ଜଣାଇବା ସାଙ୍ଗକୁ ସେନାର ଏହି ଗୁରୁ ଭୂମିକାକୁ ଦେଶବାସୀ ମନେରଖିବା ଉଦ୍ଦେଶ୍ୟରେ ସାରା ଦେଶରେ ପରାକ୍ରମ ଶୋଭାଯାତ୍ରାର ଆୟୋଜନ ହେଉଛି। ଏହି ଉଦ୍ଦେଶ୍ୟରେ ଗୁରୁବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରୁ ଜିଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ବାଇକ୍ ଶୋଭାଯାତ୍ରାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଜାତୀୟ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ସମେତ ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ, ଅବସରପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ୍, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର, ଶିକ୍ଷକ, ମିଶନ ଶକ୍ତି ମହିଳା, ଛାତ୍ରୀଛାତ୍ର, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ସିଭିଲ ଡିଫେନ୍ସ ଓ ଗଣମାଧ୍ୟମ ପ୍ରତିନିଧିମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ କୁହାଯାଇଥିଲା, ଦେଶର ସୀମାନ୍ତରେ ଜୀବନକୁ ବାଜି ଲଗାଇ ଆମ ଦେଶର ସୁଯୋଗ୍ୟ ସନ୍ତାନମାନେ ଦେଶବାସୀ ଓ ଦେଶକୁ ସୁରକ୍ଷା ଦେଉଛନ୍ତି। ବିଭିନ୍ନ ସମୟରେ ଏହି ସୈନିକମାନେ ସେମାନଙ୍କ ପରାକ୍ରମ ଜାହିର କରି ଭାରତକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେଉଛନ୍ତି। ତେଣୁ ପ୍ରତ୍ୟେକ ଦେଶ ଭକ୍ତି ଭାବନାରେ ଉଦ୍‌ବୁଦ୍ଧ ହୋଇ ଆମ ବୀର ସୈନିକମାନଙ୍କୁ ଉତ୍ସାହିତ କରିପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କୁହାଯାଇଛି।


**ପୂର୍ବ ତଟ ରେଳପଥ**

01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 86,54,092.60, EMD (₹) : 1,73,100.00

02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ

**କାର୍ଯ୍ୟର ନାମ :** TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 69,52,589.22, EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-130/Q/25-26



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
सीएमपीडीआई मिनी रत्न
cmpdi Mini Ratna

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 8340008, Jharkhand, India

**NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT**

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.
Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**


## କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ନାଉଗାଁ ମାଟିର ଅବଦାନ ଉଲ୍ଲେଖନୀୟ



ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

### ତୃତୀୟ ନାଉଗାଁ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା

ନାଉଗାଁ,୧୫।୫ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଗୋବରୀ ନଦୀପଠାର ମଣିକର୍ଣ୍ଣିକା ଘାଟରେ ତୃତୀୟ ନାଉଗାଁ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ନାଉଗାଁ ଫେଷ୍ଟିଭାଲର ସଭାପତି ଡ. ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବିଧାୟକ ଅମରେନ୍ଦ୍ର ଦାସ, ବିଶିଷ୍ଟ ଅତିଥିଭାବେ ସାରଳା ସାହିତ୍ୟ ସଂସଦର ସଭାପତି ତଥା ପ୍ରତିଷ୍ଠାତା ଇଂ.ପ୍ରଭାକର ସ୍ୱାଇଁ, ଲଳିତ ସାହାଣୀ, ଦେବଦତ୍ତ ଦାସ, ମନୋଜ ନାୟକ ଯୋଗ ଦେଇଥିଲେ। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନାଉଗାଁ ମାଟିର ଅବଦାନ ଉଲ୍ଲେଖନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଫେଷ୍ଟିଭାଲର ସମ୍ପାଦକ ଧନଞ୍ଜୟ ପରିଜା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ବିଶିଷ୍ଟ ସାହିତ୍ୟିକା ଛବିରାଣୀ ପତିଙ୍କୁ ନାଉଗାଁ ଫେଷ୍ଟିଭାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା।


बैंक ऑफ़ बड़ौदा
**Bank of Baroda**

**ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର**, ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚ୍‌ଆର୍‌ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚ୍‌ଆର୍‌ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮ ୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ **୭ ଦିନ** ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିଷ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)



**HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE**

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | Total | | **1693.7 Sq. ft** |

The building preferbly be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

**The Defence Estates Officer**
**Govt. of India, Ministry of Defence**
**163, Prachi Enclave, Chandrasekharpur, Bhubaneswar, Odisha - 751016**
**Tele : 0674-2747631, 345, E-mail : deobhub-stats@nic.in**



**OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
**NirupanBhawan,3rd Floor,Room No. 401,56-Set, Doranda, Ranchi-834002**

**e-Procurement (Very Short Tender Notice)**
**Letter of Invitation (LOI) No.-01/2025-26, 1st Call**
**e-Tender Ref No:–RCD/SID/AP/RAN/01/2025-26 Date:- 08.05.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.

PR 352465 Road(25-26)#D

# ୫ ଗିରଫ, ଆଉ ୨ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

**ଜଗତ୍‌ସିଂହପୁର, ୧୫।୫ (ପ୍ରମୋଦ କୁମାର ନାୟକ)**

ବିରିଡ଼ି ଥାନା ଅନ୍ତର୍ଗତ ଅଣଖିଆ ନିକଟ ଦଣ୍ଡିଲୋ ଗ୍ରାମରେ ମେ' ୨ ତାରିଖ ରାତିରେ ଅଭାବନୀୟ ଘଟଣା ଘଟିଥିଲା। ଦୁର୍ବୃତ୍ତମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଏକ ବିଲ୍ଡିଂରେ ରହୁଥିବା ୨ଟି ପରିବାର ଲୋକଙ୍କୁ ବାନ୍ଧି ସବୁ ଲୁଟି ନେଇଥିଲେ। ଏହି ଘଟଣାରେ ଗୁରୁବାର ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବିରିଡ଼ି ଥାନା ବାଗଲପୁର ଗ୍ରାମର ସୁଜ୍ଞାନ ଭୋଇ ଓରଫ ମୁନା, ଏହି ଗ୍ରାମର ତ୍ରିନାଥ ପରିଡ଼ା ଓରଫ ସନିଆ, ତିର୍ତ୍ତୋଲ ଥାନା ବାଲିପାଟଣା ଗ୍ରାମର ରାହୁଳ ସ୍ୱାଇଁ ଓରଫ ବଣ୍ଟି, ଏହି ଗ୍ରାମର ସୁଶାନ୍ତ ସାହୁ ଓରଫ ଲିପୁ ଏବଂ କଟକ ମାହାଙ୍ଗା ଥାନା କୁହୁଣ୍ଡା ଗ୍ରାମର ଦୀପ୍ତିକାନ୍ତ ପୃଷ୍ଟି ଓରଫ ମାଣିଆ। ମୁନା, ସନିଆ ଓ ବଣ୍ଟିଙ୍କୁ ବିରିଡ଼ି ପୋଲିସ ଏବଂ ଲିପୁ, ମାଣିଆଙ୍କୁ ମାହାଙ୍ଗା ପୋଲିସ ଗିରଫ କରିଛି। କିନ୍ତୁ ପୋଲିସ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ଡକାୟତି ଘଟଣାରେ ବ୍ୟବହୃତ ୨ଟି ବାଇକ୍ (ନଂ. ଓଡି-୦୨ଏଜେ- ୬୧୬୦, ଓଆର୍ -୦୫ଏଇ-୪୩୦୪) ସମେତ ୨୫୦ ଗ୍ରାମର ରୁପା ଓ ୫ ଗ୍ରାମର ସୁନା ଗହଣା ବିରିଡ଼ି ପୋଲିସ ଜବତ କରିଛି। ତେବେ ଆଉ କିଛି ଅଳଙ୍କାର ଜବତ କରିପାରିନାହିଁ। ଏହି ମାମଲାରେ ମାହାଙ୍ଗା ପୋଲିସ ଅଭିଯୁକ୍ତମାନେ ବ୍ୟବହାର କରିଥିବା ଏକ ପିସ୍ତଲ ଜବତ କରିଛି। ଗୁରୁବାର ଜଗତ୍‌ସିଂହପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।



ପୋଲିସ ଗହଣରେ ଗିରଫ ଅଭିଯୁକ୍ତମାନେ।

**ବିରିଡ଼ି ଥାନା ଅଞ୍ଚଳରେ ବନ୍ଧୁକ ଦେଖାଇ ଲୁଟ୍ ମାମଲା**

- ବାଲେଶ୍ୱର, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାରେ ରହିଛି ଆପରାଧିକ ମାମଲା
- ପିସ୍ତଲ, ବାଇକ୍ ସହ କିଛି ଅଳଙ୍କାର ଜବତ
- ପାଖାପାଖି ୧.୪୦ ଲକ୍ଷ ସହ ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଥିଲା

ଆୟୋଜିତ ସମ୍ମିଳନୀରେ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ଓ ବିରିଡ଼ି ଆଇଆଇସି ସବ୍ୟସାଚୀ ରାଉତ ପ୍ରମୁଖ ଉପସ୍ଥିତ ରହି କହିଥିଲେ ଯେ, ବିରିଡ଼ି ଡକାୟତି ଘଟଣାରେ ଘର ମାଲିକ ସୁକାନ୍ତ ଚନ୍ଦ୍ର ମହାରଣାଙ୍କ ଅଭିଯୋଗ ଆଧାରରେ ବିରିଡ଼ି ପୋଲିସ ମାମଲା (ନଂ.୧୨୨/୨୫) ରୁଜୁ କରିଥିଲା। ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ଡକାୟତି କରିଥିବା ସ୍ୱୀକାର କରିଛନ୍ତି। ଅନ୍ୟ ୨ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଚେଷ୍ଟା ଚାଲିଛି। ତେବେ ଏହି ୭ ଜଣିଆ ଗ୍ୟାଙ୍ଗ କେବଳ ବିରିଡ଼ି ଥାନା ଅଞ୍ଚଳରେ ନୁହେଁ ଜଗତ୍‌ସିଂହପୁର, କଟକ ସମେତ କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ଜିଲାରେ ମଧ୍ୟ ଡକାୟତି ଓ ଲୁଟ୍ କରିଥିବା ଜଣାଯାଇଛି। ସେମାନଙ୍କ ଅପରାଧ ସାମ୍ରାଜ୍ୟ ଉପରେ ଅଧିକ ତଦନ୍ତ ଚାଲିଛି। ଦଣ୍ଡିଲୋ ଡକାୟତି ଉପରେ ଏସ୍‌ଡିପିଓ କହିଥିଲେ, ଗତ ୨ ତାରିଖ ରାତି ପ୍ରାୟ ୧ଟା ୩୦ରୁ ୨ଟା ଭିତରେ ଦଣ୍ଡିଲୋ ଗ୍ରାମର ସୁକାନ୍ତଙ୍କ ଘରେ ଡକାୟତି ହୋଇଥିଲା। ୩ ତାରିଖରେ ସେ ବିରଡ଼ି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଦଣ୍ଡିଲୋରେ ତାଙ୍କର ଏକ ୨ ତଳ ବିଶିଷ୍ଟ ବିଲ୍ଡିଂ ଅଛି। ଏହାର ଉପର ମହଲା ତାଙ୍କ ଅଧୀନରେ ଥିବାବେଳେ ତଳ ମହଲାଟି ଚନ୍ଦ୍ରକାନ୍ତ ସାହୁ ଭଡ଼ା ସୂତ୍ରରେ ନେଇ ତାଙ୍କ ପରିବାର ସହ ରହିଆସୁଛନ୍ତି। ଗତ ୨ ତାରିଖ ରାତିରେ ୫ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସେମାନେ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସବୁ ଲୁଟି ନେଇଥିଲେ। ଉପର ମହଲାରେ ତାଙ୍କ ଶାଶୁ ଓ ଭଉଣୀ ଥିଲେ। ଡକାୟତମାନେ ଏହି ମହଲାରେ ପୃଥକ୍ ସ୍ଥାନରୁ ୧,୩୦,୦୦୦ ଓ ୭ ହଜାର ଟଙ୍କା ନେଇ ଯାଇଥିଲେ। ଆଲମିରାରେ ସ୍ତ୍ରୀଙ୍କ ବ୍ୟବହୃତ ୨ଟା ସୁନା ଚେନ, ଲକେଟ ସହ ୪୫ ଗ୍ରାମରୁ ଅଧିକ ଓଜନର ମୁଦି ଥିଲା। ସେଗୁଡ଼ିକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ସେହିପରି ତଳ ମହଲାରେ ଚନ୍ଦ୍ରକାନ୍ତଙ୍କ ଗୋଦ୍‌ରେଜରୁ ୬୨ ହଜାର ଟଙ୍କା ସହ ତାଙ୍କ ପକେଟରେ ଥିବା ୨୫୦ ଟଙ୍କା ନେଇ ଯାଇଥିଲେ। ଏହାବାଦ୍ ଆଲମିରାରୁ ସୁନା ଅଳଙ୍କାର ଯଥା ସୁନା ଶଙ୍ଖା ୩ ହଳ (୧୨ ଗ୍ରାମ), ଚନ୍ଦ୍ରକାନ୍ତଙ୍କ ବେକରୁ ସୁନା ଚେନ୍ (୧୧ ଗ୍ରାମ), କାନଫୁଲ (୧୦ ଗ୍ରାମ), ମଙ୍ଗଳସୂତ୍ର (୭ ଗ୍ରାମ), ୨ଟି ପୁରୁଷ ପିନ୍ଧା ମୁଦି (୧୬ ଗ୍ରାମ) ଓ ଏକ ପୁରୁଣା ଟିଫିନରେ ଥିବା ରୁପା ଅଳଙ୍କାର (୩୦୦ଗ୍ରାମ) ମଧ୍ୟ ଲୁଟି ନେଇଥିଲେ। କେବଳ ଏତିକି ନୁହେଁ, ତାଙ୍କ ପୁଅକୁ ମାଡ଼ ମାରି ସେ କାନରେ ପିନ୍ଧିଥିବା ଏକ ସୁନାର ନୋଳି, ରୁପା ବ୍ରେସଲେଟ୍ ଓ ରୁପାର ଚେନ୍, ଯାହାର ଓଜନ ପାଖାପାଖି ୩୦ ଗ୍ରାମ ହେବ ନେଇ ଯାଇଥିଲେ। ଏଥିସହ ପୁଅ ତକିଆ ତଳେ ରଖିଥିବା ୧୫ ହଜାର ଟଙ୍କା ଓ ପାନ୍‌କାର୍ଡ ଆଦି ନେଇ ଫେରାର ହୋଇଯାଇଥିଲେ।

# କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ : କୁଜଙ୍ଗ ବନ ବିଭାଗ

**କୁଜଙ୍ଗ, ୧୫।୫ (ମନୋଜ ପ୍ରଧାନ)**

**ହରିଣ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ ଘଟଣା**

ପ୍ରକଳ୍ପ ନିମନ୍ତେ ବେଆଇନ ଭାବେ ଗଛସବୁ କଟା ଯାଉଥିବାରୁ ବନ୍ୟ ପ୍ରାଣୀ ଯଥା ହରିଣମାନେ ମୃତ୍ୟୁମୁଖରେ ପଡୁଛନ୍ତି ବୋଲି ଏରସମା ବ୍ଲକ ଢିଙ୍କିଆ ଗ୍ରାମର ଗୌତମ ଦାସ ଗତ ଏପ୍ରିଲ ୩୦ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଏହାପରେ କୁଜଙ୍ଗ ବନ ବିଭାଗ ପକ୍ଷରୁ ଏହାର ତଦନ୍ତ କରି ରାଜନଗର ଡିଏଫ୍‌ଓଙ୍କୁ ଜଣାଇ ଦିଆଯାଇଛି ଯେ, କୌଣସି ବେଆଇନ କାର୍ଯ୍ୟ ହୋଇନାହିଁ। କୁଜଙ୍ଗ ରେଞ୍ଜର କାର୍ତ୍ତିକେଶ୍ୱର ଖଣ୍ଡାଇ ଦର୍ଶାଇଛନ୍ତି ଯେ, ୨୦୨୪ ଜାନୁଆରୀ ୨୬ରେ ନୂଆଗାଁଠାରେ ଠାବ ହୋଇଥିବା କ୍ଷତବିକ୍ଷତ ମୃତ ଅଣ୍ଡିରା ହରିଣର ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ଅନ୍ୟପଟେ ଉକ୍ତ ମୃତ ହରିଣର କେତେକ ଅଙ୍ଗପ୍ରତ୍ୟଙ୍ଗ ନ ଥିବାରୁ ମୃତ୍ୟୁର କାରଣ ଚିହ୍ନଟ ହୋଇପାରି ନାହିଁ । କିନ୍ତୁ ୨୦୨୫ ଫେବୃଆରୀ ୨ରେ ନୂଆଗାଁ ଜଙ୍ଗଲ ଅଞ୍ଚଳରୁ ଠାବ ହୋଇଥିବା ମୃତ ମାଈ ହରିଣ ଗର୍ଭବତୀ ଥିବାରୁ କୌଣସି କାରଣରୁ ହୃଦ୍‌ଘାତ ଘଟି ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଛି। ସେହିପରି ୨୦୧୧ ଜୁନ ୨୬ରେ ଇଡ୍‌କୋ ଭୂ-ଅର୍ଜନ ଅଧିକାରୀଙ୍କୁ ରାଜନଗର ଡିଏଫ୍‌ଓଙ୍କ ପକ୍ଷରୁ ୧୨୫୩ . ୨୨୫ ହେକ୍ଟର ଜଙ୍ଗଲ ଜମି ଉପରେ ଥିବା ୨ ଲକ୍ଷ ୯୦ ହଜାର ୮୭ଟି ଗଛ କାଟିବା ନିମନ୍ତେ ଅନୁମତି ଦିଆଯାଇଥିଲା। ଏହି ଅନୁମତି କାର୍ଯ୍ୟକାରୀ କରିବା ନିମନ୍ତେ ବନ ବିଭାଗ ପକ୍ଷରୁ ୨୦୨୪ ମେ' ୩୧ରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲର ଉପସଭାପତି ଧନଞ୍ଜୟ କୁମାର ସିହ୍ନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବନ ବିଭାଗ ପକ୍ଷରୁ ଆହୁରି ଦର୍ଶାଯାଇଛି ଯେ, ୨୦୨୨ ଏପ୍ରିଲ ୧୧ରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲକୁ ୧୩.୨ ନିୟୁତ ମେଟ୍ରିକ୍ ଟନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା, ୧୦ ନିୟୁତ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ସିମେଣ୍ଟ କାରଖାନା ଓ ୯୦୦ ମେଗାୱାଟ୍ କ୍ଷମତାବିଶିଷ୍ଟ ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ନିମନ୍ତେ ଅନୁମତି ଦିଆଯାଇଛି। ତେଣୁ କୌଣସି ବେଆଇନ କାର୍ଯ୍ୟ ହୋଇନଥିବା ବନ ବିଭାଗ କହିଛି।

# ଘରେ ପଶି ଯୁବକଙ୍କୁ ଆକ୍ରମଣ ଘଟଣା: ୧ କୋର୍ଟ ଚାଲାଣ

**ରଘୁନାଥପୁର, ୧୫।୫ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ଗ୍ରାମର ଗୋକୁଳି ବାରିକଙ୍କ ଘରେ ପଶି ଏପ୍ରିଲ ୨୨ରେ ମଧ୍ୟମ ପୁତ୍ର ଦୁର୍ଲଭ ବାରିକଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମର କାହ୍ନୁ ଚରଣ ସାହୁ ଓରଫ କାହ୍ନା(୨୬)। ସାଇକେଲ ଥୋଇବାକୁ କେନ୍ଦ୍ର କରି ଦୁର୍ଲଭ ସହ ପଡ଼ୋଶୀଙ୍କ ବଚସା ହୋଇଥିଲା। ଜମିବାଡ଼ିକୁ କେନ୍ଦ୍ରକରି ପୂର୍ବରୁ ଦୁର୍ଲଭଙ୍କ ପରିବାର ସହ ଶତ୍ରୁତା ଥିବା ଜଣେ ବ୍ୟକ୍ତି ଏହି ମୌକାରୁ ଫାଇଦା ନେବା ପାଇଁ ଚକ୍ରାନ୍ତ କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ପ୍ରରୋଚନାରେ ପଡ଼ି ୫/୬ ଜଣ ଯୁବକ ତାଙ୍କ ଘରେ ପଶି ଦୁର୍ଲଭଙ୍କୁ ଏକ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଦୁର୍ଲଭଙ୍କ ସ୍ତ୍ରୀ ମଞ୍ଜୁଲତା ଏପ୍ରିଲ ୨୩ରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୭୨/୨୫) ରୁଜୁ କରି ଜଣେ ଯୁବକଙ୍କ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଥିବା ବେଳେ ବୁଧବାର ରାତିରେ ଗୋଡ଼ାଇ ତାରପୁର ରାମମନ୍ଦିରସ୍ଥିତ ମହାନଦୀ ବନ୍ଧ ଉପରୁ କାହ୍ନାଙ୍କୁ ଧରିବାରେ ସକ୍ଷମ ହୋଇଲା। ଅଭିଯୁକ୍ତ କାହ୍ନାଙ୍କ ନାମରେ ପୂର୍ବରୁ ଅନେକ କେସ୍ ରହିଥିବା ତଦନ୍ତକାରୀ ଅଧିକାରୀ ଯୋଗେଶ୍ୱର ବେହେରା କହିଛନ୍ତି।

# 'ଦେଶ ସୀମାନ୍ତରେ ଲଢୁଥିବା ଜାଗ୍ରତ ପ୍ରହରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ'



ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ପରାକ୍ରମ ଶୋଭାଯାତ୍ରା ଉଦ୍‌ଘାଟନ କରୁଛନ୍ତି।

**ପାରାଦୀପ, ୧୫।୫ (ଶରତ ରାଉତ)**

**ପାରାଦୀପରେ ପରାକ୍ରମ ଶୋଭାଯାତ୍ରା**

ଅପରେଶନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାବାହିନୀର ଦକ୍ଷତାକୁ ସମ୍ମାନ ଜଣାଇ ଗୁରୁବାର ପାରାଦୀପର ସମୁଦ୍ର କୂଳଠାରୁ ଗୋପବନ୍ଧୁ ଷ୍ଟାଡିୟମ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଜାତୀୟ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରାକ୍ରମର ଏହି ଶୋଭାଯାତ୍ରା ଦେଶର ସୀମାନ୍ତରେ ଲଢୁଥିବା ଜାଗ୍ରତ ପ୍ରହରୀ ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ସମାଜର ସବୁ ବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ, ଅବସରପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ, ଏନ୍‌ସିସି କ୍ୟାଡେଟ୍, ଏନ୍‌ଏସ୍‌ଏସ୍ ଶିକ୍ଷକ, ମିଶନ ଶକ୍ତି ସଦସ୍ୟା, ଛାତ୍ରୀଛାତ୍ର, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ସିଭିଲ ଡିଫେନ୍ସ ପ୍ରମୁଖ ସାମିଲ ହୋଇଥିଲେ। ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ଜାଗ୍ରତ ପ୍ରହରୀଙ୍କୁ ସମ୍ମାନ ଜଣାଇ ପାରାଦୀପ ସମୁଦ୍ର କୂଳଠାରୁ ଆରମ୍ଭ ହୋଇଥିବା ପରାକ୍ରମ ରାଲି ସହର ପରିକ୍ରମା କରି ଗୋପବନ୍ଧୁ ଷ୍ଟାଡିୟମରେ ପହଞ୍ଚିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଡିଏମ୍ ନିରଞ୍ଜନ ବେହେରା, ଏଏସ୍‌ପି ସ୍ମୃତିରଞ୍ଜନ କର, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସୈନ୍ୟବାହିନୀର ସମ୍ମାନରେ ପରାକ୍ରମ ଶୋଭାଯାତ୍ରା

**ଜଗତ୍‌ସିଂହପୁର, ୧୫।୫ (ପ୍ରମୋଦ କୁମାର ନାୟକ)**

**ଅପରେଶନ ସିନ୍ଦୂରର ସଫଳତା**

କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ହିନ୍ଦୁ ପର୍ଯ୍ୟଟକମାନଙ୍କୁ ଧର୍ମ ପଚାରି ନିର୍ମମ ଭାବେ ଗୁଳି କରି ହତ୍ୟା କରିଥିଲେ। ଏହି ପ୍ରସଙ୍ଗକୁ ନେଇ ଆତଙ୍କବାଦୀଙ୍କୁ ଧ୍ୱଂସ କରିବା ପାଇଁ ଭାରତ ସରକାର ଅପରେଶନ୍ ସିନ୍ଦୂର ଆରମ୍ଭ କରିଥିଲେ। ଏହି ଅପରେଶନ ଫଳରେ ପାକିସ୍ତାନ ହାତ ଟେକିବାକୁ ବାଧ୍ୟ ହୋଇଥିଲା। ଭାରତର ଅପରେଶନ ସିନ୍ଦୂରର ଏହି ସଫଳତାର ଶ୍ରେୟ ଭାରତୀୟ ସେନା ଆଡ଼କୁ ଯାଉଛି। ସୈନ୍ୟବାହିନୀର ଦକ୍ଷତାକୁ ସମ୍ମାନ ଜଣାଇବା ସାଙ୍ଗକୁ ସେନାର ଏହି ଗୁରୁ ଭୂମିକାକୁ ଦେଶବାସୀ ମନେରଖିବା ଉଦ୍ଦେଶ୍ୟରେ ସାରା ଦେଶରେ ପରାକ୍ରମ ଶୋଭାଯାତ୍ରାର ଆୟୋଜନ ହେଉଛି। ଏହି ଉଦ୍ଦେଶ୍ୟରେ ଗୁରୁବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରୁ ଜିଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ବାଇକ୍ ଶୋଭାଯାତ୍ରାକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଜାତୀୟ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କ ସମେତ ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ, ଅବସରପ୍ରାପ୍ତ ସେନା ଅଧିକାରୀ, ସ୍କାଉଟ୍, ଏନ୍‌ସିସି, ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର, ଶିକ୍ଷକ, ମିଶନ ଶକ୍ତି ମହିଳା, ଛାତ୍ରୀଛାତ୍ର, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ସିଭିଲ ଡିଫେନ୍ସ ଓ ଗଣମାଧ୍ୟମ ପ୍ରତିନିଧିମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ କୁହାଯାଇଥିଲା, ଦେଶର ସୀମାନ୍ତରେ ଜୀବନକୁ ବାଜି ଲଗାଇ ଆମ ଦେଶର ସୁଯୋଗ୍ୟ ସନ୍ତାନମାନେ ଦେଶବାସୀ ଓ ଦେଶକୁ ସୁରକ୍ଷା ଦେଉଛନ୍ତି। ବିଭିନ୍ନ ସମୟରେ ଏହି ସୈନିକମାନେ ସେମାନଙ୍କ ପରାକ୍ରମ ଜାହିର କରି ଭାରତକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେଉଛନ୍ତି। ତେଣୁ ପ୍ରତ୍ୟେକ ଦେଶ ଭକ୍ତି ଭାବନାରେ ଉଦ୍‌ବୁଦ୍ଧ ହୋଇ ଆମ ବୀର ସୈନିକମାନଙ୍କୁ ଉତ୍ସାହିତ କରିପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କୁହାଯାଇଛି।



ସୈନ୍ୟବାହିନୀର ସମ୍ମାନ ଉଦ୍ଦେଶ୍ୟରେ ଆୟୋଜିତ ବାଇକ୍ ରାଲି।

# କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ନାଉଗାଁ ମାଟିର ଅବଦାନ ଉଲ୍ଲେଖନୀୟ



ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

**ନାଉଗାଁ, ୧୫।୫ (ସୁଧା ବେହୁରା)**

**ତୃତୀୟ ନାଉଗାଁ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା**

ନାଉଗାଁ ବ୍ଲକ ଅନ୍ତର୍ଗତ ଗୋବରୀ ନଦୀପଠାର ମଣିକର୍ଣ୍ଣିକା ଘାଟରେ ତୃତୀୟ ନାଉଗାଁ ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ନାଉଗାଁ ଫେଷ୍ଟିଭାଲର ସଭାପତି ଡ. ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବିଧାୟକ ଅମରେନ୍ଦ୍ର ଦାସ, ବିଶିଷ୍ଟ ଅତିଥିଭାବେ ସାରଳା ସାହିତ୍ୟ ସଂସଦର ସଭାପତି ତଥା ପ୍ରତିଷ୍ଠାତା ଇଂ.ପ୍ରଭାକର ସ୍ୱାଇଁ, ଲଳିତ ସାହାଣୀ, ଦେବଦତ୍ତ ଦାସ, ମନୋଜ ନାୟକ ଯୋଗ ଦେଇଥିଲେ। କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ନାଉଗାଁ ମାଟିର ଅବଦାନ ଉଲ୍ଲେଖନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଫେଷ୍ଟିଭାଲର ସମ୍ପାଦକ ଧନଞ୍ଜୟ ପରିଜା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ବିଶିଷ୍ଟ ସାହିତ୍ୟିକା ଛବିରାଣୀ ପତିଙ୍କୁ ନାଉଗାଁ ଫେଷ୍ଟିଭାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା।


**ବୈଙ୍କ ଑ଫ଼ ବଡ଼ୌଦା / Bank of Baroda**

**ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର**, ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚଆର୍‌ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚଆର୍‌ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡ଼ିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡ଼ିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ **୭ ଦିନ** ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିଷ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)



**ପୂର୍ବ ତଟ ରେଳପଥ**

**01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ (₹):** 86,54,092.60, EMD (₹) : 1,73,100.00

**02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ**
**କାର୍ଯ୍ୟର ନାମ :** TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ (₹):** 69,52,589.22, EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/Q/25-26



**HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE**

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | Total | | 1693.7 Sq. ft |

The building preferbly be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

**The Defence Estates Officer**
**Govt. of India, Ministry of Defence**
**163, Prachi Enclave, Chandrasekharpur, Bhubaneswar, Odisha - 751016**
**Tele : 0674-2747631, 345, E-mail : deobhub-stats@nic.in**



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 8340008, Jharkhand, India

**NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT**

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.
Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**



**OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
**NirupanBhawan,3rd Floor,Room No. 401,56-Set, Doranda, Ranchi-834002**

**e-Procurement (Very Short Tender Notice)**
**Letter of Invitation (LOI) No.-01/2025-26, 1st Call**
**e-Tender Ref No:–RCD/SID/AP/RAN/01/2025-26 Date:- 08.05.2025**

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |

Note:-Only e-Tender shall be accepted.
Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning, Road Construction Department,Ranchi.
PR 352465 Road(25-26)#D

# ସାଂସ୍କୃତିକ ପ୍ରତିଭା ଅନୁସନ୍ଧାନ ଛାତ୍ରବୃତ୍ତି ପାଇଁ ବଂଶୀକା ମନୋନୀତ



ଖଣ୍ଡପଡ଼ା,୧୫।୫ (ଅଜୟ କୁମାର ମହାରଣା)

କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଓ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ସାଂସ୍କୃତିକ ପ୍ରତିଭା ଅନୁସନ୍ଧାନ ଛାତ୍ରବୃତ୍ତି ପାଇଁ ମନୋନୀତ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶ ପାଇଛି। ଖଣ୍ଡପଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ବଂଶୀକା ସାଇକୁଆ ଏହି ବୃତ୍ତି ପାଇବା ଯୋଗ୍ୟ ବିବେଚିତ ହୋଇଛନ୍ତି। ଅଣ୍ଟଶ୍ରୀ ସଙ୍ଗୀତ ଅନୁଷ୍ଠାନ ନୃତ୍ୟ ପ୍ରଶାମର ପ୍ରଶିକ୍ଷିକା ଲିମା ଦାସଙ୍କ ତତ୍ତ୍ୱାବଧାନରେ ବଂଶୀକା ଓଡିଶୀ ନୃତ୍ୟ ଶିକ୍ଷା ଲାଭ କରି ଏହି ସମ୍ମାନଜନକ ଛାତ୍ରବୃତ୍ତି ପାଇବା ପାଇଁ ମନୋନୀତ ହୋଇଥିଲେ। ଛାତ୍ରୀ ବଂଶୀକା ବନମାଳୀପୁର ପଞ୍ଚାୟତ ଅଧୀନ ନିମପାଟଣା ଗ୍ରାମର ଶିକ୍ଷକ ମନୋଜ କୁମାର ସାହୁଙ୍କ ଝିଅ ଓ ଅବସରପ୍ରାପ୍ତ ଶିକ୍ଷାବିତ୍ ବିଶ୍ୱନାଥ ସାହୁଙ୍କ ନାତୁଣୀ ଅଟନ୍ତି। ଶିକ୍ଷାକୁ ସଂସ୍କୃତି ସହ ଯୋଡିବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା କୌଶଳକୁ ପ୍ରଦର୍ଶିତ କରିବାର ଲକ୍ଷ୍ୟ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏଭଳି ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

# ୭ ଛେଳିଙ୍କୁ ବିଷ ଦେଇ ହତ୍ୟା ଅଭିଯୋଗ



ନୂଆଗାଁ,୧୫।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ସିମିଳିସାହି ଗ୍ରାମର ରବିନ୍ଦ୍ର ମଲ୍ଲିକଙ୍କ ୭ ଛେଳିଙ୍କୁ ଗୁରୁବାର ଜଣେ ବ୍ୟକ୍ତି ବିଷ ଦେଇ ମାରି ଦେଇଥିବା ନୂଆଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ନୂଆଗାଁ ଥାନା ପୋଲିସ ତଦନ୍ତ କରିବା ସହ ମୃତ ଛେଳିମାନଙ୍କ ମୃତଦେହ ବ୍ୟବଚ୍ଛେଦ କରାଉଛି। ସୂଚନା ଅନୁଯାୟୀ, ଜାକେଡା ପଞ୍ଚାୟତ ଶିମିଳିସାହି ଗ୍ରାମର ରବିନ୍ଦ୍ର ମଲ୍ଲିକ ଛେଳି ପାଳନ କରି ପରିବାର ପ୍ରତିପୋଷଣ କରନ୍ତି। ପ୍ରତିଦିନ ପରି ଗୁରୁବାର ରବିନ୍ଦ୍ର ଛେଳି ଚରାଇବାକୁ ନେଇଥିଲେ। ଏହାରେ କିଛି ସମୟ ପରେ ୭ଟି ଛେଳି ମରି ପଡିଥିବା ଦେଖିବାକୁ ପାଇଥିଲେ। ରବିନ୍ଦ୍ର ନୂଆଗାଁ ଥାନାରେ କରିଥିବା ଅଭିଯୋଗ ମୁତାବକ ଶିମିଳିସାହିଠାରେ ଶ୍ରୀଧର ନାମକ ଜଣେ ବ୍ୟକ୍ତି ବାସ କରୁଛନ୍ତି। ସେ ରବିନ୍ଦ୍ରକୁ ଧମକ ଦେବା ସହ ତୋ ଛେଳି ମୋ ବାଡିକୁ ଚରିବାକୁ ଆସୁଛନ୍ତି। ତୋତେ ବରବାଦ କରିଦେବି ବୋଲି କହିଥିଲେ। ଗୁରୁବାର ସକାଳ ଛେଳି ଚରାଇବାକୁ ନେବାରେ କିଛି ସମୟ ପରେ ଶ୍ରୀଧରଙ୍କ ବାଡ଼ି ପାଖରେ ୭ ଗୋଟି ଛେଳି ମରି ପଡିଥିବା ଦେଖିବାକୁ ପାଇଥିଲେ। ତେବେ ଶ୍ରୀଧର ବିଷ ଦେଇ ଛେଳିମାନଙ୍କୁ ମାରି ଦେଇଥିବା ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ମହିପୁର ଫାଣ୍ଡି ଏସ୍ଆଇ ବିରଞ୍ଚି ନାରାୟଣ ଅମାତଙ୍କ ସମେତ ନୂଆଗାଁ ଥାନା ପୋଲିସ ପହଞ୍ଚି ତଦନ୍ତ କରିଛି।

# ଭାରତ ମାତା କି ଜୟ, ପାକିସ୍ତାନ ମୁର୍ଦ୍ଦାବାଦ




ଭାରତୀୟ ସୈନ୍ୟବାହିନୀଙ୍କ ମନୋବଳ ବଢ଼ାଇବା ପାଇଁ ଏକତ୍ରିତ ହୋଇଥିବା ସିନ୍ଦୂରିଆ ୭୮୬ ୟୁଥ କ୍ଲବ୍‌ର ସଦସ୍ୟମାନେ।

ନୟାଗଡ଼,୧୫।୫(ଲୋକନାଥ ମିଶ୍ର)

ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ନରସଂହାର ପରେ ଭାରତୀୟ ସୈନ୍ୟବାହିନୀ ପଡୋଶୀ ଦେଶକୁ ଉପଯୁକ୍ତ ଜବାବ ଦେଇ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିର ଧ୍ୱଂସ କରିଛି। ୪ ଦିନ ଭିତରେ ଭାରତୀୟ ସୈନ୍ୟବାହିନୀ ଯେଉଁ ପ୍ରକାର ପରାକ୍ରମ ଦେଖାଇଥିଲେ ସେଥିପାଇଁ ସବୁ ଭାରତୀୟ ଗର୍ବିତ। ଭାରତୀୟ ସୈନ୍ୟବାହିନୀର ମନୋବଳ ବୃଦ୍ଧି ଓ ପରାକ୍ରମକୁ ସମ୍ମାନ ଜଣାଇ ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆ ୭୮୬ ୟୁଥ କ୍ଲବ ସଦସ୍ୟମାନେ ସିନ୍ଦୁରିଆ ଖେଳପଡ଼ିଆରେ ଏକତ୍ରିତ ହୋଇ ଭାରତମାତାକି ଜୟ, ପାକିସ୍ତାନ ମୁର୍ଦ୍ଦାବାଦ ଓ ଭାରତୀୟ ସୈନ୍ୟବାହିନୀ ଜିନ୍ଦାବାଦ ଧ୍ୱନୀ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ତଥା ଶିକ୍ଷାବିତ୍ ଶେଖ ଅବଦୁଲ ଖାଲିକ ସଂଯୋଜନା କରିଥିବା ବେଳେ କ୍ଲବର ଉପଦେଷ୍ଟା ସେକ ନଇମ, ପ୍ରାଧ୍ୟାପକ ସେକ ଇଶାକ, ଅବସରପ୍ରାପ୍ତ ଅଧକ୍ଷ ପ୍ରାଧ୍ୟାପକ ଉମାର୍ ମଲ୍ଲିକ, ହନାନ ଖାଁ, କ୍ଲବ ସଭାପତି ସେକ ଇଶୁବ, ସମ୍ପାଦକ ଅନୁଆର୍ ଅଲି, ବରିଷ୍ଠ ସଦସ୍ୟ ସେକ ସଦ୍ରୁଦ୍ଦିନ, ଅମଜାଦ ଖାଁ, ମୋହିନ ମଲ୍ଲିକ, ମୀର ହମଜା, ସେକ ଫିରୋଜ, ମଲ୍ଲିକ ଜୁନେଜ, ଇମ୍ରାନ ମଲ୍ଲିକ ଓ ସଂଯୋଜକ ମସୁଲୁଦ୍ଦିନ ଖାଁ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

# ଦଶପଲ୍ଲାରେ ପରାକ୍ରମ ଶୋଭାଯାତ୍ରା



ଦଶପଲ୍ଲାରେ ଆୟୋଜିତ ପରାକ୍ରମ ଶୋଭାଯାତ୍ରା।

ଦଶପଲ୍ଲା,୧୫।୫(ପ୍ରକାଶ କୁମାର ପାଣି)

ଅପରେଶନ ସିନ୍ଦୁରରେ ଭାରତୀୟ ସୈନିକମାନେ ଦେଖାଇଥିବା ପରାକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି। ଏଥିନେଇ ଗୁରୁବାର ଦଶପଲ୍ଲାରେ ଏହି ପରାକ୍ରମକୁ ସ୍ୱାଗତ ଜଣାଇ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ମହାବୀର ମନ୍ଦିର ସମ୍ମୁଖରୁ ବାହାରି ନଗର ପରିକ୍ରମା କରିଥିଲା। ଭାରତୀୟ ଜାତୀୟ ପତାକାକୁ ହାତରେ ଧରି ଭାରତ ମାତା କି ଜୟ ସ୍ଲୋଗାନ ଦେଇ ଶୋଭାଯାତ୍ରାକାରୀମାନେ ଆଗକୁ ଯାଇଥିଲେ। ଏନଏସି ଚେୟାରମ୍ୟାନ୍ ପୁନମ ପ୍ରିୟଦର୍ଶିନୀଙ୍କ ସମେତ ବହୁ କାଉନସିଲର, କର୍ମଚାରୀ,ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଦଶପଲ୍ଲା ଥାନା ଆଇଆଇସି ଅନୀତା ସାହୁଙ୍କ ସମେତ ଥାନା କର୍ମଚାରୀ ଓ ସ୍ଥାନୀୟ ଲୋକମାନେ ଏଥିରେ ସାମିଲ ହୋଇଥିଲେ ।

# ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

## ଗାଁରେ ବୋମା ପକାଇ ଆକ୍ରମଣକାରୀ ଫେରାର

ଖଣ୍ଡପଡ଼ା,୧୫।୫ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନ ଖଳିସାହି ପଞ୍ଚାୟତ ଇଚ୍ଛାପୁର ଗ୍ରାମ ହରିଜନ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏକ ମରଣାନ୍ତକ ଆକ୍ରମଣ ଘଟଣା ଘଟିଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗତ ୧୦ ଦିନ ତଳେ ଘର ପଛପାଖ ବାରିରୁ ଆମ୍ବ ନେବାକୁ କେନ୍ଦ୍ର କରି ଇଚ୍ଛାପୁର ଗ୍ରାମ ହରିଜନ ସାହିର ବିବେକ ନାଏକଙ୍କ ପରିବାର ସହ ପଡୋଶୀ କାଳିନ୍ଦୀ ନାଏକ(୪୨)ଙ୍କ ମଧ୍ୟରେ ପାଟିତୁଣ୍ଡ ଓ ମାରପିଟ୍ ହୋଇଥିଲା। ଏଥିରେ ଉଭୟ ପକ୍ଷ ଆହତ ହୋଇଥିଲେ। ତେବେ ଗୁରୁବାର ମଧ୍ୟାହ୍ନରେ ହଠାତ୍ ବିବେକ ଏକ ଟାଙ୍ଗିଆରେ କାଳିନ୍ଦୀଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଓ ଆଖିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା କାଳିନ୍ଦୀଙ୍କୁ ଉଦ୍ଧାର ଡାକ୍ତରଖାନା ପଠାଇଥିଲେ। ଖଣ୍ଡପଡ଼ା ପୋଲିସ ଇଚ୍ଛାପୁର ଗ୍ରାମରେ ପହଞ୍ଚିବା ବେଳକୁ ବିବେକ ଫେରାର ହୋଯାଇଥିଲେ। ବିବେକ ଏଭଳି କାଣ୍ଡ ଘଟାଇବା ପରେ ଗାଁରେ ବୋମା ଫୁଟାଇ ଲୋକମାନଙ୍କୁ ଭୟଭୀତ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ଥାନା ପକ୍ଷରୁ ଇଚ୍ଛାପୁର ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ତାଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

# ଜିଲା ଓକିଲ ସଂଘ ପକ୍ଷରୁ ସାଂସ୍କୃତିକ ଉତ୍ସବ

## ଜିଲା ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

ନୟାଗଡ଼,୧୫।୫ (ଲୋକନାଥ ମିଶ୍ର)




ଜିଲା ମାଟ୍ରିକ୍ ଟପ୍ପରଙ୍କୁ ଜଷ୍ଟିସ୍ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼ ଜିଲା ଓକିଲ ସଂଘର ଏକ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ସଭାପତି ରଣଜିତ ଦାଶ ଓ ସମ୍ପାଦକ ସ୍ୱଦେଶ ମିଶ୍ର ଜଷ୍ଟିସ ଦାଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ନୟାଗଡ଼ ଜିଲାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ତଥା ରାଜ୍ୟରେ ସପ୍ତମ ସ୍ଥାନ ଅଧିକାର କରିଥିବା ଯୁବ ଆଇନଜୀବୀ ସୁରେଶ କୁମାର ପ୍ରଧାନଙ୍କ ପୁଅ ଆଶିଷ ପ୍ରଧାନଙ୍କୁ ଜଷ୍ଟିସ ଦାଶ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଜଜ ଆନନ୍ଦ ନାରାୟଣ ମହାରଣାଙ୍କ ସମେତ ଜିଲା କୋର୍ଟର ସମସ୍ତ ବରିଷ୍ଠ ବିଚାରପତି, ଡିଏଲ୍ଏସ୍ଏ ସଚିବ, ଜିଲା କୋର୍ଟର ବିଚାରପତି ଏବଂ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ସଂଘର ଉପସଭାପତି ସନ୍ତୋଷ ରାଉତରାୟ, ସହସମ୍ପାଦକ ଆଶୁତୋଷ ସାମନ୍ତରାୟ, କୋଷାଧ୍ୟକ୍ଷ ବିଶ୍ୱେଶ ରଞ୍ଜନ ମହାପାତ୍ର ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ ।

# ଭୂତକୋଠି ପାଲଟିବ ଖଣ୍ଡପଡ଼ା ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର

ଖଣ୍ଡପଡ଼ା,୧୫।୫ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ୧୨ନଂ ୱାର୍ଡରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ହେବା ପରେ ଏବେ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଅଦରକାରୀ ହୋଇପଡ଼ିଛି। ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ତାଲା ଝୁଲୁଛି। ଏକଦା ଲକ୍ଷାଧିକ ଟଙ୍କା ବ୍ୟୟରେ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନବୀକରଣ କାର୍ଯ୍ୟ କରାଯାଇଥିଲା। ୧୯୨୭ ମସିହାରେ ସହରର ମଧ୍ୟ ଭାଗରେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାପିତ ହୋଇଥିଲା। ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଆସିଥିବା ଏହି ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟରେ ବ୍ୟବହାର କରା ନ ଗଲେ ଏହା କାଳକ୍ରମେ ଭୂତକୋଠିରେ ପରିଣତ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିଷାର ପଣ୍ଡାଙ୍କୁ ପଚାରିବାରେ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ରଟିକୁ ନଗର ସ୍ୱାସ୍ଥ୍ୟକେନ୍ଦ୍ର ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି।

# ଥାଲାସେମିଆ ରୋଗୀଙ୍କୁ ମିଳୁନି ଗସ୍ତଖର୍ଚ୍ଚ

ଶରଣକୁଳ,୧୫।୫(ଦୀପକ କର)



ବିରଞ୍ଚି ନାୟକ

ରୋଗୀମାନଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ କେତେଜଣ ସରକାରୀ ଅଧିକାରୀଙ୍କ ଦାୟିତ୍ୱହୀନ ପଦକ୍ଷେପ ଯୋଗୁ ଥାଲାସେମିଆ ରୋଗୀମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶରଣକୁଳ ନିକଟ ଆଙ୍ଗିସିଙ୍ଗି ଗ୍ରାମର ବୈକୁଣ୍ଠନାଥ ନାୟକଙ୍କ ଏକମାତ୍ର ପୁଅ ବିରଞ୍ଚି ଥାଲାସେମିଆ ରୋଗରେ ଆକ୍ରାନ୍ତ ହୋଇଥିଲେ। ବିଭିନ୍ନ ଡାକ୍ତରୀ ପରୀକ୍ଷାରୁ ଏ ସଂକ୍ରାନ୍ତରେ ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱର ଓ କଟକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆବଶ୍ୟକ ଚିକିତ୍ସା ପରେ ବି ତାଙ୍କ ରୋଗ ଭଲ ହୋଇ ନ ଥିଲା। ଶେଷରେ ପ୍ରତି ମାସରେ ଥରେ ନୟାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା। ଏବେ ବିରଞ୍ଚି ସେଠାରେ ଚିକିତ୍ସିତ ହେଉଛନ୍ତି। ଏହି ଥାଲାସେମିଆ ରୋଗୀଙ୍କୁ ସରକାର ଗସ୍ତ ଖର୍ଚ୍ଚ ବାବଦକୁ ମାସକୁ ୫ଶହ ଟଙ୍କା ଦେବାକୁ ନିୟମ କରିଛନ୍ତି। କିନ୍ତୁ ବିରଞ୍ଚିଙ୍କୁ ୪ମାସର ଗସ୍ତ ଖର୍ଚ୍ଚ ମିଳିବା ପରେ ତାହା ବନ୍ଦ କରି ଦିଆଯାଇଛି। ଗତ ୫ବର୍ଷ ହେବ ତାଙ୍କୁ ଆଉ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ନୟାଗଡ଼ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇଛନ୍ତି। କିନ୍ତୁ କେହି କର୍ଣ୍ଣପାତ କରୁ ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷେ ୧୩୦ଜଣ ଥାଲେସାମିଆ ରୋଗୀଙ୍କୁ ଗସ୍ତଖର୍ଚ୍ଚ ଗତ ମଙ୍ଗଳବାର ପ୍ରଦାନ କରାଯାଇଛି ବୋଲି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ତାପସ ରଞ୍ଜନ ସେନାପତି କହିଛନ୍ତି। ଯଦି କେହି ଗସ୍ତଖର୍ଚ୍ଚ ନ ପାଇଥାନ୍ତି ତେବେ ମୋତେ ଜଣାଇଲେ ସେଥିପାଇଁ ବ୍ୟବସ୍ଥା କରିବି ବୋଲି ସେ ସୂଚନା ଦେଇଛନ୍ତି।

# ଶିକ୍ଷା ସଚେତନତା ଶିବିର

ଶରଣକୁଳ,୧୫।୫(ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ଅସୁରିଡିପାରେ ହରିହର ବିଦ୍ୟାମନ୍ଦିର ଓ ନୟାଗଡ଼ ଶିଳ୍ପ ତାଲିମ ଅନୁଷ୍ଠାନ ତରଫରୁ ଏକ ଶିକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିର ନୟାଗଡ଼ ଜିଲା ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ କାନ୍ତି ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ମନୁଷ୍ୟର ମୌଳିକ ଆବଶ୍ୟକତା। ଶିକ୍ଷା ବିନା ମନୁଷ୍ୟ କୌଣସି କାର୍ଯ୍ୟରେ ଅଗ୍ରସର ହୋଇପାରେନାହିଁ। ଯୁଗୋପଯୋଗୀ ଶିକ୍ଷାଗ୍ରହଣ କରିବା ଏକାନ୍ତ ପ୍ରୟୋଜନ। ଅତୀତରେ ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ନାମ ଲେଖାଇବା ପାଇଁ ଅଭିଭାବକ ମହଲରେ ଆଗ୍ରହ ନ ଥିଲା । ନର୍ସିଂ ତାଲିମ ନେବାପାଇଁ ଛାତ୍ରୀମାନେ ସଙ୍କୋଚ ମନେ କରୁଥିଲେ। ଏବେ ସମାଜରେ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ଯୁଗରେ ଛାତ୍ରୀଛାତ୍ରମାନେ ଆତ୍ମନିର୍ଭରଶୀଳ ଓ ରୋଜଗାରକ୍ଷମ ହୋଇ ସମ୍ମାନର ସହ ଜୀବନଯାପନ କରିବା ପାଇଁ ଶିଳ୍ପ ତାଲିମ ଏବଂ ନର୍ସିଂ ତାଲିମ ସର୍ବୋତ୍କୃଷ୍ଟ ବୋଲି ଅଧ୍ୟକ୍ଷ ସାହୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସହକାରୀ ତାଲିମ ପ୍ରଦାନକାରୀ ଅସିତ କୁମାର ନାୟକ, ଗଙ୍ଗାଧର ପାତ୍ର, ନୀଳକଣ୍ଠ ପାତ୍ର ଓ କ୍ରୀଷ୍ଟା କୁମାରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।



ଶିକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।


## ବ୍ୟାଙ୍କ ଅଫ୍ ବଡ଼ୌଦା / Bank of Baroda

## ନୋଟିସ୍

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର**, ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚ୍ଆର୍ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚ୍ଆର୍ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ **୭ ଦିନ** ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିଷ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)

## ପୂର୍ବ ତଟ ରେଳପଥ

**01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ**

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା ।

ଆନୁମାନିକ ମୂଲ୍ୟ (₹): 86,54,092.60, EMD (₹) : 1,73,100.00

**02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ**

**କାର୍ଯ୍ୟର ନାମ :** TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା ।

ଆନୁମାନିକ ମୂଲ୍ୟ (₹): 69,52,589.22, EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/Q/25-26

## HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | Total | | 1693.7 Sq. ft |

The building preferbly be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

The Defence Estates Officer
Govt. of India, Ministry of Defence
163, Prachi Enclave, Chandrasekharpur, Bhubaneswar, Odisha - 751016
Tele : 0674-2747631, 345, E-mail : deobhub-stats@nic.in

## सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
## CENTRAL MINE PLANNING & DESIGN INSTITUTE LIMITED

(A Subsidiary of Coal India Limited)
Gondwana Place, Kanke Road, Ranchi - 8340008, Jharkhand, India

**NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT**

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.
Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI

NirupanBhawan,3rd Floor,Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-01/2025-26, 1st Call
e-Tender Ref No:–RCD/SID/AP/RAN/01/2025-26 Date:- 08.05.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.

PR 352465 Road(25-26)#D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ................................


ଗୁଡ୍ଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ଯୋଡ଼ିଲେ ୫ ଲକ୍ଷ କୋଟି

**ମୁମ୍ବାଇ,୧୫।୫ (ଅଭୟ ଦାଶ)**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟର କାରବାର ଉତ୍ସାହଜନକ ରହିଛି। ଗୋଟିଏ ପଟରେ ଭାରତ-ପାକିସ୍ତାନ ଯୁଦ୍ଧର ବିରତି ଏବଂ ଅନ୍ୟପଟରେ ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କା ମଧ୍ୟରେ ନିବେଶ କରୁଥିବାବେଳେ ଗୁରୁବାର ପୁଞ୍ଜିବଜାରର ଫଳାଫଳ ଉଭୟ ଷ୍ଟକ୍‌ବଜାର ଓ ନିବେଶକମାନଙ୍କୁ ଖୁସି କରିଦେଇଛି। ଏପରିକି ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ପୂର୍ବ ଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୩୫ ଲକ୍ଷ କୋଟି ଥିଲାବେଳେ ଗୁରୁବାରର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରରେ ନିବେଶକ ପ୍ରାୟ ୫ ଲକ୍ଷ କୋଟି ଯୋଡିବାରୁ ବଜାର ପୁଞ୍ଜି ୪୪୦ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ପୁଞ୍ଜି ବଜାରରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର ବେଶ୍ ଉତ୍ସାହଜନକ ରହିଥିଲାବେଳେ ସେନ୍‌ସେକ୍ସର କାରବାର ୧୨୦୦ ପଏଣ୍ଟ ବଢିଥିଲାବେଳେ ୨୫୦୦୦ ଅଙ୍କ ଉପରେ ନିଫ୍ଟିର କାରବାର ଶେଷ ହୋଇଛି। ସେହିପରି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ୦.୬୭% ଏବଂ ସ୍ମଲକ୍ୟାପର କାରବାରରେ ୦.୯୪% ବୃଦ୍ଧି ଘଟିଥିଲା। ଏପରିକି ନିଫ୍ଟି ମିଡକ୍ୟାପରେ ୩୯୪.୪୫ ପଏଣ୍ଟ ବୃଦ୍ଧି ଘଟି ୫୬,୫୩୦.୮୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ସ୍ମଲକ୍ୟାପର କାରବାର ୦.୨୨% ବୃଦ୍ଧି ଘଟି ୮୨୫୬.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୫୫୪.୩୦ ପଏଣ୍ଟ ବଢି ୫୫,୩୫୫.୬୦ ଅଙ୍କ ଏବଂ ନିଫ୍ଟି ଆଇଟି ୧.୧୬% ବୃଦ୍ଧି ଘଟି ୩୮,୨୯୩.୮୦ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ମେଟାଲ, ଅଟୋ, ଆଇଟି, ପାୱାର, ଏଫ୍‌ଏମ୍‌ସିଜି ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୧%ର ନିବେଶ ବୃଦ୍ଧି କରିଛନ୍ତି।



## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୦୦ (୧୨୦୦.୧୮) ପଏଣ୍ଟ ବୃଦ୍ଧି ଘଟି ୮୨,୫୩୧ (୮୨,୫୩୦.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୯୫ (୩୯୫.୨୦) ପଏଣ୍ଟ ବଢି ୨୫,୦୬୨ (୨୫,୦୬୨.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ଫର୍ଡ ଡିଟେକ୍‌ଶନ ସଲ୍ୟୁଶନର ଶୁଭାରମ୍ଭ

**ଭୁବନେଶ୍ୱର,୧୫।୫**

ଏୟାରଟେଲର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ଭିନ୍ନ ଧରଣର ସମାଧାନ 'ଫର୍ଡ ଡିଟେକ୍‌ଶନ ସଲ୍ୟୁଶନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଇମେଲ୍, ବ୍ରାଉଜର, ହ୍ୱାଟ୍ସଆପ୍, ଟେଲିଗ୍ରାମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଏସ୍‌ଏମ୍‌ଏସ୍ ଭଳି ସମସ୍ତ ପ୍ରକାର ଓଭର ଦି ଟପ (ଓଟିଟି) ଆପ୍ ଓ ପ୍ଲାଟ୍‌ଫର୍ମରେ ବାସ୍ତବ ସମୟର ଜାଲ୍ ୱେବ୍‌ସାଇଟଗୁଡ଼ିକୁ ଚିହ୍ନଟ ଓ ବ୍ଲକ୍ କରିବ। ସେହିଭଳି ଏହି ସୁରକ୍ଷିତ ସେବା ବିନା କୌଣସି ଅତିରିକ୍ତ ଦେୟରେ ସମସ୍ତ ଏୟାରଟେଲ ମୋବାଇଲ ଓ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ପାଇଁ ନିରବଚ୍ଛିନ୍ନ ଭାବେ ସମନ୍ୱିତ ଓ ସ୍ୱୟଂକ୍ରିୟ ଭାବେ ସକ୍ଷମ ହେବ। ଯେତେବେଳେ ଜଣେ ଗ୍ରାହକ କୌଣସି ଜାଲ୍ ଚିହ୍ନଟ ହୋଇଥିବା ୱେବ୍‌ସାଇଟ ଖୋଲିବାକୁ ଉଦ୍ୟମ କରନ୍ତି, ଏୟାରଟେଲର ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ସେହି ପେଜ ଲୋଡ କରିବାକୁ ବ୍ଲକ ଓ ପେଜ୍ ବ୍ଲକ୍ କାରଣ ବିଷୟରେ ଜଣାଇବା ପାଇଁ ଗ୍ରାହକଙ୍କୁ ଅନ୍ୟ ଏକ ପେଜ୍‌କୁ ନେଇଯାଏ।

ଏ ସମ୍ପର୍କରେ ଭାରତୀ ଏୟାରଟେଲର ଉପାଧ୍ୟକ୍ଷ ତଥା ଏମ୍‌ଡି ଗୋପାଳ ଭିଟ୍ଟଲ୍ କହିଛନ୍ତି, ଗତ କିଛି ବର୍ଷ ଧରି ଆମେ ଅନେକ ଘଟଣା ଦେଖିଛୁ, ଯେଉଁଥିରେ ଅଣ ସନ୍ଦିଗ୍ଧ ଗ୍ରାହକମାନେ ଚତୁର ଅପରାଧୀଙ୍କ ହାତରେ ନିଜର କଷ୍ଟୋପାର୍ଜିତ ଟଙ୍କା ହରାଇଛନ୍ତି। ଆମର ଇଞ୍ଜିନିୟରମାନେ ପ୍ଲାଟ୍‌ଫର୍ମର ଠକେଇ ଚିହ୍ନଟ ସମାଧାନ ସକ୍ରିୟ କରି ଏହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି।


## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉତ୍ସବ



**ସ୍ୱର୍ଗତ କବି ସଦାନନ୍ଦ ସାହୁ**

ସ୍ଥାନ: ବିଶାଣିଖରିଦା, ଏରେଇଁ ଚରମ୍ପା, ଭଦ୍ରକ

ଆବିର୍ଭାବ: ୧୦।୦୬।୧୯୩୮

ତିରୋଧାନ: ୩୦।୦୫।୨୦୨୧

ଚାହୁଁ ଚାହୁଁ ଚାରି ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ। ଆମେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଏବଂ କରୁଥିବୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ- ଗଙ୍ଗାରାଣୀ, ଝିଅ- ଚଗଲି, ଟିକନ, ଜ୍ୱାଇଁ-ବିଜୟ, ଦେବ, ନାତି- ତପା, ବାପୁନା, ନାତୁଣୀ- ମାମୁନି, କୁନୁରୁ, ପୁଅ, ବୋହୂ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

ଧ-୫୬୨


## ବଜାରରେ ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ

**ଭୁବନେଶ୍ୱର,୧୫।୫**

ଏସ୍‌ବିଆଇ ଲାଇଫ୍‌ର ନୂତନ ଉତ୍ପାଦ 'ଏସ୍‌ବିଆଇ ଲାଇଫସ୍ମାର୍ଟ ସିଲ୍ଭ ପ୍ରିମିୟର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ସିଲ୍ଭ ପ୍ରିମିୟର ହେଉଛି ଏକ ସ୍ୱତନ୍ତ୍ର ଟର୍ମ ଇନ୍‌ସ୍ୟୁରାନ୍ସ ସଲ୍ୟୁଶନ ଯାହାକୁ ଅଲ୍‌ଟ୍ରା-ହାଇ-ନେଟ୍-ୱର୍ଥ ଇଣ୍ଡିଭିଜୁଆଲ (ଅଲ୍‌ଟ୍ରା ଏଚ୍‌ଏନ୍‌ଆଇ) ବା ଅଧିକ ଧନୀ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ଡିଜାଇନ କରାଯାଇଛି। ସେହିଭଳି ଏହି ନୂତନ ଉତ୍ପାଦର ପ୍ରମୁଖ ଲାଭଗୁଡ଼ିକ ହେଉଛି, ଏହି ପ୍ରିମିୟମ ଉତ୍ପାଦ ଦୃଢ ନିର୍ଭରଯୋଗ୍ୟତା ସହ ଆପଣଙ୍କର ଲକ୍ଷ୍ୟକୁ ସମର୍ଥନ କରିବା ପାଇଁ ହାଇ ଭାଲ୍ୟୁ କଭରେଜ ପ୍ରଦାନ ସହ ଆପଣଙ୍କୁ ବାଧାମୁକ୍ତ ଭାବେ ଲକ୍ଷ୍ୟ ବଜାୟ ରଖିବା ସୁନିଶ୍ଚିତ କରିଥାଏ। ଏହି ପ୍ଲାନ୍ ଆପଣଙ୍କ ବୀମା ଅବଧି (ନିୟମିତ ଦେୟ) କିମ୍ବା ଏକ ସୀମିତ ଅବଧି ପାଇଁ (ସୀମିତ ଦେୟ) ପ୍ରିମିୟମ ପଇଠ କରିବାର ସୁବିଧା ପ୍ରଦାନ କରିଥାଏ। ଏହାର କଭରେଜ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଉପଲବ୍ଧ ହେଉଥିବାବେଳେ ଆପଣ ନିଜର ଆବଶ୍ୟକତା ଅନୁଯାୟୀ ନିଜର ବୀମା ଅବଧି ଚୟନ କରିପାରିବେ।

# ଏନ୍‌ଏସ୍‌ଇ ସହ ଉଚ୍ଚ ଶିକ୍ଷା ବିଭାଗର ବୁଝାମଣା




ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୫।୫**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ଗୁରୁବାର ଭୁବନେଶ୍ୱରରେ ହୋଇଯାଇଛି। ଏପରିକି ନିବେଶକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆର୍ଥିକ ସାକ୍ଷରତା ବୃଦ୍ଧି କରିବା ଏବଂ ଭାରତର ଯୁବପିଢ଼ିଙ୍କ ପାଇଁ ଷ୍ଟୁଡେଣ୍ଟ ସ୍କିଲିଂ ପ୍ରୋଗ୍ରାମଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଏନ୍‌ଏସ୍‌ଇ ଓ ଉଚ୍ଚ ଶିକ୍ଷା ବିଭାଗ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସେହିଭଳି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉପସ୍ଥିତିରେ ଏନ୍‌ଏସ୍‌ଇର ସିବିଡିଓ/ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ ଏବଂ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ପ୍ରଶାନ୍ତ କିଶୋର ମହାପାତ୍ରଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

ଏ ନେଇ ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, ଓଡ଼ିଶା ସରକାର ଆମ ଅଞ୍ଚଳରେ ଆର୍ଥିକ ସାକ୍ଷରତା, ନିବେଶକ ସଚେତନତା ଓ ଛାତ୍ରୀଛାତ୍ରଙ୍କ ଦକ୍ଷତାକୁ ଆଗକୁ ପରିଚାଳନା କରିବା ପାଇଁ ଏନ୍‌ଏସ୍‌ଇ ସହ ସହଭାଗିତାକରି ଗର୍ବିତ। ଏହା କେବଳ ଆର୍ଥିକ ସୂଚନା ବିସ୍ତାର କରିବା ସମ୍ପର୍କିତ ନୁହେଁ ବରଂ ଏହା ଆର୍ଥିକ କ୍ଷେତ୍ରରେ ଆବଶ୍ୟକତା ସୂଚନା ଓ ଦକ୍ଷତା ସହ ଆମର ଛାତ୍ରୀଛାତ୍ରଙ୍କୁ ସଶକ୍ତ କରିବା ସହ ଜଡିତ ରହିଛି। ମିଳିତ ଭାବେ ଆମେ ଏକ ମଜଭୁତ ଆର୍ଥିକ ଇକୋସିଷ୍ଟମ ସୃଷ୍ଟି କରୁଛୁ, ଯାହା ଓଡ଼ିଶାରେ ସ୍ଥାୟୀ ବିକାଶ ପାଇଁ ବାଟ ଫିଟାଇବ।

ସେହିପରି ଏନ୍‌ଏସ୍‌ଇର ସିବିଡିଓ ଶ୍ରୀରାମ କ୍ରିଷ୍ଣନ କହିଛନ୍ତି, ଓଡ଼ିଶା ସରକାରଙ୍କ ସହ ଆମର ସହଭାଗିତା ଆର୍ଥିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଓ ନିବେଶକଙ୍କୁ ସଶକ୍ତ କରିବା ପ୍ରତି ଆମର ମିଳିତ ଉଦ୍ଦେଶ୍ୟକୁ ହାଇଲାଇଟ କରୁଛି।

## ଭିତ୍ତିଭୂମିର ପୁନରୁଦ୍ଧାରକୁ ଗୁରୁତ୍ୱ

**ଭୁବନେଶ୍ୱର,୧୫।୫**

ରୁନୟାର ବହୁ ପ୍ରତୀକ୍ଷିତ ତଥା ପ୍ରକଳ୍ପ ଲାଡଲି ଜରିଆରେ ଝାରସୁଗୁଡ଼ା ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ପ୍ରକଳ୍ପକୁ ନିକଟରେ ସଫଳତାର ସହ ସମାପ୍ତ କରିଛି। ଏପରିକି ଗ୍ରାମୀଣ ଶିକ୍ଷାକୁ ପରିବର୍ତ୍ତନ କରିବା ଏବଂ ସମ୍ପ୍ରଦାୟ ବିକାଶକୁ ସୁଦୃଢ଼ କରିବା ଉପରେ କମ୍ପାନୀ ବିଶେଷ ଧ୍ୟାନ ଦେଇଛି। କମ୍ପାନୀର ଏହି ପଦକ୍ଷେପ ଭିତ୍ତିଭୂମିର ପୁନରୁଦ୍ଧାରକୁ ଗୁରୁତ୍ୱ ସହ ସ୍କୁଲଗୁଡିକୁ ପୁନର୍ଜୀବିତ ଭିତ୍ତିଭୂମି ପ୍ରଦାନ କରିଛି। ଯେଉଁଥିରେ ଉନ୍ନତ ଶିକ୍ଷା ସ୍ଥାନ, ଉନ୍ନତ ପରିମଳ ବ୍ୟବସ୍ଥା ଏବଂ ରୋଷେଇ ଘର ସୁବିଧା ସହ ଏକ ସମ୍ପୂର୍ଣ୍ଣ ସଜ୍ଜିତ ପାଠାଗାର ଅନ୍ତର୍ଭୁକ୍ତ ରହିଛି, ଯାହା ଛାତ୍ରୀଛାତ୍ରଙ୍କ ପାଇଁ ଏକ ସୁରକ୍ଷିତ, ପରିଚ୍ଛନ୍ନ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବେଶକୁ ପ୍ରୋତ୍ସାହିତ କରିବ।

ସେହିଭଳି ଅନୁନ୍ନତ ସମ୍ପ୍ରଦାୟକୁ ସଶକ୍ତ କରିବା ପ୍ରତି କମ୍ପାନୀର ପ୍ରତିବଦ୍ଧତାର ଅଂଶ ଭାବେ ରୁନୟାର ପ୍ରମୁଖ ତୃଣମୂଳସ୍ତରୀୟ ପଦକ୍ଷେପ ପ୍ରୋଜେକ୍ଟ ଲାଡଲି ଝାରସୁଗୁଡାର ବିଭିନ୍ନ ସ୍କୁଲରେ ପ୍ରାଥମିକଠାରୁ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ଭିତ୍ତିଭୂମି ପରିବର୍ତ୍ତନ କାର୍ଯ୍ୟକ୍ରମ ସମାପ୍ତ ହେବା ସହିତ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ଚିହ୍ନିତ ହୋଇଛି। ପ୍ରବେଶ, ସମାନତା ଏବଂ ସଶକ୍ତୀକରଣକୁ ପ୍ରୋତ୍ସାହିତକରି ଏହି ପଦକ୍ଷେପ ୩୫୧ ରୁ ଅଧିକ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ସିଧାସଳଖ ଲାଭ ଦେଇଛି, ଯାହାକି ପଶ୍ଚିମ ଓଡ଼ିଶାରେ ୩,୫୬୦ ରୁ ଅଧିକ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛି। ନୂତନ ଭାବେ ନବୀକରଣ କରାଯାଇଥିବା ସ୍କୁଲର ସୁବିଧାଗୁଡ଼ିକୁ ବରିଷ୍ଠ ଜିଲା ଅଧିକାରୀ, ସମ୍ପ୍ରଦାୟ ନେତା, ସ୍କୁଲ ଅଧ୍ୟାପକ ଏବଂ ରୁନୟା ନେତୃତ୍ୱ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ଉନ୍ନୟନଗୁଡ଼ିକର ସ୍ଥାୟିତ୍ୱ ଏବଂ ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ପ୍ରଧାନ ଶିକ୍ଷକ ଏବଂ ସରପଞ୍ଚଙ୍କ ମାର୍ଗଦର୍ଶନରେ ଏକ ସ୍କୁଲ ଛାତ୍ର କମିଟି ପ୍ରତିଷ୍ଠା କରାଯାଇଛି। ରୁନୟାର ସିଇଓ (ରିସାଇକ୍ଲିଂ ବ୍ୟବସାୟ) ଜଗନ୍ନାଥ ପ୍ରସାଦ ରାଉତରାୟ କହିଥିଲେ, ଏହି ପ୍ରକଳ୍ପ ସମାପ୍ତ ହେବା ସମ୍ପ୍ରଦାୟ-ମୁଖୀ ଶିକ୍ଷା ପ୍ରତି ଆମର ଉତ୍ସର୍ଗତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ପ୍ରୋଜେକ୍ଟ ଲାଡଲି ପୁନଃ ନିର୍ମାଣ ଅନ୍ତର୍ଭୁକ୍ତ ପରିବେଶ ନିର୍ମାଣ କରିବାକୁ ଚେଷ୍ଟା କରିଛି,ଯେଉଁଠାରେ ଝିଅମାନେ, ସୁରକ୍ଷିତ, ପ୍ରେରିତ ଏବଂ ପ୍ରାୟତଃ ସ୍କୁଲରେ ଯୋଗଦେବାକୁ ଉତ୍ସାହିତ ଅନୁଭବ କରନ୍ତି। ପ୍ରତ୍ୟେକ ପିଲା ଭଲ ଭିତ୍ତିଭୂମି ପାଇବାକୁ ଯୋଗ୍ୟ ; ଆମେ ଭାବୁ ନାହୁଁ ଯେ ଏଥିରେ ପ୍ରବେଶ ଏକ ସୌଭାଗ୍ୟ ନୁହେଁ ବରଂ ଏକ ଆବଶ୍ୟକତା। ଭବିଷ୍ୟତ ପାଇଁ ପ୍ରସ୍ତୁତ ପିଢ଼ି ଗଠନ କରିବା ଏପରି ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଦ୍ୱାରା ସହାୟତା ପାଇବ।


# Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Resort/ Cottage/ Lodge at Puri @ 19Lakhs, Offer Price Now @ 15Lakhs Contact- 9827767837. D-561

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

2BHK flat for sale at Naharakanta Chhaka, NH Facing. Contact- 7978209277, 7008789347. D-260

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265



Ground Floor Single Room attached Toilet for office at VSS Nagar. 7873657633. D-520




Relax, Refresh your body, mind at Saikrupa SPA with best therapies. 7848011468. D-363

Newly open health benefits SPA by expert therapist. Contact- 8280961126. D-76913

AFFIDAVIT

By affidavit in the Court of Executive Magistrate, Dasarathpur, Jajpur, affidavit No.- 4010, dtd- 27.12.2024, I have been recognized and identified & known as GYANA RANJAN MALIK, S/o- AMULYA MALIK, At- Nimapur, P.O.- Sasan, P.S.- Pattamundai, Dist.- Kendrapara, instead of GYANARANJAN MALIK for all purposes. D-553

I, Aalyzean Nassar, S/o- Karim Kassamali Nassar, resident of at- Flat No.- A/7, Platinum Group Cooperative Housing Society, Beside Kitab Mahal, P.O.- College Square, P.S.- Malgodown, Dist.- Cuttack- 753003, Odisha declare by this affidavit No.- 70AA206924, dated- 15.05.2025. That now onwards I shall be known as Aalyzean Karim Nassar for all future purposes. D-555

By virtue of an affidavit sworn before the Executive Magistrate, Loisingha, dated 16.04.25, I, Manita Mugri, W/o- Bhagirathi Mugri, R/o- Village- Babja, P.O.- Sargad, Dist.- Balangir, Odisha declare that in the Aadhaar Card of my son Anil Mugri, in which my son's name is mentioned as Manita Mugri, S/o- Bhagarathi Mugri instead of Anil Mugri, S/o- Bhagirathi Mugri. Henceforth, he shall be known as Anil Mugri, S/o- Bhagirathi Mugri for all purposes. D-556

By virtue an affidavit sworn before Executive Magistrate, Mahanga dt- 3.5.25, I, Mirza Samim Baig, At- Akarpada, P.O.- Nalipur, P.S.- Mahanga, Dist.- Cuttack, Odisha, PIN- 754205, Declare that I have changed my son's name from Mirza Sahim Haider to Mirza Sahim Ahmad. Henceforth, he should be known as Mirza Sahim Ahmad for all propose. D-554

By virtue of this affidavit sworn before the Executive Magistrate, Balangir, dated- 14.05.2025. R/o- Mission Compound, P.O./P.S./ Dist.- Balangir (Odisha) declared that, I want the correction of my son's Aadhaar Card from BIMMANUEL JAMES and DOB 04.10.2017 to B IMMANUEL JAMES, DOB- 15.09.2017. Henceforth, he will be known as B IMMANUEL JAMES for all purposes and DOB should be 15.09.2017. D-558

By virtue of an affidavit sworn before Notary BBSR, dated 29.04.2025, I, Reetanjali Panigrahi, AT/P.O./P.S.- Balipatna, District- Khurda declare that I have changed my daughter's name from Akanksha Mishra to Akankshya Mishra. Henceforth, she shall be known as Akankshya Mishra for all purposes. D-557

I, Birendra Thakur, R/o. Village- Kulimunda, P.O.- Birgarh, P.S./ Dist.- Boudh, PIN- 762026 declare by this affidavit No.- 39, dated 14.05.25 sworn before the Executive Magistrate, Boudh that I have changed my minor daughter's name from Ispita Thakur to Isipita Thakur. Henceforth, she shall be known as Isipita Thakur for all purposes. D-559

I, Murali Naik (New name) formerly called Champe Naik (Old name), R/o. Village- Tentulipali, P.O.- Bahira, P.S.- Baunsuni, Dist.- Boudh, PIN- 762015 declare by this affidavit No.- 816, dated 15.05.25 sworn before the Executive Magistrate, Boudh that I have changed my name from Champe Naik to Murali Naik. Henceforth, I shall be known as Murali Naik for all purposes. D-560

By virtue of an affidavit sworn before the Notary Public, Dharmasala, dated 13.05.2025, I, Kalia Sethy, Address: At- Madhupurgada, P.O.- Garhmadhupur, P.S.- Jenapur, Dist.-Jajpur, Odisha- 755023 declare that I have changed my daughter's name from Kabita Sethy to Barsha Sethy. Henceforth, she shall be known as Barsha Sethy for all purposes. D-533

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W)
ହେବା ଆବଶ୍ୟକ।

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଧର୍ମଶାଳା ଏବିଡିଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଯାଜପୁର,୧୫।୫
(ହର୍ଷବର୍ଦ୍ଧନ ବେହେରା)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ଜିଲା ଧର୍ମଶାଳାର ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ଏବିଡିଓ) ଅସିତ କୁମାର ପାତ୍ରଙ୍କ ବିଭିନ୍ନ ସ୍ଥାନରେ ଥିବା ଘରେ ଭିଜିଲାନ୍ସ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଯାଜପୁର, ଯାଜପୁର ରୋଡ୍ ଏବଂ କଟକରେ ଏକାସଙ୍ଗେ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ଯାଜପୁର, ଯାଜପୁର ରୋଡ୍ ଓ କଟକରେ ଥିବା କୋଠା, ଫ୍ଲାଟ୍, ଗୋଟିଏ ଶପିଂ କମ୍ପ୍ଲେକ୍ସ, ୫ଟି ମୂଲ୍ୟବାନ ପ୍ଲଟ, ୭୦୦ ଗ୍ରାମ ସୁନା, ବ୍ୟାଙ୍କରେ ଥିବା ୬୫ ଲକ୍ଷ ଟଙ୍କା ସହିତ ନଗଦ ୧ ଲକ୍ଷ ୮୫ ହଜାର ଟଙ୍କା ଜବତ କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। ଭିଜିଲାନ୍ସର ୭ଟି ଟିମ୍ ଯାଜପୁର, ଭଦ୍ରକ, କଟକ ଓ ଖୋର୍ଦ୍ଧାରେ ଚଢ଼ାଉ କରୁଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଯାଜପୁର ରୋଡ୍ ସହରର କହ୍ନେଇପୁରଠାରେ ୬ହଜାର ବର୍ଗଫୁଟ ଜମିରେ ୪ ମହଲା ବିଶିଷ୍ଟ କୋଠା, ୪ହଜାର ବର୍ଗଫୁଟ ଜମିରେ ନୂତନ ଦୁଇ ମହଲା କୋଠା ଘର ଓ ୩ଶହ ବର୍ଗଫୁଟ ଜମିରେ ମାର୍କେଟ କମ୍ପ୍ଲେକ୍ସ ରହିଛି। ଏହାବାଦ ଯାଜପୁର ସହରର ସୁନ୍ଦରୀମୁହାଁ ନିକଟ ଗଣେଶ୍ୱର ଗ୍ରାମରେ ୨ହଜାର ବର୍ଗଫୁଟ ଜମିରେ ୩ ମହଲା ବିଶିଷ୍ଟ କୋଠା ଘର ଏବଂ କଟକ ଚାଉଳିଆଗଞ୍ଜ ନିକଟରେ ଥିବା ମେଟ୍ରୋ ଏଭିନ୍ୟୁ ଆପାର୍ଟମେଣ୍ଟରେ ୪୦୪(ଏ) ନମ୍ବର ୧ହଜାର ବର୍ଗଫୁଟ ବିଶିଷ୍ଟ ୨ ବିଏଚ୍‌କେ ଫ୍ଲାଟ ରହିଛି। ସେହିପରି ଯାଜପୁର ରୋଡ୍ ସହରରେ ମୂଲ୍ୟବାନ ୪ଟି ପ୍ଲଟ୍ ଏବଂ ଶିଳ୍ପାଞ୍ଚଳ ଦାନଗଦିରେ ଗୋଟିଏ ପ୍ଲଟ ରହିଛି। ଯାଜପୁର ରୋଡ୍ ସହରର ଚୋର୍ଦ୍ଦାଠାରେ ୬ ଡେସିମିଲ ଓ ୧୦ ଡେସିମିଲ, ଦାନଗଦି ଧୂଳିଗଡ଼ ଗ୍ରାମରେ ୨୦ ଡେସିମିଲ, ଯାଜପୁର ରୋଡ୍ ନୟାଗଡ଼ ମୌଜାରେ ୮ ଡେସିମିଲ ଓ ୨ ଡେସିମିଲ ଜମି ରହିଛି। ଏହାବାଦ୍ ୨ଟି ଦୁଇ ଚକିଆ ଯାନ ଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ଉପରୋକ୍ତ ସମ୍ପତ୍ତିର କେତେ ମୂଲ୍ୟ ହେବ ସେନେଇ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ୍ ପକ୍ଷରୁ ଆକଳନ କରାଯାଉଛି। ଚଢ଼ାଉ ଜାରି ରହିଥିବାରୁ ଏବିଡିଓଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ।


ଯାଜପୁର ରୋଡ୍‌ସ୍ଥିତ ଏବିଡିଓଙ୍କ ୪ ମହଲା କୋଠା।


ଅସିତ କୁମାର ପାତ୍ର

- ୨ଟି କୋଠା, ମାର୍କେଟ କମ୍ପ୍ଲେକ୍ସ, ଫ୍ଲାଟ୍ ସହ ୫ ପ୍ଲଟ୍ ଠାବ
- ୭ଶହ ଗ୍ରାମ ସୁନା ଅଳଙ୍କାର, ୬୫ଲକ୍ଷ ଜମାରାଶି ଓ ନଗଦ ୧.୮୫ଲକ୍ଷ ଜବତ

## ହତ୍ୟାକାରୀ ଭିଶୋଇ ସିଲେରୁ ଜଙ୍ଗଲରୁ ଗିରଫ

**୩ ଶାଳକଙ୍କୁ ହତ୍ୟା ଘଟଣା**

ମାଲକାନଗିରି, ୧୫।୫
(ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶ ସିଲେରୁ ନିକଟ ଚିନ୍ତାପାଲୀ ଗ୍ରାମର ୩ ଶାଳକଙ୍କୁ ହତ୍ୟା ଘଟଣାରେ ଭିଣୋଇ ଘେନୁ ହନ୍ତାଳଙ୍କୁ ସିଲେରୁ ପୋଲିସ ଗୁରୁବାର ଜଙ୍ଗଲରୁ ଗିରଫ କରିଛି। ଏହି ଘଟଣାରେ ଘେନୁ ଫେରାର ହୋଇଯାଇଥିବା ବେଳେ ସିଲେରୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉକରି ତାଙ୍କୁ ଗ୍ରାମ ନିକଟ ଜଙ୍ଗଲରୁ ଗିରଫ କରିଛି।

ପ୍ରକାଶ ଯେ, ଘେନୁ ତାଙ୍କ ସ୍ତ୍ରୀଙ୍କୁ ବିଭିନ୍ନ ସମୟରେ ମାରପିଟ କରୁଥିବା ବେଳେ ଗତ ୧୧ ତାରିଖରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ କୁପାଗୁଡା ଗ୍ରାମର ୩ ଭାଇ ଚିନ୍ତାପାଲ୍ଲୀ ଗ୍ରାମର ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ସେଠାରେ ନିଜ ଭଉଣୀଙ୍କୁ ଭିଣୋଇ ଘେନୁ ମାରପିଟ କରୁଥିବା ଜାଣି ଭିଣୋଇଙ୍କ ସହ ଗଣ୍ଡଗୋଳ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଘେନୁ ରାତିରେ ୩ ଶାଳକଙ୍କୁ ବର୍ଚ୍ଛାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ୨ଦୁଇ ଶାଳକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା।

# ଖଣି ଅଧିକାରୀଙ୍କୁ ହତ୍ୟା ଉଦ୍ୟମ

ଜଳେଶ୍ୱର,୧୫।୫ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବାଲି ଚୋରା ଚାଲାଣକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ବାଲି ଚୋରାଚାଲାଣ ରୋକିବା ଲାଗି ଅଧିକାରୀମାନେ ଚଢ଼ାଉ ଲାଗି ଗଲେ ଅପରାଧୀମାନେ କେତେବେଳେ ମରଣାନ୍ତକ ଆକ୍ରମଣ କରୁଛନ୍ତି ତ, କେତେବେଳେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିବାକୁ ପଛାଉନାହାନ୍ତି। ବୁଧବାର ରାତି ୧ଟା ବେଳେ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଏବଂ କନଷ୍ଟେବଲ ଉମାକାନ୍ତ ସିଂ ଜଳେଶ୍ୱର ଅଞ୍ଚଳର ବେଆଇନ ବାଲି ଖାଦାନରେ ଚଢ଼ାଉ ପାଇଁ ଯାଇଥିଲେ। ବେଆଇନ ଭାବେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଡ୍ରାଇଭର ତାଙ୍କ ଗାଡ଼ିକୁ ଧକ୍କା ଦେଇ ମାରିଦେବାକୁ ଉଦ୍ୟମ କରିଥିଲେ। ଫଳରେ ଅଧିକାରୀଙ୍କ ଗାଡ଼ି ଡ୍ରେନ ପାଖକୁ ଖସିଯାଇଥିଲା। ଏନେଇ ଖଣି ଅଧିକାରୀ ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ରାତି ୨ଟା ୩୦ରେ ଥାନା ଏଏସ୍‌ଆଇ ନୀଳକଣ୍ଠ ପୃଷ୍ଟି ପହଞ୍ଚି ବାଲି ଟ୍ରାକ୍ଟର ଏବଂ ଖଣି ଅଧିକାରୀଙ୍କ ବୋଲେରୋକୁ ଥାନାକୁ ନେଇଥିଲେ। ଟ୍ରାକ୍ଟର ଡ୍ରାଇଭର ହତ୍ୟା ଉଦ୍ୟମ କରିଥିବା ନେଇ ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସୁବର୍ଣ୍ଣରେଖା ନଦୀପଠାରୁ ଚୋରାଚାଲାଣକାରୀମାନେ ଦିନ ରାତି ବେଆଇନ ଭାବେ ବାଲି ପରିବହନ କରୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ବାଲି ଖାଦାନଗୁଡ଼ିକ ଉପରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜୁନିୟର ଖଣି ଅଧିକାରୀ ଦାସ ଚଢ଼ାଉ ସହିତ ବାଲି ଉତ୍ତୋଳନ ହେଉଥିବା ନଦୀ ଆଡ଼ି ମଧ୍ୟ କାଟି ଦେଇଥିଲେ। ଏହାକୁ ନେଇ ଜଳେଶ୍ୱର ଅଞ୍ଚଳରେ ବାଲି ଚୋରାଚାଲାଣକାରୀମାନେ ପ୍ରତିଶୋଧପରାୟଣ ହୋଇଉଠିଛନ୍ତି। ପଥରପୁରା ଅଞ୍ଚଳର ଜେଲ୍ ରୋଡ ପାଖରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର(ନଂ.ଓଡି୦୧-ଏଜି-୨୩୪୪)କୁ ଦେଖି ଖଣି ଅଧିକାରୀ ଅଟକାଇବା ପାଇଁ ଉଦ୍ୟମ କରୁଥିବାବେଳେ ଟ୍ରାକ୍ଟର ଡ୍ରାଇଭର ଖଣି ଅଧିକାରୀଙ୍କ ବୋଲେରୋ ଗାଡ଼ିକୁ ଧକ୍କା ଦେଇଥିଲେ। ଗାଡ଼ି ଡ୍ରେନ ପାଖକୁ ଖସିପଡ଼ିବା ପରେ ଟ୍ରାକ୍ଟରକୁ ଛାଡ଼ି ଡ୍ରାଇଭରଜଣକ ଘଟଣାସ୍ଥଳରୁ ପଳାଇଯାଇଥିଲେ।

# ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାଠ, ପଟା ଜବତ

**ବନ ବିଭାଗ, ପୋଲିସର ମିଳିତ ଚଢ଼ାଉ**

କେନ୍ଦୁଝର/ଢେଙ୍କିକୋଟ,୧୫।୫
(ନରେଶ ଚନ୍ଦ୍ର ପଟ୍ଟନାୟକ/ ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲାକୁ ବେଆଇନ କାଠ ବ୍ୟବସାୟୀଙ୍କ ଭୂସ୍ୱର୍ଗ କୁହାଯାଉଥିବା ବେଳେ ଘଟଗାଁ ବ୍ଲକର ସାନ୍ତରାପୁର ଗ୍ରାମ ମୁସଲିମ ବସ୍ତିରେ ବୁଧବାର ରାତିରେ ବନ ବିଭାଗ, ପୋଲିସର ମିଳିତ ଚଢ଼ାଉ ହୋଇଛି। ଚଢ଼ାଉରେ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କାଠ, ପଟା ଓ ସାଇଜ କାଠ ଜବତ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଘଟଣାସ୍ଥଳରୁ ଅପରାଧୀ ଦୌଡ଼ିପଳାଇବାକୁ ସକ୍ଷମ ହୋଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏର୍‌ଡ଼ି ଧନରାଜ୍ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗୁରୁବାର ଭୋର ୪ଟା ୩୦ମିନିଟ୍‌ରୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଏହି ଚଢ଼ାଉ ଜାରି ରହିଥିଲା। ପୋଲିସ, ବନ ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଚଢ଼ାଉରେ ୨ଜଣ ସହକାରୀ ବନ ସଂରକ୍ଷକ ବା ଏସିଏଫ୍, ୪ଜଣ ରେଞ୍ଜ ଅଫିସର, ୪୦ଜଣ ପୋଲିସ ଓ ୬୦ଜଣ ସୁରକ୍ଷା କର୍ମୀ ସାମିଲ ଥିଲେ। ଜଣେ ସହକାରୀ ଜିଲାପାଳ ମାଜିଷ୍ଟ୍ରେଟ ଦାୟିତ୍ୱ ସମ୍ପାଦନ କରିଥିଲେ। ଚଢ଼ାଉରେ ୬୦୦ ସିଫ୍ଟର ଶାଳ, ପିଆଶାଳ, ଗମ୍ଭାରୀ ପଟା, ଗଣ୍ଡି ଜବତ ହୋଇଛି। ୩ ଜଣ ନିୟମିତ କାଠଚୋରଙ୍କ ୭ଟି ଘରେ ଏହି ଚଢ଼ାଉ କରାଯାଇଥିଲା। ସେମାନଙ୍କୁ ଗିରଫ କରିବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିବ ବୋଲି ଡିଏଫ୍‌ଓ ପ୍ରକାଶ କରିଛନ୍ତି। ତେବେ ଗତବର୍ଷ ମଧ୍ୟ ଏହି ୩ ଜଣ ଅପରାଧୀଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର କାଠ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଥିଲା। ଏବେ ସେମାନଙ୍କୁ ଗିରଫ କରାଯାଇ କିପରି ଅଧିକ ମାତ୍ରାରେ ଦଣ୍ଡ ମିଳିବ ସେଥିପାଇଁ ଅଦାଲତଙ୍କୁ ପ୍ରାର୍ଥନା କରାଯିବ। ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ଡିଏଫ୍‌ଓ ଧନରାଜ ପ୍ରକାଶ କରିଛନ୍ତି।


ଚଢ଼ାଉରେ ସାମିଲ ପୋଲିସ ଓ ବନ କର୍ମଚାରୀମାନେ।

# ଗୁଳିକରି କକାଙ୍କୁ ହତ୍ୟା ଉଦ୍ୟମ

**ବନ୍ଧୁକ ଜବତ, ପୁତୁରା ଗିରଫ**

ଢେଙ୍କିକୋଟ,୧୫।୫
(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ଡଳଙ୍ଗପାଣି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିକରି କକାଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି ପୁତୁରା। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପୁତୁରାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତକରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ ଡଳଙ୍ଗପାଣି ଗ୍ରାମର ବିଜୟ ମହାନ୍ତ।

ପ୍ରକାଶ ଯେ, ଡଳଙ୍ଗପାଣି ଗ୍ରାମର ଚତୁର୍ଭୁଜ ମହାନ୍ତ ଗତ ୧୧ ତାରିଖ ସନ୍ଧ୍ୟା ୫ଟା ସମୟରେ ଚାଷ କାର୍ଯ୍ୟରେ ବ୍ୟବହୃତ ଲଙ୍ଗଳଫାଳ ପଜାଇବା ପାଇଁ ନହରାଶାଳକୁ ଯାଇଥିଲେ। ଏହି ସମୟରେ ତାଙ୍କ ସମ୍ପର୍କୀୟ ପୁତୁରା ବିଜୟ ମହାନ୍ତଙ୍କ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଥା କଟାକଟି ହୋଇଥିଲା। ବିଜୟ ଉତ୍କ୍ଷିପ୍ତ ହୋଇ ସାଥିରେ ଆଣିଥିବା ବନ୍ଧୁକ ବାହାରକରି ଚତୁର୍ଭୁଜଙ୍କ ଉପରକୁ ଚଳାଇଥିଲେ। ଚତୁର୍ଭୁଜ ଦୌଡ଼ିଯାଇ ଗ୍ରାମର ମଦୁର ମହାନ୍ତ ଘରକୁ ପଶିଯାଇଥିଲେ। ବିଜୟ ପିଛା କରି ମଦୁରଙ୍କ ଘରେ ପହଞ୍ଚିଥିଲା। ସେଠାରେ ଗାଳିଗୁଲଜ କରିବା ସହ ପୁଣି ଗୁଳି କରିଥିଲେ। ଗୁଳି ଶବ୍ଦ ଶୁଣି ସମସ୍ତେ ଛାନିଆ ହୋଇ ଚାଲିଯାଇଥିଲେ। ଗୁଳି ଚତୁର୍ଭୁଜଙ୍କ ଦେହରେ ବାଜି ନ ଥିଲା। ଘଟଣା ସମ୍ପର୍କରେ ପରଦିନ ଚତୁର୍ଭୁଜ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ କୁମାର ସାମଲ ତଦନ୍ତକରି ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ବିଜୟଙ୍କୁ ଭୋଲବେଡ଼ା ଗ୍ରାମରୁ ଗିରଫ କରିଥିଲେ। ତାଙ୍କ ନିକଟରୁ ବନ୍ଧୁକ ଜବତ ହୋଇଛି। ଘଟଗାଁ ଥାନାରେ ଏକ ମାମଲା ରୁଜୁକରାଯାଇ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛନ୍ତି।


ଜବତ ବନ୍ଧକ, ଅଭିଯୁକ୍ତ ବିଜୟ ମହାନ୍ତ।

# ତଳେ ସ୍ତ୍ରୀ, ଗଛରେ ସ୍ୱାମୀଙ୍କ ମୃତଦେହ

**ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ**

ଖାରପୋଖରିଆ,୧୫।୫
(ସୁଧୀର କୁମାର ମହାନ୍ତ)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଭୁରୁଷାଣୀ ପଞ୍ଚାୟତ ରାଇବଣିଆ ଗ୍ରାମରେ ବୁଧବାର ଏକ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଗଛରେ ସ୍ୱାମୀଙ୍କ ମୃତଦେହ ଝୁଲୁଥିବା ବେଳେ ତଳେ ସ୍ତ୍ରୀଙ୍କ କ୍ଷତାକ୍ତ ମୃତଦେହ ପଡ଼ିରହିବା ଆଲୋଡ଼ନ ସୃଷ୍ଟି କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଏନେଇ ଖାରପୋଖରିଆ ଥାନାରେ ଏକ ମାମଲା(ନଂ.୧୨୬/୨୫) ରୁଜୁହୋଇଛି। ମୃତ ଦମ୍ପତି ହେଲେ କାଳୀପଦ ଦେହୁରୀ(୫୫) ଓ ତାଙ୍କ ସ୍ତ୍ରୀ ପଞ୍ଚମୀ(୪୫)।

ସୂଚନା ଅନୁଯାୟୀ, ଅପରାହ୍ନ ୨ଟା ସମୟରେ ବାଡ଼ି ପଛପଟ ପିଜୁଳି ଗଛରେ କାଳୀପଦଙ୍କ ମୃତଦେହ ପ୍ଲାଷ୍ଟିକ ରଶିରେ ଝୁଲୁଥିବା ବେଳେ ସେହି ଗଛ ତଳେ ସ୍ତ୍ରୀ ପଞ୍ଚମୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିଥିଲେ। ପରେ ମୃତ ଦମ୍ପତିଙ୍କ ପୁଅ ଏ ସଂକ୍ରାନ୍ତରେ ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଘଟଣାର ତଦନ୍ତ କରୁଛନ୍ତି।

# ବସ୍ ଧକ୍କାରେ ଶିଶୁପୁତ୍ର ମୃତ, ମା'ବାପା ଗୁରୁତର

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

ଖୋର୍ଦ୍ଧା,୧୫।୫
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ଅଧୀନ କୁମ୍ଭିଲୋ ଛକ ନିକଟରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଓଏସ୍‌ଆର୍‌ଟିସି ବସ୍ ଧକ୍କାରେ ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା'ବାପା ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ବରସାହିର ଅଶୋକ ବାରିକ ଓ ତାଙ୍କ ସ୍ତ୍ରୀ ପିଙ୍କି ବାରିକ। ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ମୃତ ଶିଶୁପୁତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଏବଂ ସମ୍ପର୍କୀୟ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନା ମୁତାବକ, ଗଡ଼ହଳଦିଆ ଗ୍ରାମରୁ ଏହି ବସ୍ (ଓଡି୦୨ ସିଏସ୍ ୦୪୯୫) ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ଏହି ସମୟରେ ବରସାହିରୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ର ଗଁପୁରଠାରେ ଥିବା ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗାଦେବା ଲାଗି ବାଇକ୍‌ରେ ଯାଉଥିଲେ। ଅପରାହ୍ନ ପ୍ରାୟ ୫ଟାରେ କୁମ୍ଭିଲୋ ଛକ ନିକଟରେ ବିପରୀତ ପଟୁ ଆସୁଥିବା ଉକ୍ତ ବସ୍‌ର ଡ୍ରାଇଭର ଭାରସାମ୍ୟ ହରାଇ ସମ୍ମୁଖରୁ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଶିଶୁପୁତ୍ର ବସ୍ ଆଗରେ ଫିଙ୍ଗିହୋଇ ତଳେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ତାଙ୍କ ମା'ବାପା ଗୁରୁତର ଆହତ ହୋଇଥିଲେ। ଖବରପାଇ ସମ୍ପର୍କୀୟ ଏବଂ ସ୍ଥାନୀୟ ଗ୍ରାମବାସୀ ପହଞ୍ଚିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ମୃତ ଶିଶୁପୁତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ।


**Government of Odisha** No.O-151
**Office of the Superintending Engineer**
**Rural Works Division, Dhenkanal**
E-Mail:eerwdivisiondhenkanal@yahoo.co.in
**e-Procurement Notice No.01/Building Works/2025-26**

1. Name of the Work : Building Works
2. Total No. of Works : 03 (Three) Nos.
3. Estimated Cost : Rs.5.84 to 40.15 Lakh (approx)
4. Class of Contractor : "D" & "C" & "B" Class
5. Period of Completion : 02 (Two) & 06 (Six) Months
6. EMD Required : As mentioned in the Annexure at Column-04
7. Online for Bidding : 21.5.2025 at 11.00 AM to 28.05.2025 upto 3.00 P.M.
8. Last Date & Time of seeking tender clarification : 26.05.2025 upto 4.00 PM
9. Date & Time of opening of tender (Technical & Financial Bid) : 28.05.2025 Technical Bid at 5.00 PM

Other Details can be seen from the website http://tendersorissa.gov.in
Sd./- Superintending Engineer
OIPR-25101/11/0020/2526 R.W.Division, Dhenkanal

**OFFICE OF THE CHIEF CONSTRUCTION ENGINEER**
**ANANDPUR BARRAGE PROJECT, SALAPADA,**
**DIST-KEONJHAR, ODISHA, PIN:758020**
No.A-155: E-Mail:cceabp@gmail.com
**E-Procurement Notice No.CCEABP-06 of 2025-26**
**(Bid Id No.ABP-Soro-01/06 of 2025-26)**
**DETAILED NOTICE INVITING TENDER ON EPC CONTRACT**

| Name of Work | Class/EMD/Tender Fee/ Period of Completion |
|---|---|
| Construction of Distribution system for 5765.34 Ha. of CCA including Command Area Development (CAD) of Salandi Left Main Canal from RD 71.505 km to 73.003 km through Under Ground Pipe Line Irrigation system (Gravity Flow) of Anandpur Barrage Project in Balasore District of Odisha on EPC-Turn Key Basis including operation and maintenance of the commissioned project. | (1) **Class of Contractor**- Super Class or Equivalent Grade Bidders (2) **EMD: Rs.181.00 Lakh** (3) **Tender Fee: Rs.10,000.00** (4) **Period of Completion**: 24 (Twenty Four) Calendar Months including rainy seasons. |

A. Period of Availability of Bid document in the Portal : From 10.00 AM of 17.05.2025 to 12.06.2025 upto 5.00 PM
B. Date & Time for Pre-Bid Conference : 30.05.2025 at 11.30 AM
C. Last Date and Time for Receipt of Bid : 12.06.2025 upto 5.00 P.M.
D. Place of Sale & Receipt of Bid : On-Line through e-Procurement
E. Time and Date of Opening of Technical Bid : 13.06.2025 at 11.30 AM
F. Place of Opening of Bid : O/o the Chief Construction Engineer, Anandpur Barrage Project, Salapada
G. Further details can be seen from E-Procurement Portal "https://www.tendersodisha.gov.in"

Sd./- Chief Construction Engineer
OIPR-32177/11/0029/2526 Anandpur Barrage Project, Salapada

**ODISHA CONSTRUCTION CORPORATION LIMITED,**
**BHUBANESWAR,ODISHA**
PIN:751012, Tel No.(0674) 2562020, e-Mail:theoccltd@odishaconstruction.com
GSTIN:21AAACO2571K2ZM
**"e"-Procurement Notice No.-08/OCCL/2025-26 (on-line)**
No.CAD-407:On-line Item rate tenders are invited for the following work:

| Sl. No. | Name of Work | Bid Identification No. | Approx. value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | TANK IMPROVEMENT/ RENOVATION/ MODERNISATION WORKS OF 08 (EIGHT) Nos. of Minor Irrigation Projects in Bhadrak & Jajpur District (CLUSTER-V) under OIIPCRA Scheme | OCCL_TSI_CL_V/ 2025-26 | Rs.9.00 Crore | Rs.9,00,000/- | 270 Days | From 20.05.2025, 10.00 Hrs. to 18.06.2025, 15.00 Hrs. |

Procurement Officer: Managing Director, OCCL
Date of Opening of the Tender : 18.06.2025, 15.30 Hrs. onwards
Further details can be seen from the e-Procurement Portal:https://www.tendersodisha.gov.in, https://octdms.in https://odishaconstruction.com
OIPR-34176/11/0034/2526 Sd./- Managing Director

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
Ph. NO. : 0674-2546030, 2540273, 2540417, 2540974
E-mail ID : omfed@yahoo.com
**TENDER NOTICE**
**No.CAD-405 :** OMFED invites sealed tender from the interested transporters for engagement of different capacity Insulated vehicle for transportation & distribution of milk & milk product and other allied products of OMFED in **03 (Three) Marketing** route under Salapada Dairy operational area on hire basis for a contract period of **03 (Three) year**. Tender documents can be purchased from OMFED, Salapada Dairy, **Salapada, Anandpur, Dist. Keonjhar- 758020** on any working days between **10.30 Hrs – 13.30 Hrs from12th May2025 to 26th May2025 on payment of Rs. 560/- (Rupees Five Hundred Sixty only)** either in shape of Demand Draft drawn in favour of OMFED payable at Salapada. The tender document can also be downloaded from our website www.omfed.com and submitted on the due date along with the tender paper cost of **Rs.560/-** in shape of Demand Draft. The Management reserves the right to accept or reject any or all the bid document or part thereof without assigning any reason. Any addendums/corrigendum will be published only in our website.
OIPR-06063/11/0173/2526 Sd./- Managing Director

**OFFICE OF THE SUPERINTENDING ENGINEER** No.B-124
E-mail Id:eepwdcuttack2@gmail.com, Tel/Fax.No.(0671)-2973399
GOVERNMENT OF ODISHA "e" Procurement Notice
**e-Procurement Notice for Road Work**
**Bid Identification No.S.E. CTC (R&B)-II-03 of 2025-26**

1. Name of the Work : 02 No. of Road Work
2. Estimated Cost : Rs.64,19,718.00/- to Rs.71,43,420.00/-
3. Period of Completion : 4 (Four) Calendar Months
4. Date & Time of Sale & receipt of bid document : From 16.05.2025 to 5 PM of 28.05.2025
5. Last date/time of receipt of bids : 5 PM of 28.05.2025
6. Date & Time of Opening of Bids : 11 AM of 29.05.2025
7. Name and address of the Officer Inviting Bid : Superintending Engineer Cuttack (R&B) Division-II, Cuttack

Further details can be seen from the e-Procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.
Sd./-
Superintending Engineer
OIPR-34091/11/0077/2526 Cuttack (R&B) Division No.II

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL (R&B) CIRCLE, BHUBANESWAR**
Mail i.d : seccbbsr@gmail.com
**Short Tender Call Notice for inviting Request for Proposal (RFP)**
**RFP identification No.01 of 2025-26**
**No. 2491 (Estg.) Bhubaneswar the 13th May-2025**
**No.B-126** : The Chief Construction Engineer, Central(R&B) Circle Bhubaneswar on behalf of the Governor of Odisha invites proposals in double cover(online) from eligible, reputed and qualified service providing organisations/Institutions for "Providing Infrastructure and facilitates for imparting Induction Training Programme to Newly recruited Junior Engineers(Civil), Works Department, Government of Odisha for the year 2025-26". This invitation is open to all Service Providing Agencies (SPAs) meeting the minimum eligibility criteria mentioned in the "RFP / Bid Documents". The interested organisations can download in the e-procurement website i.e.:https://tendersorissa.gov.in and submit their bid documents through online mode only. The details of bid documents will be available in the above website from **5.00 P.M. of 16.05.2025 to 4.00 P.M. of 26.05.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 26.05.2025** in the Office of the Chief Construction Engineer, Central (R&B) Circle Bhubaneswar. A Pre bid meeting will be held on 19.05.2025 at 11.00 A.M. in the Office of the Engineer-in-Chief(Civil-cum-Roads) Nirman Soudha, Odisha, Bhubaneswar for any clarification. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
Sd./- Er. M.K.Mahananda
Chief Construction Engineer
OIPR-34156/11/0030/2526 Central (R&B) Circle, Bhubaneswar

See Career Appointment on every Wednesday & Saturday

**GOVERNMENT OF ODISHA** No.B-120
**OFFICE OF THE SUPERINTENDING ENGINEER**
ଓଡିଶା ସରକାର **JHARSUGUDA (R&B) DIVISION, JHARSUGUDA**
E-mail ID: eepwdjsg2014@gmail.com
Telephone:06645-271242, Kalimandir Road, Jharsuguda, 768202
**"e" Procurement Notice**
**Bid Identification No.S.E. R&B-JSG-01 of 2025-26**

| | | | |
|---|---|---|---|
| 1. | The Superintending Engineer, Jharsuguda (R&B) Division on behalf of Governor of Odisha inviting percentage rate bid in **Double & Single Cover** system on ONLINE mode from eligible contractors for Construction of **Building Works (Civil+El)/ Electrical Works/ AMC for fire fighting/AMC for Lift Works as detailed in DTCN.** | | |
| 2. | Nature of Work | :- | **Building Works (Civil+El)/ Electrical Works/ AMC for fire fighting/ AMC for Lift Works** |
| 3. | Estimated Cost | :- | Rs.9.56 Lakhs to Rs.79.00 Lakhs |
| 4. | No. of Work | :- | 06 (Six) Nos. |
| 5. | Tender Cost | :- | Rs.10000/- & Rs.4000.00 & Rs.6000.00 (as per DTCN) |
| 6. | Class of Contractor | :- | Sl.No.-1 - "B" Class, Sl.No.2- Authorized Manufacture/ Distributer/ MV/HT Sl.No.3- Specialized Agency with associated electrical contractor having valid license (MV/HT), Sl.No. 4 & 5- HT, Sl.No.-6-MV/HT |
| 7. | Availability of bid document in the website | :- | **10.00 A.M. of 17.05.2025 to 05.00 P.M. of 30.05.2025** |
| 8. | Date of Opening of Technical Bid (Cover-I) | :- | **11.00 AM on Dt.31.05.2025** |
| 9. | The bidders have to participate in ONLINE bidding only. Further details can be seen from the website **https://tendersodisha.gov.in).** Any addendum/ Corrigendum/Cancellation of tender can also be seen in the said website. | | |

Sd./- Superintending Engineer
OIPR-34094/11/0023/2526 Jharsuguda (R&B) Division

**NOTICE INVITING TENDER**
**Office of District Manager**
**Odisha State Civil Supplies Corporation Ltd.**
**(OSCSC), Subarnapur**
No.CAD-406 Phone: 7092925898
**TENDER No-794, Dated 13.05.2025**
**Cost of Tender Document: Rs.11800/- Inclusive of GST.**
**Online Tenders are invited from eligible bidders for selection and appointment of level-I transport contractor for transporation of Wheat from Food Storage Depot (FSD), FCI to Rice Receiving Centre (RRC).**

| | | |
|---|---|---|
| 1 | Availability of tender documents | From Date: **13.05.2025, At-5.00 PM** Downloadable from website: www.oscsc.in, www.foododisha.in & www.tendersodisha.gov.in. |
| 2 | Date, Time and Venue for pre-bid conference | On Dt.**14.05.2025, At-11.00 AM** Place- Conference Hall of Collectorate, Subarnapur |
| 3 | Last date and time for **online** submission of completed Tender documents with enclosures | Through e-Procurement Portal: www.tendersodisha.gov.in Upto **5.00 PM of dt.22.05.2025** |
| 4 | Date, Time and Venue for opening of Technical bid by the Tender Committee | On **dt.23.05.2025 at 11.30 A.M.** Place Conference Hall of Collectorate, Subarnapur |
| 5 | Date, Time and Venue of submission of original documents in support of scanned copies uploaded in the portal for verification | On dt.**23.05.2025**, at **11.30 A.M.** Place- Conference Hall of Collectorate, Subarnapur |
| 6 | Date & Time of Financial Bid opening by the Tender Committee (only of Technically Qualified Bidders) | To be announced after technical bid evaluation |
| 7 | Venue of the Opening of Technical & Financial Bids | Conference Hall of Collectorate, Subarnapur |
| 8 | Validity Period | Tenders are to remain open for acceptance for 15 days inclusive of date of opening of tender. Note: The Managing Director, OSCSC Ltd., Bhubaneswar may at his discretion extend this day by 14 (Fourteen) days and such extension shall be binding on the bidders |
| 9 | Language of the Tender | The tender should be prepared by the bidder in English language only. |
| 10 | Help Desk Telephone No. | **(i) OSCSC Ltd.** District Manager: No.- 9437068432 Accounts Head No. 7092925898 **(ii) State Procurement Cell: 0674-2530998/ 18003456765** |

By Order of Collector
Sd./- District Manager
OIPR-07030/11/0011/2526 OSCSC Ltd., Subarnapur

# ଆର୍‌ସିବିରେ ଯୋଗଦେଲେ ଡାଭିଡ୍, ଶେଫର୍ଡ

**ବେଙ୍ଗାଲୁରୁ, ୧୫।୫**

ଚଳିତ ମାସ ୧୭ରୁ ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫ର ଅବଶିଷ୍ଟାଂଶ ଆରମ୍ଭ ହେବାକୁ ଯାଉଥିବାବେଳେ ବିଭିନ୍ନ ଦଳରେ ବିଦେଶୀ ଖେଳାଳିମାନେ ଯୋଗ ଦେବାରେ ଲାଗିଛନ୍ତି। ଚଳିତ ସିଜନରେ ସଫଳତାର ସହ ଫିନିସରର ଭୂମିକା ତୁଲାଇଥିବା ଅଷ୍ଟ୍ରେଲିଆର ଟିମ୍ ଡାଭିଡ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳରେ ଯୋଗ ଦେଇଛନ୍ତି। ତାଙ୍କ ସହ ଅଲ୍‌ରାଉଣ୍ଡର ରୋମାରିଓ ଶେଫର୍ଡ ଓ ଲୁନ୍‌ଗି ଏନ୍‌ଗିଡି ମଧ୍ୟ ଆସିଛନ୍ତି। ଏହା ବ୍ୟତୀତ ଜ୍ୟାକବ ବେଥେଲ, ଲିଆମ ଲିଭିଂଷ୍ଟୋନ ଓ ଫିଲ୍ ସଲ୍ଟ ଉପଲବ୍ଧ ହେବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ତେବେ ବେଥେଲ ମାତ୍ର ୨ଟି ମ୍ୟାଚ ପାଇଁ ଉପଲବ୍ଧ ହେବେ। ମେ ୨୩ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆରସିବିର ହୋମ୍ ଗେମ୍ ପରେ ସେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। କାରଣ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ସେ ଇଂଲଣ୍ଡ ଦଳରେ ସାମିଲ ଅଛନ୍ତି। ଏହାଦ୍ୱାରା ସେ ଆରସିବିର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଖେଳିପାରିବେ ନାହିଁ। ତେବେ ସଲ୍ଟ ଟୁର୍ନାମେଣ୍ଟ ଶେଷ ପର୍ଯ୍ୟନ୍ତ ରହିବେ। କାରଣ ସେ କେବଳ ଇଂଲଣ୍ଡ ଟି୨୦ ଦଳରେ ସାମିଲ ଅଛନ୍ତି। ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟି୨୦ ସିରିଜ ଜୁନ୍ ୬ରେ ଡରହାମଠାରେ ଆରମ୍ଭ ହେବ। ଆଇପିଏଲ୍ ଜୁନ୍ ୩ରେ ସରୁଥିବାରୁ ସେ ଅବଶିଷ୍ଟ ମ୍ୟାଚଗୁଡ଼ିକ ଖେଳିବାରେ ଅସୁବିଧା ନାହିଁ।

ଅନ୍ୟପକ୍ଷରେ ଶେଫର୍ଡ କେବେ ପର୍ଯ୍ୟନ୍ତ ଉପଲବ୍ଧ ହେବେ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ମାତ୍ର ୧୪ ବଲ୍‌ରୁ ୫୩ ରନ କରିଥିବା ଏହି ୩୦ ବର୍ଷୀୟ ଅଲ୍‌ରାଉଣ୍ଡର ୱେଷ୍ଟଇଣ୍ଡିଜ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ୱେଷ୍ଟଇଣ୍ଡିଜର ଆୟର୍ଲାଣ୍ଡ ବିପକ୍ଷ ସିରିଜ ମେ ୨୧ରୁ ୨୫ ଏବଂ ଇଂଲଣ୍ଡ ବିପକ୍ଷ ସିରିଜ ୨୯ରୁ ଆରମ୍ଭ ହେବ। ଏନ୍‌ଗିଡି କେବେ ପର୍ଯ୍ୟନ୍ତ ରହିବେ ତାହାକୁ ନେଇ ମଧ୍ୟ ସନ୍ଦେହ ରହିଛି। କାରଣ ସେ ଜୁନ ୧୧ରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ ହୋଇଛନ୍ତି। ମେ ୨୫ ସୁଦ୍ଧା ଦକ୍ଷିଣ ଆଫ୍ରିକା ଖେଳାଳିମାନେ ସ୍ୱଦେଶ ଫେରିବା ସମ୍ଭାବନା ରହିଛି। ଆରସିବି ଏପର୍ଯ୍ୟନ୍ତ ଖେଳିଥିବା ୧୧ ମ୍ୟାଚରୁ ୮ଟିରେ ବିଜୟୀ ହୋଇ ସାରିଛି। ଆଉ ମାତ୍ର ଗୋଟିଏ ମ୍ୟାଚ ଜିତିଲେ ଦଳ ପ୍ଲେ-ଅଫ୍ ପ୍ରବେଶ ସ୍ପଷ୍ଟ ହେବ। ଆରସିବି ଆସନ୍ତା ଶନିବାର କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ବେଙ୍ଗାଲୁରୁରେ ଖେଳିବ।



ରୋମାରିଓ ଶେଫର୍ଡ



ଟିମ୍ ଡାଭିଡ୍

## ପ୍ଲେଅଫ୍ ଖେଳିବେନି ବଟଲର

**ନୂଆଦିଲ୍ଲୀ, ୧୫।୫ (ପି.ଟି.):** ଇଂଲଣ୍ଡର ବିସ୍ଫୋରକ ଉଇକେଟକିପର ବ୍ୟାଟର ଜୋସ ବଟଲର ଗୁଜରାଟ ଟାଇଟନ୍ସ (ଜିଟି) ଲାଗି ଅନ୍ତିମ ୩ ଲିଗ୍ ମ୍ୟାଚ୍‌ରେ ଖେଳିବେ। ହେଲେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ଟି୨୦ ସିରିଜ୍ ଖେଳିବାକୁ ଥିବାରୁ ସେ ପ୍ଲେଅଫ୍ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ ନାହିଁ। ଗୁଜରାଟ ୧୧ ମ୍ୟାଚ୍‌ରେ ୧୬ ପଏଣ୍ଟ ସହ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ଗୁଜରାଟ ତା'ର ବଳକା ୩ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ମେ' ୧୮), ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (୨୨) ଓ ଚେନ୍ନାଇ ସୁପର କିଙ୍ଗ୍ସ (୨୫)କୁ ଭେଟିବ। ଏକ ରିପୋର୍ଟ ମୁତାବକ, ପ୍ଲେଅଫ୍ସ ପର୍ଯ୍ୟାୟରେ ବଟଲରଙ୍କ ସ୍ଥାନରେ ଶ୍ରୀଲଙ୍କାର ବାମହାତୀ ବ୍ୟାଟର କୁଶାଲ ମେଣ୍ଡିସ ଖେଳିବେ। ଅନ୍ୟ ଇଂଲିଶ ଖେଳାଳିଙ୍କ ମଧ୍ୟରେ ମୋଇନ ଅଲୀ(କେକେଆର୍), ଜୋଫ୍ରା ଆର୍ଚ୍ଚର (ରାଜସ୍ଥାନ), ସାମ କୁରାନ ଓ ଜେମି ଓଭରଟନ (ସିଏସ୍‌କେ) ଭାରତ ଫେରିବାକୁ ମନା କରିଛନ୍ତି।

# ସୁତଭ୍ୟ-ଅରିଜ ରନରଅପ୍



## ୧୮ ବର୍ଷରୁ କମ୍ ସିଏସ୍‌୭ ଟେନିସ

**ଭୁବନେଶ୍ୱର, ୧୫।୫ (ତପନ ସ୍ୱାଇଁ)**

ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ସିଏସ୍‌୭ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁତଭ୍ୟ କର୍ମକାର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଛତିଶଗଡ଼ର ମହମ୍ମଦ ଅରିଜ ଖାଙ୍କୁ ପାର୍ଟନର କରି ସେ ଡବଲ୍ସ ଇଭେଣ୍ଟରେ ରନରଅପ୍ ହୋଇଛନ୍ତି। ପୂର୍ବ ମ୍ୟାଚଗୁଡ଼ିକରେ ବିଜୟୀ ହୋଇ ଆସିଥିବା ସୁତଭ୍ୟ-ଅରିଜ ଯୋଡ଼ି ଫାଇନାଲରେ ଛତିଶଗଡ଼ ଯୋଡ଼ି ଅର୍ନବ ଚୌଧାରୀ ଓ ଇମନ ଭଟଙ୍କଠାରୁ ୪-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ସିଙ୍ଗଲ୍ସରେ ସୁତଭ୍ୟ ସେମିଫାଇନାଲରେ ନିଜ ଡବଲ୍ସ ପାର୍ଟନର ଅରିଜଙ୍କଠାରୁ ୨-୬, ୨-୬ ସେଟ୍‌ରେ ପରାଜିତ ହୋଇଥିଲେ। ସୁତଭ୍ୟଙ୍କ ପ୍ରଦର୍ଶନରେ ଦିନକୁ ଦିନ ଉନ୍ନତି ହେଉଛି। ଆଗାମୀ ଦିନରେ ସେ ଆହୁରି ଭଲ ଖେଳିପାରିବେ ବୋଲି କୋଚ୍ ସନ୍ତୋଷ ମଲିକ ଆଶା ପ୍ରକାଶ କରିଛନ୍ତି।

# ୱାର୍ଲ୍ଡ ନଂ ୧କୁ ହରାଇଲେ ଝେଙ୍ଗ୍



ଆରିନା ସାବାଲେଙ୍କାଙ୍କୁ ହରାଇବା ପରେ ଝେଙ୍ଗ୍ କ୍ୱିନୱେନ।

**ରୋମ୍, ୧୫।୫ (ଏପି)**

ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଆରିନା ସାବାଲେଙ୍କାଙ୍କୁ ୬-୪, ୬-୩ରେ ପରାସ୍ତ କରି ଚାଇନାରେ ଝେଙ୍ଗ୍ କ୍ୱିନୱେନ୍ ଇଟାଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ କୋକୋ ଗଫ୍‌ଙ୍କ ସହିତ ମୁକାବିଲା କରିବେ। ଅଲିମ୍ପିକ ଚାମ୍ପିୟନ ୨୨ ବର୍ଷୀୟ ଝେଙ୍ଗ୍ ପୂର୍ବରୁ ସାବାଲେଙ୍କାଙ୍କ ବିପକ୍ଷ ତାଙ୍କର ସମସ୍ତ ୬ଟି ଯାକ ମ୍ୟାଚରେ ପରାଜିତ ହୋଇଥିଲେ। ୮ମ ର୍‍ୟାଙ୍କିଙ୍ଗପ୍ରାପ୍ତ ଝେଙ୍ଗ୍ ତାଙ୍କର ସମସ୍ତ ୫ ବ୍ରେକ୍ ପଏଣ୍ଟ ସେଭ୍ କରିଥିଲେ। ସାବାଲେଙ୍କାଙ୍କ ସର୍ଭିସ ୩ଥର ବ୍ରେକ୍ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ମେ' ୨୫ରୁ ଫ୍ରେଞ୍ଚ ଓପନ ଆରମ୍ଭ ହେବାକୁଥିବା ବେଳେ ରୋମ୍ ହେଉଛି ଖେଳାଳିମାନଙ୍କ ପାଇଁ ଶେଷ ୱାର୍ମଅପ୍।

### ଅଲ୍‌କାରାଜ ବିଜୟୀ

ପୁରୁଷ ସିଙ୍ଗଲ୍ସରେ କାର୍ଲୋସ ଅଲ୍‌କାରାଜ ୬-୪, ୬-୪ରେ ଜ୍ୟାକ୍ ଡ୍ରାପରଙ୍କୁ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ତାଙ୍କର ୮ ବ୍ରେକ୍ ପଏଣ୍ଟ ମଧ୍ୟରୁ ୬ଟି ସେଭ କରିବାରେ ସମର୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଡାହାଣ ଗୋଡ଼ରେ ସମସ୍ୟା ଯୋଗୁ ଅଲ୍‌କାରାଜ ମାଡ୍ରିଡ୍ ଓପନରୁ ଓହରି ଯାଇଥିଲେ। ଏହି ସମସ୍ୟା ତାଙ୍କର ବାର୍ସିଲୋନା ଓପନ ଫାଇନାଲରେ ଦେଖିବାକୁ ମିଳିଥିଲା। ଅଲ୍‌କାରାଜ ପରବର୍ତ୍ତୀ ପର୍ଯ୍ୟାୟରେ ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ, ଯିଏକି କ୍ୱାର୍ଟରଫାଇନାଲରେ ଗତଥରର ଚାମ୍ପିୟନ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ୭-୬ (୧), ୬-୪ରେ ହରାଇ ଦେଇଥିଲେ।

# ଆଇପିଏଲ୍ ପ୍ଲେଅଫ୍ ଖେଳିବେନି ଦକ୍ଷିଣ ଆଫ୍ରିକା ଟେଷ୍ଟ ଖେଳାଳି

**ଜୋହାନ୍ସବର୍ଗ,୧୫।୫(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଲାଗି ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଆଇପିଏଲ୍ ପ୍ଲେଅଫ୍ ମିସ କରିବେ। କାରଣ ସେମାନଙ୍କୁ ୨୬ ତାରିଖ ସୁଦ୍ଧା ଛାଡ଼ିବା ଲାଗି ବିସିସିଆଇ ପକ୍ଷରୁ ଗୁରୁବାର ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜ ଲାଗି ଆଡଭାଇଜରି ଜାରି କରାଯାଇଛି। ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳରେ ସ୍ଥାନ ପାଇଥିବା କାଗିସୋ ରାବାଡା (ଗୁଜରାଟ ଟାଇଟନ୍ସ), ଏଡେନ ମାରକ୍ରାମ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ), ମାର୍କୋ ଜାନସେନ (ପଞ୍ଜାବ କିଙ୍ଗ୍ସ), ଟ୍ରିଷ୍ଟାନ ଷ୍ଟବ୍ସ (ଦିଲ୍ଲୀ କ୍ୟାପିଟାଲ୍ସ), ଲୁଙ୍ଗି ଏନଗିଡି (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ୱିଆମ ମୁଲ୍ଡର (ସନରାଇଜର୍ସ ହାଇଦ୍ରାବାଦ), ରିୟାନ ରିକଲଟନ ଓ କର୍ବିନ ବୋଶ୍ଚ (ମୁମ୍ବାଇ ଇଣ୍ଡିଆନ୍ସ) ଆଦି ୮ ଖେଳାଳି ଦକ୍ଷିଣ ଆଫ୍ରିକା ଦଳର ଅନ୍ୟ ଖେଳାଳିଙ୍କ ସହ ଆସନ୍ତା ୩୦ ତାରିଖରେ ୟୁକେ ଟୁର କରିବେ। ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ପ୍ରସ୍ତୁତି ଲାଗି ଅରୁଣ୍ଡେଲଠାରେ ଜିମ୍ବାୱେ ବିପକ୍ଷରେ ୩ ତାରିଖରୁ ଏକ ୱାର୍ମ-ଅପ ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇନଥିବା ଅନ୍ୟ ସମସ୍ତ ଖେଳାଳି ଓ ୱେଷ୍ଟଇଣ୍ଡିଜ ଖେଳାଳି ଆଇପିଏଲ୍ ଶେଷ ପର୍ଯ୍ୟନ୍ତ ଖେଳିବେ।

# ଖେଳାଳିଙ୍କୁ ସମ୍ବର୍ଦ୍ଧିତକଲେ କ୍ରୀଡ଼ାମନ୍ତ୍ରୀ



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସଫଳତା ହାସଲ କରିଥିବା ଖେଳାଳିମାନଙ୍କ ସହ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଭୁବନେଶ୍ୱର,୧୫।୫ (ଅନାଦି କର)**

ଖେଲୋ ଇଣ୍ଡିଆ ୟୁଥ ଗେମ୍ସ-୨୦୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶା ମହିଳା ଓ ପୁରୁଷ ହକି ଦଳ ଏବଂ ପୁରୁଷ ଫୁଟବଲ ଦଳର ଖେଳାଳିଙ୍କୁ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଓଡ଼ିଶା ପୁରୁଷ ଫୁଟବଲ ଦଳ ରୌପ୍ୟ ପଦକ ହାସଲ କରିଥିଲା।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂରଜ କହିଛନ୍ତି ଯେ, ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଉଚ୍ଚକୋଟୀରର ପ୍ରଦର୍ଶନ ବଳରେ ଆମ କ୍ରୀଡ଼ାବିତମାନେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ। ଆଗକୁ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆମ କ୍ରୀଡ଼ାବିତମାନଙ୍କର ବିଜୟର ଯାତ୍ରା ଜାରି ରହୁ। ଏଥିସହ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ପାଇଁ ଦଳର ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା। ଦେଶକୁ ଶାସନ କରିବା ଠାରୁ ଆରମ୍ଭ କରି ପ୍ରତିରକ୍ଷା କ୍ଷେତ୍ରରେ ଦେଶ ପାଇଁ ଲଢ଼ିବା ପର୍ଯ୍ୟନ୍ତ ମହିଳାମାନେ ସବୁଠି ନେତୃତ୍ୱ ନେଉଛନ୍ତି। ଆଜି ମହିଳା ହକି ଦଳର ସ୍ୱର୍ଣ୍ଣ ପଦକ ଓଡ଼ିଶାର ସମସ୍ତ ମହିଳା କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିଛି ଏବଂ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ମଧ୍ୟ ଯୋଗାଇଛି। ମହିଳା ହକି ଦଳର ସମସ୍ତ କ୍ରୀଡ଼ାବିତମାନଙ୍କର କଠିନ ପରିଶ୍ରମର ଫଳ ହେଉଛି ଏହି ସ୍ୱର୍ଣ୍ଣ ପଦକ। ଆଗାମୀ ଦିନରେ କ୍ରୀଡ଼ାର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବ। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୟୁକ୍ରେନିଆନ ଜମ୍ପର ମାରିନା ସସ୍‌ପେଣ୍ଡ

**ମୋନାକୋ, ୧୫।୫ (ଏପି)**

ଟେଷ୍ଟୋଷ୍ଟୋରେନ୍ ବ୍ୟବହାର ପାଇଁ ୟୁକ୍ରେନର ଜଣେ ଜଣାଶୁଣା ମହିଳା ଆଥ୍‌ଲେଟ ମାରିନା ବେଖ୍-ରୋମାନଚୁକ୍ ଏକ ଡୋପିଙ୍ଗ ମାମଲାରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିୟନଶିପ୍‌ରେ ମାରିନା ଦୁଇଥର ରୌପ୍ୟ ପଦକ ବିଜେତା। ଶୁକ୍ରବାର କାତାରର ଦୋହାଠାରେ ଡାଇମଣ୍ଡ ଲିଗ୍ ମିଟ୍ ପୂର୍ବରୁ ୟୁକ୍ରେନ ଆଥ୍‌ଲେଟଙ୍କୁ ସସ୍‌ପେଣ୍ଡ କରାଯାଇଥିବା ବିଷୟ ଘୋଷଣା କରାଯାଇଥିଲା। ମାରିନା ଗତ ଅଗଷ୍ଟ ମାସରୁ କୌଣସି ପ୍ରତିଯୋଗିତାରେ ଭାଗ ନେଇ ନାହାନ୍ତି। ପ୍ୟାରିସ ଅଲିମ୍ପିକ୍ସ ମହିଳା ଟ୍ରିପଲ ଜମ୍ପରେ ସେ ୧୧ତମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଦୋହା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଗୁରୁବାର ପ୍ରକାଶିତ ଏଣ୍ଟ୍ରି ଲିଷ୍ଟରେ ତାଙ୍କ ନାମ ଦେଖିବାକୁ ମିଳିନି। ମାରିନା ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଲଙ୍ଗ୍‌ଜମ୍ପରେ ରୌପ୍ୟ ପଦକ ଜିତିଥିଲେ ଏବଂ ୨୦୨୩ରେ ଟ୍ରିପଲ ଜମ୍ପ ରୌପ୍ୟ ହାସଲ କରିଥିଲେ। ସେ ଆହୁରି ମଧ୍ୟ ୨୦୨୨ ୟୁରୋପିଆନ ଟ୍ରିପଲ ଜମ୍ପ ଚାମ୍ପିୟନ। ଏଆଇୟୁ ଆହୁରି ମଧ୍ୟ ନେହେମିଆ କିପଗନ୍ ନାମକ ଜଣେ ଆଥ୍‌ଲେଟଙ୍କୁ ୩ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ସେ ନିଷିଦ୍ଧ ଦ୍ରବ୍ୟ ଟ୍ରମେଟ୍ରାଜିଡିନ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ସେ ନିଜ ଦୋଷ ସ୍ୱୀକାର କରିଥିଲେ।

# ଟି୨୦ ଦଳକୁ ଫେରିଲେ ଶେଫାଳି

**ନୂଆଦିଲ୍ଲୀ, ୧୫।୫ (ପିଟି.)**



ଶେଫାଳି ବର୍ମା

ଇଂଲଣ୍ଡ ଟୁର୍ ପାଇଁ ଗୁରୁବାର ଭାରତୀୟ ମହିଳା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ଦଳ ଘୋଷଣା କରାଯାଇଛି। ଆକ୍ରମଣାତ୍ମକ ବ୍ୟାଟର ଶେଫାଳି ବର୍ମା ୭ ମ୍ୟାଚ ପରେ ଦଳକୁ ଫେରିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ଜୁନ୍ ୨୮ରୁ ଟ୍ରେଣ୍ଟ ବ୍ରିଜ୍‌ରେ ଆରମ୍ଭ ହେବ। ଫର୍ମରେ ନ ଥିବାରୁ ଶେଫାଳି ୨୦୨୪ ଅକ୍ଟୋବରରୁ ଭାରତୀୟ ଦଳରେ ନ ଥିଲେ। ସେ କିନ୍ତୁ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଘୋଷଣା କରାଯାଇଥିବା ଅନ୍ତର୍ଜାତୀୟ ଦିନିକିଆ ଦଳରେ ସ୍ଥାନ ପାଇ ନାହାନ୍ତି। ସମ୍ଭବତଃ ଏହି ସିଜନର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳି ୯ଟି ମ୍ୟାଚରୁ ମୋଟ ୩୦୪ ରନ ସଂଗ୍ରହ କରିଥିବାରୁ ତାଙ୍କୁ ଟି୨୦ ଦଳରେ ସ୍ଥାନ ମିଳିଛି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୫୨ ରହିଥିବା ବେଳେ ଡବ୍ଲ୍ୟୁପିଏଲ୍‌ରେ ନାଟ୍ ସ୍କିଭର ବ୍ରଣ୍ଟ,ଏଲିସ୍ ପେରୀ ଓ ହେଲି ମାଥ୍ୟୁସଙ୍କ ପଛକୁ ଟୁର୍ନାମେଣ୍ଟରେ ଚତୁର୍ଥ ସର୍ବାଧିକ ରନ ସ୍କୋରର ବ୍ୟାଟର ବିବେଚିତ ହୋଇଥିଲେ। ଭାରତୀୟଙ୍କ ମଧ୍ୟରେ ସେ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିଲେ। ଦଳକୁ ଫେରିଥିବା ଅନ୍ୟ ଜଣେ ଖେଳାଳି ହେଲେ ଉଇକେଟକିପର ଯଷ୍ଟିକା ଭାଟିଆ। ଓମେନ୍ସ ବିଗ୍ ବାଶ୍ ଲିଗ୍ ବେଳେ ରିଷ୍ଟ ଇଞ୍ଜୁରୀ ଯୋଗୁ ସେ ଗତ ନଭେମ୍ବରରୁ ଖେଳରୁ ଦୂରେଇ ରହିଥିଲେ। ଯଷ୍ଟିକା କିନ୍ତୁ ଉଭୟ ଟି୨୦ ଓ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ରିଚା ଘୋଷ ଉଭୟ ଦଳରେ ଉଇକେଟକିପର ଭାବେ ସ୍ଥାନ ପାଇଛନ୍ତି। ଇଂଲଣ୍ଡ ଟୁର୍ ପାଇଁ ଭାରତ ୧୫ ଜଣିଆ ଟି୨୦ ଦଳ ଘୋଷଣା କରିଥିବା ବେଳେ ୧୬ ଜଣିଆ ଦିନିକିଆ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଉଭୟ ଦଳର ଅଧିନାୟିକା ନିଯୁକ୍ତ କରାଯାଇଥିବା ବେଳେ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି କରାଯାଇଛି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜରେ ମହିଳା ଅନ୍ତର୍ଜାତୀୟ ଦିନିକିଆରେ ଦ୍ରୁତ ୫୦୦ ରନ ସଂଗ୍ରହ କରି ବିଶ୍ୱ ରେକର୍ଡ କରିଥିବା ସ୍ୱଳ୍ପ ବୟସ୍କା ଓପନର ପ୍ରତୀକା ରାୱଲଙ୍କୁ ୫୦ ଓଭର ବିଶିଷ୍ଟ ଦଳରେ ସାମିଲ କରାଯାଇଛି। ରାୱଲ ଇଂଲଣ୍ଡର ଚାର୍ଲୋଟ ଏଡୱାର୍ଡ୍ସଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏଡୱାର୍ଡ୍ସ ୯ଟି ଇନିଂସରେ ୫୦୦ ରନ ପୂରଣ କରିଥିବା ବେଳେ ରାୱଲ ଏହି ସଫଳତା ୮ଟି ମ୍ୟାଚରେ ହାସଲ କରିଥିଲେ। ଇଂଲଣ୍ଡ ଟୁର୍ ୫ଟି ଅନ୍ତର୍ଜାତୀୟ ଟି୨୦ ସହ ଆରମ୍ଭ ହେବ। ପରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ସାଉଥାମ୍ପଟନ, ଲଣ୍ଡନ ଓ ଚେଷ୍ଟର ଲି-ଷ୍ଟ୍ରିଟ୍‌ରେ ଜୁଲାଇ ୧୬ରୁ ଆରମ୍ଭ ହେବ।

**ଭାରତୀୟ ମହିଳା ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଯଷ୍ଟିକା ଭାଟିଆ (ଉଇକେଟକିପର), ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ସୁଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼ ଓ ସାୟଲି ସାତ୍‌ଘରେ।

**ଭାରତୀୟ ମହିଳା ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଯଷ୍ଟିକା ଭାଟିଆ (ଉଇକେଟକିପର), ତେତାଲ ହାସାବନିସ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ସୁଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତୀ ଗୌଡ଼ ଓ ସାୟଲୀ ସାତ୍‌ଘରେ।

# ସିଦ୍ଧିବିନାୟକ ମନ୍ଦିର ବୁଲିଲେ ଗମ୍ଭୀର



ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରରେ ସ୍ତ୍ରୀ ନତାଶାଙ୍କ ସହ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

**ନୂଆଦିଲ୍ଲୀ,୧୫।୫**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଗୁରୁବାର ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିରରେ ଗମ୍ଭୀର ଓ ତାଙ୍କ ପତ୍ନୀ ନତାଶା ପୂଜା କରିଥିଲେ। ଗମ୍ଭୀର ଏହି ପରିଦର୍ଶନର ଫଟୋ ଟୁଇଟ୍ କରିଛନ୍ତି। ଆଗାମୀ ଇଂଲଣ୍ଡ ଟୁରରୁ ଆରମ୍ଭ ହେଉଥିବା ଭାରତୀୟ ଟେଷ୍ଟ ଦଳର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ପାଇଁ ଗମ୍ଭୀର ମୁମ୍ବାଇରେ ଅଛନ୍ତି।

# ଯଶ ବଢ଼ାଇଲେ ହର୍ଷବର୍ଦ୍ଧନ

**ଓଡ଼ିଶାର ଭାରୋତ୍ତୋଳନ ପ୍ରତିଭା ହର୍ଷବର୍ଦ୍ଧନ ସାହୁ ଜାତୀୟ ସ୍ତରରେ ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟର ଯଶ ବୃଦ୍ଧି କରିଛନ୍ତି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତି ୨ଟି ଜାତୀୟ ରେକର୍ଡର ଅଧିକାରୀ ହେବା ସହ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି।**

–ପ୍ରସ୍ତୁତି: ତପନ ସ୍ୱାଇଁ

ବିହାରର ରାଜଗିରଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟରେ ଚମକପ୍ରଦ ପ୍ରଦର୍ଶନ କରି ଯଶ ବଢ଼ାଇଛନ୍ତି ହର୍ଷବର୍ଦ୍ଧନ ସାହୁ। ସେ ଯେ କେବଳ ୪୯ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ ତା' ନୁହେଁ ବିଭିନ୍ନ ଓଜନ ବର୍ଗରେ ଅଂଶଗ୍ରହଣକାରୀ ୪୦ ପ୍ରତିଯୋଗୀଙ୍କ ମଧ୍ୟରେ ୩୯ ଜଣଙ୍କୁ ପଛରେ ପକାଇ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଫଳରେ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେବା ସହ ଓଡ଼ିଶାରେ ଭାରୋତ୍ତୋଳନର ଉତ୍ଥାନକୁ ସୂଚିତ କରିଛନ୍ତି।

ହର୍ଷବର୍ଦ୍ଧନ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ଉତ୍ତୋଳନ କରିଥିଲେ। ସେ ମୋଟ ୨୦୩ କେଜି ଭାର ଉଠାଇ ଐତିହାସିକ ସଫଳତା ପାଇଥିଲେ। ୪୯ କିଗ୍ରା ବର୍ଗରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଏବଂ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ୨୦୨୪ରେ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ପୂର୍ବରୁ ରେକର୍ଡର ଅଧିକାରୀ ଥିଲେ।

ମା' ରାଜଲକ୍ଷ୍ମୀ ଓ ବାପା ଧନେଶ୍ୱର ସାହୁଙ୍କ ସୁପୁତ୍ର ହର୍ଷବର୍ଦ୍ଧନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ୨୦୨୨ରୁ ଆରମ୍ଭ ହୁଏ ତାଙ୍କର ଜିଲା ଏବଂ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ଅଭିଯାନ। ୨୦୨୨ ସେପ୍ଟେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ଭାରୋତ୍ତୋଳନରେ ସେ ପ୍ରଥମସ୍ଥାନ ଅଧିକାର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ନଭେମ୍ବରରେ ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ଭାରୋତ୍ତୋଳନରେ ସ୍ୱର୍ଣ୍ଣ, ୨୦୨୩ ମାର୍ଚ୍ଚରେ ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ସ୍କୁଲ୍ ଭାରୋତ୍ତୋଳନରେ ପ୍ରଥମ ସ୍ଥାନ ଏବଂ ୨୦୨୪ ଅଗଷ୍ଟରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଭାରୋତ୍ତୋଳନ ଏକାଡେମୀରେ ଆୟୋଜିତ ୭୧ତମ ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିଲେ। ସେହିପରି ୨୦୨୨ରେ ତାଙ୍କର ଜାତୀୟ ସ୍ତରର ଅଭିଯାନ ଆରମ୍ଭ ହୁଏ। ୨୦୨୨ ଡିସେମ୍ବରରେ ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନର ୪୯ କେଜି ବର୍ଗରେ ସେ ଯଦିଓ ୭ମ ସ୍ଥାନରେ ରହିଥିଲେ ତେବେ ଏଠାରେ ଆହରଣ କରିଥିବା ଅଭିଜ୍ଞତା ତାଙ୍କୁ ଭବିଷ୍ୟତରେ ବହୁ ସହାୟକ ହୋଇଥିଲା। ୨୦୨୩ ଡିସେମ୍ବରରେ ଅରୁଣାଚଳ ପ୍ରଦେଶର ଇଟାନଗରରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଲ୍ଏଫ୍ ଜାତୀୟ ପ୍ରତିଯୋଗିତାରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୨୪ ଅକ୍ଟୋବରରେ ହିମାଚଳ ପ୍ରଦେଶରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏବେ ବିହାରରେ ଅନୁଷ୍ଠିତ ଜାତୀୟ ୟୁଥ୍ ଗେମ୍ସରେ ସେ ୨ଟି ଜାତୀୟ ୟୁଥ୍ ରେକର୍ଡ ସହ ସ୍ୱର୍ଣ୍ଣ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି। କେବଳ ରାଜ୍ୟ କିମ୍ବା ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ଉପସ୍ଥିତି ଜାହିର କରିସାରିଛନ୍ତି ହର୍ଷବର୍ଦ୍ଧନ। ୨୦୨୫ ଏପ୍ରିଲ ୩୦ରେ ପେରୁର ଲିମାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ୱାର୍ଲ୍ଡ ୟୁଥ୍ ଆଣ୍ଡ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୯ କେଜି ବର୍ଗରେ ସେ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୮୭ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୦ ଏହିପରି ମୋଟ ୧୯୭ କେଜି ଉତ୍ତୋଳନ କରି ପୋଡିୟମ ମଣ୍ଡନ କରିଥିଲେ।

ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସବୁ ଓଜନ ବର୍ଗର ପ୍ରତିଯୋଗିତା ଶେଷରେ ହର୍ଷବର୍ଦ୍ଧନ ୭୫୪.୧୦୮ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏକ୍ଷେତ୍ରରେ ସେ ଦ୍ୱିତୀୟ ସ୍ଥାନରେ ରହିଥିବା ମହାରାଷ୍ଟ୍ରର ଯଶ ଖଣ୍ଡାଗଲେ (୭୩୫.୭୮୨ ପଏଣ୍ଟ)ଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ପୁଣେର ସୁନୀଲ ସିଂ ୭୧୧.୩୫୫ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଅନ୍ୟ ଭାରୋତ୍ତୋଳକଙ୍କ ମଧ୍ୟରେ ମୁକେଶ ଗମାଙ୍ଗୋ ୪୩୫.୫୧୪ ପଏଣ୍ଟ ସହ ୨୩ତମ ସ୍ଥାନରେ ରହିଥିଲେ। ସେହିପରି ମହିଳା ବର୍ଗରେ ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ୪୦ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଜ୍ୟୋତ୍ସ୍ନା ଶବର ୭୧୪.୩୭୮ ପଏଣ୍ଟ ସହ ଓଭରଅଲ୍ ରନରଅପ୍ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ମୀନା ସାନ୍ତା ୬୮୯.୦୪୭ ପଏଣ୍ଟ ସହ ୪ର୍ଥରେ ରହିଥିବାବେଳେ ଟିକି ମୋହିନୀ ମଲିକ ୩୬୪.୮୨୦ ପଏଣ୍ଟ ସହ ୨୫ତମ ସ୍ଥାନ ହାସଲ କରିଛନ୍ତି। ମୀନା ସାନ୍ତା ୫୫ କେଜି ଏବଂ ଟିକି ମୋହିନୀ ୬୪ କେଜି ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ମହିଳା ବର୍ଗରେ ମଧ୍ୟ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।





ହର୍ଷବର୍ଦ୍ଧନ ଓ କୋଚ୍ କେ. ରବି କୁମାର

### ସଂକ୍ଷେପରେ...

ନାମ: ହର୍ଷବର୍ଦ୍ଧନ ସାହୁ
ଜନ୍ମ: ୨୨ ମେ'୨୦୦୯
ଘର: ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ପରିବାର: ମା–ରାଜଲକ୍ଷ୍ମୀ ସାହୁ, ବାପା–ଧନେଶ୍ୱର ସାହୁ
କୋଚ୍: ଜିତେନ୍ଦ୍ର କୁମାର ସାହୁ
ଘରୋଇ କ୍ଲବ/ଏକାଡେମୀ: ଶ୍ରୀ ଶଙ୍କର ଫିଜିକାଲ ଆଣ୍ଡ କଲ୍‌ଚରାଲ କ୍ଲବ, ବ୍ରହ୍ମପୁର। ବର୍ତ୍ତମାନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ।

"ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜାତୀୟ ରେକର୍ଡ ସୃଷ୍ଟି କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। ପେରୁରେ ବ୍ରୋଞ୍ଜ ପଦକ ଜିତିବା ପରେ ମୁଁ ଟ୍ରେନିଂ ପାଇଁ ଅଧିକ ସମୟ ପାଇ ନ ଥିଲି। ଏହା ସତ୍ତ୍ୱେ ପୂରା ଫୋକସ ରଖି ମୁଁ ଏହି ସଫଳତା ପାଇଛି –ହର୍ଷବର୍ଦ୍ଧନ ସାହୁ"

---

### ଅବସର

ଆଧୁନିକ କ୍ରିକେଟରେ ସବୁଠାରୁ
ସେ ସଫଳ କ୍ରିକେଟର
ବିରାଟ କୋହଲି ଟେଷ୍ଟ କ୍ରିକେଟରୁ
ନେଇଛନ୍ତି ଅବସର
ଆମ ୱିସ୍ ଘେନା କର
ଏଥି ସହ ତାଙ୍କ ଚଉଦ ବର୍ଷର
ଶେଷ ଲମ୍ବା କ୍ୟାରିୟର।

ଟି ଟୋଣ୍ଟି ପରେ ଟେଷ୍ଟ କ୍ରିକେଟକୁ
କରିଦେଲା ଅଲବିଦା
ଟିମ ଇଣ୍ଡିଆର ମାଇଲଖୁଣ୍ଟ ସେ
ରଚିଅଛି ହିଷ୍ଟ୍ରି ଜ୍ୟାଦା
ବୁଲାଇ ବ୍ୟାଟ ଗଦା
ତିନି ୱାର୍ଲଡ କପ ବିଜେତା ହୋଇଛି
ଟିମ ପାଇଁ ଲଢେ ସଦା।



ପିଲାଟିଏ ଜନ୍ମ ହେଲେ ପରିବାରେ
ପ୍ୟାରେଣ୍ଟ ହୁଅନ୍ତି ଖୁସି
ସେ ପରିବାରରୁ ଜଣେ ମରିଗଲେ
ସଂସାର ଟା ଯାଏ ଭାସି
ବି ପଜିଟିଭ ଶଶୀ
ଜଏନର ସୁଖ ଅବସରରେ ନିଅ
ଅଲୱେଜ ହସି ହସି।

–ସୁବାସ ଚନ୍ଦ୍ର ପ୍ରଧାନ

# ରୋ–କୋ ଅବସର



ନିର୍ମଳ କୁମାର ମିଶ୍ର

**ଭାରତୀୟ କ୍ରିକେଟରେ 'ରୋ–କୋ' ଭାବେ ପରିଚିତ ରୋହିତ ଶର୍ମା ଓ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ଭାରତୀୟ ଟେଷ୍ଟ କ୍ରିକେଟକୁ ଲାଗିଛି ଡବଲ ଝଟକା। ଏ ଦୁହିଁଙ୍କ ଅନୁପସ୍ଥିତିରେ ଯୁବ ବ୍ୟାଟରମାନେ ଇଂଲଣ୍ଡ ମାଟିରେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ...**

ଭାରତୀୟ କ୍ରିକେଟରେ 'ରୋ–କୋ' ଭାବେ ପରିଚିତ ରୋହିତ ଶର୍ମା ଓ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ଭାରତୀୟ ଟେଷ୍ଟ କ୍ରିକେଟକୁ ଲାଗିଛି ଡବଲ ଝଟକା। ପୂର୍ବରୁ ସୋସିଆଲ ମିଡିଆରେ ଯାହାକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା ବାସ୍ତବରେ ତାହା ହିଁ ହେଲା। ଏବେ ଆଇପିଏଲ୍‌ର ବାକିଥିବା ମ୍ୟାଚଗୁଡିକ ଖେଳାଯିବା ପରେ ଖୁବ୍ ଶୀଘ୍ର ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା କରିବ ବିସିସିଆଇ। କିଛି ବର୍ଷ ହେବ ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରାଙ୍କୁ ଟେଷ୍ଟ ଦଳରେ ଦେଖିବାକୁ ମିଳୁ ନ ଥିଲା। ପରେ ଭାରତର ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନୀ ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସିନିୟର ଖେଳାଳିଙ୍କ ମଧ୍ୟରେ ବର୍ତ୍ତମାନର ଶ୍ରେଷ୍ଠ ପେସ୍ ବୋଲର ଯଶପ୍ରୀତ ବୁମରା ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଆଘାତପ୍ରାପ୍ତ ହେବା ଫଳରେ ଭାରତକୁ ବହୁମୂଲ୍ୟ ଦେବାକୁ ପଡିଲା। ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା ଟିମ୍ ଇଣ୍ଡିଆ। ଯଶପ୍ରୀତ ବୁମରାଙ୍କ ନେତୃତ୍ୱରେ ପର୍ଥ ଟେଷ୍ଟକୁ ୨୯୫ ରନ୍‌ରେ ଜିତିବା ପରେ ଅନ୍ୟ ୪ଟି ମ୍ୟାଚରେ ଭାରତର ବିଫଳତା ଯୋଗୁ ସିନିୟର ଖେଳାଳିଙ୍କୁ ବେଶ୍ ସମାଲୋଚନା କରାଯାଇଥିଲା। ଏଥିପାଇଁ ବିସିସିଆଇ ଟିମ୍ ମ୍ୟାନେଜମେଣ୍ଟ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲା। ଏବେ ପ୍ରଶ୍ନ ଉଠୁଛି ଯେ ଏହି ଦୁଇ ସିନିୟରଙ୍କ ସ୍ଥାନ କେଉଁ ଯୁବ ଖେଳାଳି ନେବେ। ଏହି ଦୁଇ ଖେଳାଳି ଗୋଟିଏ ସମୟରେ କ୍ରିକେଟର ୩ ଫର୍ମାଟରେ ଭାରତର ଅଧିନାୟକ ରହିଥିଲେ। ଭାରତ ଏମାନଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲା। ୧୩ବର୍ଷ ବ୍ୟବଧାନ ପରେ ରୋହିତ ନିଜ ନେତୃତ୍ୱରେ ଆଇସିସି ଟ୍ରଫି ଜିତାଇବାକୁ ସକ୍ଷମ ହୋଇଥିଲେ। ହ୍ୱାଇଟ ବଲ ଓ ରେଡ୍ ବଲ୍ କ୍ରିକେଟ ମଧ୍ୟରେ ଏକ ବଡ ବ୍ୟବଧାନ ରହିଛି। ଏମାନଙ୍କ ଅନୁପସ୍ଥିତିରେ ଯୁବ ଦଳ ଉପରେ ବିସିସିଆଇ ଆସ୍ଥା ପ୍ରକଟ କରିବ ନିଶ୍ଚିତ। ତେବେ ଇଂଲଣ୍ଡର ଗ୍ରୀନ୍ ଟର୍ଫ ଓ ସୁଇଙ୍ଗ କଣ୍ଡିଶନ ସହିତ ହଠାତ୍ ଖାପ ଖୁଆଇ ଖେଳିବା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ପେସ୍ ବୋଲର ଚୟନରେ ଅସୁବିଧା ହୋଇ ନ ପାରେ। ଯଶପ୍ରୀତ୍ ବୁମରା, ମହମ୍ମଦ ସିରାଜ, ମହମ୍ମଦ ଶାମି, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ ଇଂଲଣ୍ଡ ଗସ୍ତ କରିପାରନ୍ତି। ମାତ୍ର ଯୁବ ବ୍ୟାଟର୍ସମାନେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ। ଆଶା କରାଯାଉଛି ଶୁବମନ୍ ଗିଲ୍ ଏହି ସିରିଜ ପାଇଁ ଅଧିନାୟକ ହୋଇପାରନ୍ତି। ବିରାଟ ଓ ରୋହିତଙ୍କ ଅନୁପସ୍ଥିତିରେ ଫର୍ମରେ ଥିବା ଯୁବ ବ୍ୟାଟର ରଜତ ପଟିଦାର, ସାଇ ସୁଦର୍ଶନ ଓ ସବୁଠାରୁ ସଫଳ ରେଡ୍ ବଲ ବ୍ୟାଟର କରୁଣ ନାୟାର ସୁଯୋଗ ପାଇପାରନ୍ତି। ଏକଥା ସତ ଯେ ବିରାଟ କୋହଲିଙ୍କ ପରି ଖେଳାଳି ଭାରତୀୟ କ୍ରିକେଟକୁ ହଠାତ୍ ମିଳିବେ ନାହିଁ। ଏଥିପାଇଁ ଏକ ଯୁଗର ଆବଶ୍ୟକତା ପଡିବ। ୩ଟି ଫର୍ମାଟରେ ତାଙ୍କର ଦବଦବା ଦେଖିବାକୁ ମିଳିଥିଲା। ୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ କ୍ରିକେଟରେ ପ୍ରଥମ ଶତକ ଏବଂ ସେହି ଅଷ୍ଟ୍ରେଲିଆ ବିପକ୍ଷରେ ୨୦୨୪ରେ ପର୍ଥ ଟେଷ୍ଟରେ ତାଙ୍କର ଥିଲା ଶେଷ ଶତକ। ଟେଷ୍ଟ କ୍ରିକେଟରେ ଚତୁର୍ଥ ସର୍ବାଧିକ ରନ୍ ସ୍କୋରର ଥିଲେ। ଭାରତ ଖେଳିବାକୁ ଥିବା ଇଂଲଣ୍ଡ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ୧୦ହଜାର ରନ୍ ପୂରଣ କରିବା ସହିତ କୋହଲି ଟେଷ୍ଟ କ୍ରିକେଟକୁ ଅଲ୍‌ବିଦା କରିବେ ବୋଲି ଆଶା କରାଯାଉଥିଲା। ମାତ୍ର କୋହଲି ହେଉଛନ୍ତି ଅସଲ କିଙ୍ଗ୍। ତାଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭିନ୍ନ। ଟେଷ୍ଟ କ୍ରିକେଟର ୩୦ ଶତକ ମଧ୍ୟରୁ ସର୍ବାଧିକ ୯ଟି ଶତକ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିବା ତାଙ୍କର ବ୍ୟାଟିଂ ଦକ୍ଷତାର ପରିଚୟ ଦିଏ।

ତାଙ୍କ ଅନୁପସ୍ଥିତିରେ ଟେଷ୍ଟ କ୍ରିକେଟର ରୋମାଞ୍ଚ କମିବ। ୨୦୧୧ରୁ ଭାରତୀୟ ଟେଷ୍ଟ କ୍ରିକେଟକୁ ଏକ ନୂତନ ସୋପାନରେ ପହଞ୍ଚାଇବାରେ ତାଙ୍କର ଅବଦାନ ଅତୁଳନୀୟ ରହିଥିଲା। ୨୦୧୩ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଯେଉଁ ଯୁବଦଳ ଗଠନ କରି ବିଦେଶ ମାଟିରେ ଗୋଟିଏ ପରେ ଗୋଟିଏ ଟେଷ୍ଟ ସିରିଜ ଜିତିବାକୁ ଆରମ୍ଭ କଲା, ସେତେବେଳେ ଯୁବ ତାରକାମାନଙ୍କ ମଧ୍ୟରେ ତାଙ୍କର ଅବଦାନ ଅବିସ୍ମରଣୀୟ ରହିଥିଲା। ୨୦୧୬ରୁ ୨୦୧୯ ତାଙ୍କ କ୍ୟାରିୟରର ସୁବର୍ଣ୍ଣ ସମୟ ଥିଲା। ଏଥିରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ୬୯୨ ରନ୍ ସଂଗ୍ରହ ସହିତ ୪ଟି ଶତକ ରହିଥିଲା। ୨୦୧୯ରୁ ୨୦୨୨ ତାଙ୍କ କ୍ୟାରିୟରର ସବୁଠାରୁ ଖରାପ ବର୍ଷ ଥିଲା। ଆଭରେଜ ଆଶାତୀତ ଭାବେ କମିଥିଲା। ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିଲା। ଅନେକ ସମାଲୋଚନା କରାଗଲା। ଅଧିନାୟକ ପଦ ଛାଡିବାକୁ ପଡିଲା। ତା'ପରେ ରୋହିତ ଶର୍ମା ୩ଟି ଫର୍ମାଟରେ ଅଧିନାୟକ ହେଲେ। ୧୨୩ଟି ଟେଷ୍ଟ ମ୍ୟାଚରେ ୯୨୩୦ ରନ୍, ସାଉଥ ଆଫ୍ରିକା ବିପକ୍ଷରେ ସର୍ବାଧିକ ୨୫୪ ନଟ ଆଉଟ୍ ଏବଂ ଏଥି ମଧ୍ୟରେ ୩୦ ଶତକ ଓ ୩୧ ଅର୍ଦ୍ଧଶତକ। ଟେଷ୍ଟ କ୍ରିକେଟରେ ଭାରତର ସବୁଠୁ ସଫଳ ଅଧିନାୟକ। ତାଙ୍କ ନେତୃତ୍ୱରେ ୬୮ଟି ଟେଷ୍ଟରୁ ଭାରତ ୪୦ଟିରେ ବିଜୟୀ ହୋଇଥିବା ବେଳେ ୧୮ଟି ହାରିଥିଲା। ନିଜର ଫିଟ୍‌ନେସ୍ ପାଇଁ ୩୬ ବର୍ଷ ବୟସରେ ମଧ୍ୟ ସେ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ। ଫ୍ୟାନ ଫଲୋୟର୍ସ ସର୍ବାଧିକ ଥିଲା। ଟେଷ୍ଟ କ୍ରିକେଟର ପୋଷ୍ଟର ବୟରୂପେ ପରିଚିତ ଥିଲେ। ତାଙ୍କର ଅନୁପସ୍ଥିତିରେ ଭାରତୀୟ ଟେଷ୍ଟ କ୍ରିକେଟ ନିଶ୍ଚିତ ରୂପେ ଲୋକପ୍ରିୟତା ହରାଇବ। ତାଙ୍କ ନିକଟରେ ଆଉ କିଛି ବର୍ଷର ଟେଷ୍ଟ କ୍ରିକେଟ ବାକି ରହିଥିଲା ଏହା ନିଶ୍ଚିତ। ତାଙ୍କ ପାଇଁ ହଠାତ୍ ଏପରି ନିଷ୍ପତ୍ତି କଷ୍ଟକର ରହିଥିବ। ତାଙ୍କର ସମସାମୟିକ ଖେଳାଳି ଇଂଲଣ୍ଡର ଜୋ ରୁଟ୍, ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଓ ପାକିସ୍ତାନର ବାବର ଆଜମ ତାଙ୍କର ଏପରି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

ସେହିପରି ରୋହିତ ଶର୍ମା ଟେଷ୍ଟ କ୍ରିକେଟକୁ ଅଲ୍‌ବିଦା ଜଣାଇବା ତାଙ୍କ ଫ୍ୟାନ୍‌ମାନଙ୍କୁ ନିରାଶ କରିଛି। ସେ ଥିଲେ ଜଣେ ବିଚକ୍ଷଣ ଅଧିନାୟକ, ଆକ୍ରମଣାତ୍ମକ ଓପନର। ୨୦୧୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ରୋହିତ ଶେଷ ଟେଷ୍ଟ ମ୍ୟାଚ ୨୦୨୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ ଯୋଗୁ ବିଭିନ୍ନ ଫର୍ମାଟରେ ଆଧିପତ୍ୟ ବିସ୍ତାର କରିଥିବା ରୋହିତ କ୍ୟାରିୟରରେ ୬୭ଟି ଟେଷ୍ଟ ମ୍ୟାଚ ଖେଳି ୧୨ ଶତକ ଓ ୧୮ଟି ଅର୍ଦ୍ଧଶତକ ସହିତ ୪୩୦୧ରନ୍ କରିଛନ୍ତି।

ଏ ଦୁଇ ଖେଳାଳିଙ୍କ ଅବସର ଭାରତୀୟ ଟେଷ୍ଟ କ୍ରିକେଟ ପାଇଁ ଅପୂରଣୀୟ କ୍ଷତି ନିଶ୍ଚିତ। ଏବେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଭାରତୀୟ ଦଳ ଏକ ଟ୍ରାନ୍‌ଜିଶନ ପିରିୟଡ ମଧ୍ୟ ଦେଇ ଗତି କରିବ। ଏବେ କେବଳ ଏକଦିବସୀୟ ଫର୍ମାଟ ଓ ଆଇପିଏଲ୍‌ରେ ଏହି ଦୁଇ ମହାନ୍ ଖେଳାଳିଙ୍କୁ ଦେଖିବାକୁ ମିଳିବ।



ବିରାଟ କୋହଲି ଓ ରୋହିତ ଶର୍ମା

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୧୬/୨୦୨୫ Bhubaneswar, Friday, May 16/ 2025

# ବିସିସିଆଇ ୨ରୁ ୩ ଅଲିମ୍ପିକ୍ ଇଭେଣ୍ଟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଚାହୁଁଛି

**ନୂଆଦିଲ୍ଲୀ,୧୫।୫:** ପ୍ରତ୍ୟେକ କ୍ରୀଡ଼ା ପାଇଁ କର୍ପୋରେଟ ସମର୍ଥିତ ସ୍ୱତନ୍ତ୍ର ସେଣ୍ଟର ଅଫ ଏକ୍ସିଲେନ୍ସ ପ୍ରତିଷ୍ଠା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଉଚ୍ଚାଭିଳାଷୀ ଯୋଜନା ରଖିଛି। ଏହି ଯୋଜନା ଅଧୀନରେ ବିସିସିଆଇ ୨ରୁ ୩ ଅଲିମ୍ପିକ୍ ଇଭେଣ୍ଟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଇଚ୍ଛା ପ୍ରକଟ କରିଛି। ଗୁରୁବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଏକ ବୈଠକରେ ବିଶ୍ୱ କ୍ରିକେଟର ସବୁଠୁ ଧନୀ ବୋର୍ଡ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ୫୮ କର୍ପୋରେଟ ହାଉସର ପ୍ରତିନିଧି ଉପସ୍ଥିତ ଥିଲେ।

ବିସିସିଆଇ ପକ୍ଷରୁ ଉପସଭାପତି ରାଜୀବ ଶୁକ୍ଳା ଏହି ବୈଠକରେ ଯୋଗଦେଇଥିଲେ। ସେ କହିଥିଲେ ଯେ, ବୋର୍ଡ ଅଲିମ୍ପିକ୍ସରେ ସାମିଲ ଥିବା ୨ରୁ ୩ ଇଭେଣ୍ଟକୁ ଆମେ ପୋଷ୍ୟ ଭାବେ ଗ୍ରହଣ କରିପାରିବୁ ଏବଂ ସେହି ଇଭେଣ୍ଟଗୁଡ଼ିକୁ ବାଛିବାର ନିଷ୍ପତ୍ତିକୁ ଆମେ ମନ୍ତ୍ରଣାଳୟ ଉପରେ ଛାଡୁଛୁ। ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ପ୍ରତ୍ୟେକ କ୍ରୀଡ଼ା ଲାଗି ଅଲିମ୍ପିକ କେନ୍ଦ୍ର ନିର୍ମାଣ କରିବାକୁ ମନ୍ତ୍ରଣାଳୟ ଯୋଜନା ରଖିଛି, ଯାହାକି ଦେଶର ୧୦୦ କିମ୍ବା ୨୦୦ ଖେଳାଳିଙ୍କୁ ଟ୍ରେନିଂ ଦେଇପାରିବ। ବର୍ତ୍ତମାନ ଭାରତରେ ୨୩ଟି ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ରହିଛି ଏବଂ ଏ ସମସ୍ତ କେନ୍ଦ୍ର ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଦ୍ୱାରା ପରିଚାଳିତ ହେଉଛି। ବିସିସିଆଇ ଅତୀତରେ ମଧ୍ୟ ଅଲିମ୍ପିକ ସ୍ପୋର୍ଟ୍ସ ଲାଗି ଆର୍ଥିକ ସହାୟତା ଯୋଗାଇଛି। ୨୦୦୮ରେ ବିସିସିଆଇ ନ୍ୟାଶନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲାଗି ୫୦ କୋଟି ଦେଇଥିଲା।

# ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପୁରସ୍କାର ରାଶି ୩.୬ ନିୟୁତ ଡଲାରକୁ ବୃଦ୍ଧି

**ଦୁବାଇ, ୧୫।୫ (ପି.ଟି.):** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ୨୦୨୫ ଟାଇଟଲ ବିଜେତାକୁ ୩.୬ ନିୟୁତ ଆମେରିକୀୟ ଡଲାର ମିଳିବ, ଯାହାକି ଗତ ସଂସ୍କରଣ ତୁଳନାରେ ଦୁଇଗୁଣାରୁ ଅଧିକ। ୨୦୨୩ରେ ଭାରତ ବିପକ୍ଷ ଫାଇନାଲ ଜିତି ଅଷ୍ଟ୍ରେଲିଆ ୧.୬ ନିୟୁତ ଡଲାର ପାଇଥିଲା। ୨୦୨୫ ଫାଇନାଲ ଜୁନ୍ ୧୧ରେ ଲର୍ଡ୍ସଠାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଏଥର ପରାଜିତ ଦଳ ୨.୧ ନିୟୁତ ଆମେରିକୀୟ ଡଲାର ପାଇବ। ଆଇସିସିର ଏହି ଇଭେଣ୍ଟର ଗତ ଦୁଇ ସଂସ୍କରଣର ରନରଅପ୍ ୮୦୦,୦୦୦ ଡଲାର ପାଇଥିଲେ। ଡବ୍ଲ୍ୟୁଟିସି ସାଇକେଲରେ ୯ଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ହୋମ୍ ସିରିଜ ଜିତିବା ପରେ ଦକ୍ଷିଣ ଆଫ୍ରିକା ୬୯.୪୪ ପଏଣ୍ଟ ସହ ଟେବୁଲ ଶୀର୍ଷରେ ପହଞ୍ଚି ଯାଇଥିଲା। ଅଷ୍ଟ୍ରେଲିଆ ୬୭.୫୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ୫୦.୦୦ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା।

# ଥାଇଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନରୁ ଭାରତର ଅଭିଯାନ ଶେଷ

**ବ୍ୟାଙ୍କକ୍, ୧୫।୫(ପି.ଟି.):** ଏଲିଟ୍ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟଗୁଡ଼ିକରେ ଭାରତର ଖରାପ ପ୍ରଦର୍ଶନ ଜାରି ରହିଛି। ବିଶ୍ୱର ୧୦ ନମ୍ବର ମହିଳା ଡବଲ୍ସ ଯୋଡ଼ି ଟ୍ରିସା ଗାୟତ୍ରୀଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳିମାନେ ଶୀଘ୍ର ବିଦାୟ ନେବାରୁ ଏଠାରେ ଚାଲିଥିବା ଥାଇଲାଣ୍ଡ ଓପନ ସୁପର ୫୦୦ ଟୁର୍ନାମେଣ୍ଟରେ ଦେଶର ଅଭିଯାନ ଶେଷ ହୋଇଛି।ଆଘାତଜନିତ ସମସ୍ୟାରୁ ଫେରିଥିବା ଟ୍ରିସା ଓ ଗାୟତ୍ରୀ ଦ୍ୱିତୀୟ ରାଉଣ୍ଡରେ ଜାପାନର ରୁଇ ହିରୋକାମି ଓ ସାୟାକା ହୋବାରାଙ୍କଠାରୁ ୨୦-୨୨,୧୪-୨୧ରେ ପରାଜିତ ହୋଇଛନ୍ତି। ଲକ୍ଷ୍ୟ ସେନ୍ ବୁଧବାର ପୁରୁଷ ସିଙ୍ଗଲ୍ସ ଓପନିଂ ରାଉଣ୍ଡରୁ ବିଦାୟ ନେଇଥିବା ବେଳେ ଟ୍ରିସା ଓ ଗାୟତ୍ରୀ ଶେଷ ଏଲିଟ୍ ଭାରତୀୟ ଖେଳାଳିଭାବେ ତିଷ୍ଠି ରହିଥିଲେ। ଭାରତର ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ମଧ୍ୟ ପ୍ରଭାବହୀନ ମନେ ହୋଇଥିଲେ। ଉନ୍ନତି ହୁଡା, ମାଳବିକା ବନସୋଡ୍ ଓ ଆକର୍ଷୀ କାଶ୍ୟପ ପ୍ରମୁଖ ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ସେମାନଙ୍କଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳିଙ୍କଠାରୁ ସିଧାସଳଖ ଗେମ୍‌ରେ ପରାଜିତ ହୋଇଯାଇଥିଲେ। ୧୭ ବର୍ଷୀୟା ଉନ୍ନତି ହେଉଛନ୍ତି ୨୦୨୨ ଓଡ଼ିଶା ମାଷ୍ଟର୍ସ ଓ ୨୦୨୩ ଆବୁଧାବି ମାଷ୍ଟର୍ସ ଚାମ୍ପିୟନ । ସେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ତଥା ଟପ୍ ସିଡ୍ ପର୍ନପାୱି ଚୋଚୁଓଙ୍ଗଙ୍କଠାରୁ ୧୪-୨୧, ୧୧-୨୧ରେ ମାତ୍ର ୩୯ମିନିଟରେ ପରାଜିତ ହୋଇଥିଲେ। ୪,୭୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ଏହି ଇଭେଣ୍ଟରେ ୨୦୨୪ ହାଇଲୋ ଓପନ ରନରଅପ୍ ତଥା ବିଶ୍ୱର ୨୩ ନମ୍ବର ମାଳବିକା ପୂର୍ବତନ ବିଶ୍ୱ ଚାମ୍ପିୟନ ଓ ସ୍ଥାନୀୟ ଫେଭରିଟ ରାଚାନକ ଇଣ୍ଟାନନ୍‌ଙ୍କଠାରୁ ୧୨-୨୧, ୧୬-୨୧ରେ ହାରି ଯାଇଥିଲେ। ସେହିପରି ଆକର୍ଷୀ କାଶ୍ୟପ ଏକ ଏକତରଫା ମ୍ୟାଚରେ ସୁପାନିଦା କେଟଥଙ୍ଗ୍‌ଙ୍କଠାରୁ ୯-୨୧, ୧୪-୨୧ରେ ହାରିଯାଇଛନ୍ତି। ଏହି ମ୍ୟାଚ ମାତ୍ର ୩୪ ମିନିଟରେ ଶେଷ ହୋଇଥିଲା।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ